# ଶ୍ରୀଜଗନ୍ନାଥ ସୌରଭ ସମ୍ଭାର



**ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ**

ପ୍ଲଟ୍ ନଂ-୩୩୮, ଶହୀଦନଗର, ଭୁବନେଶ୍ୱର, ଓଡ଼ିଶା

# ଶ୍ରୀଜଗନ୍ନାଥ ସୌରଭ ସମ୍ଭାର

**ପ୍ରକାଶକ : ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ**
**ପ୍ଲଟ୍ ନଂ-୩୩୮, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭**
ମୋ.- ୯୪୩୮୭୩୧୬୩୯, ୯୭୭୮୦୦୫୫୬୬, ୭୯୭୮୭୪୯୩୮୪

**ମୁଦ୍ରଣ : ସାଲୱିନ୍ ପବ୍ଲିକେଶସନ୍, ଭୁବନେଶ୍ୱର**
**ଅକ୍ଷର ସଜ୍ଜା : ସାଲୱିନ୍ ପବ୍ଲିକେଶସନ୍**
**ଦ୍ୱିତୀୟ ସଂସ୍କରଣ : ୨୦୨୬ (ବିଷୁବ ସଂକ୍ରାନ୍ତି)**
**ପ୍ରକାଶ ମୂଲ୍ୟ : ଟ.୧୫୦/-**

## SRI JAGANNATH SOURAV SAMBHAR

**By :**
**Sri Jagannath Sanskruti Prachar Sansthan, India**
Plot No.-338, Sahid Nagar,
Bhubaneswar-751007

Mob.- 9438731639, 9778005566, 7978749384
First Edition : 2026

© Author
*(All rights reserved in all media. This book may not be reproduced in whole or in part, without written permission from the publisher, except by a reviewer who may quote brief passages in a review nor may any part of this book be reproduced, stored in a retrieval system or transmitted in any from or by any meanselectronic, mechanical, photocopying, recording or other without written permission from the Publisher.)*

***Sale & Distributed by In India***

**Salween Publisher**
Plot No.- EA-16, Stage-5, Laxmi Sagar BDA Colony,
Bhubaneswar - 751 006, Odisha
Tel.: 7978642062

Cover Designed & Layout:
By: **Smartreadseries@gmail.com**

PRINTED IN INDIA

**CHINMAYA MISSION PATIALA**
CHINMAYA JAGRITI, SRI RAM MANDIR, OPP. B.P.PETROL PUMP
VILLAGE BARAN, SIRHIND ROAD PATIALA 147004
Email : smadhavananda@gmail.com
PH : 9430330160



ମାତ୍ର କିଛି ଦିନ ପୂର୍ବରୁ ଡ଼. ନାରାୟଣ ମହାପାତ୍ରଙ୍କ ଦ୍ୱରା ରଚିତ ପୁସ୍ତକ 'ଶ୍ରୀ ଜଗନ୍ନାଥ ସୌରଭ ଭାଗ-୧' ପ୍ରକାଶିତ ହୋଇଥିଲା । ଯାହା ପାଠକମାନେ ନିଶ୍ଚୟ ହଁ ଅଧ୍ୟୟନ କରିଥିବେ ।

ବର୍ତ୍ତମାନ ଆପଣଙ୍କ ହାତରେ **'ଶ୍ରୀ ଜଗନ୍ନାଥ ସୌରଭ ସମ୍ଭାର ଭାଗ-୨'** ନିଶ୍ଚୟ ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କୃପା ଡ଼. ନାରାୟଣ ମହପାତ୍ରଙ୍କ ପ୍ରତି ହୋଇଛି, ଯାହା ଫଳରେ ଅଳ୍ପଦିନ ମଧ୍ୟରେ ଭାଗ-୨ ମଧ୍ୟ ପ୍ରକାଶିତ ହୋଇପାରିଛି । ତାଙ୍କର ବହୁଳ ପ୍ରୟାସର ମଧ୍ୟ ପ୍ରମାଣ ।

ଶ୍ରୀ ଜଗନ୍ନାଥଙ୍କ ସ୍ୱରପ, ଲୀଳା ବିଷୟରେ ଭକ୍ତମାନେ ଜାଣି ଆହୁରି ଭକ୍ତି କରିପାରିବେ, ଏହା ମୁଁ ଆଶା କରୁଛି ।

ଡ଼. ନାରାୟଣ ମହାପାତ୍ର ନିଶ୍ଚୟ ହିଁ ଧନ୍ୟବାଦର ପାତ୍ର, ଯାହା ଫଳରେ ଭକ୍ତମାନେ ଏହି ଭାଗ-୨ ବହୁତ ଶୀଘ୍ର ପାଇପାରିଲେ ।

ସ୍ୱାମୀ ମାଧବାନନ୍ଦ, ଆଚାର୍ଯ୍ୟ

**ସ୍ୱାମୀ ମାଧବାନନ୍ଦ ଆଚାର୍ଯ୍ୟ**
ଚିନ୍ମୟ ମିଶନ, ପଟିଆଲା, ପଞ୍ଜାବ
ମୋ. ୬୨୮୦୩୭୬୩୪୩



**ପଣ୍ଡିତ ଶ୍ରୀ କାଶୀନାଥ ମିଶ୍ର**

ପ୍ରବକ୍ତା

## ବାର୍ତ୍ତା

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଇଣ୍ଡିଆ ପକ୍ଷରୁ ପ୍ରସ୍ତୁତ 'ଶ୍ରୀଜଗନ୍ନାଥ ସୌରଭ ସମ୍ଭାର' ପୁସ୍ତକ ଓଡ଼ିଆ ଓ ହିନ୍ଦୀ ରେ ପ୍ରକାଶ ପାଇଥିବା ଜାଣି ଆମେ ଅତ୍ୟନ୍ତ ଆନନ୍ଦିତ, ମହାପ୍ରଭୁ ଙ୍କ ସଂସ୍କୃତି ଆମ ସଂସ୍କୃତି,ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସସ୍କୃତି ର ମୂଳ, ଆମର ଧର୍ମ, ଇତିହାସ ଅର୍ଥନୀତି,ସମାଜ ନୀତି କୁ ଏହା ପ୍ରଭାବିତ କରିଛି,ଶ୍ରୀଜଗନ୍ନାଥ ଆରାଧନା ଆଜି ବିଶ୍ୱ ବନ୍ଦିତହୋଇ ଅଛି ଏହି ପୁସ୍ତକଟି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିବାକୁ ପ୍ରସ୍ତୁତ କରାଯାଇଛି ଏହା ଆମର ସାମାଜିକ ସାଂସ୍କୃତିକ ଆଧ୍ୟାତ୍ମିକ ପରିମଣ୍ଡଳ କୁ ସମୃଦ୍ଧ କରିବାରେ ସହାୟକ ହେବ,ଆମେ ଅନୁଷ୍ଠାନ ର ସମସ୍ତ ସଦସ୍ୟ ଓ ସଦସ୍ୟା ଙ୍କୁ ଶୁଭେଚ୍ଛା ଜଣାଇବା ଶହ ପୁସ୍ତକ ପ୍ରକାଶନର ସଫଳତା କାମନା କରୁଅଛୁ ।

କାଶିନାଥ ମିଶ୍ର

**ପଣ୍ଡିତ ଶ୍ରୀ କାଶୀନାଥ ମିଶ୍ର**

---



ଓଡ଼ିଆ ସଂସ୍କୃତି କହିଲେ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ବୁଝାଯାଏ, ଶ୍ରୀ ଜଗନ୍ନାଥ ହିଁ ଓଡିଶା ବାସୀ ର ଗର୍ବ ଓ ଗୌରବ, ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ସାହିତ୍ୟ ଭଣ୍ଡାରର ଅନ୍ତ ନାହିଁ,ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ପ୍ରକାଶିତ ଶ୍ରୀ ଜଗନ୍ନାଥ ସୌରଭ ସମ୍ଭାର ପୁସ୍ତକ ଅତି ଉଚ୍ଚକୋଟିର ଅଟେ । ମହାପ୍ରଭୁ ଙ୍କ ବିଷୟରେ ସାଧାରଣ ଲୋକ ମାନେ ସ୍ୱଳ୍ପ ରେ ସମସ୍ତ ବିଷୟ ଜାଣିବାକୁ ଏହା କରାଯାଇଛି, ପୁସ୍ତକଟି ସମସ୍ତଙ୍କ ପାଇଁ ଗ୍ରହଣୀୟ ହେବ ବୋଲି, ଏହି ଅବସରରେ ଆମେ ଜଗନ୍ନାଥ ସଂସ୍କୃତି ପ୍ରଚାର ଅନୁଷ୍ଠାନର ସମସ୍ତ ସଦସ୍ୟ ଙ୍କୁ ଧନ୍ୟବାଦ ଓ ଆଶୀର୍ବାଦ କରୁଛି ।

**ଦେଉଳ ପୁରୋହିତ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର**

## ଜୟ ଜଗନ୍ନାଥ



ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କର ଅପାର କୃପାରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ ତରଫରୁ 'ଶ୍ରୀ ଜଗନ୍ନାଥ ସୌରଭ ସମ୍ଭାର' ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶିତ ହେବାକୁ ଯାଉଛି । ପୂର୍ବରୁ ପ୍ରଥମ ଭାଗ ପ୍ରକାଶିତ ହୋଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହିତ ଅଶେଷ ଲୋକପ୍ରିୟତା ହାସଲ କରିଥିଲା । ପ୍ରଥମ ଭାଗ ପୁସ୍ତକର ହିନ୍ଦି ଅନୁବାଦ ମଧ୍ୟ ପ୍ରକାଶିତ ହୋଇ ସମଗ୍ର ଭାରତ ବର୍ଷରେ ଭକ୍ତିର ଧାରା ପ୍ରବାହ କରିଛି । ସଂସ୍ଥାନ ତରଫରୁ ହରିଦ୍ୱାର ଓ ହିମାଚଳ ପ୍ରଦେଶରେ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଅଛି । ଓଡ଼ିଶାରେ ଭାଗବତ ଟୁଙ୍ଗୀର ପୁର୍ନରୁଦ୍ଧାର ଏବଂ ଭାଗବତର ପ୍ରସାର, ପ୍ରଚାରରେ ସଂସ୍ଥାନର କାର୍ଯ୍ୟ ସ୍ୱାଗତଯୋଗ୍ୟ ।

ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା 'ଶ୍ରୀଜଗନ୍ନାଥ ସୌରଭ ସମ୍ଭାର' ପୁସ୍ତକର ଦ୍ୱିତୀୟ ଭାଗ ଜନାଦୃତ ସହ ଆମ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ତଥା ଭକ୍ତିବାଦର ଏକ ମାଇଲଖୁଣ୍ଟ ହେଉ ।

ବନୋଜ କୁମାର ରାୟ

**ଡା. ବନୋଜ କୁମାର ରାୟ**
**ଶିଶୁଶଲ୍ୟ ବିଶେଷଜ୍ଞ,**
**ଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରଚାରକ**
**ପ୍ରତିଷ୍ଠାତା (ଟାଡିସରୁ ମିଶନ**
**ପ୍ରତିଷ୍ଠାତା (ବିଚାର ଶ୍ରୀକ୍ଷେତ୍ର, ଏରସମା**
**ଚୈତନ୍ୟ ଶ୍ରୀକ୍ଷେତ୍ର, କଲିକତା)**

# ଡକ୍ଟର ଶ୍ରୀମତୀ ଆରତିକର
# ଶ୍ରୀଜଗନ୍ନାଥଙ୍କର ଚରଣାଶ୍ରିତା ଓ ପ୍ରବକ୍ତା



ଉତ୍କଳର ଶ୍ରେଷ୍ଠ ବିଭବ ନୀଳାଚଳନାଥ ଶ୍ରୀ ଜଗନ୍ନାଥ ଏକ ବିରାଟ ବିସ୍ମୟ ଓ ଅବୋଧ ରହସ୍ୟ । ଶ୍ରୀ ଜଗନ୍ନାଥ ହିଁ ଆମର ପରିଚିତି । କେବଳ ଆମର ନୁହଁନ୍ତି ସମଗ୍ର ଭାରତବର୍ଷର ସକଳ ଦର୍ଶନ, ତତ୍ତ୍ୱ ଓ ଧର୍ମଧାରାର ନୀଳାଦ୍ରିନାଥ ଶ୍ରୀ ଜଗନ୍ନାଥ ହେଉଛନ୍ତି ଚିନ୍ମୟ ପରିପ୍ରକାଶ । ସେ ଏକ ମହାସାଗରୀୟ ଚେତନା, ତାଙ୍କୁ ବର୍ଣ୍ଣନାର ପରିଧିଭୁକ୍ତ କରିବା ଏକ ଦୁର୍ବାର ଅପଚେଷ୍ଟା । ତଥାପି ବିଶିଷ୍ଟ ସମାଜସେବୀ ତଥା ଶ୍ରୀ ଜଗନ୍ନାଥଙ୍କ ଚରଣାଶ୍ରିତ ଡ. ନାରାୟଣ ମହାପାତ୍ର ଅନନ୍ତଲୀଳାର ନାୟକ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟଲୀଳା ସମୂହକୁ ଯେପରି ପ୍ରଚାର ପ୍ରସାର ଦିଗରେ ସତତ ଚେଷ୍ଟିତ, ତାହା ଅଭିନନ୍ଦନୀୟ ।

ଏ ମହତ୍ କାର୍ଯ୍ୟକୁ ଆଗେଇ ନେବା ଦିଗରେ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ କାର୍ଯ୍ୟାବଳୀ ଅତ୍ୟନ୍ତ ପ୍ରଶଂସନୀୟ । ସେହି ମହାପ୍ରଭୁଙ୍କ ଅନନ୍ତ କୃପାରୁ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେବା ସଙ୍ଗେସଙ୍ଗେ **'ଶ୍ରୀ ଜଗନ୍ନାଥ ସୌରଭ ସମ୍ଭାର'** ପୁସ୍ତକ ଅନେକରେ ଏକର ଗୌରବରେ ଗୌରବାନ୍ୱିତ ହେଉ, ଏତିକି ପ୍ରାର୍ଥନା ।

ଶ୍ରୀମତୀ ଆରତି କର

**ଶ୍ରୀମତୀ ଆରତି କର**

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆନନ୍ଦ ଓ ସୌରଭର ବାସ୍ନା ସମସ୍ତଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା :

ଡ. ନାରାୟଣ ମହାପାତ୍ର

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ଶ୍ରୀଜଗନ୍ନାଥ ସୌରଭ ସମ୍ଭାର ପୁସ୍ତକ ମହାପ୍ରଭୁଙ୍କ ପ୍ରଚାର ଓ ପ୍ରସାର କାର୍ଯ୍ୟକୁ ଆଗକୁ ନେବାକୁ ସାହାଯ୍ୟ କରିବାକୁ ପ୍ରସ୍ତୁତ କରାଯାଇଛି। ଆମେ ଆଶା କରୁଛୁ ଏହି ପୁସ୍ତକଟି ଓଡିଶାର ଅଗଣିତ ଜଗନ୍ନାଥ ପ୍ରେମୀମାନଙ୍କ ଦ୍ୱାରା ଆଦୃତ ହେବ। ପୁସ୍ତକଟି ପ୍ରକାଶ କରିବାର ଉଦ୍ଦେଶ୍ୟ ମହାପ୍ରଭୁଙ୍କ ସମସ୍ତ ବିଷୟ ଓ ତାଙ୍କ ତାଙ୍କ ସୌରଭର ବାସ୍ନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁ, ଏହି ପୁସ୍ତକଟି ଶ୍ରୀଜ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଗୁଣ ଗାରିମା, ଲୀଳା ମହିମାର ପ୍ରଚାର ଓ ପ୍ରସାର ହେବା ପାଇଁ ପ୍ରସ୍ତୁତ କରାଯାଇଛି।

ଏହା ଆମର ଗବେଷଣାତ୍ମକ ତଥ୍ୟ ନୁହେଁ, ଏହା ପୂର୍ବରୁ ଶ୍ରୀମନ୍ଦିର ସପକ୍ଷରୁ ସତ୍ତ୍ୱଲିପି, ଐତିହାସିକଙ୍କ ମତାମତ ଓ ବିଗତ ମହାନ ଲେଖକମାନଙ୍କ ଦ୍ୱାରା ଲିଖିତ ବହିରୁ ସଂଗୃହୀତ। ଆମେ ସେ ମହାନ ବ୍ୟକ୍ତିମାନଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛୁ। ଆଜି କାଲି ଡିଜିଟାଲ ଦୁନିଆରେ ତାଳ ଦେଇ ଚାଲିବା ପାଇଁ ଏହାର ସମସ୍ତ ବିଷୟ ନୂତନ ପ୍ରଯୁକ୍ତି ବିଦ୍ୟା AI ଉପଯୋଗ କରାଯାଇ ଭିଡ଼ିଓ ଫିଲ୍ମ କରି ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ୟୁ ଟ୍ୟୁବରେ ଛଡ଼ା ଯାଇଛି । ଏହା ଆମ ଅନୁଷ୍ଠାନର ପ୍ରତ୍ୟେକ ସଦସ୍ୟ ଓ ସଦସ୍ୟାଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଏହି ପୁସ୍ତକ ସମସ୍ତ ବିଷୟ ସ୍ୱଳ୍ପରେ ସାଧାରଣ ଲୋକମାନେ ଜାଣିବାପାଇଁ ପ୍ରସ୍ତୁତ କରାଯାଇଛି। ସର୍ବଶେଷରେ ଆମେ ଏହାର ପ୍ରଚାର ଓ ପ୍ରସାର ହେବା ନିମନ୍ତେ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆମେ ଭଲ ପାଉ ଓ ତାଙ୍କ ଖୁସି ପାଇଁ ପ୍ରସ୍ତୁତ କରାଯାଇଛି।

## ସୂଚୀପତ୍ର


| | | |
|---|---|---|
| ୧- | ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ | ୧୦ |
| ୨- | ଶ୍ରୀଜଗନ୍ନାଥ ମନ୍ଦିରର ଚାରି ଦ୍ୱାର | ୧୯ |
| ୩- | ଶ୍ରୀଜଗନ୍ନାଥ ମନ୍ଦିର | ୨୧ |
| ୪- | ଶ୍ରୀ ଜଗନ୍ନାଥଙ୍କ ଷୋହଳ ନାମ | ୨୪ |
| ୫- | ଜଗନ୍ନାଥ ମନ୍ଦିରରେ ୨୫ ଟି ଶିବ ମନ୍ଦିର | ୨୪ |
| ୬- | ଅଗ୍ନିଶ୍ୱର ମହାଦେବ | ୨୭ |
| ୭- | ଜଗନ୍ନାଥ ମନ୍ଦିର ବେଢାରେ ୨୨ ଟି ଗଣେଶ ମନ୍ଦିର | ୨୮ |
| ୮- | ଶ୍ରୀମନ୍ଦିରରେ ହୁଣ୍ଡୀ ସ୍ଥାପନର ଇତିହାସ | ୩୦ |
| ୯- | ଶ୍ରୀମନ୍ଦିରର ଆଇନ ପ୍ରଣୟନ | ୩୧ |
| ୧୦- | ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶ ପରଂବ୍ରହ୍ମ ଶ୍ରୀଜଗନ୍ନାଥ | ୩୨ |
| ୧୧- | ମା’ ଶାରଳାଙ୍କ ଜଗନ୍ନାଥ ବେଶ | ୩୪ |
| ୧୨- | ରହସ୍ୟମୟ ପୁରୁଷୋତ୍ତମ ଧାମ | ୩୪ |
| ୧୩- | ପରଂବ୍ରହ୍ମ ଶ୍ରୀଜଗନ୍ନାଥ କିଏ | ୩୬ |
| ୧୪- | ଶ୍ରୀମନ୍ଦିର ସହିତ ଜଡ଼ିତ ପ୍ରାଚୀନ ପ୍ରସିଦ୍ଧ ମଠ | ୩୯ |
| ୧୫- | ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ | ୪୮ |
| ୧୬- | ଶ୍ରୀ ଜଗନ୍ନାଥଙ୍କ ସେବାରେ ବିଦ୍ୟାପତିଙ୍କ ବଂଶଜ | ୫୪ |
| ୧୭- | ମାଉସୀ ମା ଅର୍ଦ୍ଧାଶିନୀ ଦେବୀଙ୍କ ପୋଡ଼ ପିଠା | ୬୦ |
| ୧୮- | ଶ୍ରୀ ଅଲାରନାଥ | ୬୪ |
| ୧୯- | ପଖାଳ | ୭୭ |
| ୨୦- | ଶ୍ରୀମନ୍ଦିର ପରମ୍ପରାରେ ଶ୍ରୀପଞ୍ଚମୀ ବେଶ୍ଣ ନୀତି | ୭୮ |
| ୨୧- | ଶ୍ରୀମନ୍ଦିରରେ ମେଣ୍ଢା ପୋଡି ନୀତି | ୭୯ |

| | | |
|---|---|---|
| ୨୨- | ଆଡପ ମଣ୍ଡପ | ୮୧ |
| ୨୩- | ଅଣଶର ନୀତି | ୮୪ |
| ୨୪- | ଶ୍ରୀଜଗନ୍ନାଥ ସଂସ୍କୃତି ଓ ମାଧବୀ ଦାସ | ୮୯ |
| ୨୫- | ଓଡ଼ିଆଣୀ ମହାଲକ୍ଷ୍ମୀ | ୯୨ |
| ୨୬- | ପ୍ରଭୁ ଇଚ୍ଛାମୟ | ୯୪ |
| ୨୭- | ଶ୍ରୀ ଜଗନ୍ନାଥଙ୍କ ଭକ୍ତ ବାଉଳି ଦାସ | ୯୫ |
| ୨୮- | ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ | ୯୮ |
| ୨୯- | ନବ ଯୌବନ ବେଶ | ୧୦୦ |
| ୩୦- | ଶ୍ରୀ ଜୀଉମାନଙ୍କ ଘଣାଲାଗି ନୀତି | ୧୦୧ |
| ୩୧- | ରଥଯାତ୍ରା ଓ ଡାହୁକ ସେବା | ୧୦୨ |
| ୩୨- | ଶ୍ରୀ ମନ୍ଦିରରେ ଦଣ୍ଡଛତ୍ର ନୀତି | ୧୦୪ |
| ୩୩- | କିଏ ସେ ଭକ୍ତ | ୧୦୭ |
| ୩୪- | ପରଂବ୍ରହ୍ମ ଶ୍ରୀଜଗନ୍ନାଥ କିଏ | ୧୧୧ |
| ୩୫- | ନୀଳାଦ୍ରୀ ବିଜେ | ୧୧୩ |
| ୩୬- | ଯୁଗେ ଯୁଗେ ଜଗନ୍ନାଥ | ୧୧୮ |
| ୩୭- | ଶ୍ରୀ ମନ୍ଦିରେ ଦେବଦାସୀ (ମହାରୀ) ପ୍ରଥା | ୧୨୮ |

# ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ
## (ସଂସ୍କୃତି ଓ ଶାସ୍ତ୍ରୀୟ ମତ)
### ସ୍ନାନ ପୂର୍ଣ୍ଣିମାରୁ ରଥଯାତ୍ରା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ସ୍ନାନଯାତ୍ରା। ରତ୍ନବେଦୀରୁ ପହଣ୍ଡିରେ ଆସି ସ୍ନାନ ମଣ୍ଡପରେ ୧୦୮ ଗରା ଜଳରେ ମହାସ୍ନାନ କରିବେ ଜଗତର ନାଥ ଶ୍ରୀଜଗନ୍ନାଥ। ପୁରୀରେ ଶ୍ରୀଜୀଉମାନଙ୍କ ଏହି ମାନବୀୟ ଲୀଳା ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ।

ପାରମ୍ପରିକ ରୀତି ନୀତି ଅନୁସାରେ ରତ୍ନବେଦୀରୁ ଆସି ସ୍ନାନମଣ୍ଡପରେ ବିଜେ ହୁଅନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀ ବଳଭଦ୍ର, ସାନଭଉଣୀ ଦେବୀ ସୁଭଦ୍ରା ତଥା ଚକ୍ରରାଜ ଶ୍ରୀସୁଦର୍ଶନ। ସ୍ନାନବେଦୀ ରଙ୍ଗବେରଙ୍ଗୀ ପୁଷ୍ପହାରରେ ସଜ୍ଜିତ ହୋଇଥାଏ । ବଡ଼ଦାଣ୍ଡରେ ଉପସ୍ଥିତ ରହିଥିବା ଶ୍ରଦ୍ଧାଳୁଙ୍କ ସମେତ ସମସ୍ତ ଦଇତାପତି ସେବକ ତଥା ଶ୍ରୀମନ୍ଦିର ସେବାୟତଙ୍କ ମନରେ ଥାଏ ଆନନ୍ଦ ଉଲ୍ଲାସ। ପୌରାଣିକ କଥାବସ୍ତୁ ଅନୁସାରେ ସ୍ନାନ ପୁର୍ଣିମା ଶ୍ରୀଜୀଉମାନଙ୍କ ଜନ୍ମ ତିଥି। ଏହି ଜନ୍ମତିଥିରେ ଶ୍ରୀଜୀଉମାନେ ସୁନା କଳସୀ ଜଳରେ ମହାନନ୍ଦରେ ମହାସ୍ନାନ କରିବାର ବିଧିକୁ ବିଶ୍ୱର କୋଟି କୋଟି ଶ୍ରଦ୍ଧାଳୁ ଦର୍ଶନ କରନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ପାଳନ କରାଯାଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ମଧ୍ୟ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି ଭକ୍ତଜନଙ୍କ ହୃଦୟରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧା ମୂରତି ରତ୍ନ ସିଂହାସନରୁ ସ୍ନାନବେଦୀକୁ ବିରାଜମାନ କରିଥାଆନ୍ତି। ପରମ୍ପରା ତଥା ଶ୍ରୀମନ୍ଦିରର ନୀତି ଅନୁଯାୟୀ ଶ୍ରୀମନ୍ଦିର ବାହାରେ ଥିବା ଶୀତଳାଦେବୀଙ୍କ ନିକଟସ୍ଥ ସୁନା କୂଅରୁ ଜଳ ବାହାର କରି କଳସରେ ଅଣାଯାଇଥାଏ। ସ୍ନାନ ପୂର୍ଣ୍ଣିମା ଦିନ ଏହି ଜଳକୁ ଗରାରେ ଅଣାଯାଇ ସେଥିରେ ଚୂଆ, ଚନ୍ଦନ, କର୍ପୂର ଇତ୍ୟାଦି ସୁବାସିତ ପଦାର୍ଥ ମିଶ୍ରଣ କରାଯାଇଥାଏ। ଏହାପରେ ଶ୍ରୀଜୀଉମାନଙ୍କୁ ଏହି ଜଳରେ ସ୍ନାନ କରାଯାଇଥାଏ। ସୁନାକୂଅରୁ ୧୦୮ ଗରା ଜଳ ଆସିବା ପରେ ଶ୍ରୀଜଗନ୍ନାଥଙ୍କୁ ୩୫ ଗଡୁ, ଶ୍ରୀବଳଭଦ୍ରଙ୍କୁ ୩୩ ଗଡୁ ଓ ଦେବୀ ସୁଭଦ୍ରାଙ୍କୁ ୨୨ ଗଡୁ ଜଳରେ ସ୍ନାନ କରାଯାଏ। ସେହିପରି ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ୧୮ ଗଡୁ ଜଳରେ ସ୍ନାନ କରିବା ବିଧି ରହିଛି।

ଏହାପରେ ଶ୍ରୀଜୀଉମାନଙ୍କୁ ଗଜ ବା ହାତୀ ବା ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ। ମହାପ୍ରଭୁଙ୍କ ଏହି ଅପୂର୍ବ ବେଶକୁ ଦର୍ଶନକରି କୋଟି କୋଟି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଥାଆନ୍ତି। ଭଗବାନଙ୍କର ଏହି ପବିତ୍ର ବେଶକୁ ଟିକେ ମନଭରି ଦେଖିବାକୁ ଶ୍ରଦ୍ଧାଳୁମାନେ ବହୁ ଦୂରଦୂରାନ୍ତରୁ ଆସି ପୁରୀଠାରେ ଭିଡ଼ ଜମାଇଥାନ୍ତି।

ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ସାଧାରଣ ଦିନ ପରି ଶ୍ରୀମନ୍ଦିରରେ କବାଟ ଫିଟା, ପାହାନ୍ତିଆ ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ, ଦ୍ୱିପ୍ରହରଧୂପ ଆଦି ସମସ୍ତ ନୀତିର ସମାପନ ପରେ ସ୍ୱଳ୍ପସମୟ ପାଇଁ ପହୁଡ଼ ହୁଏ ଓ ପରେ ପରେ ସ୍ନାନ ପୂର୍ଣ୍ଣିମାର ବିଧି ଆରମ୍ଭ ହେଇଯାଏ। ଏହିଦିନ କୋଠ ସିଆଁସିଆ ମନ୍ଦିରରେ ପ୍ରବେଶ କରନ୍ତି ଓ ପହଣ୍ଡି ପାଇଁ ଚାରମାଳ ବାନ୍ଧନ୍ତି। ପ୍ରଭୁଙ୍କର ସେନାପଟା ଓ ବାହୁଟିନାଗି ହୁଏ। ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ କରାଯାଏ।

ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଇତାମାନେ ପହଣ୍ଡି କରାଉଥିବା ବେଳେ ମଦନମୋହନଙ୍କୁ କେବଳ ମହାଜନ ସେବକମାନେ (ବ୍ରାହ୍ମଣ ଗୋଷ୍ଠୀର ସେବକ) ବିଜେ କରାଇଥାନ୍ତି। ପହଣ୍ଡି ବିଜେ ସମୟରେ ସାତ ପାହଚ ଉପରେ ଠାକୁରମାନେ ଚୂଳ ଓ ଟାହିଆ ଲାଗି ହୁଅନ୍ତି। ଏହି ସାତପାହଚ ଉପରେ ଟାହ୍ୟାନାଗି ହେବାପରେ ଦ୍ୱିତୀୟ ମଙ୍ଗଳାର୍ପଣ ହୁଏ। ତା ପରେ ବନ୍ଦାପନା ଓ ପରେ ପରେ ରାଘବଦାସ ମଠରୁ ଆସିଥିବା ଘଷା ନାଗି କରାଯାଏ। ତା ପରେ ପନ୍ତି ଖାଇ ଖାଇ ଠାକୁରମାନେ ସ୍ନାନବେଦିକୁ ଯାଇ ନିଜର ଆସ୍ଥାନ ଉପରେ ଅବସ୍ଥାନ କରନ୍ତି। ସୁଆର ବଡୁ ଅମୂଣିଆ ପାଣି ଛିଞ୍ଚନ୍ତି। ଗରାବଡୁ ସୁବର୍ଣ୍ଣକଳସ ଧରି ଶିତଳାଦେବୀଙ୍କ ସମ୍ମୁଖସ୍ଥ ଓ ବର୍ଷତମାମ ଅପବ୍ୟବହୃତ ହୋଇ ରହିଥିବା ସ୍ୱର୍ଣ୍ଣକୂପରୁ ଜଳ ଆଣନ୍ତି। ଦେବସ୍ଥାନ ପୂର୍ଣ୍ଣିମାର ପୂର୍ବ ଦିନ ମହାପ୍ରଭୁଙ୍କ ପାଇଁ ଶ୍ରୀମନ୍ଦିରର ଦେବଯାନ ମାର୍ଗରେ ଅବା ସୁନା କୂଅରୁ ୧୦୮ କଳସ ଜଳ ସଂଗ୍ରହ କରାଯାଏ। ଏହି ସୁନା କୂଅଟି ଶୀତଳା ଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧ୍ୟରେ ଅବସ୍ଥିତ। ପରେ ଯେପରି ଏହି କୂଅକୁ ବର୍ଷସାରା ସିଂହ ହିଁ ସୁରକ୍ଷିତ ରଖିଥାଏ। କୂଅର ବ୍ୟବହାର ବର୍ଷସାରା ନଥବାରୁ ଜନପଦୀୟ ତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ ଅଣତୁଠ ପାଣି ବୋଲି ଗ୍ରହଣ କରାଯାଏ। ସ୍ନାନଲୀଳାରେ ବୈଦିକ ବିଧିରେ ସ୍ନାନ ଜଳ ଅଭିମନ୍ତ୍ରିତ ହେଉଥବା ବେଳେ ସ୍ଥାନ କାଳରେ ତାନ୍ତ୍ରିକ ବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ।

ଯଜ୍ଞ ପରମ୍ପରାରେ ଏହି କୂଅକୁ 'ପ୍ରଣୀତାକୂପ' ବୋଲି କୁହାଯାଏ । ପ୍ରାଚୀନ କାଳରେ ମଧ୍ୟ ଓଡ଼ିଶାରେ ଛୁଆଟିଏ ଜନ୍ମ ହେଲେ ତାହାକୁ ଅଣତୁଠ ପାଣି ମିଶ୍ରଣ କରାଯାଇ ସ୍ନାନ କରିବାର ପରମ୍ପରା ରହିଥିଲା । ଏହାଦ୍ୱାରା ଦୁଷ୍ଟ ଶକ୍ତିଙ୍କ ପ୍ରଭାବ କଅଁଳା ପିଲାଙ୍କ ଉପରେ ପଡ଼େନାହିଁ । ଅଭିମନ୍ତ୍ରିତ ହୋଇଥିବା ଜଳରେ ୧୦୮ କଳସରେ ଅଷ୍ଟବନ୍ଧ, କୃଷ୍ଣ-ଅଗୁରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକୀ, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧା ମିଶ୍ରତ କରାଯାଏ । ଏହି ମହୌଷଧି ମିଶ୍ରଣ କରାଯିବା ପରେ ଜଳକୁ ଅଭିମନ୍ତ୍ରିତ କରାଯାଏ । ସେହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଦାରୁବ୍ରହ୍ମଙ୍କୁ ଶ୍ରୀଜୀଉମାନଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯାଏ । ଏହି ଜଳରୁ ୩୫ ଗରା ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ, ୨୨ ଗରା ସୁଭଦ୍ରାଙ୍କୁ ଓ ୧୮ ଗରା ସୁଦର୍ଶନଙ୍କୁ ସ୍ନାନ କରାଯାଏ । ଏହାକୁ 'ପ୍ରତ୍ୟକ୍ଷ ଅବକାଶ' କହନ୍ତି । ଏହି ଦିନ ରାଘବଦାସ ମଠ ପକ୍ଷରୁ ଦେବୀ ସୁଭଦ୍ରାଙ୍କୁ ଫୁଲଚୂଳ, ଚନ୍ଦ୍ରିକା ଓ ଛତ୍ରି ନାଗି କରାଯାଇ ବେଶ କରାଯାଏ । ଗୋପାଳତୀର୍ଥ ମଠଦ୍ୱାରା ପ୍ରଦତ୍ତ ଶ୍ରୀବଳଭଦ୍ରଙ୍କୁ ଗଜାନନ ବେଶ ଓ ଶୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ । ଏହି ଦିନ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ ।

ତାପରେ ଠାକୁରମାନେ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ଫେରନ୍ତି । ଭିତର କାଠପାଖ ଅଣସର ପିଣ୍ଡିରେ ଠାକୁରମାନେ ବିଜେ କରିବାପରେ ତାଟି ବନ୍ଧାଯାଏ ଓ ପଟିମୂର୍ତ୍ତି ସ୍ଥାପନା କରାଯାଏ । ତାପରେ ଏହି ଚତୁର୍ଧାମୂର୍ତ୍ତି ସ୍ନାନପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦିର୍ଘ ୧୫ ଦିନ ଧରି ଜ୍ୱରରେ ପଡ଼ନ୍ତି । ଏହାକୁ ଅଣସର କୁହାଯାଏ ତା ପରେ ଆରମ୍ଭ ହୁଏ ଜଗତ ପ୍ରସିଦ୍ଧ ରଥଯାତ୍ରା :-

'ଦୋଳେଚ ଦୋଳଗୋବିନ୍ଦଂ, ଚାପେଚ ମଧୂସୁଧନଂ,
ରଥେତୁ ବାମନଂ ଦୃଷ୍ଟ୍ୱା, ପୁନଃଜନ୍ମ ନଲଭ୍ୟତେ'

ଶ୍ରୀକ୍ଷେତ୍ର ଧାମରେ ପାଳିତ ହେଉଥିବା ଶ୍ରୀଗୁଣ୍ଡିଚା ଯାତ୍ରାର ମହିମା ତଥା ପାଳନ ବିଧିର ବିସ୍ତୃତ ବର୍ଣ୍ଣନା ବିଭିନ୍ନ ପୁରାଣ ଓ ଉପପୁରାଣମାନଙ୍କରେ ଉଲ୍ଲେଖ ହୋଇଛି । ବିଶେଷ ଭାବେ ବ୍ରହ୍ମ ପୁରାଣ, ନାରଦ ପୁରାଣ, ନୀଳାଦ୍ରି ମହୋଦୟ, କପିଳ ସଂହିତା, ଜଗନ୍ନାଥ ପୁରାଣ, ଯାତ୍ରା ଭାଗବତ, ପଦ୍ମ ପୁରାଣ, ଚୈତନ୍ୟ ଚରିତାମୃତ, ବାମଦେବ ସଂହିତା, ଶାରଦା ପୁରାଣ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଶ୍ରୀମନ୍ଦିରରେ ପାଳିତ ମୁଖ୍ୟ ଯାତ୍ରା ମଧ୍ୟରେ ରଥଯାତ୍ରା ଅନ୍ୟତମ । ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ସମ୍ବନ୍ଧରେ ଯେଉଁ ଶ୍ଳୋକଟି ସର୍ବ ମୁଖ ନିଃସୃତ, ତାହା ହେଉଛି-

"ମଞ୍ଚ ସ୍ନାନଂ ରଥବରଗତିଃ ଶାୟନଂ ଚାୟନେ ଦ୍ୱେ
ପାର୍ଶ୍ୱ ବୃତ୍ତିଃ ଶୟନ ନିବୃତ୍ତି ପାବୃତ୍ତୌ ପୁଷ୍ୟପୂଜା
ଦୋଳଯାତ୍ରା ଦମନକମହୋତାକ୍ଷ ପୂଜା ତୃତୀୟା
ଚୈକଂ ଯାତ୍ରା ବିଧନିଗଦିତା ଦ୍ୱାଦଶୈତା ନରେନ୍ଦ୍ର।"

ମହାପ୍ରଭୁମାନଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ କୁହାଯାଇଛି।

ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ବା ରଥଯାତ୍ରା ଅନୁଷ୍ଠିତ ହୁଏ। ପୂର୍ବ ରାତ୍ରୀ ପ୍ରତିପଦରେ ଶ୍ରୀଜୀଉମାନେ ପହୁଡ ହୁଅନ୍ତି ନାହିଁ। ଶ୍ରୀମୁଖ ପୋଛା ହୋଇ ସେନାପଟା (ବକୁଳ କାଠ) ଲାଗିହୁଏ। ସକାଳୁ ରଥଯାତ୍ରା ଦିନ ଠାକୁରମାନଙ୍କ ମଙ୍ଗଳ ଆଳତି, ଅବକାଶ, ଖେଚେଡ଼ି ଭୋଗ (ସକାଳ ଧୂପ), ମଙ୍ଗଳାର୍ପଣ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ମହାପ୍ରଭୁମାନେ ଅଣସର ପିଣ୍ଡି ବା ଭିତର କାଠ ନିକଟରେ ଚକା ଉପରେ ଉପବେଶନ କରିଥାନ୍ତି। ପହଣ୍ଡି ପୂର୍ବରୁ ଶ୍ରୀମନ୍ଦିରର କୋଠ ସୁଆଁସିଆ ସେବକମାନେ ରଥରେ ଚାରମାଳ ବାନ୍ଧିଥାନ୍ତି।

'ସୁଦର୍ଶନଂ ପୁରସ୍କୃତ୍ୟ ବଳଭଦ୍ରଂ ତତଃ ପରମ୍
ସୁଭଦ୍ରା ଚ ତତୋ ନୀତ୍ୱା ଜଗଦୀଶ ସୁରେଶ୍ୱରମ୍।'

ସୁଦର୍ଶନ ଓ ସୁଭଦ୍ରା ଦଇତାପତିମାନଙ୍କ ହସ୍ତ ଓ ସ୍କନ୍ଧାବଲମ୍ବନ ପୂର୍ବକ ପହଣ୍ଡି ବିଜେ ହୋଇ ରଥାରୋହଣ କରିଥିବା ବେଳେ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଦଇତାପତି ଓ ଅନ୍ୟାନ୍ୟ ସେବକମାନେ ପାଟ ଡୋରିରେ ବା ରଜ୍ଜୁଦ୍ୱାରା ଆକର୍ଷଣ କରି ଧିରେ ଧିରେ ପହଣ୍ଡି ବିଜେ କରାଇଥାନ୍ତି।

ପହଣ୍ଡି ବିଜେ ପୂର୍ବରୁ ତିନି ବାଡ଼ରେ ଯଥାକ୍ରମେ ପୂଜାପଣ୍ଡା ଜଗନ୍ନାଥଙ୍କ ବାଡ଼ରେ, ମୁଦିରଥ ବଳଭଦ୍ରଙ୍କ ବାଡ଼ରେ ଓ ପତି ମହାପାତ୍ର ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳାର୍ପଣ କରିଥାନ୍ତି। ଗରାବଡୁ ସେବକ ମଙ୍ଗଳାର୍ପଣର ସମସ୍ତ ଜିନିଷମାନ ନୀତି ସମ୍ପୃକ୍ତ ସେବକଙ୍କ ହାତକୁ ବଢାଇଥାନ୍ତି। ମଙ୍ଗଳାର୍ପଣ ସମୟରେ ସୁଦ୍ଧ ସୁଆର ଓ ଭଣ୍ଡାର ମେକାପ ମଧ୍ୟ ସେଠାରେ ଉପସ୍ଥିତ ଥାଇ ଉକ୍ତ ନୀତିରେ ଅଂଶଗ୍ରହଣ କରିଥାନ୍ତି। ବାଡ଼ଗ୍ରାହୀ ଦଇତାପତି ଓ ଅନ୍ୟାନ୍ୟ ସେବକମାନେ ମଧ୍ୟ ଏହି ସମୟରେ ଉପସ୍ଥିତ ରହିଥାନ୍ତି। ଶ୍ରୀଜୀଉମାନଙ୍କୁ ପାଟ ଅଗଣା, ଆନନ୍ଦ ବଜାର, ଭିତର ସିଂହଦ୍ୱାର, ବାଇଶିପାହାଚ, ସିଂହଦ୍ୱାର, ଗୁମୁଟି, ଅରୁଣସ୍ତମ୍ଭ ଦେଇ ରଥ ପର୍ଯ୍ୟନ୍ତ ନିଆଯାଇଥାଏ।

ଶ୍ରୀବିଗ୍ରହମାନଙ୍କ ପବିତ୍ର ପହଣ୍ଡି ବିଜେ ସମୟରେ ପ୍ରଥମେ ବିଜେ କାହାଳି ବାଜିବା ପରେ ଘଣ୍ଟୁଆ, କାହାଳିଆ, ବଜନ୍ତରୀ, ଓଲାର, ଛତାର ପ୍ରମୁଖ ସେବକମାନଙ୍କ ଉପସ୍ଥିତିରେ ଘଣ୍ଟ ଓ ବାଦ୍ୟ ଆଦି ତାଳ ସହକାରେ ବାଜେ। ହରିବୋଲ ଓ ହୁଳହୁଳିର ପବିତ୍ର ଧ୍ୱନିରେ ସମଗ୍ର ପରିବେଶକୁ ଆନନ୍ଦିତ ମୁଖରିତ କରିଥାନ୍ତି। ପହଣ୍ଡି ସମୟରେ ପଣ୍ଡା, ପୁଷ୍ପାଳକ ଓ ଅନ୍ୟାନ୍ୟ ସେବକମାନେ ଡୋରି ଧରିଥାନ୍ତି। ଛାମୁ ଖୁଣ୍ଟିଆ, ବେହେରା ଖୁଣ୍ଟିଆ, ସେବକ ପହଣ୍ଡି ତଥା ଠାକୁରମାନଙ୍କ ଆଗରେ ବେତ ଧରି ମଣିମା, ଶ୍ରୀଅଙ୍ଗକୁ ସାବଧାନ ବୋଲି ଉଚ୍ଚାରଣ କରି ଠାକୁରମାନଙ୍କ ଆଗେ ଆଗେ ଯୋଡ଼ି ବେତ ବାଡେଇ ବାଡେଅ ଚାଲିଥାନ୍ତି।

ଚତୁର୍ଦ୍ଧାମୂର୍ତ୍ତି ସାତ ପାହାଚ ଉପରକୁ ପରମ୍ପରା କ୍ରମେ ବିଜେ ହୋଇ ଆସିବା କ୍ଷଣି ରାଘବଦାସ ମଠ ପକ୍ଷରୁ ଯୋଗାଇ ଦିଆ ଯାଇଥିବା ସୋଲ, ଜରି, ତୁଳସୀ, ଫୁଲ ଓ ବାଉଁଶ ପାଟିଆରେ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ଟାହିୟା ଠାକୁରମାନଙ୍କ ଶ୍ରୀମସ୍ତକରେ ଲାଗି କରାଯାଏ ଓ ଏହି ସମୟରେ କେତେକ ନିର୍ଦ୍ଦିଷ୍ଟ ମଠମାନଙ୍କ ପକ୍ଷରୁ ପନ୍ତି ଭୋଗ ତଥା ଚାମର, ଆଲଟ ସେବା କରାଯାଏ। ଘଣ୍ଟୁଆ ସେବକମାନେ ତାଳରେ ଘଣ୍ଟବଜାଇବା ସହିତ ପଖାଉଜ ବାଦ୍ୟ ଓ ଆଗେ ଆଗେ ଗୋଟିପୁଅ ନୃତ୍ୟ ତଥା ଉପସ୍ଥିତ ଜନତାଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇ ଉଠେ।

ଦଇତାପତି, ପୂଜପଣ୍ଡା, ମହାସୁଆର, ପ୍ରତିହାରୀ ପ୍ରମୁଖ ସେବକମାନେ ମୁଖ୍ୟ ବିଗ୍ରହଙ୍କ ସ୍କନ୍ଧ, ଶ୍ରୀମସ୍ତକ, ଶ୍ରୀଭୂଜ ତଳେ ରହିବା ସଙ୍ଗେ ସଙ୍ଗେ ପାଟ ଡୋରିରେ ଆଗ ଓ ପଛରେ ରହି ଧିରେ ଧିରେ ପହଣ୍ଡି ବିଜେ କରିଥାନ୍ତି। କିନ୍ତୁ ସୁଦର୍ଶନ ଓ ସୁଭଦ୍ରା ଦେବୀଙ୍କୁ ଦଇତାପତି ସେବକମାନେ ହସ୍ତ ଓ ସ୍କନ୍ଧରେ ବହନକରି ବିଜେ କରାଇଥାନ୍ତି। ସୁଦର୍ଶନ, ସୁଭଦ୍ରାଙ୍କୁ ଦେବଦଳନ ରଥରେ ଏବଂ ବଳଭଦ୍ରଙ୍କୁ ତାଳଧ୍ୱଜରେ ଓ ଜଗନ୍ନାଥଙ୍କୁ ନନ୍ଦିଘୋଷ ରଥ ଉପରେ ଅଧିଷ୍ଠିତ କରାଇଥାନ୍ତି। ପହଣ୍ଡି ଶେଷ ହେବାପରେ ପୁଷ୍ପାଳକ ମହାଜନମାନେ ମଦନମୋହନଙ୍କୁ ଜଗନ୍ନାଥ ରଥରେ ଓ ରାମକୃଷ୍ଣ ବିଗ୍ରହ ଦ୍ୱୟଙ୍କୁ ବଳଭଦ୍ରଙ୍କ ରଥରେ ବିଜେ କରାଇଥାନ୍ତି। ରଥ ଉପରକୁ ପହଣ୍ଡି ବିଜେ କରିବା ପରେ ରଥ ଉପରେ ଠାକୁରମାନଙ୍କ କେତେକ ବିଶେଷ ନୀତି ମୁଦିରସ୍ତ, ପତିମହାପାତ୍ର ସେବକମାନଙ୍କଦ୍ୱାରା ସମ୍ପାଦିତ ହୋଇଥାଏ। ସୋଲ, ଚିତା ଲାଗି ରୁନ୍ଧା ଇତ୍ୟାଦି ନୀତି ବଢିବା ପରେ ମୁଖ୍ୟ ବିଗ୍ରହଙ୍କ ମଇଲମ ଓ ମାଳଫୁଲ ଲାଗି ହୋଇଥାଏ।

ଶ୍ରୀବିଗ୍ରହମାନେ ରଥ ଉପରେ ଅବସ୍ଥାନ କରୁଥିବା ସମୟରେ ଅନ୍ନ ଭୋଗ ନ ହୋଇ କେବଳ ଶୁଖିଲା ଭୋଗ ହୋଇଥାଏ। ଗୋପାଳବଲ୍ଲବ ଠାରୁ ଆରମ୍ଭ କରି ସମସ୍ତ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ଓ ବଡ଼ ସିଂହାର ଧୂପରେ ମୂଖ୍ୟତଃ ବଲ୍ଲଭ ଖଇ, କୋରା, ଶର୍କରା ଜାତୀୟ ଦ୍ରବ୍ୟ ଭୋଗ ହୁଏ। ସ୍ୱତନ୍ତ୍ର ଆକାରର ରଥ କୋରା ଶ୍ରୀମନ୍ଦିରରେ ନିର୍ମିତ ହୋଇ ବଡ଼ଦାଣ୍ଡରେ ରଥ ଯେଉଁ ସ୍ଥାନରେ ରହି ନୀତି ଆରମ୍ଭ ହୋଇଥାଏ, ସେଠାରେ ଏହି ଭୋଗ କରାଯାଏ।

ମହାସୁଆରମାନେ ଭୋଗ ଆଣି ରଥ ଉପରେ ପନ୍ତିରେ ବାଢ଼ନ୍ତି। ପୂଜାପଣ୍ଡାମାନେ ପଞ୍ଚୋପଚାରରେ ଏହି ଧୂପ ପୂଜାଗୁଡ଼ିକୁ ସମାପନ କରିଥାନ୍ତି। ରଥ କୋରା, ବଲ୍ଲଭ ଖଇ, ଗଜାମୁଗ, ପାଚି ନଡିଆ, ବିଭିନ୍ନ ଫଳ, ଶଙ୍ଖାକୃତି ଶାକର ଇତ୍ୟାଦି ଭୋଗ ରଥରେ ଠାକୁରଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ହୋଇଥାଏ। ଏହାପରେ ଛେରା ପହଁରା ନୀତି ଅନୁଷ୍ଠିତ ହୋଇଥାଏ। ଗଜପତି ମହାରାଜା ଛେରା ପହଁରା ସେବା କରିବା ପାଇଁ ଆସିବା ପୂର୍ବରୁ ଶ୍ରୀନଅରର ଅଧିଷ୍ଠାତ୍ରୀ ଦେବୀ କନକ ଦୁର୍ଗା ଠାକୁରାଣୀଙ୍କୁ ପ୍ରଣାମ କରି ଶ୍ରୀନଅର ଅଗଣାରେ ରଖାଯାଇଥିବା ହାତୀଦନ୍ତ ଓ ରୌପ୍ୟ ନିର୍ମିତ ତାମଯାନ (ମେହେନା)ରେ ବିଜେ କରିଥାନ୍ତି।

ସର୍ବପ୍ରଥମେ ବଳଭଦ୍ରଙ୍କ ରଥରେ ଛେରା ପହଁରା କରନ୍ତି। ପ୍ରଥମେ ଗରାବଡୁ ସେବକଙ୍କଠାରୁ ହାତୁଆଣି (ରାଜାଙ୍କ ହାତକୁ ଉକ୍ତ ସେବକ ପାଣି ବଢାଇଥାନ୍ତି) ନେଇ ଗଜପତି ପୁଷ୍ପାଞ୍ଜଳି ପ୍ରଦାନ କରିଥାନ୍ତି। ସୁନା କର୍ପୂର ଆଳତିରେ କର୍ପୂର ବସାଇ ଭଣ୍ଡାର ମେକପ ରାଜାଙ୍କ ହସ୍ତକୁ ବଢାଇଥାନ୍ତି। ରାଜା ଠାକୁରଙ୍କ ସମ୍ମୁଖରେ ଆରତି କରି ସୁନା ଚାମର ଆଲଟ ସେବା କରିଥାନ୍ତି। ତତ୍ପରେ ରଥ ଉପରେ ସିଂହାସନ ତଳକୁ ଓହ୍ଲାଇଥାନ୍ତି। ପୂର୍ବରୁ ଦୟଣାମାଳି ଦେଇଥିବା ଶୁକ୍ଲ ଫୁଲ ଭଣ୍ଡାର ମେକାପ ପୂଜା ପିଙ୍ଗଣରେ ଧରିଥାଏ। ଏହି ସମୟରେ ରାଜଗୁରୁ ମୁଦୁଲି ସେବକଙ୍କଠାରୁ ସୁନା ଖଡ଼ିକା ଆଣି ସଂସ୍କାର କରି ଗଜପତିଙ୍କ ହାତକୁ ବଢାଇଥାନ୍ତି।

ଭଣ୍ଡାର ମେକପ ରଥର ଚାରି ପାଖରେ ବୁଲି ଶୁକ୍ଲ ଫୁଲ ଆଗରେ ପକାଉଥିବେ ଓ ଗଜପତି ମହାରାଜା ସୁନା ଖଡିକା ଧରି ରଥ ଚାରି ପାଖେ ପହଁରିଥାନ୍ତି। ଏହା ପରେ ଘଟୁଆରୀ ପ୍ରଦତ୍ତ ରୂପା ପିଙ୍ଗଣରେ ଥିବା ଚନ୍ଦନ ପାଣିକୁ ରାଜଗୁରୁ ସଂସ୍କାର କରିବାପରେ ଭଣ୍ଡାର ମେକପ ଗଜପତିଙ୍କ ହସ୍ତକୁ ବଢାଇଥାନ୍ତି। ତତ୍ପରେ ଗଜପତି ଚନ୍ଦନପାଣି ରଥ ଚାରିପଟରେ ଛିଞ୍ଚିଥାନ୍ତି। ଏହି କ୍ରମରେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କ ରଥ

ଉପରେ ଛେରା ପହଁରା ସରିଥାଏ। ଛେରା ପହଁରା ନୀତି ସରିବା ପରେ ତାମଯାନରେ ଗଜପତି ମହାରାଜା ପଟୁଆର ସହ ଶ୍ରୀନଅର ଅଭିମୁଖେ ଯାତ୍ରା କରିଥାନ୍ତି।

ପରମ୍ପରା ଅନୁଯାୟୀ ତିନି ରଥ ଉପରେ ଗଜପତି ମହାରାଜାଙ୍କ ଛେରା ପହଁରା ନୀତି ସରିବା ପରେ ରଥରୁ ଚାରମାର (ତାଳ ଓ ନଡିଆ ଗଛ କାଠରେ ଚାରମାର ପ୍ରସ୍ତୁତ ହୋଇଥାଏ) ଭୋଇ ସେବକମାନଙ୍କ ସହାୟତାରେ ଖୋଲା ଯାଇଥାଏ। ତତ୍ପରେ ସାରଥୀ ଓ ଅଶ୍ୱଙ୍କୁ ଆରୋହଣ ପୂର୍ବକୁ ରୂପକାର ସେବକମାନେ ଅଶ୍ୱମାନଙ୍କୁ ରଥ ଦଉଡ଼ିଦ୍ୱାରା ବାନ୍ଧିଥାନ୍ତି। ଏହା ପରେ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ରଥ ଦଉଡ଼ିକୁ ରଥରେ ଲଗାଯାଇଥାଏ। ପ୍ରତି ରଥରେ ୪ଟି ଲେଖାଏଁ ଦଉଡ଼ି ବନ୍ଧା ଯାଇଥାଏ। ରଥ ଟଣାର ଅନ୍ୟତମ ଆକର୍ଷଣ ହେଉଛି ରଥ ଦଉଡ଼ି। ଏହି ପବିତ୍ର ଦଉଡ଼ିକୁ ସ୍ପର୍ଶ କରିବା ସଙ୍ଗେସଙ୍ଗେ ରଥ ଟାଣି ଲକ୍ଷ ଲକ୍ଷ ଭକ୍ତ ନିଜକୁ ଧନ୍ୟ ମଣିଥାନ୍ତି।

ସର୍ବପ୍ରଥମେ ବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ ରଥ ଟଣାଯାଏ। ସମତାଳରେ ଉଭୟ ଭଟିମୁଣ୍ଡା ଓ ପୁରୀ ଘଣ୍ଟୁଆମାନେ ଏହି ସମୟରେ ଘଣ୍ଟ ବଜାଇଥାନ୍ତି। ଡାହୁକ ରଥ ଉପରେ ଠିଆ ହୋଇ ଯୋଡ଼ି ଲମ୍ବା ବେତ ଧରି ରଥ ବୋଲି ଗୀତ ଗାଇ ଭକ୍ତଜନଙ୍କୁ ଆମୋଦିତ କରିଥାନ୍ତି। ସର୍ବ ଧର୍ମ ନିର୍ବିଶେଷରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତ ରଥ ଦଉଡ଼ି ଧାରଣ ପୂର୍ବକ ଆନନ୍ଦ ମନରେ ରଥକୁ ଟାଣିଥାନ୍ତି। ଭକ୍ତମାନଙ୍କ ହରିବୋଲ, ହୁଳହୁଳି, ସଂକୀର୍ତ୍ତନ ଇତ୍ୟାଦିରେ ସମଗ୍ର ବଡ଼ଦାଣ୍ଡ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ତାଳଧ୍ୱଜ ରଥ ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ଯାଇଥାଏ।

ଏହି ରଥ ଟଣା ସମୟରେ ବିଭିନ୍ନ ମଠ, ଜାଗା, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ତରଫରୁ ଠାକୁରମାନଙ୍କ ଉଦ୍ଦେଶ୍ୟରେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପନ୍ତି ଭୋଗ ହୋଇଥାଏ। ଯଦି ଗୋଟିଏ ଦିନରେ ରଥ ତିନିଟି ଯାକ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚି ନ ପାରେ, ତେବେ ତହିଁପର ଦିନ ସକାଳେ ଏହି ରଥଟଣା ହୋଇ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଥାଏ।

ଏପରିକି ଏହି ମହାବେଦୀ ମହୋତ୍ସବକୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ ତା'ର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ। ଶ୍ରୀଜଗନ୍ନାଥଙ୍କର ଉତ୍ସବମୁଖର ଏହି ଗୁଣ୍ଡିଚା ଯାତ୍ରା କେବଳ ଓଡ଼ିଶା କାହିଁକି ବିଶ୍ୱର ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ପୁରାଣମାନଙ୍କରେ

କୁହାଯାଇଛି- ଶ୍ରୀମନ୍ଦିରରେ ଦଶବର୍ଷ ଦର୍ଶନ କଲେ ଯାହା ଫଳ ମିଳେ ଗୁଣ୍ଡିଚା ମନ୍ଦିରରେ ଏକ ଦିବସ ଦର୍ଶନରେ ସେତିକି ଫଳ ଲାଭ ହୁଏ। ରଥଯାତ୍ରା ଓଡ଼ିଶାର ପୁରୀଠାରେ ପାଳିତ ଓ ଜଗନ୍ନାଥଙ୍କ ସହ ସମ୍ବନ୍ଧିତ ଏକ ହିନ୍ଦୁ ପର୍ବ ବିଭିନ୍ନ ମତରେ ରଥଯାତ୍ରାର ୮ଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ। ୧. ସ୍ନାନ ଉତ୍ସବ, ୨. ଅନବସର, ୩. ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୪. ଶ୍ରୀଗୁଣ୍ଡିଚା, ୫. ହେରାପଞ୍ଚମୀ, ୬. ଆଡ଼ପ ପର୍ବ, ୭. ବାହୁଡ଼ା ଯାତ୍ରା ଓ ୮. ନୀଳାଦ୍ରି ବିଜେ। ପୁନଶ୍ଚ ରଥଯାତ୍ରା ୫ ଭାଗରେ ବିଭକ୍ତ। ଯଥା- ୧. ଅନ୍ତର୍ବେଦୀ, ୨. ମହାବେଦୀ ମହୋତ୍ସବ, ୩. ଆଡ଼ପ ଉତ୍ସବ,୪. ଦକ୍ଷିଣାମୁଖୀ ଉତ୍ସବ ଓ ୫. ନୀଳାଦ୍ରି ବିଜେ। ଏହାକୁ ଗୁଣ୍ଡିଚା ପଞ୍ଚକ କୁହଯାଏ।

ରଥଯାତ୍ରା ବହୁ ପ୍ରାଚୀନ ବୋଲି ଗବେଷକମାନେ ମତ ପ୍ରଦାନ କରିଛନ୍ତି । ଋଗ୍ୱେଦ ଓ ଅଥର୍ବ ବେଦ ଇତ୍ୟାଦିରେ ରଥ ଶବ୍ଦର ପ୍ରୟୋଗ ଦେଖାଯାଏ। ପରବର୍ତ୍ତୀ କାଳରେ ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ମଧ୍ୟ ଏହାର ଆଭାସ ମିଳିଥାଏ। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ମଧ୍ୟରେ ଖୋଦିତ ହୋଇଥିବା କେତେକ ପ୍ରାଚୀନ ଭାସ୍କର୍ଯ୍ୟକୁ ଅନୁଧ୍ୟାନ କଲେ ସୂର୍ଯ୍ୟଙ୍କ ରଥଯାତ୍ରାର ସମ୍ୟକ୍ ନିଦର୍ଶନ ମିଳିଥାଏ। ତେଣୁ ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତୀ ପରିକଳ୍ପନା ହେଉଛି ପୁରୁଷୋତ୍ତମ କ୍ଷେତ୍ରସ୍ଥ ମହାପ୍ରଭୁଙ୍କ ରଥଯାତ୍ରା। ଯେଉଁ ସବୁ ରଥଯାତ୍ରାର ଉଲ୍ଲେଖ ହୋଇଛି ସେଥି ମଧ୍ୟରେ ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସବୁଠାରୁ ଅଧିକ ଜନାଦୃତ ଓ ପ୍ରସାରିତ। କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି ବୋଲି ଅନୁମାନ କରନ୍ତି। କାରଣ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ଖୋଟାନରେ ଅନୁଷ୍ଠିତ ରଥଯାତ୍ରାର ଯେଉଁ ବିବରଣୀ ଲିପିବଦ୍ଧ କରିଛନ୍ତି, ତାହା ଆଜିସୁଦ୍ଧା ପ୍ରଚଳିତ ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ସହ ମେଳ ଖାଉଛି।

**ରଥଯାତ୍ରା ପ୍ରତିଶବ୍ଦ-ଘୋଷଯାତ୍ରା:** ବିଶ୍ୱ ମଙ୍ଗଳ ଘୋଷଣା କରୁଥିବାରୁ ବା ନନ୍ଦିଘୋଷ ରଥରେ ବସି ଯାତ୍ରା କରୁଥିବାରୁ ଘୋଷଯାତ୍ରା।

**ଆଡ଼ପମଣ୍ଡପ ଯାତ୍ରା:** ଗୁଣ୍ଡିଚା ମଣ୍ଡପରେ ଥିବା ଆଡ଼ପମଣ୍ଡପରେ ବିଜେ କରୁଥିବାରୁ ଆଡ଼ପମଣ୍ଡପ ଯାତ୍ରା।

**ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା:** ପ୍ରଭୁଙ୍କର ଜନ୍ମ ବେଦୀ ଆଡ଼ପମଣ୍ଡପଠାରେ ହୋଇଥିବାରୁ ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା।

**ଦଶାବତାର ଯାତ୍ରା:** ଗୁଣ୍ଡିଚା ଘରେ ଦଶ ଅବତାର ବେଶ ହେଉଥିବାରୁ ଦଶାବତାର ଯାତ୍ରା

**ପତିତପାବନ ଯାତ୍ରା:** ପତିତମାନଙ୍କୁ ଉଦ୍ଧାର କରିବାକୁ ଏହି ଯାତ୍ରା ହେଉଥିବାରୁ ପତିତପାବନ ଯାତ୍ରା।

**ନବଦିନାତ୍ମକ ଯାତ୍ରା:** ଏହି ଯାତ୍ରା ଯିବା ଆସିବା ଓ ରହଣୀକୁ ମିଶେଇ ୯ ଦିନ ହେଉଥିବାରୁ ନବଦିନାତ୍ମକ ଯାତ୍ରା।

**ଗୁଣ୍ଡିଚା ଯାତ୍ରା:** ଗୁଣ୍ଡିଚା ଘରକୁ ଯାତ୍ରା କରୁଥିବାରୁ ଏହା ଗୁଣ୍ଡିଚା ଯାତ୍ରା।




**ପୁରୀ ଶ୍ରୀମନ୍ଦିରର ମେଘନାଦ ପାଚେରୀରେ ଥିବା ଚାରୋଟି ମୁଖ୍ୟ ଦ୍ୱାର କେବଳ ସାଧାରଣ ପ୍ରବେଶ ପଥ ନୁହେଁ, ବରଂ ଏହା ମନୁଷ୍ୟ ଜୀବନର ଚାରୋଟି ମୁଖ୍ୟ ଲକ୍ଷ୍ୟ (ଚତୁର୍ବର୍ଗ)—ଧର୍ମ, ଅର୍ଥ, କାମ ଏବଂ ମୋକ୍ଷର ପ୍ରତୀକ ଅଟେ। ପ୍ରତ୍ୟେକ ଦ୍ୱାରର ଏକ ସ୍ୱତନ୍ତ୍ର ଆଧାତ୍ମିକ ଦିଗ ଏବଂ ଗଭୀର ରହସ୍ୟ ରହିଛି।**

ନିମ୍ନରେ ପ୍ରତ୍ୟେକ ଦ୍ୱାରର ନାମ ଓ ଏହାର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରାଗଲା:

## ୧. ସିଂହ ଦ୍ୱାର (ପୂର୍ବ ଦ୍ୱାର)- ଧର୍ମର ପ୍ରତୀକ

### ଅନ୍ୟ ନାମ : ଧର୍ମ ଦ୍ୱାର ବା ଭକ୍ତି ମାର୍ଗ

**ମହତ୍ତ୍ୱ:** ଏହା ହେଉଛି ଶ୍ରୀମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର। ଏହି ଦ୍ୱାରର ଦୁଇ ପାର୍ଶ୍ୱରେ ଦୁଇଟି ବିଶାଳ ସିଂହ ମୂର୍ତ୍ତି ରହିଛନ୍ତି। ସିଂହକୁ ଶକ୍ତି, ଅହଂକାର ନାଶକ ଏବଂ ଧର୍ମର ପ୍ରତୀକ ଭାବରେ ଗ୍ରହଣ କରାଯାଏ। ଦର୍ଶନାର୍ଥୀମାନେ ନିଜର ପାପ ଓ ଅହଙ୍କାର ତ୍ୟାଗ କରି ଧର୍ମ ପଥରେ ଭଗବାନଙ୍କ ନିକଟରେ ସମର୍ପିତ ହେବା ପାଇଁ ଏହି ଦ୍ୱାର ଦେଇ ଯାଇଥାନ୍ତି।

**ପରମ୍ପରା:** ସାଧାରଣ ଭକ୍ତ, ତୀର୍ଥଯାତ୍ରୀ ଏବଂ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ଦ୍ୱାର ଦେଇ ପ୍ରବେଶ କରନ୍ତି। ରଥଯାତ୍ରା ସମୟରେ ସ୍ୱୟଂ ଚତୁର୍ଦ୍ଧା ମୂର୍ତ୍ତି ଏହି ଦ୍ୱାର ଦେଇ ପହଣ୍ଡି ବିଜେ କରିଥାନ୍ତି। ପବିତ୍ର ବାଇଶି ପାହାଚ ମଧ୍ୟ ଏହି ମାର୍ଗରେ ପଡ଼ିଥାଏ।

## ୨. ଅଶ୍ୱ ଦ୍ୱାର (ଦକ୍ଷିଣ ଦ୍ୱାର) - ଅର୍ଥର ପ୍ରତୀକ

### ଅନ୍ୟ ନାମ: ଅର୍ଥ ଦ୍ୱାର ବା ବିଜୟ ମାର୍ଗ

**ମହତ୍ତ୍ୱ:** ଏହି ଦ୍ୱାରର ଦୁଇ ପାର୍ଶ୍ୱରେ ଦୁଇଟି ଅଶ୍ୱ ବା ଘୋଡ଼ାର ମୂର୍ତ୍ତି ରହିଛି। ଅଶ୍ୱ ହେଉଛି କ୍ଷମତା, ଐଶ୍ୱର୍ଯ୍ୟ, ଗତିଶୀଳତା ଏବଂ ବିଜୟର ପ୍ରତୀକ। କାଞ୍ଚି ଅଭିଯାନ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଅଶ୍ୱାରୋହୀ ହୋଇ ଯୁଦ୍ଧକୁ ଯାଇଥିବାର ଐତିହାସିକ ସ୍ମୃତି ମଧ୍ୟ ଏହା ବହନ କରେ।

**ପରମ୍ପରା:** ପ୍ରାଚୀନ କାଳରେ ଗଜପତି ମହାରାଜାମାନେ କୌଣସି ଯୁଦ୍ଧ ବା ରାଜ୍ୟ ବିଜୟ ଲକ୍ଷ୍ୟରେ ଯିବା ପୂର୍ବରୁ ଏହି ଦ୍ୱାର ଦେଇ ପ୍ରବେଶ କରି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରୁଥିଲେ। ଧନ ଏବଂ ପ୍ରାଚୁର୍ଯ୍ୟର କାମନା କରୁଥିବା ବ୍ୟକ୍ତିମାନେ ଏହି ମାର୍ଗର ବ୍ୟବହାର କରିବାର ବିଧି ରହିଛି।

**୩. ବ୍ୟାଘ୍ର ଦ୍ୱାର (ପଶ୍ଚିମ ଦ୍ୱାର) - କାମର ପ୍ରତୀକ**

**ଅନ୍ୟ ନାମ : କାମ ଦ୍ୱାର**

**ମହତ୍ତ୍ୱ:** ଏହି ଦ୍ୱାରର ଦୁଇ ପାର୍ଶ୍ୱରେ ଦୁଇଟି ବାଘ ବା ଶାର୍ଦ୍ଦୁଳ ମୂର୍ତ୍ତି ରହିଛି। ବ୍ୟାଘ୍ର ହେଉଛି ତେଜ, କାମନା ଏବଂ ଇଚ୍ଛାଶକ୍ତିର ପ୍ରତୀକ। ତେଣୁ ଏହାକୁ ସାଧନାର ମାର୍ଗ ମଧ୍ୟ କୁହାଯାଏ।

**ପରମ୍ପରା:** ଜନଶ୍ରୁତି ଓ ପରମ୍ପରା ଅନୁଯାୟୀ, ସାଧୁସନ୍ଥ, ତାନ୍ତ୍ରିକ, ବାମାଚାରୀ ଏବଂ ଯୋଗୀମାନେ ନିଜର ଆଧ୍ୟାତ୍ମିକ ସାଧନା ତଥା ମନର କାମନା ଓ ବାସନାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥାନ୍ତି।

**୪. ହସ୍ତୀ ଦ୍ୱାର (ଉତ୍ତର ଦ୍ୱାର) - ମୋକ୍ଷର ପ୍ରତୀକ**

**ଅନ୍ୟ ନାମ: ମୋକ୍ଷ ଦ୍ୱାର ବା ଦେବଯାନ ମାର୍ଗ**

**ମହତ୍ତ୍ୱ:** ଏହି ଦ୍ୱାରର ଉଭୟ ପାର୍ଶ୍ୱରେ ଦୁଇଟି ହାତୀ ମୂର୍ତ୍ତି ବିଦ୍ୟମାନ। ହସ୍ତୀ ଜ୍ଞାନ, ଶାନ୍ତି, ବୁଦ୍ଧି ଏବଂ ମୋକ୍ଷର ପ୍ରତୀକ ଅଟେ। ହିନ୍ଦୁ ଧର୍ମରେ ମୋକ୍ଷ ହେଉଛି ଜୀବନର ଅନ୍ତିମ ଲକ୍ଷ୍ୟ, ଯାହା ଜନ୍ମ ଓ ମୃତ୍ୟୁ ଚକ୍ରରୁ ମୁକ୍ତି ପ୍ରଦାନ କରେ।

**ପରମ୍ପରା:** ଏହାକୁ 'ଦେବଯାନ ମାର୍ଗ' କୁହାଯାଏ, କାରଣ ସାଧାରଣତଃ ବିଶ୍ୱାସ ରହିଛି ଯେ ସ୍ୱର୍ଗର ୩୩ କୋଟି ଦେବତାମାନେ ଏହି ଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସନ୍ତି। ଅନ୍ୟ ଏକ ବିଶେଷ ଦିଗ ହେଲା, ନବକଳେବର ସମୟରେ ମହାପ୍ରଭୁଙ୍କର ନୂତନ ବିଗ୍ରହ ନିର୍ମାଣ ପାଇଁ ଅଣାଯାଉଥିବା ପବିତ୍ର 'ଦାରୁ' କେବଳ ଏହି ଉତ୍ତର ଦ୍ୱାର ଦେଇ କୋଇଲି ବୈକୁଣ୍ଠକୁ ଅଣାଯାଇଥାଏ।

ଶ୍ରୀମନ୍ଦିରର ଏହି ଚାରୋଟି ଦ୍ୱାର ପ୍ରକୃତରେ ମାନବ ଜୀବନର ଏକ ସମ୍ପୂର୍ଣ୍ଣ ଚକ୍ରକୁ ଦର୍ଶାଏ। ଧର୍ମ ପଥରେ ଚାଲି, ଉଚିତ୍ ମାର୍ଗରେ ଅର୍ଥ ଉପାର୍ଜନ କରି, ନିଜର କାମନା ବାସନାକୁ ଶୁଦ୍ଧ କରି ଶେଷରେ ମୋକ୍ଷ ବା ପରମ ଗତି ପ୍ରାପ୍ତି କରିବା ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତିରେ ଥିବା ଏହି ଦ୍ୱାର ଗୁଡ଼ିକର ପ୍ରକୃତ ରହସ୍ୟ।

# ଶ୍ରୀ ଜଗନ୍ନାଥ ମନ୍ଦିର ବଡଦେଉଳ ଓ ଶ୍ରୀ ମନ୍ଦିର ନାମରେ ମଧ୍ୟ ଜଣା

ଓଡ଼ିଶାର ସଂସ୍କୃତି ଓ ଜୀବନ ଶୈଳୀରେ ଏହି ମନ୍ଦିରର ଏକ ବିଶେଷ ସ୍ଥାନ ଅଛି, ବିଶ୍ୱର ଅଗ୍ନି କୋଣରେ ଭାରତ... ଭାରତର ଅଗ୍ନି କୋଣରେ ଓଡ଼ିଶା... ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ... ପୁରୀର ଅଗ୍ନିକୋଣରେ ଶ୍ରୀବସ୍ତଖଣ୍ଡଶାଳ ରୀତିରେ ନିର୍ମିତ ଏହି ଶ୍ରୀମନ୍ଦିର, ମୁଖ୍ୟ ଦେଉଳଟି ପଞ୍ଚରଥ ଶୈଳୀରେ ନିର୍ମିତ, ଦେଉଳଟି ଚାରି ଭାଗରେ ବିଭକ୍ତ ୧. ମୁଖ୍ୟ ଗର୍ଭଗୃହ ମନ୍ଦିର ୨. ଜଗମୋହନ ବା ମୁଖଶାଳା ୩. ନାଟମଣ୍ଡପ ଓ ୪. ଭୋଗ ମଣ୍ଡପ, ଶ୍ରୀ ମନ୍ଦିରର ଅଗ୍ନିକୋଣରେ ରୋଷଶାଳା ଅଛି, ପାଖରେ ମହୋଦଧି ଥିଲେ ମଧ୍ୟ ମନ୍ଦିର ଭିତରେ ଥିବା କୂଅରୁ ମଧୁର ଜଳ ବାହାରି ଥାଏ। ଓଡ଼ିଶାର ପୁରୀ ସହରରେ ଅବସ୍ଥିତ ଏହି ମନ୍ଦିରର ରତ୍ନ ସିଂହାସନରେ ଶ୍ରୀବଳଭଦ୍ର ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ସୁଦର୍ଶନ ପୂଜିତ ହୁଅନ୍ତି, ରତ୍ନ ସିଂହାସନ ଜଗତି ଓ ରତ୍ନ ବେଦୀ ନାମରେ ମଧ୍ୟ ଜଣାଯାଇଥାଏ। ଏଥିରେ ୭ଜଣ ଠାକୁର ବିଜେ କରିଛନ୍ତି, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ, ସୁଦର୍ଶନ, ମାଧବ ଦାରୁ ମୂର୍ତ୍ତି, ମଦନ ମୋହନ ଅଷ୍ଟଧାତୁ ପ୍ରତିମା, ଶ୍ରୀଦେବୀ ସୁନା ମୂର୍ତ୍ତି, ଭୁଦେବୀ ରୂପାମୂର୍ତ୍ତି ବିଜେ କରିଛନ୍ତି, ଗର୍ଭଗୃହର ଲମ୍ବ ୩୦ ଫୁଟ ଲେଖାଏଁ ଓ ଉଚ୍ଚ ୪୮ ଫୁଟ, ସେଠାରେ ପ୍ରତିଷ୍ଠିତ ରତ୍ନ ସିଂହାସନର ଦୈର୍ଘ୍ୟ ୧୬ ଫୁଟ ପ୍ରସ୍ଥ ୧୩ ଫୁଟ ଓ ଉଚ୍ଚତା ୪ ଫୁଟ ଅଟେ, ଏହା ଉପରେ କାଷ୍ଠ ନିର୍ମିତ କନକ ମୁଣ୍ଡି ରହିଛି। ଏହା ତଳେ ଏକ ବିରାଟ ଚାନ୍ଦୁଆ ରହିଛି, ଏଠାରେ ଜଗମୋହନର ଉଚ୍ଚତା ୧୦୦ ଫୁଟ ରହିଛି, ଏହି ରତ୍ନ ବେଦୀ ଉପରେ ତିନୋଟି କଳା ମୁଗୁନି ପ୍ରସ୍ତରର ଚକା ରହିଛି, ଏହା ଉପରେ ଚତୁର୍ଦ୍ଧା ଦାରୁମୂର୍ତ୍ତି ଅଧିଷ୍ଠିତ ହୋଇଛନ୍ତି, ରତ୍ନବେଦୀ ଚାରିପଟେ ପରିକ୍ରମା କରିବା ପାଇଁ ବାଟ ମଧ୍ୟ ରହିଛି । ଦ୍ୱାଦଶ ଶତାବ୍ଦୀରେ ଅନଙ୍ଗବର୍ମା ଚୋଡ଼ ଗଙ୍ଗ ଦେବ ବଡ଼ଦାଣ୍ଡ ପତନ ଠାରୁ ୨୧୪ ଫୁଟ ୮ ଇଞ୍ଚ ଉଚ୍ଚତାରେ ମନ୍ଦିର ନିର୍ମାଣ କରି ବିଗ୍ରହ ମାନଙ୍କୁ ଅଧିଷ୍ଠିତ କରାଇ ଥିଲେ, ୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି

କପିଳେନ୍ଦ୍ର ଦେବ ମନ୍ଦିରର ଚାରିପାର୍ଶ୍ୱରେ ମେଘନାଦ ପାଚେ଼ରୀ ନିର୍ମାଣ କରିଥିଲେ ଏହାର ଦୈର୍ଘ୍ୟ ୬୬୫ ଫୁଟ ପ୍ରସ୍ଥ ୬୪୦ ଫୁଟ ଉଚ୍ଚତା ୨୨ ଫୁଟ କରାଯାଇଅଛି। ମେଘନାଦ ପାଚେ଼ରୀ ପରେ କୂର୍ମ ବେଢା କରାଯାଇଛି, ତାହାର ଦୈର୍ଘ୍ୟ ୪୨୦ ଫୁଟ ପ୍ରସ୍ଥ ୩୫୦ ଫୁଟ ଓ ଉଚ୍ଚତା ୨୦ ଫୁଟରେ ନିର୍ମିତ ହୋଇଥିଲା, ଶ୍ରୀ ମନ୍ଦିରର ଶୋଭା ନୀଳଚ଼କ୍ର ବୃଦ୍ଧି କରୁଅଛି ଓ ଏହା ଉପରେ ପତିତପାବନ ବାନା ଫର୍ ଫର୍ ହୋଇ ଉଡୁଅଛି, ଏହି ନୀଳଚକ୍ର ଅଷ୍ଟଧାତୁରେ ନିର୍ମିତ ଶ୍ରୀ ମନ୍ଦିର ଭିତରକୁ ଯିବାପାଇଁ ଚାରି ଦିଗରେ ଚାରିଟି ଦ୍ୱାର ରହିଛି, ତାର ନାମଗୁଡ଼ିକ ହେଲା ସିଂହ ଦ୍ୱାର, ବ୍ୟାଘ୍ର ଦ୍ୱାର, ହସ୍ତୀ ଦ୍ୱାର ଓ ଅଶ୍ୱ ଦ୍ୱାର ଅଟେ, ଅନ୍ୟ ଦ୍ୱାରଗୁଡ଼ିକ ହେଲା କଳାଘାଟ ଦ୍ୱାର ଓ ଜୟ ବିଜୟ ଦ୍ୱାର, ଏହା ବ୍ୟତୀତ ବେହରଣ ଦ୍ୱାର ସାତପାହାଚ ଦ୍ୱାର ଧୁକୁଡି ଦ୍ୱାର ପଣ୍ଡା ଦ୍ୱାର ମୁଦୁଲି ଦ୍ୱାର ଓ ଘଣ୍ଟା ଦ୍ୱାର ଆଦି ଅଛି। ବେହରଣ ଦ୍ୱାରର ବାମପଟେ ଦକ୍ଷିଣ ଘରକୁ ପୂର୍ବରୁ ବେହରଣ କୁହାଯାଉଥିଲା, ଏହା ଗଜପତି ମହାରାଜଙ୍କ ଦେଉଳ କଚେ଼ରୀ ଥିଲା, ରାଜା ଦେଉଳକୁ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରି ମୁକ୍ତି ମଣ୍ଡପ ଦେଇ ଠାକୁରଙ୍କ ଦର୍ଶନ କରି ବେହରଣରେ ଆସି ବସୁଥିଲେ, ଠାକୁରଙ୍କ ରୀତି ନୀତିରେ କିଛି ଅସୁବିଧା ହେଉଥିଲେ ଏହି ଅସୁବିଧାର ସମାଧାନ କରାଯାଉଥିଲା। ଏହା ଏକ ହିନ୍ଦୁ ମନ୍ଦିର। ସରକାରଙ୍କ ଦ୍ୱାରା ପୂଜ୍ୟ ଗଜପତିଙ୍କ ନେତୃତ୍ୱରେ ଗଠିତ ଶ୍ରୀ ମନ୍ଦିର ପରିଚ଼ାଳନା କମିଟି  ଏହାର ସମସ୍ତ ବିଷୟ ପରିଚ଼ାଳନା କରନ୍ତି। ସିଂହଦ୍ୱାର ସମ୍ମୁଖରେ ୩୩ ଫୁଟ ଉଚ୍ଚା ୮ ଇଞ୍ଚ ଚଉଡା ବିଶିଷ୍ଟ ଅରୁଣ ସ୍ତମ୍ଭ ରହିଛି ଅଷ୍ଟାଦଶ ଶତାବ୍ଦୀରେ ଦ୍ୱିତୀୟ ଦିବ୍ୟସିଂହଙ୍କ ରାଜତ୍ୱ କାଳରେ ଏହାକୁ କୋଣାର୍କ ସୂର୍ଯ୍ୟମନ୍ଦିରରୁ ଅଣାଯାଇଥିଲା। ସିଂହଦ୍ୱାରରେ ଦୁଇଟି ପଥରର ସିଂହ ମୂର୍ତ୍ତି, ଗୁମୁଟ ଲକ୍ଷ୍ମୀ, ଚାହାଣି ମଣ୍ଡପ ଓ ବାମରୁ ଡାହାଣ ପଟକୁ ଦୋଳ ମଣ୍ଡପ ସାହି ରହିଛି। ବର୍ତ୍ତମାନର ମନ୍ଦିର ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କ ଦ୍ୱାରା ନିର୍ମିତ ଓ ଏହା ପ୍ରାୟ ଏକାଦଶ ଶତାବ୍ଦୀରେ ହୋଇଥିବା ଜଣାଯାଏ, ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟିୟ ଦ୍ୱିତୀୟ କିମ୍ବା ତୃତୀୟ ଶତକର ବୋଲି ପ୍ରତ୍ନତତ୍ତ୍ୱ ବିତ୍ ଓ ଐତିହାସିକମାନେ ଅନୁମାନ କରନ୍ତି, ଏହି ମନ୍ଦିରର ମୂଳଭିତ୍ତି ଉପରେ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ବା ଅମୁହାଁ ମନ୍ଦିର ରହିଛି। ପୂର୍ବ ଦିଗରେ ଜୟ ବିଜୟ ଦ୍ୱାର ଓ ବେଢା ମଧ୍ୟରୁ ଭକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ୨୨ ଟି ପାହାଚ ଚଢିବାକୁ ପଡେ଼। ବାଇଶି ପାହାଚ଼ର

ଦ୍ୱିତୀୟ ସୋପାନରେ ଯମ ଶିଳା ରହିଛି, ଏହାକୁ ଶ୍ରଦ୍ଧାଳୁମାନେ ସ୍ପର୍ଶ କରିଗଲେ ଜୀବ ବୈକୁଣ୍ଠଗାମୀ ହୁଏ ବୋଲି କୁହାଯାଏ, ବାଇଶି ପାହାଚ୍‌ର ଅଧିଷ୍ଠାତ୍ରୀ ଦେବୀ ଗଣ ହେଲେ ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତୁଷ୍ଟି, ବିକ୍ରି, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା, ବାଇଶି ପାହାଚ ବଉଳ ମାଳା ପଥରରେ ନିର୍ମିତ ଓ ପାହାଚ୍ ଗୁଡ଼ିକ ଓସାର ୬ ଫୁଟ ଲମ୍ବ ୭୦ ଫୁଟ ଓ ଉଚ୍ଚତା ପ୍ରାୟ ୭ ଇଞ୍ଚ ରହିଛି। ବାଇଶି ପାହାଚ୍‌ରେ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ, ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଶ୍ରୀଜୀଉମାନେ ରତ୍ନସିଂହାସନ ଛାଡ଼ି ବାଇଶି ପାହାଚ୍‌ଦେଇ ବଡ଼ଦାଣ୍ଡରେ ଥିବା ରଥକୁ ଆସିଥା'ନ୍ତି, କିମ୍ବଦନ୍ତୀ ଅନୁସାରେ ଭାନୁଦେବ ରାଜା ଜମେଶ୍ୱରଙ୍କୁ ଆରାଧନା କରି ପୁତ୍ର ସନ୍ତାନଟିଏ ପାଇଥିଲେ। ପୁତ୍ରର ଆୟୁଷ କେବଳ ୨୨ ବର୍ଷ ବୋଲି ଜାଣି ପୁନଶ୍ଚ ଜମେଶ୍ୱରଙ୍କୁ ଆରାଧନା କରି ଭକ୍ତିରେ ସନ୍ତୁଷ୍ଟ କରି ଶ୍ରୀ ମନ୍ଦିର ଭିତରେ ବାଇଶି ପାହାଚ୍ କରିବାକୁ ଆଜ୍ଞା ପାଇଲେ, ସେଥିପାଇଁ ଶ୍ରଦ୍ଧାଳୁ ମାନେ ନିଜ ନିଜ ପିଲାମାନଙ୍କର ଆୟୁଷ ବୃଦ୍ଧି ନିମନ୍ତେ ବାଇଶି ପାହାଚ୍‌ରେ ଗଡ଼ାଇ ଦେଇଥା'ନ୍ତି, ଦ୍ୱାର ପ୍ରବେଶ ପଥରେ ପୂର୍ବରେ ମଜଣା ମଣ୍ଡପ ପଶ୍ଚିମରେ ଦକ୍ଷିଣ ଘର ଦକ୍ଷିଣରେ ମୁକ୍ତିମଣ୍ଡପ ଅବସ୍ଥିତ ଓ ତା' ନିକଟରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୁଏ। ଭୋଇ ବଂଶର ପ୍ରଥମ ରାଜା ରାମଚ଼ନ୍ଦ୍ର ଦେବଙ୍କ ସମୟରେ ତାଙ୍କ ପତ୍ନୀ ଗୌରୀ ମହାଦେବୀ ମୁକ୍ତି ମଣ୍ଡପର ନିର୍ମାଣ କରିଥିଲେ। ମୁକ୍ତି ମଣ୍ଡପର ପଶ୍ଚିମ ଦିଗରେ ଶ୍ରୀ ନୃସିଂହ ମନ୍ଦିର ଓ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଛି, ତା' ସମ୍ମୁଖରେ ଦକ୍ଷିଣ ଦିଗରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ। ମନ୍ଦିରର ତିନି ପାର୍ଶ୍ୱରେ କାର୍ତ୍ତିକ, ପାର୍ବତୀ, ଗଣେଶ ଓ ନୃମୁଣ୍ଡମାଳିନୀ ଖଡ୍ଗଧାରୀ ଭୈରବୀ ମୂର୍ତ୍ତିମାନ ରହିଛି। ଏଥି ମଧ୍ୟରୁ ପୂର୍ବ ପାର୍ଶ୍ୱଗଡା ଭୈରବୀ କୁତ୍ତାମ ଚଣ୍ଡି ରୂପେ ପରିଚ଼ିତା, ମନ୍ଦିରର ପୂର୍ବ ଦିଗରେ ଅନନ୍ତ ଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ ଓ ଉତ୍ତର ଦିଗରେ ସ୍ୱର୍ଯ୍ୟ ପୂଜା ମଣ୍ଡପ ରହିଅଛି, ମନ୍ଦିରର ପୂର୍ବ ଦିଗରେ ଅନନ୍ତ ଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ ଓ ଉତ୍ତର ଦିଗରେ ସ୍ୱର୍ଯ୍ୟ ପୂଜା ମଣ୍ଡପ ରହିଅଛି।

## ═══ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଷୋହଳ ନାମ ═══

୧। ଶୟନ ବେଳେ- ପଦ୍ମନାଭ
୨। ଭୋଜନ ବେଳେ- ଜନାର୍ଦ୍ଦନ
୩। ଗଗନ କାଳେ- ବାମନ
୪। ସଙ୍କଟ ବେଳେ- ଶ୍ରୀମଧୁସୂଦନ
୫। ବିବାହ ବେଳେ- ପ୍ରଜାପତି
୬। ଯୁଦ୍ଧରେ- ଚକ୍ରଧର
୭। ସଙ୍ଗମ ବେଳେ- ଶ୍ରୀଧର
୮। ଦୁଃସ୍ୱପ୍ନ ବେଳେ- ଗୋବିନ୍ଦ
୯। ବଣରେ- ନରସିଂହ
୧୦। ଅଗ୍ନିରେ- ଜଳଶାୟୀନ
୧୧। ଜଳ ମଣେ- ବରାହ
୧୨। ପ୍ରବାସରେ- ତ୍ରିବିକ୍ରମ
୧୩। ପର୍ବତରେ- ଶ୍ରୀରଘୁନନ୍ଦନ
୧୪। ଔଷଧ ସେବନ ବେଳେ- ବିଷ୍ଣୁ
୧୫। ମରଣ ବେଳେ- ନାରାୟଣ
୧୬। ସମସ୍ତେ କାଳେ- ମାଧବ

## ଜଗନ୍ନାଥ ମନ୍ଦିର,
## ପୁରୀରେ ଥିବା ଶିବ ମନ୍ଦିର ତାଲିକା

**ଜଗନ୍ନାଥ ମନ୍ଦିର ଭିତରେ ୨୫ଟି ଶିବ ମନ୍ଦିର ଅଛି ।**

### ═══ ଅବସ୍ଥିତି ═══

- ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବା ବେଳେ ବାଇଶି ପାହାଚ୍‌ର ୩ୟ ପାହାଚ୍‌ରେ ରହିଛି କାଶୀ ବିଶ୍ୱନାଥଙ୍କ ମନ୍ଦିର ।
- ଭିତର ବେଢ଼ାରୁ ଉତ୍ତର ଦ୍ୱାରକୁ ଯିବା ରାସ୍ତାରେ ଭିତର ବେଢ଼ାର ବାମପଟେ ରହିଛନ୍ତି ପାତାଳେଶ୍ୱର ମହାଦେବ ।

- ବଳି ପାତାଳ ମନ୍ଦିରର ଉତ୍ତର ପାଖରେ ଥିବା ଏକ ସରଘରେ ତାଣ୍ଡବେଶ୍ୱର ମହାଦେବ ରହିଛନ୍ତି। ସେ ତାଣ୍ଡବ ନୃତ୍ୟ କରୁଥିବା ମୁଦ୍ରାରେ ବିରାଜିତ।
- ମୁକ୍ତି ମଣ୍ଡପର ପଛପଟେ ବିରାଜମାନ କରିଛନ୍ତି ମୁକ୍ତେଶ୍ୱର ମହାଦେବ। ବିଶ୍ୱାସ ରହିଛି ସେ ମୁକ୍ତିଦାତା।
- ମୁକ୍ତେଶ୍ୱର ମନ୍ଦିରକୁ ଲାଗି ରହିଛି କ୍ଷେତ୍ରପାଳ ମହାଦେବ ମନ୍ଦିର। ଏହି କ୍ଷେତ୍ରର ସେ ପାଳକ ଭାବେ ଅଧିଷ୍ଠିତ।
- ବଟ ଗଣେଶଙ୍କ ଠାରୁ ସର୍ବମଙ୍ଗଳାଙ୍କ ନିକଟକୁ ଆସିବା ରାସ୍ତାର ବାମପଟେ ଲୋକନାଥ, ନୀଳକଣ୍ଠେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ, ଯମେଶ୍ୱର ଇତ୍ୟାଦି ପଞ୍ଚୁପାଣ୍ଡବ ମହାଦେବ ଅଛନ୍ତି ।
- ବଟ ଗଣେଶଙ୍କ ନିକଟକୁ ଯିବାବେଳେ ବାମପଟେ ଥିବା ବିମାନ ସରଘରକୁ ଲାଗିରହି ମହାଦେବଙ୍କ ମନ୍ଦିର ରହିଛି।
- ଭିତର ବେଢ଼ା ଭୋଗ ବାଟକୁ ଲାଗି ରହିଛନ୍ତି ଅଗ୍ନୀଶ୍ୱର ମହାଦେବ। ରୋଷଘରକୁ ପ୍ରବେଶ କରିବା ବେଳେ ଏହି ମହାଦେବ ତଳେ ଅଛନ୍ତି।
- ପଥର ଦକ୍ଷିଣ ପାର୍ଶ୍ୱରେ ଈଶାଣେଶ୍ୱର ମହାଦେବ ବିରାଜିତ। ଏହି ବିଗ୍ରହ ଚଟାଣର ବହୁ ନିମ୍ନରେ ଅଧିଷ୍ଠିତ ହୋଇଛନ୍ତି। ଏଠାକୁ ଯିବାକୁ ହେଲେ ଷୋଡ଼ଙ୍ଗ ଭଳି କେତେକ ପାହାଚ୍ ଦେଇ ଅତିକ୍ରମ କରିବାକୁ ପଡ଼ିଥାଏ।
- ଉତ୍ତର ଦ୍ୱାର ବାହାର ବେଢାରେ ଆନନ୍ଦ ବଜାରକୁ ଯିବା ରାସ୍ତାର ବାମରେ ରହିଛନ୍ତି ଧବଳେଳେଶ୍ୱର ମହାଦେବ।
- ଧବଳେଶ୍ୱର ମନ୍ଦିର ନିକଟରେ ରହିଛନ୍ତି ଯୋଡ଼ାଲିଙ୍ଗ ମହାଦେବ।
- ଉତ୍ତରଦ୍ୱାର ବାହାର ବେଢ଼ା ବାମପାର୍ଶ୍ୱରେ ଉତ୍ତରାୟଣୀ ମନ୍ଦିର ସାମ୍ନାରେ ବେଢ଼ା ଉତ୍ତରଦ୍ୱାର ଲୋକନାଥ ମନ୍ଦିର ରହିଛି।
- ଉତ୍ତର ପାଖ ବାହାର ବେଢ଼ାରେ ରହିଛନ୍ତି ପର୍ଶୁରାମ ବା କାଶୀ ମହାଦେବ ମନ୍ଦିର।
- ନୀଳାଚଳ ଉପବନରେ ପ୍ରବେଶ କଲାପରେ ବାମ ପାଖରେ ରହିଛି ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର।
- ସିଦ୍ଧେଶ୍ୱର ମହାଦେବ ମନ୍ଦିରର ବିପରୀତ ଦିଗରେ ଥିବା ଚକ୍ରନାରାୟଣଙ୍କ ମନ୍ଦିରରେ ଏକାଦଶ ରୁଦ୍ର ବିଦ୍ୟମାନ।

- ଦକ୍ଷିଣଦ୍ୱାର ବାହାରବେଢ଼ାର ରୋଷ ଆଡ଼କୁ ଯିବାବେଳେ ରାସ୍ତାର ଦକ୍ଷିଣ ପାଖରେ ରହିଛନ୍ତି ଦକ୍ଷିଣେଶ୍ୱର ମହାଦେବ। ସେହି ନିକଟରେ ଅଛନ୍ତି ଜୟନ୍ତେଶ୍ୱର ମହାଦେବ।
- ପଶ୍ଚିମଦ୍ୱାର ବାହାର ବେଢ଼ାରେ ଥିବା ଚାରିଧାମ ମନ୍ଦିରରେ ରାମେଶ୍ୱର ମହାଦେବ ବିରାଜମାନ ହୋଇଛନ୍ତି।
- ନୀଳାଦ୍ରିବିହାର ମଧ୍ୟରେ ଅବସ୍ଥାନ କରିଛନ୍ତି ଧବଳେଶ୍ୱର ମହାଦେବ।
- କୋଇଲି ବୈକୁଣ୍ଠ ପ୍ରବେଶ ପଥର ଦକ୍ଷିଣ ପାର୍ଶ୍ୱରେ ବିରାଜିଛନ୍ତି ବୈକୁଣ୍ଠନାଥ ମହାଦେବ।
- ବିମଳା ମନ୍ଦିରକୁ ଲାଗି ଥିବା ମଣ୍ଡଣୀ ମନ୍ଦିର ମଧ୍ୟରେ ଗୋପେଶ୍ୱର ମହାଦେବ ବିରାଜିଛନ୍ତି ।

## ବାହାର ବେଢାରେ

ଶ୍ରୀମନ୍ଦିରର ସିଂହଦ୍ୱାର ଗୁମୁଟର ବାମ ପାଖ କାନ୍ଥରେ ଗଣେଶଙ୍କର ଏକ ଚିତ୍ରରେ ପ୍ରତିମା ସମେତ ବାହାର ବେଢାରେ ଗଣେଶଙ୍କର ମୋଟ ୨ ୨ଟି ମନ୍ଦିର ରହିଛି।

- ବାଇଶି ପାହାଚ ବାମପାଖ କାଶୀ ବିଶ୍ୱନାଥ ମନ୍ଦିର ଦକ୍ଷିଣ ଦିଗରେ ପାର୍ଶ୍ୱ ଦେବତା ଗଣେଶ ଅଛନ୍ତି।
- ଦକ୍ଷିଣପଟ କାନ୍ଥରେ ଗଣେଶଙ୍କର ଦୁଇଟି କ୍ଷୁଦ୍ର ମୂର୍ତ୍ତି ଅଛି।
- ବାଇଶି ପାହାଚ୍ର ବାମ ପଟରେ ଥିବା ନୃସିଂହ ମନ୍ଦିର ଭିତରେ ଉତ୍ତରାଭିମୁଖୀ ଗଣେଶ ବିଦ୍ୟମାନ।
- ବାଇଶି ପାହାଚ ଅତିକ୍ରମ କରିବା ପରେ ଭିତର ବେଢା ଗୁମୁଟ ପାଖେ ଘଣ୍ଟ ମୁଣ୍ଡେଇ ଠାକୁରାଣୀଙ୍କ ନିକଟରେ ଗଣେଶଙ୍କର ଏକ ଚିତ୍ର ପ୍ରତିମା ରହିଛି ।
- ଆନନ୍ଦବଜାରରେ ଥିବା ସରକାରୀ ପସରା ଗୃହ ଭିତର ପ୍ରସ୍ତର ନିର୍ମିତ ଏକ ଗଣେଶ ମୂର୍ତ୍ତି ରହିଛନ୍ତି।
- ଦକ୍ଷିଣଦ୍ୱାର ଗୁମୁଟ ପାର ହୋଇ ବାମପାଖ ବୁଢୀମା ଠାକୁରାଣୀଙ୍କ ମନ୍ଦିର ଦ୍ୱାରର ଡାହାଣପଟ କାନ୍ଥରେ ଗଣେଶଙ୍କ ଚିତ୍ର ପ୍ରତିମା ରହିଛି।
- ଦକ୍ଷିଣଦ୍ୱାର ବୁଢୀମା ମନ୍ଦିର ସାମ୍ନା ରାମଚନ୍ଦ୍ର ମନ୍ଦିରର ବାମପଟ କାନ୍ଥରେ ଏକ ଗଣେଶ ମୂର୍ତ୍ତି ରହିଛନ୍ତି।

- ଏହି ମନ୍ଦିର ନିକଟରୁ ଡାହାଣ ଦିଗ ରୋଷକୁ ଯିବା ରାସ୍ତାରେ ଡାହାଣ ପାଖରେଥିବା ମହାଦେବ ମନ୍ଦିର କବାଟରେ ଗଣେଶଙ୍କ ଚିତ୍ର ପ୍ରତିମା ରହିଛି।

## ଅଗ୍ନୀଶ୍ୱର ମହାଦେବ

ଜଗନ୍ନାଥ ମନ୍ଦିରରେ ତାଙ୍କୁ ବେଢ଼ି ରହିଛନ୍ତି ଅନେକ ଦେବା ଦେବୀ। ତାଙ୍କ ପାପଶାଳାର ଅଗ୍ନିକୁ ଘେରି ରହିଛନ୍ତି ଅଗ୍ନିଶ୍ୱର ମହାଦେବ ବା ଆଗ୍ନେୟଶ୍ୱର ମହାଦେବ। ରୋଷଘର ରାସ୍ତା କଣରେ ଏହି ମହାଦେବ ବିରାଜିତ।

**ଧାର୍ମିକ ବିଶ୍ୱାସ :**

କଥିତ ଅଛି, ଏହି ଶିବ ହେଉଛନ୍ତି ଅଗ୍ନିସ୍ୱରୂପ। ତେଣୁ ତାଙ୍କ ପାଖ ଦେଇ ଜଗନ୍ନାଥଙ୍କ ଭୋଗ ଉଦ୍ଦେଶ୍ୟରେ ବୁହାଯାଉଥିବା ଅନ୍ନ ବ୍ୟଞ୍ଜନାଦି କୌଣସି ସମୟରେ ସିଦ୍ଧ ହୋଇନଥିଲେ, ତାହା ଏହାଙ୍କ ଦୃଷ୍ଟି ପଡ଼ିବା ମାତ୍ରେ ସିଦ୍ଧ ହୋଇଥାଏ। ଏହି ଅଗ୍ନିଦେବଙ୍କ ଦର୍ଶନରେ ସମସ୍ତ ପାପ ନାଶ ହୁଏ। ମୁକ୍ତି ଚିନ୍ତାମଣି ଗ୍ରନ୍ଥ ଅନୁସାରେ ଅଗ୍ନିଶ୍ୱର ମହାଦେବଙ୍କୁ ପ୍ରଣାମ କରି ସ୍ତୁତି ପଥ କଲେ ଅଶେଷ କଲ୍ୟାଣ ହୁଏ।

ଅଗ୍ନିଶ୍ୱରଂ ମହାରୁଦ୍ରଂ ବିଷ୍ଣୁପାକ ବିଶୋଧକମ
ମହାଜ୍ୱାଳାମୟଂ ଶମ୍ଭୁ ନମାମି ଚନ୍ଦ୍ର ଶେଖରମ ।’

ଅର୍ଥାତ, ହେ ଅଗ୍ନିଶ୍ୱର ! ତୁମେ ରୁଦ୍ରମାନଙ୍କ ମଧରେ ମହାରୁଦ୍ର, ତୁମେ ବିଷ୍ଣୁଙ୍କ ଉଦେଶ୍ୟରେ ପ୍ରସ୍ତୁତ ପାକର ବିଶୋଧକ, ତୁମେ ମହଜ୍ୱାଳାମୟ ଶମ୍ଭୁ, ତୁମେ ଚନ୍ଦ୍ରଶେଖର, ତୁମକୁ ନମସ୍କାର କରୁଅଛି।

- ଦକ୍ଷିଣଦ୍ୱାର ବାହାର ବେଢାରୁ ରୋଷ ଦ୍ୱାର ଦକ୍ଷିଣଶ୍ୱର ମହାଦେବଙ୍କ ମନ୍ଦିର ପଛ ପାଖରେ ଗଣେଶ ପାର୍ଶ୍ୱଦେବତା ଭାବେ ରହିବା ସ୍ଥଳେ ମନ୍ଦିର ଭିତରେ ଗଣେଶଙ୍କର ଚିତ୍ର ପ୍ରତିମା ଅଛି।
- ରୋଷ ପରିସରରେ ଥିବା ଏକ ସରଘରେ ପଥର ନିର୍ମିତ ଗଣେଶ ମୂର୍ତ୍ତି ରହିଛନ୍ତି।

- ରୋଷ ଘରେ ଥିବା ଗଙ୍ଗା ଓ ଯମୁନା କୂଅ ନିକଟସ୍ଥ କାନ୍ଥରେ ଦୁଇଟି ପଥର ନିର୍ମିତ ଗଣେଶ ମୂର୍ତ୍ତି ଦେଖାଯାଏ।
- ରୋଷଘର ମୁଖ୍ୟ ଦ୍ୱାରର ବାମ ପାଖରେ ଏକ ଗଣେଶ ମୂର୍ତ୍ତି ଲାଗିଛି । ଏହାକୁ 'ରୋଷ ଗଣେଶ' ବୋଲି କୁହାଯାଏ ।
- ପଶ୍ଚିମ ଦ୍ୱାର ଗୁମୁଟର ଭିତର ପଟ ଦ୍ୱାର ବନ୍ଧ ଉପରେ ନୃତ୍ୟଭଙ୍ଗୀରେ ଅଷ୍ଟଭୁଜ ବିଶିଷ୍ଟ ଏକ ଗଣେଶ ମୂର୍ତ୍ତି ରହିଛନ୍ତି।
- ନୀଳାଚ଼ଳ ଉପବନର ପ୍ରବେଶ ଦ୍ୱାର ନିକଟରେ ଥିବା ଚାରିଧାମ ମନ୍ଦିର ଭିତରେ ଏକ ଗଣେଶ ମୂର୍ତ୍ତି ବିରାଜିତ।
- ନୀଳାଚ଼ଳ ଉପବନର ପରିସରରେ ଥିବା ଚକ୍ରନାରାୟଣ ମନ୍ଦିର ମଣ୍ଡପ ଭିତରେ ଏକ ଉତ୍ତରଭିମୁଖୀ ଗଣେଶ ମୂର୍ତ୍ତି ରହିଛନ୍ତି।
- ପଶ୍ଚିମଦ୍ୱାର ବାମ ବାମପାଖ ନୀଳାଦ୍ରି ବିହାର ଭିତରେ ଥିବା ଧବଳେଶ୍ୱର ମନ୍ଦିରର ପୂର୍ବପଟେ ପାର୍ଶ୍ୱଦେବତା ରୂପେ ଗଣେଶ ବିଗ୍ରହ ରହିଛନ୍ତି।
- ଉତ୍ତରଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଲାବେଳେ ବାମପାର୍ଶ୍ୱରେ ଏକ ଛୋଟ ଗଣେଶ ମନ୍ଦିର ଅବସ୍ଥିତ। ସେଠାରେ ଗଣେଶ ପଶ୍ଚିମାଭିମୁଖୀ ହୋଇ ରହିଛନ୍ତି ।
- ଉତ୍ତରଦ୍ୱାର ବେଢା ଲୋକନାଥ ବା ସୋମନାଥ ମନ୍ଦିର ବାମ ପାଖରେ ଏକ ଗଣେଶ ବିଗ୍ରହ ରହିଛନ୍ତି। ଶୀତଳାଙ୍କ ମନ୍ଦିର ଭିତରେ ଏକ ଗଣେଶ ମୂର୍ତ୍ତି ବିରାଜିତ।
- ଉତ୍ତରଦ୍ୱାର ପାହାଚ଼ ଉପର ବାମ ପାଖରେ ଥିବା ପର୍ଶୁରାମ ଓ ଧବଳେଶ୍ୱର ମନ୍ଦିରର ଦକ୍ଷିଣ ପାଖ ଦେବତା ଗଣେଶ ଥିବା ସ୍ଥଳେ ଧବଳେଶ୍ୱର ମନ୍ଦିର ସାମ୍ନାପଟ କାନ୍ଥରେ ଗଣେଶଙ୍କର ଏକ ଚିତ୍ର ପ୍ରତିମା ରହିଛି।
- କୋଇଲି ବୈକୁଣ୍ଠର ଦହନ ପାଖରେ ଥିବା ବୈକୁଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରେ ଦକ୍ଷିଣ ଦିଗରେ ପାର୍ଶ୍ୱଦେବତା ଭାବେ ଅଷ୍ଟଭୁଜ ଗଣେଶ ବିରାଜମାନ ରହିଛନ୍ତି। ଶ୍ରୀମନ୍ଦିର ଭିତରେ ଗାଣପତ୍ୟଙ୍କ ପ୍ରଭାବ ରହିଥିବା ଜଣାଯାଏ। ମନ୍ଦିର ଭିତରେ ଦେଖାଯାଉଥିବା ଗଣପତି ବା ଗଣେଶଙ୍କ ଭିତରୁ ଏହା ପୂର୍ବନୁମାନ କରାଯାଇଛି। ଶ୍ରୀମନ୍ଦିର ଭିତରେ ମୋଟ ୪୫ଟି ଗଣେଶ

ମନ୍ଦିର ଅଛି। ସେମାନଙ୍କ ଭିତରୁ ଭିତର ଭିତର ବେଢାରେ ୨୩ଟି ଓ ବାହାର ବେଢାରେ ୨୨ଟି ରହିଛି।

## ଭିତର ବେଢାରେ

**କଳ୍ପବଟ ଗଣେଶ–** ଦକ୍ଷିଣଦ୍ୱାର ଭିତର ଗୁମୁଟ ସମ୍ମୁଖସ୍ଥ କଳ୍ପବଟ ମନ୍ଦିର ରହିଅଛି। ପଥର ନିର୍ମିତ ଏହି ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ଅଟନ୍ତି। ଶ୍ରୀମନ୍ଦିର ପରିସରରେ ଥିବା ଅନ୍ୟ ଗଣେଶ ମନ୍ଦିର ଅପେକ୍ଷା ଏହି ମନ୍ଦିରକୁ ଅଧିକ ଭକ୍ତ ଆସିଥା'ନ୍ତି।

**ଭଣ୍ଡ ଗଣେଶ–** ଭଣ୍ଡ ଗଣେଶ ବା କାଞ୍ଚି ଗଣେଶ ମନ୍ଦିରଟି ଭିତର ବେଢାର ପଶ୍ଚିମ ପାଖରେ ଥିବା ସାକ୍ଷୀ ଗୋପାଳ ମନ୍ଦିରକୁ ଲାଗି ରହିଛି । ରାଜା ପୁରୁଷୋତ୍ତମ ଦେବ କାଞ୍ଚି ଜୟ କରିଥିବା ବେଳେ ଏହି ଗଣେଶଙ୍କୁ ଆଣି ପ୍ରତିଷ୍ଠା କରିଥିବା ନେଇ ଜଣାଯାଏ।

**ନାଟ ଗଣେଶ–** ଭିତର ବେଢାରେ ଥିବା ଜଳ କ୍ରୀଡ଼ାମଣ୍ଡପ ନିକଟରେ ଏହି ମନ୍ଦିର ରହିଛି। କଳା ମୁଗୁନି ପଥର ନିର୍ମିତ ଏହି ନଟ ଗଣେଶ ଅଷ୍ଟଭୁଜ ବିଶିଷ୍ଟ ଓ ଦକ୍ଷିଣାଭିମୁଖୀ।

**ନୃତ୍ୟଭଙ୍ଗୀ ଗଣେଶ–** ବିମଳା ମନ୍ଦିର ପ୍ରବେଶ ଦ୍ୱାର ବା ପାର୍ଶ୍ୱରେ ଏକ ଠଣାରେ ନୃତ୍ୟଭଙ୍ଗୀରେ ଏକ କ୍ଷୁଦ୍ର ଗଣେଶ ଦଣ୍ଡାୟମାନ ରହିଛନ୍ତି । ସେ ପୂର୍ବାଭିମୁଖୀ ହୋଇ ଦଣ୍ଡାୟମାନ ହୋଇଛନ୍ତି। ବିମଳାଙ୍କ ଜଗମୋହନ ଭିତର ଗମ୍ଭୀରାର ପ୍ରବେଶଦ୍ୱାର ଡାହାଣପାଖ କାନ୍ଥରେ ଏକ ଛୋଟ ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ହୋଇ ବିରାଜମାନ କରିଛନ୍ତି। ବଟ ଗଣେଶ ମନ୍ଦିର ଦକ୍ଷିଣ-ପୂର୍ବ ଦିଗରେ ଥିବା ହରିସହଦେବଙ୍କ ମନ୍ଦିରର ଦକ୍ଷିଣପାର୍ଶ୍ୱ ଦେବତାଭାବେ ଗଣେଶ ବିଦ୍ୟମାନ ଅଛନ୍ତି।

**ସର୍ବମଙ୍ଗଳା (ବଟ ମଙ୍ଗଳା)–** ମନ୍ଦିର ଜଗମୋହନରେ କ୍ଷୁଦ୍ର ଗଣେଶ ମୂର୍ତ୍ତି ବିଦ୍ୟମାନ ଅଛନ୍ତି ।

## ଶ୍ରୀମନ୍ଦିରରେ ହୁଣ୍ଡି ସଂସ୍ଥାପନର ଇତିହାସ

ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥ ମନ୍ଦିରର ଦୈନନ୍ଦିନ, ସାମୟିକ, ବିଶେଷ ଯାନିଯାତ୍ରା ଗୁଡ଼ିକ ସମୟ ଅନୁସାରେ ତଥା ଶୃଙ୍ଖଳିତ ଭାବେ ସମାପନ କରିବା, ଶ୍ରୀମନ୍ଦିର ପ୍ରଶାସନର ସଂସ୍କାର, ଶ୍ରୀମନ୍ଦିର ପାଣ୍ଠିର ଅଭିବୃଦ୍ଧି, ସର୍ବୋପରି ଶ୍ରୀମନ୍ଦିର ସୁପରିଚାଳନା ନିମିତ୍ତ ଓଡ଼ିଶା ସରକାର ୧୯୭୮ ମସିହାରେ ତଦାନୀନ୍ତନ ମହାମହିମ ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ୯ ଜଣ ବିଶିଷ୍ଟ ଉଚ୍ଚ ସ୍ତରୀୟ କମିଟି ଗଠନ କରିଥିଲେ। ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ, ଡଃ ହରେକୃଷ୍ଣ ମହତାବ, ଶ୍ରୀ ବିଶ୍ୱନାଥ ଦାଶ, ଶ୍ରୀ ନିତ୍ୟାନନ୍ଦ କାନୁନଗୋ, ଡଃ ରାଧାନାଥ ରଥ, ଜଷ୍ଟିସ ହରିହର ମହାପାତ୍ର, ଶ୍ରୀ ନନ୍ଦକିଶୋର ମିଶ୍ର, ଅଯୋଧ୍ୟା ଦାସ ପ୍ରମୁଖ ଓଡ଼ିଶାର ବହୁ ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ସାମିଲ ହୋଇଥିଲେ। କେତେକ ନିର୍ଦ୍ଦିଷ୍ଟ କାରଣ ଯୋଗୁ ଏହି କମିଟିର ପ୍ରଥମ ବୈଠକରେ ଗଜପତି ମହାରାଜା ନିଜର ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ଶର୍ମା କମିଟିରୁ ଗଜପତି ମହାରାଜାଙ୍କ ଇସ୍ତଫା ପ୍ରଦାନ ପରେ ଶ୍ରୀମନ୍ଦିର ଉନ୍ନତି କଳ୍ପେ ଏକ ମୌଳିକ ପାଣ୍ଠି ଗଠନ କରାଯାଇଥିଲା।

ପ୍ରାଥମିକ ଭାବେ ସ୍ଥାୟୀ ଭାବେ ପାଞ୍ଚ କୋଟି ଟଙ୍କାରେ ଏହି ପାଣ୍ଠି ଗଠନ କରାଯାଇ ତହିଁରୁ ଲବ୍ଧ ସୁଧ ଅର୍ଥରେ ଶ୍ରୀମନ୍ଦିର ସେବାୟତ ମାନଙ୍କ ତାଲିମ ଓ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ, ଯାତ୍ରୀ ମାନଙ୍କ ଦର୍ଶନ ନିମନ୍ତେ କେତେକ ସୁବିଧା ଉପଲବ୍ଧ କରାଇବା ଓ ଶ୍ରୀମନ୍ଦିରର ଦୈନନ୍ଦିନ ପରିଚାଳନା ବାବଦରେ ଏହି ଅର୍ଥ ଖର୍ଚ୍ଚ କରାଯିବା ଏହି ପାଣ୍ଠିର ଆଭିମୁଖ୍ୟ ଥିଲା। ଏହି ବ୍ୟବସ୍ଥାକୁ ଲକ୍ଷ୍ୟ କରି ଶ୍ରୀମନ୍ଦିର ପରିସରରେ ଏକହୁଣ୍ଡି (ଦାନପାତ୍ର) ସ୍ଥାପନ ନିମନ୍ତେ ଉପଯୁକ୍ତ କମିଟି ଦୃଢ଼ ମତ ପ୍ରକାଶ କରିଥିଲେ। କମିଟିର ଏହି ସୁପାରିଶକୁ ରାଜ୍ୟ ସରକାର ଗ୍ରହଣ କରି ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୫୪ରେ କେତେକ ସଂଶୋଧନ ଓ ନୂତନ ଧାରା ସଂଯୋଜିତ କରି ୧୯୮୩ ମସିହାରେ ଶ୍ରୀ ଜଗନ୍ନାଥ ମନ୍ଦିର ସଂଶୋଧିତ ଅଧିନିୟମ ପ୍ରଣୟନ କରିଥିଲେ। ନୂତନ ଭାବେ ୨୮-ବି ଧାରାରେ ହୁଣ୍ଡି ସଂସ୍ଥାପନ ଓ ୨୮-ସି (୧) ଧାରାରେ ଶ୍ରୀଜଗନ୍ନାଥ ମନ୍ଦିର ଫାଉଣ୍ଡେସନ

ଫଣ୍ଡ ସୃଷ୍ଟି କରାଯାଇଥିଲା। ଏହି ପାଣ୍ଠିର ସୁପରିଚ଼ାଳନା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହେବାର ଆଇନଗତ ବ୍ୟବସ୍ଥା ରହିଲା। ଏହି ଉଚ୍ଚ ସ୍ତରୀୟ ବୈଧାନିକ କମିଟିରେ ଆଇନ ମନ୍ତ୍ରୀ, ଓଡ଼ିଶା ଉପ ସଭାପତି, ବିଧି ବିଭାଗ ସଚ଼ିବ- ସଭ୍ୟ, ଅର୍ଥ ବିଭାଗ ସଚ଼ିବ- ସଭ୍ୟ, ଜିଲ୍ଲାପାଳ ପୁରୀ- ସଭ୍ୟ, ଶ୍ରୀମନ୍ଦିର ପ୍ରଶାସକ ସଭ୍ୟ ଆବାହକ ରୂପେ ରହିଲେ। ୨୦୦୪ ମସିହାରେ ଶ୍ରୀ ଜଗନ୍ନାଥ ମନ୍ଦିର ଅଧିନିୟମ ବ୍ୟାପକ ସଂଶୋଧନ କରାଯାଇ ପରେ ୨୦୦୫ ମସିହା ଠାରୁ ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ଏହି କମିଟିର ସଭ୍ୟ ଆବାହକ ରହିଛନ୍ତି। କ୍ରମଶଃ ଶର୍ମା କମିଟି ୧୯୮୦ ମସିହାରେ ରାଜ୍ୟ ସରକାରଙ୍କୁ ସୁବିସ୍ତୃତ ରିପୋର୍ଟ ପ୍ରଦାନ ପୂର୍ବକ କେତେକ ପ୍ରସ୍ତାବ କାର୍ଯ୍ୟକାରୀ କରିବା ନିମନ୍ତେ ସୁପାରିଶ କରିଥିଲେ। କମିଟିର ବିଭିନ୍ନ ସୁପାରିଶ ମଧ୍ୟରେ ଶ୍ରୀମନ୍ଦିର ଆର୍ଥିକ ବ୍ୟବସ୍ଥାର ଉନ୍ନତି ପାଇଁ ଏକ ମୌଳିକ ପାଣ୍ଠି ଗଠନ କରାଯାଇଥିଲା।

## ଶ୍ରୀମନ୍ଦିରର ଆଇନ ପ୍ରଣୟନ

ଗଠିତ ୧୮ ଜଣିଆ ପ୍ରତିନିଧି ବିଶିଷ୍ଟ ପରିଚ଼ାଳନା କମିଟି ସଦସ୍ୟମାନଙ୍କ କାର୍ଯ୍ୟକାଳ ଅବଧି ତିନି ବର୍ଷ ରଖାଯାଇଛି। ଏହି ଆଇନର ଧାରା ୨୧, ଉପଧାରା ୨ର କ୍ଲଜ୍ ସି. ଧାରା ୨୧-ଏ, ୨୩ର ଉପଧାରା ୪ରେ ଥିବା ପୂର୍ବ ଅର୍ଥ ପରିମାଣକୁ ବୃଦ୍ଧି କରାଯାଇଛି। ସେହିପରି ଧାରା ୧୫ (ଏଏ) ରେ କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କୁ କେତେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇ ପରିଚ଼ାଳନା କମିଟି ବୈଠକ ବିବରଣୀର ନିଷ୍ପତ୍ତିକୁ ମୁଖ୍ୟ ପ୍ରଶାସକ କାର୍ଯ୍ୟକାରୀ କରିବା ଦିଗରେ ତ୍ୱରାନ୍ୱିତ କରାଇବା, ଶ୍ରୀ ମନ୍ଦିର ପରିଚ଼ାଳନା ସମ୍ବନ୍ଧରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଦିଗରେ କାର୍ଯ୍ୟ କରିବା ସମେତ ରାଜ୍ୟ ସରକାର ଶ୍ରୀମନ୍ଦିର ନିମନ୍ତେ କୌଣସି ଦାୟିତ୍ୱ ସମୟେ ସମୟେ ଦେଇ ପାରିବେ ବୋଲି ବ୍ୟବସ୍ଥା ରହିଛି। ଏତଦ୍ ବ୍ୟତୀତ ଡିସେମ୍ବର ୨୦୦୮ ମସିହାରେ ଧାରା ୨୧-ବି ସଂଶୋଧନ କରାଯାଇ ସେବକମାନଙ୍କୁ ସେଥିରୁ ବାଦ୍ ଦିଆଯାଇ, ଅନ୍ୟ ଏକ କ୍ଲଜ୍ ସି ସଂଯୋଜିତ ହୋଇଛି। ଶ୍ରୀମନ୍ଦିର ଆଇନ ୧୯୫୫ ପ୍ରବର୍ତ୍ତିତ ହେବା ପରେ ବିଗତ ୬୦ ବର୍ଷ ମଧ୍ୟରେ ବହୁବାର ଉକ୍ତ ଅଧିନିୟମରେ ସଂଶୋଧନ କରାଯାଇଛି। ସମ୍ପ୍ରତି ଶ୍ରୀମନ୍ଦିର ପ୍ରଶାସନିକ ବ୍ୟବସ୍ଥା ଓ ପରିଚାଳନା କମିଟିକୁ ଉନ୍ନୀତ ପୂର୍ବକ ଶ୍ରୀମନ୍ଦିର ପରିଚାଳନା କରାଯାଇ ଆସୁଛି।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶ

## ପରଂବ୍ରହ୍ମ ଶ୍ରୀଜଗନ୍ନାଥ

୧। ଗଜ ବେଶ – ସ୍ନାନ ପୂର୍ଣ୍ଣିମା – ଜ୍ୟେଷ୍ଠ ମାସ

୨। ନବ ଯୌବନବେଶ – ଆଷାଢ଼ ଅମାବାସ୍ୟା – ଆଷାଢ଼ ମାସ

୩। ବଡ଼ ସୁନାବେଶ – ଆଷାଢ଼ ଶୁକ୍ଳ ଏକାଦଶୀ – ଆଷାଢ଼ ମାସ

୪। ଝୁଲଣ ସନ୍ଧ୍ୟା ବେଶ– ଶ୍ରାବଣ ଶୁକ୍ଳ ଦଶମୀରୁ ଭାଦ୍ର କୃଷ୍ଣ ପ୍ରତିପଦ ପ୍ରତିପ୍ରଦ – ଶ୍ରାବଣ ମାସ

୫। ବଣଭୋଜି ବେଶ – ଭାଦ୍ର କୃଷ୍ଣ ଦଶମୀ

୬। କାଳିଆଦଳନ ବେଶ - ଭାଦ୍ର କୃଷ୍ଣ ଏକାଦଶୀ

୭। ପ୍ରଳମ୍ବାସୁର ବଧ ବେଶ – ଭାଦ୍ର କୃଷ୍ଣ ଦ୍ୱାଦଶୀ

୮। କୃଷ୍ଣ ବଳରାମ ବେଶ – ଭାଦ୍ର କୃଷ୍ଣ ତ୍ରୟୋଦଶୀ

୯। ବଳି ବାମନ ବେଶ- ଭାଦ୍ର ଶୁକ୍ଳ ତ୍ରୟୋଦଶୀ

୧୦। ରାଜାବେଶ – ଦଶହରା – ଆଶ୍ୱିନ ଶୁକ୍ଳ ଦଶମୀ

୧୧। ରାଧା ଦାମୋଦର ବେଶ – ଆଶ୍ୱିନ ଶୁକ୍ଳ ଦଶମୀରୁ କାର୍ତ୍ତିକ ଶୁକ୍ଳଦଶମୀ

୧୨। ହରିହର ବେଶ- କାର୍ତ୍ତିକ ଅମାବାସ୍ୟାରୁ ଶୁକ୍ଳ ଦଶମୀ ଯାଏଁ ପଡୁଥିବା ସୋମବାରରେ

୧୩। ଠିଆକିଆ ବେଶ – କାର୍ତ୍ତିକ ଶୁକ୍ଳ ଏକାଦଶୀ

୧୪। ବାଙ୍କଚୂଡ଼ା ବେଶ – କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ

୧୫। ଆଡ଼କିଆ / ତ୍ରିବିକ୍ରମ ବେଶ – କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ

୧୬। ନାଗାର୍ଜୁନ ବେଶ – ପଞ୍ଚୁକ ମଳ ତିଥି

୧୭। ଡାଳିକିଆ / ଲକ୍ଷ୍ମୀନୃସିଂହ ବେଶ – କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ

୧୮। ରାଜରାଜେଶ୍ୱର ବେଶ – କାର୍ତ୍ତିକ ପୂର୍ଣ୍ଣିମା

୧୯। ଶ୍ରାଦ୍ଧ ବେଶ – ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଶୁକ୍ଳ ପ୍ରତିପଦ

୨୦। ଘୋଡ଼ଲାଗି ବେଶ – ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ମାଘ ଶୁକ୍ଳ ପଞ୍ଚମୀ ଯାଏଁ

୨୧। ନବାଙ୍କ ବେଶ – ମକର ସଂକ୍ରାନ୍ତି ପୂର୍ବ ଦିନ

୨୨। ମକର ଚୌରାଶୀ ବେଶ – ମକର ସଂକ୍ରାନ୍ତି

୨୩। ପୁଷ୍ୟାଭିଷେକ ବେଶ – ପୌଷ ପୂର୍ଣ୍ଣିମା

୨୪। ପଦ୍ମ ବେଶ- ମାଘ ଅମାବାସ୍ୟାରୁ ଶୁକ୍ଳ ପଞ୍ଚମୀ ମଧ୍ୟରେ ପଡୁଥିବା ବୁଧବାର ବା ଶନିବାର

୨୫। ଗଜଉଦ୍ଧାରଣ ବେଶ – ମାଘ ପୂର୍ଣ୍ଣିମା

୨୬। ଜାମାଲାଗି ବେଶ – ମାଘ ଶୁକ୍ଳ ପଞ୍ଚମୀରୁ ଫଗୁ ଦଶମୀ ଯାଏଁ

୨୭। ଚାଚେରୀ ବେଶ- ମାଘଶୁକ୍ଳ ପଞ୍ଚମୀ, ଫାଲଗୁନ ଶୁକ୍ଳ ଦଶମୀରୁ ଚତୁର୍ଦ୍ଦଶୀ ଯାଏଁ

୨୮। ସୁନା ବେଶ- ଦୋଳ ପୂର୍ଣ୍ଣିମା

୨୯। ରଘୁନାଥ ବେଶ-ବୈଶାଖ କୃଷ୍ଣ ନବମୀ କିମ୍ୱା ଏକାଦଶୀରେ ପୁଷ୍ୟା କର୍କଟ ଲଗ୍ନରେ

୩୦। ଚନ୍ଦନ ଲାଗି ବେଶ – ଅକ୍ଷୟ ତୃତୀୟାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଯାଏଁ

୩୧। ସେନାପଟା ଲାଗି / ଟାହାୟା ଲାଗି ବେଶ- ସ୍ନାନ ପୂର୍ଣ୍ଣିମା, ଶ୍ରୀ ଗୁଣ୍ଡିଚା - ଆଡ଼ପ ବିଜେ, ଆଡ଼ପରୁ ରଥ ବିଜେ, ନୀଳାଦ୍ରି ବିଜେ

୩୨। ଛ ମୂର୍ତ୍ତି ଅଲଙ୍କାର ଲାଗି – ବିଶେଷ ଯାତ୍ରା ପୂଜା

୩୩। ସକାଳ ଧୂପ ବେଶ – ପ୍ରତିଦିନ

୩୪। ମଧ୍ୟାହ୍ନ ଧୂପ ବେଶ – ପ୍ରତିଦିନ

୩୫। ସନ୍ଧ୍ୟା ଧୂପ ବେଶ – ପ୍ରତିଦିନ

୩୬। ବଡ଼ ସିଂହାର ବେଶ - ପ୍ରତିଦିନ

୩୭। ଅବକାଶ ବେଶ – ପ୍ରତିଦିନ

## ମା ଶାରଳାଙ୍କ ଜଗନ୍ନାଥ ବେଶ

ଏମିତି ଦେବୀ ଦେଖିଛ କିଏ ହୋ ! ମହାବିଦ୍ୟା ବେଶ ଛାଡ଼ି ଜଗନ୍ନାଥ ବେଶ ହୁଏ ! ନିର୍ଗୁଣା ହୋଇ ସେ ଗୁଣବତୀ ହୁଏ। ପ୍ରତି ଏକାଦଶୀରେ ଦେବୀ ଶାରଳା ଜଗନ୍ନାଥ ବେଶ ହୁଅନ୍ତି। କେଡ଼େ ସୁନ୍ଦର ପରମ୍ପରା ଯାହା ଶକ୍ତି ଏବଂ ବ୍ରହ୍ମ ମଧ୍ୟ ଅଭେଦ ଦର୍ଶନ କରାଇଦିଏ। ଦେବୀ ଶାରଳା ତ୍ରିଗୁଣାତୀତା ଏବଂ ପରଂବ୍ରହ୍ମ ପୁରୁଷ ଅଭେଦ ତତ୍ତ୍ୱକୁ ପ୍ରମାଣିତ କରେ । ସାକ୍ଷାତ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଜ୍ଞାମାଳ (କର ପଲ୍ଲବାଦି) ଭଗବତୀଙ୍କ କିରୀଟ ଉପରି ଭାଗ ପ୍ରଭାରେ ଲାଗି ହୋଇଥାଏ । ସେହି ପ୍ରଭାରେ ପ୍ରତୀକାତ୍ମକ ଶ୍ରୀଗନ୍ନାଥଙ୍କ ରୌପ୍ୟ  ଖଚିତ ଚିତ୍ର ମହାପ୍ରଭୁଙ୍କ ସଂକେତ ବହନ କରେ ତଥା ଭଗବତୀ ଏକାଦଶୀର ପବିତ୍ର ଅବସରରେ ବ୍ରହ୍ମଶକ୍ତି ବା ବିଷ୍ଣୁ ମାୟା ରୂପେ ମହାପ୍ରସାଦ ଘେନା କରନ୍ତି। ଏହା ହିଁ ଶ୍ରୀ ଶାରଳା ଠାକୁରାଣୀଙ୍କର ଶ୍ରୀଜଗନ୍ନାଥ ବେଶ ରହସ୍ୟ। ଏକାଦଶୀରେ ଶାରଳାଙ୍କ ଦିବ୍ୟ ଜଗନ୍ନାଥ ବେଶ ଦର୍ଶନ ।




## ରହସ୍ୟମୟ ପୁରୁଷୋତ୍ତମ ଧାମ

କପିଳପସଂହିତାରେ ଉଲେଖ ରହିଛି -

ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ
ଦେବା ନଜାନାତି କୁତଃ ମନୁଷ୍ୟ ॥

ଅଗତିର ଗତି ଅଶରଣର ଶରଣ, ଅମୋକ୍ଷର ମୋକ୍ଷ, ସର୍ବବେଦର ଅଚିନ୍ତ୍ୟ, ଅଗମ୍ୟ, ଅବ୍ୟକ୍ତ, ଅଦୃଷ୍ଟ ଦ୍ରଷ୍ଟା, ଅକୃତକର୍ତ୍ତା, ସର୍ବ କାରଣର କାରଣ, ସର୍ବ ରହସ୍ୟର ରହସ୍ୟ, ଦେବାଧିଦେବ, ରାଜାଧିରାଜା ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଯେପରି ରହସ୍ୟମୟ ତାଙ୍କର ଧାମ, ଲୀଳା, କାହାଣୀ ବାଣୀ, ଶ୍ରୁତି କିମ୍ବଦନ୍ତୀ, ସେବା, ସେବକ, ସେବାୟତ, ପୂଜା ଅର୍ଚ୍ଚନା, ମହାତ୍ମ୍ୟ, ସଂସ୍କୃତି, ସେହିପରି ପରମ ରହସ୍ୟମୟ। ଏହି ରହସ୍ୟ ଓ ମହାତ୍ମ୍ୟକୁ ବ୍ରହ୍ମା ଶଙ୍କର ଇନ୍ଦ୍ରଚନ୍ଦ୍ର, ବୃହସ୍ପତିମାନଙ୍କୁ

ମଧ୍ୟ ଅଗୋଚ଼ର। ମାନବମାନେ ଏହି ରହସ୍ୟ ଭେଦ କରିବାକୁ ଅକ୍ଷମ। ତାଙ୍କର କୃପା କଟାକ୍ଷ ନୟନ ଯାହାଙ୍କ ଉପରେ ସାମାନ୍ୟ ପ୍ରତିଭାତ ହୁଏ, ସେ ହିଁ ଏ ରହସ୍ୟ ଉନ୍ମୋଚ଼ନ ଓ ଭେଦ କରିପାରେ।

ଏଣୁ ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁ ଚୈତନ୍ୟ ଚରିତାମୃତରେ ଉଲ୍ଲେଖ କରିଛନ୍ତି ।

"ଈଶ୍ୱର କୃପା ଲେସ ହୋଇଛିଯାରେ -
ଈଶ୍ୱର କଥା ସେହି ବର୍ଣ୍ଣିପାରେ।

ଭାରତୀୟ ବେଦ, ପୁରାଣ, ଉପନିଷଦ, ଗୀତା ଭାଗବତ ଏହି ରହସ୍ୟ ଭେଦ କରିବାକୁ ସକ୍ଷମ ହୋଇ ନଥାନ୍ତି । ତେଣୁ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଯେପରି ରହସ୍ୟମୟ ତାଙ୍କର ଧାମ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରୀ ମଧ୍ୟ ସେହି ପରି ରହସ୍ୟମୟ। ଯେଉଁଠାରେ ପରଂବ୍ରହ୍ମା, ପରମାତ୍ମା, ଭଗବାନ, ଈଶ୍ୱର ବା ପରମେଶ୍ୱରୀ, ମା' ଭଗବତୀ, ସରସ୍ୱତୀ, ଅମ୍ବା, ଜଗଦମ୍ବା, ଲକ୍ଷ୍ମୀ ଲୀଳା କରିଥା'ନ୍ତି ତାହା ହିଁ ଧାମ ନାମରେ ପରିଚ଼ିତ। ଆର୍ଯ୍ୟବର୍ତ୍ତ ଭାରତ ଭୂଖଣ୍ଡ ଜମ୍ବୁଦ୍ୱୀପରେ ଯେତେ ପୂତ ପାବନ ଧାମ, ତୀର୍ଥ କ୍ଷେତ୍ର ରହିଛି ତନ୍ମଧରୁ ପରମ ପାବନ ଧାମ ହେଉଛି ପୁରୁଷୋତ୍ତମ ଧାମ ପୁରୀ।

ଏଣୁ ନୀଳାଦ୍ରି ମହୋଦୟରେ ଉଲ୍ଲେଖ ଅଛି,

କୃତେଚ ବଦରିନାଥ ତ୍ରେତୟାଂ ସେତୁଶଙ୍କରମ୍
ଦ୍ୱାପରେ ଦ୍ୱାରିକାନାଥଂ କଳୌ ଶ୍ରୀପୁରୁଷୋତ୍ତମମ୍ ।।

ସତ୍ୟଯୁଗରେ ବଦ୍ରିକାଧାମ, ତ୍ରେତୟା ଯୁଗରେ ରାମେଶ୍ୱର ଧାମ, ଦ୍ୱାପରରେ ଦ୍ୱାରକାଧାମ, କଳିରେ ଶ୍ରୀପୁରୁଷୋତ୍ତମ ଧାମ । ଯୁଗକାଳ ଅନୁସାରେ ପରମାତ୍ମାଙ୍କ ନାମ ସତ୍ୟଯୁଗରେ ବଦ୍ରିନାଥ, ତ୍ରେତୟା ଯୁଗରେ ରାମନାଥ, ଦ୍ୱାପରଯୁଗରେ ଦ୍ୱାରିକାନାଥ, କଳିଯୁଗରେ ଜଗନ୍ନାଥ । ପରଂବ୍ରହ୍ମ ବଦ୍ରିକାରେ ସ୍ନାନ, ଦ୍ୱାରିକାରେ ଶୃଙ୍ଗାର (ବେଶ) ରାମେଶ୍ୱର ଶୟନ ଓ ପୁରୁଷୋତ୍ତମ ପୁରୀ ଧାମରେ ଭୋଜନ କରନ୍ତି। ବଞ୍ଚିବା ପାଇଁ କଳିଯୁଗରେ ଅନ୍ନ ବା ଖାଦ୍ୟ ଶ୍ରେଷ୍ଠ। ଏଣୁ ପୁରୁଷୋତ୍ତମ ଧାମରେ ଶ୍ରୀମହା ପ୍ରଭୁ ଅନ୍ନବ୍ୟଞ୍ଜନ ଭୋଜନ କରୁଥିବାରୁ ଏ ଧାମ ଚାରି ଧାମ ମଧ୍ୟରୁ ଶ୍ରେଷ୍ଠ। ଏହି ଧାମର ଭୋଗ, ନୈବେଦ୍ୟ, ଶ୍ରେଷ୍ଠ ପ୍ରସାଦ ମହାପ୍ରସାଦ

ନାମରେ ନାମିତ। ବଦ୍ରିନାଥ ଧାମ ହିମାଳୟ ପାଦଦେଶରେ ଅବସ୍ଥିତ। ଏହି କ୍ଷେତ୍ର ପରମ ପାବନ। ଏହି କ୍ଷେତ୍ରରେ ଭଗବାନ ଶ୍ରୀବିଷ୍ଣୁ ନାରାୟଣ ନାମରେ ଜଗତମାତା ଲକ୍ଷ୍ମୀଙ୍କ ସହିତ ବିଦ୍ୟମାନ । ଏହି କ୍ଷେତ୍ରରେ ଭଗବାନ ବ୍ୟାସଦେବ, ଅଷ୍ଟାଦଶ ପୁରାଣ ଓ ଶ୍ରୀମଦ୍ ଭାଗବତ ମହାପୁରାଣ ରଚ଼ନା କରିଥିଲେ । ରାମନାଥ ଧାମ ତାମିଲନାଡୁ ଖଣ୍ଡରେ ଅବସ୍ଥିତ। ଏଠାରେ ଭଗବାନ ଶ୍ରୀରାମଚ଼ନ୍ଦ୍ର ମାତା ପୁଣ୍ୟଶ୍ଳୋକା ଜନକତନୟା ଜାନକୀଙ୍କ ସହିତ ବିଦ୍ୟମାନ। ଦ୍ୱାପର ଯୁଗରେ ଦ୍ୱାରିକା ଧାମରେ ଭଗବାନ ଶ୍ରୀକୃଷ୍ଣ ଜଗତମାତା ରୁକ୍ମିଣୀଙ୍କ ସହିତ ବିଦ୍ୟମାନ ହୋଇ ଭକ୍ତମାନଙ୍କ ମନୋବାଞ୍ଛା ପୂରଣ କରିଥା'ନ୍ତି। ଏହିଠାରେ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଭକ୍ତ ସୁଦାମାଙ୍କ ମିଳନ ହୋଇଥିଲା। ଦ୍ୱାରିକାର ଅନତି ଦୂରରେ ଏହି ସ୍ଥାନ ଭେଟ ଦ୍ୱାରିକା ନାମରେ ପରିଚ଼ିତ। ଶ୍ରୀପୁରୁଷୋତ୍ତମ ପୁରୀ ଧାମରେ, କଳିଯୁଗରେ କଳି କଳାହୁତ ପାପ ତାପ, କ୍ଲେଶ ଦୁଃଖ ଦୈନ୍ୟ, ଆଧିଭୌତିକ, ଆଧିଦୈବିକ ଆଧ୍ୟାତ୍ମିକ ତ୍ରିତାପ, ନାଶ ଓ ଚତୁର୍ବର୍ଗ ଫଳ ପ୍ରଦାନ କରିବା ପାଇଁ ଭଗବାନ ଶ୍ରୀଜଗନ୍ନାଥ ନିଜର ଅଗ୍ରଜ ବଳଭଦ୍ର ଓ ଭଗ୍ନୀ ସୁଭଦ୍ରାଙ୍କ ସହିତ ବିଦ୍ୟମାନ। ବ୍ରହ୍ମପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ, ସ୍କନ୍ଦପୁରାଣ, ନୀଳାଦ୍ରି ମହୋଦୟ, ଜଗନ୍ନାଥ ଭାଗବତ, ପଦ୍ମପୁରାଣ ଇତ୍ୟାଦି, ଶାସ୍ତ୍ରମାନଙ୍କରେ ଏହି କ୍ଷେତ୍ରର ମହାତ୍ମ୍ୟ ବିଶେଷ ଭାବରେ ବର୍ଣ୍ଣିତ ହୋଇଛି। ଏହି କ୍ଷେତ୍ର ଓ ଧାମର ମଧ ବହୁନାମ ରହିଛି।

୧. ଶ୍ରୀକ୍ଷେତ୍ର, ୨. ପୁରୁଷୋତ୍ତମ କ୍ଷେତ୍ର, ୩. ନୀଳାଚ଼ଳ କ୍ଷେତ୍ର, ୪. ଶଙ୍ଖ କ୍ଷେତ୍ର, ୫. ଜଗନ୍ନାଥ ଧାମ, ୬. ଯମନୀକ ତୀର୍ଥ, ୭. ମର୍ତ୍ତ୍ୟବୈକୁଣ୍ଠ, ୮. ନୀଳଗିରି, ୯. ଉଡୀୟାନ ପୀଠ, ୧୦, ପୁରୀ, ୧୧. ଦଶାବତାର କ୍ଷେତ୍ର ଓ ୧୨. ଭୌମ କ୍ଷେତ୍ର।

## ପରଂବ୍ରହ୍ମ ଶ୍ରୀଜଗନ୍ନାଥ କିଏ ଏବଂ ଦର୍ଶନ କଲେ କି ଫଳ ମିଳେ ?

**ଶ୍ଳୋକ:** ପୁରୁଷୋତ୍ତମାଖ୍ୟଂ ସୁମହତ୍ କ୍ଷେତ୍ରଂ ପରମପାବନମ୍ ।
ଯତ୍ରାସ୍ତେ ଦାରବତନୁଃ ଶ୍ରୀଶୋ ମାନଷଲୀଳୟା ॥ ( ସ୍କନ୍ଧ-୧-୩)

**ଶ୍ଳୋକର ଅର୍ଥ :** ଶ୍ରୀପୁରୁଷୋତ୍ତମ କ୍ଷେତ୍ର (ପୁରୀ) ନାମକ ସୁମହତ୍ ପରମପାବନ କ୍ଷେତ୍ର ଅଛି, ଯେଉଁଠାରେ ଲକ୍ଷ୍ମୀକାନ୍ତ ନାରାୟଣ ମାନବ ଲୀଳାର ପରିପ୍ରକାଶ ପାଇଁ ଦାରୁମୟ କଳେବର ଧାରଣ ପୂର୍ବକ ବିରାଜମାନ କରି ଅଛନ୍ତି।

**ଶ୍ଲୋକ:** ଦର୍ଶନାନ୍ ମୁକ୍ତିଦଃ ସାକ୍ଷାତ୍ ସର୍ବତୀର୍ଥଫଳପ୍ରଦଃ ।
ତନ୍ନୋ ବିସ୍ତରତୋ ବ୍ରୂହି ତତ୍ କ୍ଷେତ୍ରଂ କେନ ନିର୍ମିତମ୍ ॥ (ସ୍କନ୍ଦ-୧-୪)

**ଶ୍ଲୋକର ଅର୍ଥ :** ଦର୍ଶନ ମାତ୍ରେ ହିଁ ସାକ୍ଷାତ୍ ମୁକ୍ତି ଓ ସକଳ ତୀର୍ଥର ଫଳ ପ୍ରଦାନ କରନ୍ତି ।

**ବି:ଦ୍ର:-** ଆମ ପୃଥିବୀ ପୃଷ୍ଠରେ ଷାଢେ ୩ କୋଟି ତୀର୍ଥ ଅଛି । ଶ୍ରୀଜଗନ୍ନାଥଙ୍କ ଦର୍ଶନ ମାତ୍ରେ ସମସ୍ତ ତୀର୍ଥର ଫଳ ମିଳେ।

**ଶ୍ଲୋକ :** ନ୍ୟଗ୍ରୋଧମୂଳେ କୂଳେଙ୍କସ୍ୟ ସିନ୍ଧୋଃନୀଳାଚଳେ ସ୍ଥିତମ୍ ।
ଦାରୁବ୍ୟାଜାମୃତଂ ବ୍ରହ୍ମ ଦୃଷ୍ଟ୍ୱା ମୁଚ୍ୟେନ୍ନ ସଂଶୟଃ ॥ (ସ୍କନ୍ଧ-୨୮-୫୬)

**ଶ୍ଲୋକର ଅର୍ଥ :** ସିନ୍ଧୁ କୂଳସ୍ଥ ବଟମୂଳରେ ନୀଳାଚଳରେ ଅବସ୍ଥାନ କରୁଥିବା ଦାରୁ ଛଳରେ ଅମୃତ ସ୍ୱରୂପ ବ୍ରହ୍ମଙ୍କୁ ଦର୍ଶନ କରି ସମସ୍ତେ ମୁକ୍ତିଲାଭ କରିବେ। ଏଥିରେ ସନ୍ଦେହ ନାହିଁ।

**ଶ୍ଲୋକ :** ଯତ୍ର ସାକ୍ଷାଜ୍ଜଗନ୍ନାଥଃ ଶଙ୍ଖଚକ୍ରଗଦାଧରଃ ।
ଜନ୍ତୁନାଂ ଦର୍ଶନନ୍ମୁକ୍ତିଂ ଯୋ ଦଦାତି କୃପାନିଧିଃ ॥

**ଶ୍ଲୋକର ଅର୍ଥ :** ସାକ୍ଷାତ୍ ଜଗନ୍ନାଥ ଶଙ୍ଖ-ଚକ୍ର-ଗଦା ଧାରୀ ପୂର୍ବକ ଅବସ୍ଥାନ କରି ଅଛନ୍ତି। ସେହି କୃପାନିଧି ଭଗବାନ ଦର୍ଶନ ମାତ୍ରେ ଜୀବମାନଙ୍କୁ ମୁକ୍ତି ବିତରଣ କରିଥା'ନ୍ତି।

ରାଧା ରସାମୃତ ଗୀତରେ ଯଥାର୍ଥରେ ଶିବ ଦାସ କହିଛନ୍ତି, ସ୍ୱୟଂ ନିରାକାର ଦାରୁବ୍ରହ୍ମ ହୋଇ ଦର୍ଶନ ମାତ୍ରକେ ପାପୀଙ୍କୁ ମୋକ୍ଷ ପ୍ରଦାନ କରନ୍ତି । ଶିବ ଦାସ କହିଛନ୍ତି .....

ସ୍ୱୟଂ ନିରାକାର ପ୍ରଭୁ ଦାରୁବ୍ରହ୍ମ ହୋଇ
ଦର୍ଶନ ମାତ୍ରକେ ପାପୀ ମୋକ୍ଷ ଗତି ପାଇ
ବ୍ରହ୍ମରୂପଗୋପ୍ୟ କରି ଦାରୁରୂପ ଦିଶେ
ମାୟାବୀମାନଙ୍କୁ ସେହି ହୋଇଛି ଅଦୃଶ୍ୟେ
ଦାରୁ ବିଗ୍ରହ ହେବାର କାରଣ କ'ଣ ?

**ଶ୍ଲୋକ:** ଖଣ୍ଡନାତ୍ ସର୍ବଦୁଃଖାନାମଖଣ୍ଡାନନ୍ଦଦାନତଃ ।
ସ୍ୱଭାବଦ୍ଧାରୁରୂପଂ ହି ପରଂବ୍ରହ୍ମାଭିଧୀୟତେ । (ସ୍କନ୍ଧ-୨୮-୪୦)

**ଶ୍ଲୋକର ଅର୍ଥ :** ଏହି ଦାରୁ ବିଗ୍ରହଙ୍କ ଦୁଇଟି ବିଶେଷତ୍ୱ ଅଛି। ସେ ଦୁଇଟି ଶାସ୍ତ୍ର ସମ୍ମତ ଓ ଅନନ୍ୟ। 'ଦାରୁ' ଶବ୍ଦଟି ଦୁଇଟି ଧାତୁରୁ ନିଷ୍ପନ୍ନ ହୋଇଛି। ଯଥା- 'ଦା' ଏବଂ 'ଦୋ' ଧାତୁ। ଏହି ଦୁଇଟି ଧାତୁରୁ 'ରୁ' ପ୍ରତ୍ୟୟ ଯୋଗ 'ଦାରୁ' ଶବ୍ଦ ହୋଇଛି। ଶୀଳ ବା ସ୍ୱଭାବ ଅର୍ଥରେ 'ରୁ' ପ୍ରତ୍ୟୟ ହୁଏ ।

ପ୍ରଥମଟି ହେଲା- 'ଦା' ଧାତୁରୁ 'ରୁ' ପ୍ରତ୍ୟୟ। 'ଦା' ର ଅର୍ଥ ଦାନ କରିବା। ଏଣୁ ଦାରୁ ଦାନଶୀଳ ଏବଂ 'ଦୋ' ଧାତୁରୁ ଅର୍ଥ ଖଣ୍ଡନ କରିବା। ଏଣୁ ଦାରୁ ଖଣ୍ଡନଶୀଳ। ସ୍ୱଭାବତଃ ଏହି ମୂର୍ତ୍ତି ଅଖଣ୍ଡ ଆନନ୍ଦ ଦାନ କରନ୍ତି ଏବଂ ସମସ୍ତ ଦୁଃଖ ଖଣ୍ଡନ କରନ୍ତି। ଅଖଣ୍ଡ ଆନନ୍ଦ ଦାନ ଓ ସର୍ବ ଦୁଃଖଖଣ୍ଡନ ଏଇ ଦୁଇଟି ଦାରୁ ବିଗ୍ରହରୂପୀ ପରଂବ୍ରହ୍ମଙ୍କ ବିଶେଷତ୍ୱ। ସର୍ବ ଦୁଃଖ ଖଣ୍ଡନ କରି ଅଖଣ୍ଡ ଆନନ୍ଦ ଦାତା ହୋଇଥିବାରୁ ସାକ୍ଷାତ୍ ପରଂବ୍ରହ୍ମ ହିଁ ସ୍ୱଭାବତଃ ଦାରୁ ରୂପ ଅଟନ୍ତି। ଅର୍ଥାତ ଜୀବମାନଙ୍କର ସମସ୍ତ ଦୁଃଖକୁ ଖଣ୍ଡନ କରି ଅଖଣ୍ଡ ଆନନ୍ଦ ଦେବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏପରି ଦାରୁ ବିଗ୍ରହ ଧାରଣ।

x x x x x x x x x

ଅନାଥସ୍ୟ ଜଗନ୍ନାଥ ନାଥସ୍ତ୍ୱଂମେ ନ ସଂଶୟଃ,
ଯସ୍ୟ ନାଥୋ ଜଗନ୍ନାଥ ସ୍ତସ୍ୟ ଦୁଃଖ କଥଂ ପ୍ରଭୋ ॥
ଅନ୍ୟଥା ଶରଣଂନାସ୍ତି ତ୍ୱମେବ ଶରଣଂ ମମ ॥
ତସ୍ମାତ୍ କାରୁଣ୍ୟଭାବେନ ରକ୍ଷ ରକ୍ଷ ଜନାର୍ଦ୍ଦନ ॥
ଓଁ ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ ॥
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ଅନନ୍ତ ନିରାକାର ପରମାତ୍ମା ପରମେଶ୍ୱର ପରଂବ୍ରହ୍ମ ପରମପିତା ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡର ମହାନାୟକ ଆନନ୍ଦକନ୍ଦ ସଚ୍ଚିଦାନନ୍ଦ ଚିନ୍ମୟଘନ ପଦ୍ମପଲାସଲୋଚନ ଅକାରଣର କାରଣ ଅସରଣର ଶରଣ ରକ୍ଷଣ ମହାବାହୁ ବଳିଆର ଭୁଜ କୋଟି ଓଡ଼ିଆର ମଉଡ଼ମଣି ଓଡ଼ିଶାର ବଡ଼ ଠାକୁର ରହସ୍ୟମୟ ଜଗତରନାଥ ଜଗନ୍ନାଥ ମହାପ୍ରଭୁ।

## ଶ୍ରୀମନ୍ଦିର ସହିତ ଜଡ଼ିତ ପ୍ରାଚୀନ ପ୍ରସିଦ୍ଧ ମଠ

ହିନ୍ଦୁଧର୍ମର ବିଭିନ୍ନ ସମ୍ପ୍ରଦାୟ ଓ ଭିନ୍ନପନ୍ଥୀଙ୍କ ମଠ ପୁରୀରେ ରହିଛି। ସେଗୁଡ଼ିକ ହେଲା-ଅଦ୍ୱୈତ ପନ୍ଥୀ, ରାମାନନ୍ଦୀ ପନ୍ଥୀ, ରାମାନୁଜ ପନ୍ଥୀ, ଅଙ୍ଗିରା ପନ୍ଥୀ, ଅତିବଡ଼ୀ ପନ୍ଥୀ, ଗୌଡ଼ୀୟ ପନ୍ଥୀ, ଗୌଡ଼ମାଧବ ପନ୍ଥୀ, ପଞ୍ଚରାମାନନ୍ଦୀ ପନ୍ଥୀ, ନାନକ ପନ୍ଥୀ, ନିମ୍ବାକ ପନ୍ଥୀ, କବୀର ପନ୍ଥୀ, ଅଘୋର ପନ୍ଥୀ, ମାଧବାଚାର୍ଯ୍ୟ ପନ୍ଥୀ, ଉତ୍କଳ-ବୈଷ୍ଣବ ପନ୍ଥୀ, ଅନନ୍ତ ପନ୍ଥୀ, ପୁଷ୍ଟିମାର୍ଗ ପନ୍ଥୀ, ଦଶନାମୀ ପନ୍ଥୀ ଇତ୍ୟାଦି। କେତୋଟି ବିଶିଷ୍ଟ ମଠ ଓ ସେଗୁଡ଼ିକର ପ୍ରତିଷ୍ଠା ଏବଂ ପନ୍ଥା ସହିତ ସଂଯୁକ୍ତ ମହାପୁରୁଷଙ୍କର ନାମ ହେଲା-ଗୋବର୍ଦ୍ଧନ ମଠ-ଶଙ୍କରାଚାର୍ଯ୍ୟ, ଏମାର ମଠ-ରାମାନୁଜ, ବଳଭଦ୍ର ଛତାମଠ-ମାଧବାଚାର୍ଯ୍ୟ, ରାଧାକାନ୍ତ ମଠ-ଚୈତନ୍ୟ, କବୀର ଚଉରା ମଠ-ସନ୍ଥ କବୀର, ନନ୍ଦିନୀ ମଠ-ମୀରାବାଈ, ମଙ୍ଗୁମଠ ଓ ବାଉଲ ମଠ-ନାନକ, ସିଦ୍ଧ ହନୁମାନ ମଠ-ତୁଳସୀ ଦାସ, ଦଶାବତାର ମଠଜୟଦେବ, ସାତଲହଡ଼ି ମଠ



ଓ ଓଡ଼ିଆ ମଠ-ଅତିବଡ଼ୀ ଜଗନ୍ନାଥ ଦାସ, ହରିଦାସ ମଠ-ହରିଦାସ, ରାମଦାସ ମଠ-ରାମଦାସ, ଜଗନ୍ନାଥ ବଲ୍ଲଭ ମଠ-ରାୟ ରାମାନନ୍ଦ ପଟ୍ଟନାୟକ, ଶ୍ରୀନୀଳାଚଳ ଆଶ୍ରମ-ସୀତାରାମ ଦାସ ଓଁକାରନାଥ, ଘୁମୁସର ମଠ-ଉପେନ୍ଦ୍ର ଭଞ୍ଜ, ରାଧାବଲ୍ଲଭ ମଠ-ନିମ୍ବାର୍କ, ମହାପ୍ରଭୁଙ୍କ ବୈଠକ-ବଲ୍ଲଭାଚାର୍ଯ୍ୟ ଇତ୍ୟାଦି।

'ମଠ' ଶବ୍ଦ ସହିତ ଉପସର୍ଗ କିମ୍ବା ପ୍ରତ୍ୟୟ ଭାବେ ଛତା, ଆଖଡ଼ା, ଆସନ, ଛାଉଣୀ ଶବ୍ଦ ବ୍ୟବହୃତ ଥାଇ କେତୋଟି ମଠ ପୁରୀରେ ରହିଛି । ଯଥା-ବଡ଼ଛତା ମଠ, ସାନଛତା ମଠ, ବଡ଼ ଆଖଡ଼ା ମଠ, ସାନ ଆଖଡ଼ା ମଠ, ଛାଉଣୀ ମଠ। ସିଂହଦ୍ୱାରକୁ ଲାଗି ରହିଛି ରାମାନନ୍ଦ ସମ୍ପ୍ରଦାୟର ଛାଉଣୀ ମଠ। ଏହି ମଠ ପୁରୀ ମହାରାଣୀଙ୍କ ଗୁରୁଗାଦି। ଆସନ ରୂପରେ ମଧ୍ୟ କେତୋଟି ଆଶ୍ରମ, ମଠ ଅଛି । ଏହି ନାମରେ ସାତଟି ଗୌଡ଼ୀୟ ମଠ ରହିଥିବା ଜଣାଯାଏ। ଶ୍ରୀମନ୍ଦିରର ମୁଦିରସ୍ତ ବା ମୁଦିରଥ ସେବକଙ୍କର ଦୁଇଟି ମଠ ଥିଲା। ଶ୍ରୀମନ୍ଦିରର ଅନ୍ୟତମ ସେବକ ସୁନା ଗୋସାଇଁଙ୍କର ଦୁଇଟି ମଠ ଏବେ ବି ରହିଛି; ତାହା ହେଲା ସୁନାଗୋସାଇଁ ମଠ ଓ ଦର୍ପନାରାୟଣ ମଠ। କେତେକ ମଠର ମଠାଧୀଶ

ବା ମହନ୍ତ ଆଜୀବନ ଅବିବାହିତ ରହିଥା'ନ୍ତି। ଏପରି ମଠକୁ 'ନିହଙ୍ଗ ମଠ' କୁହାଯାଏ। ମହନ୍ତ ଗୃହସ୍ଥ ଜୀବନଯାପନ କରୁଥିଲେ ଉକ୍ତ ମଠକୁ 'ଗୃହୀମଠ' କୁହାଯାଏ। ଏହା ବ୍ୟତୀତ କେତେକ ମଠର ମାର୍ଫତଦାରଙ୍କୁ ଅଧିକାରୀ କୁହାଯାଏ। ସେପରି ମଠ 'ଅଧିକାରୀ ମଠ' ନାମରେ ପରିଚିତ ହୁଅନ୍ତି।



ପୁରୀ ଶ୍ରୀଜଗନ୍ନାଥମନ୍ଦିର (ପ୍ରଶାସନ) ଅଧିନିୟମ, ୧୯୫୨ ଅଧୀନରେ ପ୍ରସ୍ତୁତ ସ୍ୱତଃଲିପି (Record of Rights) ରେ ଶ୍ରୀମନ୍ଦିରରେ ୧୧୯ ପ୍ରକାର ସେବାର ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ୧୧୯ ନମ୍ବର ସେବା ହେଲା ବ୍ୟକ୍ତିଗତ ବା ଆନୁଷ୍ଠାନିକ ସେବା । ଏହି ସେବା ପାଇଁ କେତେକ ବ୍ୟକ୍ତି ବିଶେଷଙ୍କୁ ଉପସ୍ୱତ୍ୱ ମିଳିଅଛି। ସେମାନେ ଉପଚ଼ାର ଚାମର ସେବା ଓ ମସାଲ ଝାଡୁ ସେବା ଆଲଟ ସେବା କରିପାରିବେ। କେତୋଟି ମଠ ମଧ୍ୟ ଶ୍ରୀମନ୍ଦିରର ନୀତି ସହିତ ସଂପୃକ୍ତ। ସେମାନେ ଦ୍ରବ୍ୟ ଯୋଗାନ୍ତି ଓ କେତେକ ମଠର ମହନ୍ତ ଉପଚ଼ାର ଚାମର ସେବା କରନ୍ତି। କେତେକ ମଠ ଶ୍ରମୀନ୍ଦିରରୁ ଦୈନନ୍ଦିନ ଏବଂ ପର୍ବ ଯାତ୍ରା ଖୋଇ ପିଆନ୍ତି । ଖୋଇ ହେଉଛି ସେବାର ପ୍ରାପ୍ୟ ଭାବରେ ମିଳିଥିବା ଶ୍ରମୀନ୍ଦିରର କୋଠ ଭୋଗରୁ ଅଂଶ । ସୁତରାଂ କେତୋଟି ମଠ ମଧ୍ୟ ଶ୍ରୀମନ୍ଦିରର ଆନୁଷ୍ଠାନିକ ସେବକ ହିସାବରେ ସ୍ୱୀକୃତ । ଓଡ଼ିଶାର ଧର୍ମ ଓ ସଂସ୍କୃତିର ଇତିହାସରେ ଏହି ମଠ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶ୍ରୀମନ୍ଦିରର ଦୈନିକ ଓ ବିଶେଷ ରୀତିରେ ଅଂଶଗ୍ରହଣ କରୁଥିବା କେତୋଟି ମଠ ସମ୍ପର୍କରେ ନିମ୍ନରେ ସଂକ୍ଷେପରେ ଉଲ୍ଲେଖ କରାଯାଇଛି।

## ଶ୍ରୀଜଗନ୍ନାଥ ବଳ ବଲ୍ଲଭ ମଠ

ଶ୍ରୀମନ୍ଦିରର ନୀତି ସହିତ ଏହି ମଠର ନିବିଡ଼ ସମ୍ପର୍କ ରହିଛି। ଏହି ମଠ ଶ୍ରୀଜଗନ୍ନାଥଙ୍କର ପ୍ରମୋଦ ଉଦ୍ୟାନ ଭାବରେ ପରିଗଣିତ। ଏହାର କେହି ମହନ୍ତ ନାହାନ୍ତି। ଏହା ଏକ ଟ୍ରଷ୍ଟବୋର୍ଡ଼ ଦ୍ୱାରା ପରିଚ଼ାଳିତ। ରାଜ୍ୟ ଦେବୋତ୍ତର କମିସନରଙ୍କ ନିୟନ୍ତ୍ରଣାଧୀନ। ଶ୍ରୀମନ୍ଦିରର ବିଜେ ପ୍ରତିମା ମାନଙ୍କର ଏହି ମଠରେ

କେତେକ ବିଶେଷ ତିଥି ଓ ଯାନିଯାତ୍ରାରେ ନୀତି ହୁଏ, ଯଥା- ବସନ୍ତ ପଞ୍ଚମୀ ଦିନ ମଧ୍ୟାହ୍ନ ଧୂପ ଶେଷ ହୋଇ ଚାଚେ଼ରୀ ବେଶ ହେବା ପରେ ଓ ଫାଲଗୁନ ଶୁକ୍ଳପକ୍ଷ ପ୍ରତିପଦା, ଚତୁର୍ଥୀ, ପଞ୍ଚମୀ ଏବଂ ଦ୍ୱାଦଶୀ ତିଥିରେ ମଙ୍ଗଳ ମଙ୍ଗଳ ଆଳତି ପରେ ଶ୍ରମୀନ୍ଦିରରୁ ବିଜେ ପ୍ରତିମା ବେଣ୍ଟ ବା ଶିକାର ପାଇଁ ଏଠାକୁ ବିଜେ କରନ୍ତି। ମଠରେ ଥିବା ବେଣ୍ଟ ପୋଖରୀରେ ଶିକାର ନୀତି ହୁଏ। ଶ୍ରୀମନ୍ଦିରରେ ଦୈନିକ ଅବକାଶ ସମୟରେ ମସାଲ, ବଲ୍ଲଭ ଧୂପ ପାଇଁ ବଲ୍ଲଭ ଓ ବଡ଼ ସିଂହାର ବେଶ ପାଇଁ ତିଳକ, ଝୁମ୍ପା ଏହି ମଠ ଯୋଗାଏ। ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କର 'ବଣଭୋଜି' ବେଶ ପାଇଁ ପିଙ୍ଗଳ କାଳୀୟ ଦଳନ ଓ 'ପ୍ରଳମ୍ବାସୁର ବଧ' ବେଶ ପାଇଁ ଶ୍ରୀହସ୍ତ କୋରା, ଦୟଣା ଚୋରି ନୀତିରେ ଦୟଣା, ବେଣ୍ଟ ପୋଖରୀ ନୀତି ପାଇଁ ପଇଡ଼, ଚନ୍ଦନ ଯାତ୍ରା ଓ ଚାପରେ କର୍ପୂର ଓ ମସାଲ ଯୋଗାଇବା ଏହି ମଠର ଦାୟିତ୍ୱ । ଶ୍ରୀମନ୍ଦିରରୁ ମଠର ମହାବୀରଙ୍କ ପାଇଁ ପ୍ରତିଦିନ ଶ୍ରୀଜୀଉଙ୍କର 'କରପଲ୍ଲବ' ପଠାଯାଏ । ମଠର ଟ୍ରଷ୍ଟିକୁ ଦୟଣା ଚୋରି ନୀତି ପାଇଁ ଖଣ୍ଡୁଆ ବସ୍ତ୍ର ପ୍ରଦାନ କରାଯାଏ । ଧନୁ ମାସରେ 'ପହିଲି ଭୋଗ' ସମୟରେ ଓ କେତେକ ପର୍ବ ଦିନରେ ଶ୍ରୀମନ୍ଦିରର କୋଠ ଭୋଗକୁ ନେଇ ଏହି ମଠକୁ ପ୍ରଦାନ କରାଯାଏ ।

## ରାଘବ ଦାସ ମଠ

ଏହି ମଠ ଦୈନିକ ଶ୍ରୀମନ୍ଦିରରେ ବଲ୍ଲଭ ଭୋଗ ପାଇଁ ଦ୍ରବ୍ୟ ଯୋଗାନ୍ତି। ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ବାଡ଼ ଓ ଦେବୀ ସୁଭଦ୍ରାଙ୍କ ବାଡ଼ରେ ହାତୀ ବେଶର ଉପକରଣ ବା ବେଶ ଦ୍ରବ୍ୟ ଯୋଗାନ୍ତି। ଶ୍ରୀମନ୍ଦିରର ମଣି ବିମାନର ମଣ୍ଡଣି ଓ ତା'ର ମରାମତିର ଦାୟିତ୍ୱ ଏହି ମଠର। ଚନ୍ଦନ ଯାତ୍ରା ବେଳେ ଚନ୍ଦନ ଚକଡ଼ାରେ ଏହି ମଠ ତରଫରୁ ସର୍ବାଙ୍ଗ ନୀତି କରାଯାଏ। ରଥଯାତ୍ରା ଭିତର ଚାର ବନ୍ଧାଯିବା ଯିବା ପାଇଁ ଚଉଦ ଖଣ୍ଡ ଚାରପଟା ଯୋଗାଇବା ଏହି ମଠର ଦାୟିତ୍ୱ। ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା ଓ ନୀଳାଦ୍ରି ବିଜେ ଦିନ ଠାକୁରମାନଙ୍କର ପହଣ୍ଡି ବିଜେ ପାଇଁ ଟାହିଆ ଯୋଗାନ୍ତି। ଖଳିଲାଗି ଏକାଦଶୀ ଦିନ ସର୍ବାଙ୍ଗ ନୀତି ପାଇଁ ଚନ୍ଦନ କାଠ ଯୋଗାନ୍ତି। ପହଣ୍ଡି ବିଜେ ପାଇଁ ତୂରୀ ଦିଅନ୍ତି। ବାହୁଡ଼ାଯାତ୍ରା ପରେ ଦ୍ୱାଦଶୀ ଦିନ ରଥ ଉପରେ ଅଧରପଣା ଭୋଗ କରନ୍ତି। ମକର ସଂକ୍ରାନ୍ତି ପୂର୍ବଦିନ ନବାଙ୍କ ବେଢ଼ା ପାଇଁ ଫୁଲମାଳ ଯୋଗାନ୍ତି। ଜ୍ୟେଷ୍ଠ ଏକାଦଶୀ, ଅକ୍ଷୟ ତୃତୀୟା ଓ ରୁକ୍ମିଣୀ ହରଣ ନୀତିରେ 'ଶୀତଳ ଭୋଗ' କରାନ୍ତି। କାର୍ତ୍ତିକ ମାସରେ 'ବାଳଧୂପ' ଯୋଗାନ୍ତି। ଶ୍ରୀମନ୍ଦିରରୁ ବିଜେ ପ୍ରତିମା

ମାନଙ୍କର ବିଜେ ଦିନ ମାନଙ୍କରେ ଯଥା- କାଳୀୟ ଦଳନ, ରାଧାଷ୍ଟମୀ, ରାମାଭିଷେକ, ରଥଯାତ୍ରା ବେଳେ ଗୁଣ୍ଡିଚାଘରେ ପଂକ୍ତି ଭୋଗ କରନ୍ତି। ଅନବସର ସମୟରେ ଅଣସର ପିଣ୍ଡିରେ ଚକଡ଼ା ଭୋଗ କରାନ୍ତି। ଶ୍ରୀମନ୍ଦିରର ରୋଷ ଘରେ ଏହି ମଠରେ ଚୁଲା ଅଛି। ଜଗନ୍ନାଥଙ୍କ ବିଜେ ପ୍ରତିମା ମଦନମୋହନଙ୍କୁ ପ୍ରାୟ ୧୨୫ ବର୍ଷ ତଳେ ଏହି ମଠ ତରଫରୁ ପ୍ରଦାନ କରାଯାଇଥିଲା। ଶ୍ରମୀନ୍ଦିରର କୋଠ ଭୋଗରୁ ଦୈନିକ ଖୋଇ ଏହି ମଠକୁ ପଠାଯାଏ। ଏହା ବ୍ୟତୀତ କେତେକ ଯାନିଯାତ୍ରା ଦିନ ପାଇଁ ସ୍ୱତନ୍ତ୍ର ଖେଲ ଖଞ୍ଜା ଅଛି। ଏହି ମଠର ମହନ୍ତ ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ 'ଶାଢ଼ି ବନ୍ଧାଇବା' ବିଧି ଅଛି। ସେ ଶ୍ରମନ୍ଦିରରେ ଚାମର ସେବା କରିପାରିବେ। ତାଙ୍କର ମଧ୍ୟ ଆଲଟ ସେବା ଅଛି।

## ବଡ଼ ଓଡ଼ିଆ ମଠ

ଏହି ମଠ ତରଫରୁ ଶ୍ରୀମନ୍ଦିରରେ ବଲ୍ଲଭ ଭୋଗ ପାଇଁ ଭୋଗ ଦ୍ରବ୍ୟ ଯୋଗାଯାଏ। ରତ୍ନ ସିଂହାସନ ଉପରେ ବନ୍ଧା ହେବା ପାଇଁ ପ୍ରତିବର୍ଷ ତ୍ରିମୁଣ୍ଡି ଚାନ୍ଦୁଆ ଓ ଚକା ଅବସର ନୀତି ପାଇଁ ପାଟକନା ଯୋଗାନ୍ତି। କନକ ମୁଣ୍ଡାଇ ତିଆରି କରନ୍ତି। ଫୁଲୁରୀ ଲାଗି ନୀତି ପାଇଁ ପାଞ୍ଚସେର ରାଶିତେଲ ଓ ଦେବ ଦୀପାବଳି ନୀତି ପାଇଁ ତେଲ, ଘିଅ, ଘୁଡ଼ିସରା ଇତ୍ୟାଦି ଯେଗାନ୍ତି। କାର୍ତ୍ତିକ ମାସରେ ଜୟ ବିଜୟ ଦ୍ୱାରରେ ଅଖଣ୍ଡ ଦୀପ ଜଳାନ୍ତି। ଆଶ୍ୱିନ ମାସରେ ସ୍ୱର୍ଣ୍ଣ ପୂଜାରେ ବିମଳା ମନ୍ଦିରରେ ଭୋଗ ପାଇଁ ଚାଉଳ ଯୋଗାନ୍ତି । ନୀଳାଦ୍ରି ବିଜେ ଦିନ ମଠ ତରଫରୁ ରତ୍ନ ସିଂହାସନ ମାଜଣା କରାହୁଏ ଓ ନୀଳଚକ୍ରରେ ଧ୍ୱଜା ବନ୍ଧାଯାଏ। ରତ୍ନ ସିଂହାସନର ମରାମତି ଏହି ମଠର ସେବା ଓ ଦାୟିତ୍ୱ। ବାହୁଡ଼ା ଯାତ୍ରା ପରେ ଦ୍ୱାଦଶୀ ତିଥିରେ ରଥ ଉପରେ ଅଧରପଣା ଭୋଗ କରାନ୍ତି। ଦୈନିକ ଦ୍ୱାରଫିଟା ଓ ମଙ୍ଗଳ ଆଳତି ବେଳେ ମଠ ତରଫରୁ ମଶାଲ ଯୋଗାଇବା ବିଧି ଅଛି। ଅନବସର ସମୟରେ ଚକଟା ଭୋଗ ଓ ଅନବସର ପଞ୍ଚମୀ ଦିନ ରାଶିତେଲ ଯୋଗାନ୍ତି। 'ଆହୁଡ଼ା ବାହୁଡ଼ା' ପନ୍ଥୀ ଓ ଖେଚେଡ଼ି ଭୋଗ ଲଗାନ୍ତି। ଶ୍ରୀମନ୍ଦିରର ରୋଷ ଘରେ ଏହି ମଠର ସ୍ୱତନ୍ତ୍ର ଚୁଲା ଅଛି। ସରଘର ମଧ୍ୟ ଅଛି। ଏହି ମଠ ଶ୍ରମୀନ୍ଦିରରୁ ଦୈନିକ ଏବଂ ପର୍ବଯାତ୍ରା ଖେଇ ପାଆନ୍ତି। ରାଧାଷ୍ଟମୀ ଦିନ ବାଗଲାଗି ଖଣ୍ଡୁଆ ବସ୍ତ୍ର ପାଆନ୍ତି। ମଠର ମହନ୍ତ ଶାଢ଼ି ବନ୍ଧାଇ ଉପଚ଼ାର ଚାମର ବେଶ କରିପାରିବେ। ଏହି ମଠ ରାଜ୍ୟ ଦେବୋତ୍ତର କମିସନରଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ପରିଚ଼ାଳିତ।

## ଶ୍ରୀରାମ ଦାସ (ଦକ୍ଷିଣ ପାର୍ଶ୍ୱ) ମଠ

ଶାଢ଼ି ବନ୍ଧାଇଲେ ମଠର ମହନ୍ତ ଶ୍ରମୀନ୍ଦିରରେ ଚାମର ଓ ଆଲଟ ସେବା କିରିପାରିବେ। ବଡ଼ସିଂହାର ବେଶ ପାଇଁ ଫୁଲରେ ତିଆରି କରପଲ୍ଲବ, ତଡ଼ପ 'ସ୍ନାନପାଦୁକ', ଘଣ୍ଟ ଓ କାହାଳି ସହିତ ଏହି ମଠକୁ ପଠାଯାଏ। ଦିଅଁ ବିଜେ (ବାହାର ବିଜେ)ରେ ମଠ ତରଫରୁ ପନ୍ତି ଭୋଗ ହୁଏ। ମଠର ମହନ୍ତ ମୁକ୍ତିମଣ୍ଡପରେ ବସିପାରିବେ।

## ଗୋବର୍ଦ୍ଧନ ମଠ

ମଠର ଅନ୍ୟ ନାମ ଗୋବର୍ଦ୍ଧନ ମଠ। ଏଠାରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ରହନ୍ତି। ସେ ମଠର ମୁଖ୍ୟ ଓ ମୁକ୍ତିମଣ୍ଡପର ସ୍ଥାୟୀ ସଭାପତି। ସେ ଶ୍ରୀମନ୍ଦିରକୁ ଧାରଣ କରି ପ୍ରବେଶ କରିପାରିବେ। ଶ୍ରମୀନ୍ଦିର ଭିତରେ ଆସନ ପକାଇ ବସିପାରିବେ। ଶ୍ରୀମନ୍ଦିରର ରୀତିନୀତି ଉପରେ ସେ ମତ ବା ପରାମର୍ଶ ଦିଅନ୍ତି। ଏ ବିଷୟରେ ସମସ୍ୟା ଉପୁଜିଲେ ତାଙ୍କୁ ପଚାରିବା ବିଧି ଅଛି। ପୂର୍ବେ ଶଙ୍କରାଚାର୍ଯ୍ୟ ଶ୍ରମୀନ୍ଦିରର ପୂଜାପଣ୍ଡା ମାନଙ୍କୁ ପୂଜା ଜ୍ଞାନ ସମ୍ପର୍କରେ ପରୀକ୍ଷା କରି ସାର୍ଟିଫିକେଟ୍ ଦେଉଥିଲେ। ଏହା ପାଇବା ପରେ ସେମାନେ ପୂଜାକରି ପାରୁଥିଲେ।

## ବଡ଼ଛତା ମଠ

ମଠ ତରଫରୁ ମଙ୍ଗଳ ଆରତି ଓ ପହୁଡ଼ ଆରତିରେ କୀର୍ତ୍ତନ କରାଯାଏ। ବାଲଧୂପ, ଚନ୍ଦନ ଯାତ୍ରା ଓ ଦୋଳ ଯାତ୍ରାରେ ମଧ କୀର୍ତ୍ତନ କରାଯିବା ବିଧି ଅଛି। ମଠ ତରଫରୁ ଶ୍ରୀମନ୍ଦିରରେ ତିନି ଦିଅଁଙ୍କର ପଦ୍ମବେଶ କରାଯାଏ। ମାଘ ଅମାବାସ୍ୟା ଠାରୁ ବସନ୍ତ ପଞ୍ଚମୀ ମଧରେ ଶନିବାର କିମ୍ବା ବୁଧବାର ଏହି ବେଶ ହୁଏ। ମଠ ତରଫରୁ ଦିଅଁଙ୍କୁ କ୍ଷୀରି ଭୋଗ କରାଯାଏ।

## ରାଧାକାନ୍ତ ମଠ

ମଠର ମହନ୍ତ ଶାଢ଼ି ବନ୍ଧାଇବା ପରେ ଶ୍ରୀମନ୍ଦିରରେ ଉପଚାର ଚାମର ସେବା କରିପାରିବେ। ଶ୍ରୀମନ୍ଦିରରେ ମଠ ତରଫରୁ କୀର୍ତ୍ତନ କରାଯାଇ ପାରିବ। ଗୁଣ୍ଡିଚା ମନ୍ଦିରର ଭିତର ଓ ବାହାର ବେଢ଼ା ଏହି ମଠ ପରିଷ୍କାର କରାନ୍ତି। କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଅଖଣ୍ଡ ଦୀପ ଜଳାନ୍ତି। ଶ୍ରମୀନ୍ଦିରର ରୋଷ ଘରେ ମଠର ଚୁଲା ଅଛି। ଶ୍ରମୀନ୍ଦିରର କୋଠ ଭୋଗରୁ ଦୈନିକ ଖୋଇ ପାଆନ୍ତି।

## ତ୍ରିମାଳୀ ମଠ

ମଠରେ ମହନ୍ତ ଶାଢ଼ି ବନ୍ଧାଇ ଉପଚ଼ାର ଚାମର ଓ ଆଲଟ ସେବା କରିପାରିବେ। ଶ୍ରୀମନ୍ଦିରରେ ଅବକାଶ ନୀତି ପାଇଁ ଦିହୁଡ଼ି ଯୋଗାନ୍ତି।

## ଚାଉଳିଆ ମଠ

ଏହି ମଠ ଏବେ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ପରିଚ଼ାଳିତ। କେହି ମହନ୍ତ ନାହାନ୍ତି। ପୂର୍ବେ ମହନ୍ତ ଉପଚ଼ାର ଚାମର ସେବା କରୁଥିଲେ। ଠାକୁରଙ୍କ ପାଇଁ ଚାଉଳିଆ ଫଳ ଯୋଗାଉଥିଲେ।

## ଶଙ୍କରାନନ୍ଦ ମଠ

ମହନ୍ତଙ୍କର କେତେକ ବ୍ୟକ୍ତିଗତ ସେବା ଅଧିକାର ଅଛି। ଏହି ମଠର ମହନ୍ତ ଶ୍ରୀଲୋକନାଥ ମନ୍ଦିରର ମ୍ୟାନେଜର ଦାୟିତ୍ୱରେ ଥିଲେ। ଶ୍ରୀମନ୍ଦିରରେ ମଠର ଚୁଲା ଓ ସରଘର ଅଛି । ମଠକୁ ଶ୍ରୀମନ୍ଦିରରୁ ଖୋଇ ଖଞ୍ଜା ଅଛି। ମଠର ସ୍ୱାମୀ ବା ମହନ୍ତ ଦଣ୍ଡଧରି ଶ୍ରମୀନ୍ଦିରକୁ ଯାଇପାରିବେ ଓ ବେଢ଼ାରେ ଆସନ ପକାଇ ବସିପାରିବେ। ମୁକ୍ତିମଣ୍ଡପରେ ମଧ୍ୟ ବସିପାରିବେ। ଭୁବନେଶ୍ୱରରେ ଏହି ମଠର ଶାଖା ଅଛି।

## ଗଙ୍ଗାମାତା ମଠ

ମଠ ମହନ୍ତ ଅଣସର ପିଣ୍ଡିରେ ଉପଚ଼ାର ଚାମର ସେବା ଓ ଆଲଟ ସେବା କରିପାରିବେ। କାର୍ତ୍ତିକ ମାସରେ ଶ୍ରମୀନ୍ଦିରରେ ବାଲଭୋଗ କରାନ୍ତି। ଦୈନିକ ପର୍ବପର୍ବାଣି ପାଳନ କରନ୍ତି।

**ରାଧାବଲ୍ଲଭ ମଠ:** ମହନ୍ତ ଉପଚ଼ାର ଚାମର ସେବା କରିପାରିବେ। ମଶାଲ ନେଇପାରିବେ।

**ଏକାଦଶୀ ଦିନ ଲବଣଖିଆ ମଠ:** ଭାଦ୍ରବ ମାସରେ କାଳୀୟଦଳନ ଏକାଦଶୀ ଦିନ ବିଜେ ପ୍ରତିମା ମଦନମୋହନ ଏହି ମଠକୁ ବିଜେ କରନ୍ତି। ସେଠାରେ ପନ୍ତି ଭୋଗ ହୁଏ ।

**ଛାଉଣୀ ମଠ :** ମହନ୍ତଙ୍କର ଚାମର ଓ ଆଲଟ ସେବା ଅଛି । ବିଜୟା ଦଶମୀରେ ନୀଳଚ଼କ୍ରରେ ଏକ ବଡ଼ ପତାକା ବିଧି ଥିଲେ ମଧ୍ୟ ଏବେ କରୁନାହାନ୍ତି।

**ଉତ୍ତରପାର୍ଶ୍ୱ ମଠ :** ମହନ୍ତ ଶାଢ଼ି ବନ୍ଧାଇବା ପରେ 'ସୁନାବେଷ୍ଟ ଚାମର ସେବା'

କରିପାରିବେ। ଆଲଟ ସେବା କରନ୍ତି, ଅଖଣ୍ଡ ଦୀପ ଜଳାନ୍ତି। ପୂର୍ବେ ମୋହନ ଭୋଗ' କରାଉଥିଲେ, ଏବେ କରୁନାହାନ୍ତି। ଶ୍ରୀମନ୍ଦିର ରୋଷଘରେ ଚୁଲା ଓ ସରଘର ଅଛି।

## ମହାପ୍ରକାଶ ମଠ

ଅନବସର ସମୟରେ ଚକଟା ଭୋଗ କରନ୍ତି। ଅବକାଶ ନୀତି ପାଇଁ ଦାନ୍ତକାଠି ଯୋଗାନ୍ତି। ଠାକୁର ମାନଙ୍କ ଫୁଲ ଓ ବସ୍ତ୍ର ରଖିବା ପାଇଁ ବାଉଁଶ ତିଆରି ବଡ଼ ତାଟ ଯୋଗାଇବା ବିଧି ଅଛି। ଏହି ମଠର ମହନ୍ତ (ସ୍ୱାମୀ) ଦଣ୍ଡ ଧରି ଶ୍ରୀମନ୍ଦିରକୁ ଯାଇପାରିବେ ଓ ଆସନ ପକାଇ ବସିପାରିବେ। ଦୈନିକ ଶ୍ରୀମନ୍ଦିର କୋଠ ଭୋଗରୁ ଖୋଇ ଖଞ୍ଜା ଅଛି।

## ସୁନା ଗୋସ୍ୱାମୀ ଓ ଦର୍ପନାରାୟଣ ମଠ

ମଠର ଅଧିକାରଙ୍କର ଶ୍ରୀମନ୍ଦିରରେ ଚାମର ଓ ଆଲଟ ସେବା ଅଛି। ଦୈନିକ ଫୁଲ ଗୁନ୍ଥାଇ ଯୋଗାନ୍ତି। ଚନ୍ଦନ ଯାତ୍ରା (୪୨ ଦିନ) ସମୟରେ ପ୍ରତ୍ୟେକ ଦିନ ଫୁଲର ଅଳକା ଓ ଚଉସରା ଯୋଗାନ୍ତି । ବନକ ଲାଗି ସମୟରେ ପ୍ରତ୍ୟେକ ଦିନ ଫୁଲ ଅଳକା ଓ ଚଉସରା ଯୋଗାନ୍ତି। ବନକ ଲାଗି ସମୟରେ ରତ୍ନବେଦୀ ମାର୍ଜନା କରାନ୍ତି। ସ୍ନାନ ପୂର୍ଣ୍ଣିମାରେ ଜଳ ଅଧିବାସ କରାନ୍ତି। ଅନବସର ବେଳେ ଦ୍ୱିପ୍ରହର ଧୂପରେ ମଇଲମ ଭୋଗ (ଧୁଆମୁଗ ଓ ନଡ଼ିଆଖଣ୍ଡ) ଯୋଗାନ୍ତି। ଅଗ୍ନି ଉତ୍ସବ ନୀତିରେ ଦୋଳଗୋବିନ୍ଦ ଠାକୁରଙ୍କ ପଂକ୍ତିଭୋଗ କରାନ୍ତି। ଶ୍ରୀମନ୍ଦିରର କୋଠ ଭୋଗରୁ ଦୈନିକ ଓ ପର୍ବଯାତ୍ରା ଖୋଇ ପାଆନ୍ତି। ସୁନା ଗୋସାଇଁ, ଶ୍ରମୀନ୍ଦିରର ଅନେକ ସେବକଙ୍କ ଦୀକ୍ଷା ଗୁରୁ।

**ସାନଛତା ମଠ, ନୁଆ ମଠ:** ମହନ୍ତମାନେ ଚାମର ସେବା କରିପାରିବେ।

ଉପର ବର୍ଣ୍ଣିତ କେତୋଟି ମଠ ସହିତ ନିମ୍ନଲିଖିତ ମଠ ତରଫରୁ ଠାକୁର ମାନଙ୍କର ପଂକ୍ତି ଭୋଗ କରାଯାଏ; ଜଟିଆ ବାବାଜୀ ମଠ, ଚିକିଟି ମଠ, କୋଠ ଭୋଗ ମଠ, ସଂକ୍ରାନ୍ତି ମଠ, କେନ୍ଦୁଝର ମଠ, ସୁନାର ଗୌରାଙ୍ଗ ମଠ, ଅଉଲା ମଠ, ଘୁମୁଷର ମଠ, ଖଡ଼ିଖୁଆ ମଠ, ନାଗା ମଠ, ଗୌରୀ ମଠ, ଦର୍ପଣୀ ମଠ ଇତ୍ୟାଦି।

**ଝାଞ୍ଜପିଟା ମଠ :** ଏହି ମଠ ତରଫରୁ ଶ୍ରୀମନ୍ଦିର ଭିତର ବେଢ଼ାର ଉତ୍ତର ଦ୍ୱାର ନିକଟସ୍ଥ ଗୌରାଙ୍ଗ ମହାପ୍ରଭୁଙ୍କ ପାଦପଦ୍ମ ସେବା କରାଯାଏ। ମଠର ବାବାଜୀ ପ୍ରତ୍ୟହ ପାଦପଦ୍ମରେ ପାଣି ଦିଅନ୍ତି । ଏହି ମଠର ନାମକରଣରୁ ସନ୍ଦେହ ହୁଏ

ଯେ, ବୋଧହୁଏ ପୂର୍ବେ ଶ୍ରୀମନ୍ଦିରରେ ବିଭିନ୍ନ ଧୂପରେ ଟେରା ପଡ଼ିଲେ ଏହି ମଠ ଝାଞ୍ଜପିଟା କରାଉଥିଲେ। ଶ୍ରୀଜଗନ୍ନାଥ ମନ୍ଦିରର ସତ୍ୱ ଲିପି (ରେକର୍ଡ ଅଫ୍ ରାଇଟସ୍)ରେ ଉଲ୍ଲେଖ ଅଛି ଯେ, ଝାଡୁମଠ ସବୁ ଧୂପରେ ଝାଞ୍ଜପିଟା କରାଯାଏ। କୁଣ୍ଡଳ ଓ ଦୈନିକ ବଲ୍ଲଭ ଏହି ମଠ ଯୋଗାନ୍ତି। କାର୍ତ୍ତିକ ମାସରେ ବାଳ ଭୋଗ କରାନ୍ତି । ମନ୍ଦିରରେ ମଠର ସରଘର ଓ ଚୂଲା ଅଛି। ପୂର୍ବେ ରଥକାଠ ଆଣିବା ପାଇଁ ଶଗଡ଼ ଯୋଗାଉଥିଲେ। ଶ୍ରୀଜଗନ୍ନାଥଙ୍କ ଗୋପାଳବଲ୍ଲଭ ଭୋଗରୁ ଏକ ଓଳି ଖେଇ ଏହି ମଠ ପାଇଁ ଖଞ୍ଜା ଅଛି।



**ଏମାର ମଠ :** ମହନ୍ତ ଶାଢ଼ି ବନ୍ଧାଇବା ପରେ )ରେ ଶ୍ରୀମନ୍ଦିରରେ ଚାମର ଓ ଆଲଟି ସେବା' କରିପାରିବେ। ଶ୍ରୀମନ୍ଦିରରେ ବଲ୍ଲଭ ଭୋଗ ପାଇଁ ଏହି ମଠ ଦ୍ରବ୍ୟ ଯୋଗାନ୍ତି। ବଡ଼ସିଂହାର ବେଶ ପାଇଁ ଫୁଲର ଚନ୍ଦ୍ରିକା ଓ ଚଉସରା ମାଳ ଯୋଗାଇଥା'ନ୍ତି। ମସାଲ ମଧ ଜଳାନ୍ତି। ଅନବସର ସମୟରେ 'ଚକଟା ଭୋଗ' ଓ କାର୍ତ୍ତିକ ମାସରେ 'ବାଳଭୋଗ' କରାନ୍ତି। ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ସମୟରେ ଫୁଲ ଓ ଚନ୍ଦନ ଯୋଗାଇବା ବା ଏହି ମଠର ଦାୟିତ୍ୱ। ଚନ୍ଦନ ଯାତ୍ରାରେ ପଣାଭୋଗ କରାନ୍ତି। ନବାଙ୍କ ନୀତି ପାଇଁ ମାଳ ଓ ଚୂଳ ଯୋଗାନ୍ତି। ଦିଅଁ ବିଜେ ବେଳେ ପଂକ୍ତି ଭୋଗ କରାନ୍ତି। ବର୍ତ୍ତମାନ ଅନେକ ସେବା ମଠ ତରଫରୁ କରାଯାଉନାହିଁ। ଶ୍ରୀମନ୍ଦିରର କୋଠ ଭୋଗରୁ ଏହି ମଠ ପାଇଁ ଖେଇ ଖଞ୍ଜା ଅଛି।



**ଗୋପାଳ ତୀର୍ଥ ମଠ :** ଦେବ ସ୍ନାନ ଦିନ ସ୍ନାନବେଦୀରେ ଶ୍ରୀ ବଳଭଦ୍ରଙ୍କର ହାତୀବେଶ ସାମଗ୍ରୀ ଯୋଗାନ୍ତି। ମକରସଂକ୍ରାନ୍ତି ଦିନ ମକର ଚାଉଳ ଏହି ମଠ ଯୋଗାନ୍ତି।

**ଝାଡୁ ମଠ:** ଜଗମୋହନରେ ପ୍ରତ୍ୟହ ଝାଡୁ କରାନ୍ତି। ପୂର୍ବେ ଏହି ମଠ ଶ୍ରୀମନ୍ଦିରରେ ସବୁ ଧୂପ ବେଳେ ଟେରା ପଡ଼ିଲେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଝାଞ୍ଜ ବଜାଉଥିଲେ।

**ପାପୁଡ଼ିଆ ମଠ :** ମହନ୍ତଙ୍କର ଆଲଟ ଚାମର ସେବା ଅଛି । ଦୈନିକ ବଲ୍ଲଭ ଧୂପରେ ପାପୁଡ଼ି ଭୋଗ କରିବା ବିଧି ଅଛି ।

**ଆଚାରୀ ମଠ :** ମଠ ମହନ୍ତମାନଙ୍କର ଚାମର ସେବା ଅଧିକାର ଅଛି। ବିଜେ ପ୍ରତିମା ମାନଙ୍କର ପଂକ୍ତି ଭୋଗ କରାନ୍ତି। ପୂର୍ବେ ମୃତ ମଣୋହିଁ ଭୋଗ କରାଉଥିଲେ।

**ନେବଲ ଦାସ ମଠ:** ମହନ୍ତ ଚାମର ସେବା କରିପାରିବେ। ବିଜେ ପ୍ରତିମା ମାନଙ୍କର ପଂକ୍ତି ଭୋଗ କରାନ୍ତି । ଅମୃତ ମଣୋହି ଭୋଗ କରାଇ ବ୍ରାହ୍ମଣ ପଣ୍ଡିତ ମାନଙ୍କ ଖଇରାତ (ବଣ୍ଟନ) କରାନ୍ତି।

**ଦେବଗିରି ମଠ :** ମଠର ମହନ୍ତ ଅମୃତ ମଣୋହି ଭୋଗ କରାଇ ଖଇରାତ କରାନ୍ତି।

**ପିପିଲି ସଦାବର୍ତ୍ତ ମଠ :** ମହନ୍ତଙ୍କର ଚାମର ସେବା ଅଛି। ମହାପ୍ରସାଦ ସଦାବର୍ତ୍ତ କରୁଥିଲେ; ଏବେ କରାଉନାହାନ୍ତି। ସମାଧି ମଠ, ରାମଜୀ ମଠ, ହେମତାରକ ମହେଶ୍ୱରାନନ୍ଦ ମଠ, ମଧୁସୂଦନ ଦାସ ମଠ, କଣାସ ମଠ, ହରିଡ଼ା ଖଣ୍ଡି ମଠ, ଦିଲ୍ଲୀ ବାଳକ ରାମଦାସ ମଠ, ଅଷ୍ଟଗ୍ରାସୀ ମଠ, କୌଶଲ୍ୟା ମଠ, ନିରାଲମ୍ବୀ ଆଖଡ଼ା ମଠରେ ମହନ୍ତ ମାନେ ଚାମର ସେବା ଓ ଅମୃତ ମଣୋହି ଭୋଗ କରିବା କଥା କିନ୍ତୁ ଏବେ କରୁନାହାନ୍ତି। ଦିଲ୍ଲୀ ବାଳକ ରାମ ଦାସ ମଠର କେହି ମହନ୍ତ ନାହାନ୍ତି। ଏହି ଶ୍ରୀମନ୍ଦିର ପ୍ରଶାସନର ପ୍ରଦତ୍ତ ସମ୍ପତ୍ତି।

ରାମଚ଼ନ୍ଦ୍ର ବ୍ରହ୍ମଚ଼ାରୀ ମଠ, ବଳରାମ କୋଟ ମଠ, ସୁନ୍ଦରଦାସ ମଠ, ବଡ଼ ସନ୍ଥ ମଠ, ସିଦ୍ଧ ବକୁଳ ମଠ, ମହାନନ୍ଦ ବନଗୋସ୍ୱାମୀ ମଠ ମହନ୍ତମାନେ ଚାମର ସେବା କରିବା କଥା; କିନ୍ତୁ କରୁନାହାନ୍ତି। ଜମି ଖଞ୍ଜା ଥିଲେ ମଧ ଅମୃତ ମଣୋହି ଓ ସଦାବର୍ତ୍ତ କରୁନାହାନ୍ତି।



## ଗଜପତି ମହାରାଜା

## ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଦିବ୍ୟ ଜୀବନ

ଗଜପତି ମହାରାଜା ବୀରକିଶୋର ଦେବ ଓ ମହାରାଣୀ ସୂର୍ଯ୍ୟମଣି ପାଟମହାଦେଇଙ୍କ କୋଳରେ ଫେବୃଆରୀ ମାସ ୬ ତାରିଖ, ୧୯୫୩ ମସିହାରେ ପୁତ୍ର ସନ୍ତାନଟିଏ ଜନ୍ମହେଲେ। ତାଙ୍କର ନାମ ରଖାଗଲା କାମାର୍ଣ୍ଣବ ଦେବ। ତାଙ୍କ ଜନ୍ମ ସମୟର ସୁନ୍ଦର କଥାଟିଏ ଲେଖିଛନ୍ତି ଡାକ୍ତର ଶ୍ରୀମତୀ ବୀଣା ଦେଇ। ମହାରାଣୀଙ୍କ ସନ୍ତାନ ଜନ୍ମ ସମୟର ଚିକିତ୍ସା କରିବା ଦାୟିତ୍ୱ ଡାକ୍ତର ବୀଣା ଦେଇ ନେଇଥିଲେ। କାମାର୍ଣ୍ଣବ ଦେବଙ୍କ ଜନ୍ମ ସମୟର କଥାଟି ସେ ଏହିପରି ଲେଖିଛନ୍ତି, ରାଜ ଉଆସର ପ୍ରଥା ଅନୁଯାୟୀ ନବଜନ୍ମିତ ଶିଶୁର ନାଭି ଗୋଟିଏ ଧାରୁଆ ସ୍ୱର୍ଣ୍ଣ ନିର୍ମିତ ମୁଦ୍ରାରେ କଟା ଯାଉଥିଲା ଏବଂ ସେହି କାମଟି ଜଣେ ଧାଈ କରୁଥିଲେ କିନ୍ତୁ ଡାକ୍ତର ବୀଣା ଦେଇ ରାଣୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିରୁ ସ୍ୱର୍ଣ୍ଣ ମୁଦ୍ରାରେ ନାଭି କାଟିବାପାଇଁ ବାରଣ କରି କେବଳ ମୁଦ୍ରାଟିକୁ ନାଭିରେ ଛୁଆଁଇ ଦେଇଥିଲେ ଏବଂ ନିଜେ ଅନ୍ୟ ଯୋଗ୍ୟ ଯନ୍ତ୍ରରେ କାଟିଥିଲେ।

ଧାଈ ନାଭି କାଟି ସାରିଲା ପରେ ଧାଈଙ୍କୁ ସେହି ସ୍ୱର୍ଣ୍ଣ ମୁଦ୍ରାଟି ଉପହାର ହିସାବରେ ଦିଆଯାଉଥିଲା। ଏହାହିଁ ରାଜ ଉଆସର ପ୍ରଥା ଥିଲା। ସେଦିନ ମଧ୍ୟ ଧାଈ ସ୍ୱର୍ଣ୍ଣ ମୁଦ୍ରାଟି ନେଇଥିଲେ। ଶିଶୁ ରାଜକୁମାର କାମାର୍ଣ୍ଣବ ଦେବ କ୍ରମେ ବଡ଼ହେଲେ। ୧୯୫୭ ମସିହା ଅର୍ଥାତ୍ ଚାରିବର୍ଷ ବୟସରେ ପାଠପଢ଼ା ଆରମ୍ଭ କଲେ। ପୁରୀ କନଭେଣ୍ଟ୍ ସ୍କୁଲରେ ତିନିବର୍ଷ ପାଠ ପଢ଼ିଲେ। ତା'ପରେ ମଧ୍ୟପ୍ରଦେଶରେ ଥିବା ଛତିଶଗଡ଼ର 'ରାଜକୁମାର କଲେଜ୍ ଅଫ୍ ରାୟପୁର'କୁ ଚାଲିଗଲେ।

ସେଠାରେ ପଢ଼ିବା ବେଳେ ତାଙ୍କର ଭଲ ଗୁଣ ଗୁଡ଼ିକ ବିକଶିତ ହେବାକୁ ଲାଗିଲା। ସଙ୍ଗୀତ, ଖେଳ, ପଢ଼ାପଢ଼ି ପ୍ରତି ଆଗ୍ରହୀ ହେଲେ। ତାଙ୍କର ପିତା ଗଜପତି ମହାରାଜା ବୀରକିଶୋର ଦେବ ମଧ୍ୟ ଅନେକ ଗୁଣର ଅଧିକାରୀ ଥିଲେ। ଉଡ଼ାଜାହାଜ ଚଳାଇବାରେ ତାଙ୍କର ପ୍ରମୁଖ ଆଗ୍ରହ ଥିଲା। ସେଥିପାଇଁ ସେ ଭୁବନେଶ୍ୱର ଫ୍ଲାଇଂ କ୍ଲବରେ ଯୋଗ ଦେଇଥିଲେ।

ଜଣେ ଜାତୀୟ ସ୍ତରର ଫୁଟବଲ ଖେଳାଳୀ ଥିଲେ। ମୋହନବାଗାନ୍ ଫୁଟବଲ୍ କ୍ଲବ୍ ଅଫ୍ କଲିକତା ତରଫରୁ ପ୍ରତିଯୋଗିତା ମାନଙ୍କରେ ଖେଳିଛନ୍ତି। ଓଡ଼ିଶାରେ ଫୁଟବଲ୍‌ର ପ୍ରସାର ପାଇଁ ନିରନ୍ତର କାମ କରୁଥିଲେ। ତାଙ୍କ ନେତୃତ୍ୱରେ ପୁରୀ ଫୁଟବଲ୍ ଟିମ୍ ଖୁବ୍ ସୁନାମ ଅର୍ଜନ କରିଥିଲା। ସେ ଜଣେ ଦକ୍ଷ ଅଶ୍ୱ ଚାଳକ ଥିଲେ। କଲିକତା ଟର୍ଫ୍ କ୍ଲବର ଦୌଡ଼ରେ ଅଂଶଗ୍ରହଣ କରୁଥିଲେ। ଲନ୍ ଟେନିସ୍ ଖେଳରେ ମଧ୍ୟ ତାଙ୍କର ଦକ୍ଷତା ଥିଲା। ଏତେ ଗୁଡ଼ାଏ ଚଳ ଚଞ୍ଚଳ ଆଗ୍ରହ ଭିତରେ ସଙ୍ଗୀତ ପ୍ରତି ତାଙ୍କର ଆଗ୍ରହ ଥିଲା ଏବଂ ସେ ଜଣେ ଉଚ୍ଚକୋଟୀର ଚିତ୍ରକର ମଧ୍ୟ ଥିଲେ।

ଏପରି ଜଣେ ପିତାଙ୍କର ପୁତ୍ର ରାଜକୁମାର କାମାର୍ଣ୍ଣବ ଦେବ କେମିତି ଜଣେ ସାଧାରଣ ରାଜକୁମାର ହୋଇ ରହିପାରିବେ। ପିତାଙ୍କ ଠାରୁ ଉତ୍ସାହ ପାଇ ସେହି ବାଳକ ବୟସରୁ ଫୁଟବଲ୍ ଖେଳିବାକୁ ଆରମ୍ଭ କରିଦେଲେ। ସଙ୍ଗୀତ ପ୍ରତି ଆଗ୍ରହୀ ହୋଇ ଭାୟୋଲିନ୍ ବଜାଇବା ଶିଖିଲେ। ନିୟମିତ ଟେନିସ୍ ଖେଳିଲେ।

୧୯୬୮ ମସିହା ପର୍ଯ୍ୟନ୍ତ ରାଜକୁମାର କଲେଜରେ ପଢ଼ିଲା ପରେ ଦିଲ୍ଲୀର ସେଣ୍ଟ୍ ଷ୍ଟିଫେନ୍ସ କଲେଜକୁ ଚାଲିଗଲେ। ସେଇଠି ପଢୁଥିବା ବେଳେ ଜୁଲାଇ ୭ ତାରିଖ, ୧୯୭୦ ମସିହାରେ ତାଙ୍କର ଅଭିଷେକ କରାଗଲା। କାମାର୍ଣ୍ଣବ ନାମ ବଦଳି ସେ ହେଲେ ଗଜପତି ଦିବ୍ୟସିଂହ। କିନ୍ତୁ ସେଣ୍ଟ୍ ଷ୍ଟିଫେନ୍ସ କଲେଜର ଛାତ୍ର ହିସାବରେ ତାଙ୍କ ନାମ କାମାର୍ଣ୍ଣବ ଦେବ ରହିଥିଲା।

ସେଠାରେ ଚାରିବର୍ଷ ପଢ଼ିଲାପରେ ଆଇନ୍ ପଢ଼ିବାପାଇଁ ଦିଲ୍ଲୀ ୟୁନିଭରସିଟିରେ ନାମ ଲେଖାଇଲେ। ୧୯୭୫ ମସିହାରେ ଏଲ. ଏଲ. ବି. ଡିଗ୍ରୀ ଗ୍ରହଣ କରି ସେଠାରୁ ଆସିଲେ।

ପାରିବାରିକ ପ୍ରଥା ଅନୁଯାୟୀ ଏହି ସମସ୍ତ ମଧ୍ୟରେ ଗଜପତି ଦିବ୍ୟସିଂହ ଦେବ ଆଧ୍ୟାତ୍ମିକ ଦୀକ୍ଷା ଗ୍ରହଣ କରି ସାରିଥିଲେ। ସାନଛତା ମଠର ମହନ୍ତ

ମହାରାଜ ପୂଜ୍ୟ ଗୁରୁଦେବ ଗଙ୍ଗାଦାସଜୀ ମହାରାଜ ଦୀକ୍ଷା ପ୍ରଦାନ କରିଥିଲେ। କିନ୍ତୁ ଅନୁକୂଳ ପରିବେଶ ଅଭାବରୁ ଆଧ୍ୟାତ୍ମିକ ଜ୍ଞାନର ବୀଜ ଅଙ୍କୁରିତ ନହୋଇ ଏକ ପ୍ରକାରର ଚାପ ଭିତରେ ରହିଗଲା।

ଗଜପତି ଦିବ୍ୟସିଂହ ଦେବଙ୍କ ଅଭିଷେକ ହେବା, ପିତାଙ୍କ ଦେହାନ୍ତ ହେବା, ମନ୍ଦିରର ମୁଖ୍ୟ ସେବକର ଦାୟିତ୍ୱ ରୂପରେ ବ୍ରତୋପନୟନ ଓ ଶାଢ଼ୀବନ୍ଧା ପରି କାର୍ଯ୍ୟ ସମୟରେ ମଧ୍ୟ ସେ ଏଥିପ୍ରତି ଆଗ୍ରହୀ ହୋଇ ପାରିନଥିଲେ।

ଦିଲ୍ଲୀ ୟୁନିଭରସିଟିର ଲ' ଡିଗ୍ରୀ ହାସଲ କଲାପରେ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ପାଇଁ ସେ ଆମେରିକାର ଚିକାଗୋ ସହରରେ ଥିବା 'ସ୍କୁଲ୍ ଅଫ୍ ଲ' ଅଫ୍ ଫେମସ୍ ନର୍ଥ ୱେଷ୍ଟର୍ଣ୍ଣ ୟୁନିଭରସିଟି'ରେ ଯୋଗ ଦେଲେ। ସେଠାରୁ ଏଲ୍. ଏଲ୍. ଏମ୍. ଡିଗ୍ରୀ ନେଇ ଫେରିଲେ।

ଏହାପରେ ଆଉ ପାଠ ପଢ଼ିବେ ବା ଆଉକିଛି କରିବେ ସେ ବିଷୟରେ ଯୋଜନା ଓ ଚିନ୍ତାମାନ କରିବାକୁ ଲାଗିଲେ। ତାଙ୍କ ଜୀବନ ଦୁଇଟି ପରସ୍ପର ବିରୋଧୀ ଦିଗକୁ ପ୍ରସାରିତ ହୋଇ ରହିଥିଲା। ପ୍ରଥମଟି ହେଲା ପ୍ରଭୁ ଜଗନ୍ନାଥଙ୍କ ପ୍ରଧାନ ସେବକ ହିସାବରେ ବର୍ଷସାରା ସେଥିପ୍ରତି ଧ୍ୟାନ ଦେବା ଓ ଗୁରୁପ୍ରଦତ୍ତ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବା।

ଦ୍ୱିତୀୟଟି ହେଲା ପାଶ୍ଚାତ୍ୟ ଡିଗ୍ରୀ ସହିତ ଆଇନ ବୃତ୍ତିରେ ମନୋନିବେଶ କରି ସହଜ ଜୀବନଯାପନ କରିବା।

ଏଇଭଳି ସମୟରେ ଜଣେ କନିଷ୍ଠ ଆଇନଜ୍ଞ ଭାବରେ ସୁପ୍ରିମକୋର୍ଟ ଓ ଦିଲ୍ଲୀ ହାଇକୋର୍ଟରେ କାମ କରିବାପାଇଁ ତାଙ୍କୁ ସୁଯୋଗ ମିଳିଗଲା। ସେଠାକୁ ଯାଇ ଅଶୋକ ସେନ୍ (ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳର ଆଇନ ମନ୍ତ୍ରୀ), ବି. ଏନ୍. କ୍ରିପାଲ୍ (ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ), ଅମୋଲ୍ କୁମାର ଗାଙ୍ଗୁଲୀ (ସୁପ୍ରିମକୋର୍ଟର ବରିଷ୍ଠ ଓକିଲ) ଙ୍କ କନିଷ୍ଠ ରୂପରେ କାର୍ଯ୍ୟ କରିବେ। ଫଳରେ ଆଇନ ବୃତ୍ତି ପ୍ରତି ତାଙ୍କର ଆଗ୍ରହ ଖୁବ୍ ବଢ଼ିଗଲା।

ପ୍ରଭୁଙ୍କର ସେବାପ୍ରତି ମଧ୍ୟ ଆଗ୍ରହ ଥିଲା। ସେ ଦ୍ୱନ୍ଦରେ ପଡ଼ିଗଲେ। ଯଦି ପ୍ରଧାନ ସେବକର କାର୍ଯ୍ୟ ତୁଲାଇବେ ତେବେ ତାଙ୍କର ଏ ଶିକ୍ଷା, ସେଥିପାଇଁ କରିଥିବା ଶ୍ରମ ମୂଲ୍ୟହୀନ ହୋଇଯିବ।

ଏପରି ଚିନ୍ତାରେ ବୁଡ଼ି ରହିଥିବା ବେଳେ ସର୍ବଶକ୍ତିମାନ ଈଶ୍ୱର ବାରିଷ୍ଟର ଗୋବିନ୍ଦ ଦାସ (ଅମାବାସ୍ୟାର ଚନ୍ଦ୍ର ଉପନ୍ୟାସର ଲେଖକ)ଙ୍କ ମାଧ୍ୟମରେ ଦ୍ୱନ୍ଦର ସମାଧାନ ପାଇଁ ଆଲୋକର ଏକ ସ୍ଫୁଲିଙ୍ଗ ଦେଖାଇଦେଲେ। ବାରିଷ୍ଟର ଦାସ ସେତେବେଳେ ଓଡ଼ିଶାର ଏଡଭୋକେଟ୍ ଜେନେରାଲ ଥାଆନ୍ତି।

ବାରିଷ୍ଟର ଦାସ ଗଜପତି ମହାରାଜାଙ୍କୁ ସାକ୍ଷାତ କରିବାକୁ ଚାହୁଁଛନ୍ତି ବୋଲି ଗଜପତି ମହାରାଜା ଗୋଟେ ଖବର ପାଇଲେ। ଫଳରେ ସେ ଖୁବ୍ ଉତ୍ସାହିତ ହୋଇ ଉଠିଲେ। ଆଇନ ବୃତ୍ତିକୁ ନେଇ କିଛି ଭଲ ପରାମର୍ଶ ପାଇବେ ବୋଲି ଆଶା କରି ସାକ୍ଷାତ ପାଇଁ ଆଗ୍ରହୀ ହୋଇଗଲେ। ବାରିଷ୍ଟର ଦାସ କିନ୍ତୁ ଅଲଗା କାରଣ ପାଇଁ ସାକ୍ଷାତ କରିବାକୁ ଚାହୁଁଥିଲେ। ଏହି ସାକ୍ଷାତ ପରେ ଗଜପତି ମହାରାଜାଙ୍କ ଜୀବନର ମୋଡ଼ ବଦଳିଯିବ ସେକଥା ନିଜେ ଗଜପତି ମହାରାଜା ମଧ୍ୟ ଆଶା କରିନଥିଲେ।

ଦିନେ ଦୁହିଁଙ୍କ ମଧ୍ୟରେ ସାକ୍ଷାତ ହେଲା। ଚାହା, ଜଳଖିଆ ଓ ସାଧାରଣ କଥାବାର୍ତ୍ତାରୁ ଜଣେ ବରିଷ୍ଠ ଆଇନଜୀବୀ ଓ ଜଣେ ଯୁବକ ଗଜପତି ମହାରାଜାଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହେଲା। କଥାବାର୍ତ୍ତା ଚାଲିଥିବା ବେଳେ ବାରିଷ୍ଟର ଗୋବିନ୍ଦ ଦାସ ସୁଯୋଗ ନେଇ କହିଲେ, ଆପଣ ହେଲେ ଗଜପତି ମହାରାଜା। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରଧାନ ସେବକ। ଆପଣ ଓଡ଼ିଶାର ଜନସାଧାରଣ ଓ ଏହା ସହିତ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱବ୍ୟାପୀ ଭକ୍ତମାନଙ୍କର ମଧ୍ୟ ସମ୍ମାନନୀୟ ଅଟନ୍ତି।

ଯଦି ଆପଣ ଆଇନ ବୃତ୍ତିରେ ମନୋନିବେଶ କରିବେ ତେବେ ଆପଣଙ୍କୁ ବିଚାରପତିମାନଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। 'ମାଇଁ ଲର୍ଡ଼' କିମ୍ବା 'ୟୋର୍ ଅନର୍' କହିବାକୁ ପଡ଼ିବ। ଆପଣ ଈଶ୍ୱରଙ୍କ ବ୍ୟତୀତ ଆଉ କାହା ଆଗରେ ମଥା ନତ କରିବେ ମୁଁ ଜଣେ ଓଡ଼ିଆ ହିସାବରେ ଏକଥା ଆଦୌ ସହ୍ୟ କରିପାରିବି ନାହିଁ।

ବାରିଷ୍ଟର ଦାସଙ୍କ ଏହି କଥାରେ ଗଜପତି ମହାରାଜାଙ୍କ ମନ ବଦଳିଗଲା। ୧୯୮୦ ମସିହା ବେଳକୁ ସେ ଅନୁଭବ କରିବାକୁ ଲାଗିଲେ- ଜଗନ୍ନାଥଙ୍କ ସେବାରେ ହିଁ ମୋତେ ଅଧିକ ସମୟ ବ୍ୟୟ କରିବାକୁ ହେବ।

କିନ୍ତୁ ସେହି ସମୟ ବେଳକୁ ଚାରୋଟି କୁମାରୀମଣି ଜନ୍ମ ହେବା ସହିତ କ୍ରମେ ବୃଦ୍ଧି ପାଉଥିବା ପରିବାରର ଚାପ ହେତୁ ତାଙ୍କୁ ଅଧିକାଂଶ ସମୟ

ଡେରାଡୁନରେ ରହିବାକୁ ପଡୁଥିଲା । ସେହି ସମୟ ଗୁଡ଼ିକ ହେଲା ୧୯୮୦ ରୁ ୧୯୯୩ ମସିହା। ଚଉଦ ବର୍ଷ। ଗଜପତି ମହାରାଜା ଏହି ଚଉଦ ବର୍ଷକୁ ନିଜର ବନବାସ ସମୟ ବୋଲି କହିଥା'ନ୍ତି। ତାହା ଏକପ୍ରକାର ସାଧନାର ସମୟ ଥିଲା। ସଦଗ୍ରନ୍ଥ ପାଠ, ସଦଗୁରୁ ସାକ୍ଷାତ ଓ ସତସଙ୍ଗ ମିଳିବାରୁ ସେ କ୍ରମେ ଆଧ୍ୟାତ୍ମିକତାରେ ମଜ୍ଜିବାକୁ ଲାଗିଲେ । ତାଙ୍କ ମନ ଭିତରେ ଆଧ୍ୟାତ୍ମିକତାର ଯେଉଁ ମଞ୍ଜିଟି ନୀରବ ହୋଇ ରହିଥିଲା ତାହା କ୍ରମେ ଅଙ୍କୁରୋଦ୍ଗମ ହେବାକୁ ଲାଗିଲା। ବୃଦ୍ଧିପାଇ ଶାଖା ପ୍ରଶାଖା ବିକଶିତ ହେଲା।

ଆଧ୍ୟାତ୍ମିକତା ସହିତ ଗଜପତି ମହାରାଜା ମଝିରେ ମଝିରେ କିପରି ଜଡ଼ିତ ହୋଇ ଯାଉଥା'ନ୍ତି ତା'ର ଏକ ଉଦାହରଣ । ଯେତେବେଳେ ଦିଲ୍ଲୀରେ ରହି ପାଠ ପଢୁଥିଲେ ସେହି ସମୟର କଥା । ଗଜପତି ମହାରାଜା ହଷ୍ଟେଲରେ ରହୁଥିଲେ । ହଷ୍ଟେଲ୍ ମାନଙ୍କରେ ସାଧାରଣତଃ ମନପସନ୍ଦର ଖାଦ୍ୟ ମିଳିନଥାଏ। ତେଣୁ ଗଜପତି ମହାରାଜା ଶନିବାର ଦିନ ଗୁଡ଼ିକରେ ନିମନ୍ତ୍ରଣ ପାଇ କଳାହାଣ୍ଡି ମହାରାଜା ପ୍ରତାପକେଶରୀ ଦେବଙ୍କ ନୂଆଦିଲ୍ଲୀସ୍ଥିତ ସାଉଥ୍ ଏଭେନ୍ୟୁର ଚାରି ନମ୍ବର କ୍ୱାର୍ଟର୍‌କୁ ଯାଆନ୍ତି ।

କଳାହାଣ୍ଡି ମହାରାଜା ସ୍ୱତନ୍ତ୍ର ପାର୍ଟିର ଜଣେ ଏମ୍.ପି.ଥିଲେ । ପାର୍ଲିଆମେଣ୍ଟରେ ଦଳର ଉପନେତା ଥିଲେ। ତାଙ୍କ ପତ୍ନୀ ତଥା କଳାହାଣ୍ଡିର ମହାରାଣୀ ପୁରୀ ଗଜପତି ମହାରାଜା ବୀରକିଶୋର ଦେବଙ୍କ ଭଉଣୀ ଥିଲେ । ସେ ଦୁହେଁ ଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପିଉସା ଓ ପିଉସୀ। ତାଙ୍କର ଶ୍ରଦ୍ଧାପୂର୍ଣ୍ଣ ନିମନ୍ତ୍ରଣ ଯୋଗୁଁ କେବେକେବେ ଶନିବାର ଦିନ ସେ ସେଠାକୁ ଯାଉଥିଲେ।

ଥରେ ଏଇଭଳି ପିଉସାଙ୍କ କ୍ୱାର୍ଟର୍‌କୁ ଯାଇଥିବା ବେଳେ ଦେଖିଲେ ପରିବାର ସାରା ଘରେ କେହି ନାହାନ୍ତି। ବାହାରକୁ ଯାଇଛନ୍ତି। ତେଣୁ ସେ ଏକୁଟିଆ ଘରଟାରେ ବସି ଏଣେତେଣେ ଚାହୁଁଥିଲେ। ଅଚାନକ୍ ତାଙ୍କର ଦୃଷ୍ଟି ପଡ଼ିଗଲା ଗୋଟିଏ ବହି ଉପରେ। ଯେଉଁଟି ଟେଲିଫୋନ୍ ରହିବା ଯାଗାରେ ଥିଲା। ବହିଟି ହେଲା ଶ୍ରୀମଦ୍ ଭାଗବତ ଗୀତା। ଯାହାର ଟୀକା ଓ ଭାଷ୍ୟ ଲେଖିଥିଲେ ସ୍ୱାମୀ ଚିଦ୍‌ଭାବାନନ୍ଦ ଏବଂ ପ୍ରକାଶକ ଥିଲେ ରାମକୃଷ୍ଣ ତପୋବନମ୍। ଗଜପତି ମହାରାଜା ନୀରବରେ ବସି ପୃଷ୍ଠା ଓଲଟାଇବାକୁ ଲାଗିଲେ। ହଠାତ୍ ତାଙ୍କ ମନରେ ଗୋଟେ

ଭାବ ଆସିଲା, ଆଜିଯାଏ ମୁଁ ଯାହା ପଢ଼ିଛି ସବୁକିଛି ଅଦରକାରୀ, ଅଯଥା, ଆବର୍ଜନା। ମୁଁ ଏବେ ଯାହା ପଢୁଛି ତାହାହିଁ ଜୀବନ। କ୍ରମେ ତାଙ୍କ ମନରେ ଉଠୁଥିବା ସନ୍ଦେହ ସବୁ ମୋଚ଼ନ ହେବାକୁ ଲାଗିଲା। ତାଙ୍କ ମନ ସ୍ଥିରତା ଆଡ଼କୁ ଅଗ୍ରସର ହେଲା।

ଏହାପରେ ସେ ଭାରତର ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁମାନଙ୍କ ପାଖକୁ ଯିବାକୁ ଲାଗିଲେ। ପ୍ରଥମ ହେଲେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ । ସେ ହେଲେ ଋଷିକେଶର ଆନ୍ତର୍ଜାତୀୟ ଦିବ୍ୟଜୀବନ ସଂଘର ସ୍ରଷ୍ଟା ସ୍ୱାମୀ ଶିବାନନ୍ଦଙ୍କ ପ୍ରମୁଖ ଶିଷ୍ୟ। ତା'ପରେ ଗଲେ ମୁମ୍ବାଇର ଅନ୍ତର୍ଜାତୀୟ ଚିନ୍ମୟ ମିଶନ୍‌ର ସ୍ରଷ୍ଟା ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଙ୍କ ପାଖକୁ। ୧ ୯ ୮ ୯ ମସିହାରେ ମହାରାଣୀ ଲୀଳାବତୀ ପାଟମହାଦେଇଙ୍କ ସହିତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କଠାରୁ ଦୀକ୍ଷା ଗ୍ରହଣ କଲେ।

ନିୟମିତ ଭାବରେ ଜପ, ଧ୍ୟାନ, ଯୋଗାସନ ଓ ପ୍ରାଣାୟାମରେ ମଗ୍ନ ରହିଲେ। ଋଷିକେଶ ଶିବାନନ୍ଦ ଆଶ୍ରମର ସାଧନା କ୍ୟାମ୍ପରେ ଓ ହିମାଚ଼ଳ ପ୍ରଦେଶସ୍ଥ ଚିନ୍ମୟ ମିଶନ୍‌ର ସିଦ୍ଧି ବାଡ଼ିରେ ଯୋଗ ଦେବାକୁ ଲାଗିଲେ।

ସ୍ୱାମୀ ଚିନ୍ମୟାନନ୍ଦ ଗୀତାଜ୍ଞାନ ଯଜ୍ଞ ପାଇଁ ଡେରାଡୁନ ଗଲେ ଗଜପତି ମହାରାଜାଙ୍କ ବାସଗୃହରେ ତାଙ୍କ ପରିବାର ସହିତ ରହୁଥିଲେ। ଫଳରେ ଆଧ୍ୟାତ୍ମିକ ଜୀବନର ଉନ୍ନତି ପାଇଁ ଜଣେ ସଦ୍‌ଗୁରୁଙ୍କ ସାନିଧ୍ୟ ଯୁବକ ଗଜପତିଙ୍କ ପାଇଁ ଖୁବ୍ ସହାୟକ ହେଉଥିଲା।

ବର୍ତ୍ତମାନ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଦେଖିଲେ ଜାଣିହେବନାହିଁ ଯେ ଚିକାଗୋର ସେଣ୍ଟ୍ ଷ୍ଟିଫେନ୍ସ କଲେଜରେ ଅଧ୍ୟୟନ ଶେଷ କରିଥିବା ସେ ଜଣେ ଉଚ୍ଚ ଶିକ୍ଷିତ ଛାତ୍ର ବୋଲି। ଏବେ ସେ କେବଳ ଶ୍ରୀ ଜଗନ୍ନାଥଙ୍କର ଜଣେ ସମର୍ପିତ ସେବକ ମାତ୍ର, ଆମ ମାନଙ୍କର ଠାକୁର ରାଜା।

# ଜଗନ୍ନାଥ ମହାପ୍ରଭୁଙ୍କ ସେବାରେ ବିଦ୍ୟାପତିଙ୍କ ବଂଶଜ

ଆଦ୍ୟ ଜଗନ୍ନାଥ ମନ୍ଦିରର ନିର୍ମାତା ଇନ୍ଦ୍ରଦ୍ୟୁମ୍ନ ମହାରାଜା, ନିଜର ବଂଶଧର କାହାକୁ ରଖି ନଥିଲେ। ସେଥିପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁ ମାର୍ଗଶୀର ମାସ ଦେବ ଦୀପାବଳୀ ଦିନ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ଶ୍ରାଦ୍ଧ ଅର୍ପଣ କରିଥା'ନ୍ତି। ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ସହ ଅନ୍ୟ ଦୁଇଟି ବ୍ୟକ୍ତିତ୍ୱ ବିଶ୍ୱାବସୁ ଶବର ରାଜା ଓ ବିଦ୍ୟାପତି ବ୍ରାହ୍ମଣ ମନ୍ତ୍ରୀଙ୍କର ଆତ୍ମୀୟ ସ୍ୱଜନମାନେ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ବଂଶଧର ରୂପେ ତୀର୍ଥରାଜ ଶ୍ରୀକ୍ଷେତ୍ରରେ ବାସ କରି ଆସୁଛନ୍ତି । ପତି ମହାପାତ୍ର ସେବକମାନେ ଏହି ବିଦ୍ୟାପତି ବ୍ରାହ୍ମଣ ମନ୍ତ୍ରୀଙ୍କର ବଂଶଧର ଅଟନ୍ତି। ସ୍ୱର୍ଗତଃ ଲକ୍ଷ୍ମଣ ପଣ୍ଡାଙ୍କ ସଙ୍କଳିତ ସ୍ୱତ୍ୱଲିପି ୧୯୫୫ରେ ପତି ମହାପାତ୍ରଙ୍କ ସେବା ବିଷୟରେ ଏପରି ଭାବରେ ଲେଖାଯାଇଛି।

ପତି ମହାପାତ୍ରଙ୍କ ସେବାର ବିବରଣୀ-ଦୈନିକ ନୃସିଂହଙ୍କର ସେବା କରନ୍ତି ଓ ବଡ଼ ସିଂହାର ପହୁଡ଼ ଆଳତୀ କରନ୍ତି। ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଆଳତୀ କରନ୍ତି। ବର୍ଷ ତମାମ ସବୁ ପର୍ବପର୍ବାଣି, ବନ୍ଦାପନା, ଚନ୍ଦନ ସର୍ବାଙ୍ଗ ମଙ୍ଗଳାର୍ପଣରେ କାମ କରନ୍ତି। ସ୍ନାନ ପୂର୍ଣ୍ଣିମା ଦିନ ବେଦୀରୁ ଦିଅଁ ଫେରିବା ବେଳେ, ରଥକୁ ବିଜେ, ରଥରୁ ଗୁଣ୍ଡିଚ଼ା ଘର ବିଜେ କରନ୍ତି। ଗୁଣ୍ଡିଚ଼ା ଘରୁ ରଥକୁ, ନୀଳାଦ୍ରି ବିଜେ ବେଳେ ସେ ତିନି ବାଡ଼ର ବନ୍ଦାପନା, କର୍ପୂର ଆଳତୀ, କର୍ପୂର ଲାଗି, ଘସା ଓ ବିଡ଼ିଆ ଲାଗି କରନ୍ତି। ପ୍ରତ୍ୟେକ ଜନ୍ମ ତିଥି ହୋମ, ସହସ୍ର କୁମ୍ଭାଭିଷେକ ଇତ୍ୟାଦିରେ ପଣ୍ଡା ଓ ମୁଦିରଥଙ୍କ ସହ ବ୍ରହ୍ମା ଓ ବରୁଣ ହୁଅନ୍ତି। ଅନବସର ସମୟରେ ଦକ୍ଷିଣଦ୍ୱାର ଓ ତାଟିଦ୍ୱାର ଫିଟାନ୍ତି। ଅଣସର ଘର ଭିତରେ ଭୋଗ କରନ୍ତି। ଦଇତାଙ୍କ ସହ ପ୍ରସାଦ ଲାଗି, ପଣା ଲାଗି, ଖଡ଼ି ଲାଗି, ଖଳି ଲାଗି, ଫୁଲୁରି ଲାଗି କାମ କରନ୍ତି। ସୁଦର୍ଶନ ଚକ୍ରର ବିଜେ ବେଳେ ସମସ୍ତ କାମ କରନ୍ତି। ଦଇତାଙ୍କ ସହ ଶ୍ରୀଅଙ୍ଗରେ ସକଳ ସେବା କରନ୍ତି। ମାତ୍ର ଭିତରେ ଭୋଗ ଓ ସଂସ୍କାର ଏ ସେବକ କରନ୍ତି। ନବକଳେବର ତିନିବାଡ଼ର ଆଜ୍ଞାମାଳ ବାହାର କରି ତିନିବାଡ଼ରେ ଦଇତାଙ୍କୁ ଦେଇ ନିଜେ ସୁଦର୍ଶନ ବାଡ଼ରେ ଲାଗି ହୋଇ ଦାରୁ ଅନ୍ୱେଷଣରେ ଯାଆନ୍ତି।

ଭିତରଛୁଙ୍କଠାରୁ ଅଣସର ପିଣ୍ଡିରେ ଶାଢ଼ୀ ପାଇଁ ବାହାରନ୍ତି। ବନଯାଗରେ ବିଦ୍ୟାପତି ବରଣ ହୁଅନ୍ତି। ବନଯାଗ ପରେ ସୁନା କୁରାଢ଼ି ନେଇ ପ୍ରଥମେ ନିର୍ଦ୍ଦିଷ୍ଟ ଗଛରେ ଲଗାନ୍ତି। ତା'ପରେ ଅନ୍ୟମାନେ କାଟନ୍ତି। ଦାରୁ ଆଣିବା ପରେ ତାକୁ ଭୋଗ କରନ୍ତି। ଦକ୍ଷିଣ ଘରୁ ନୃସିଂହ ନେଇ ଦାରୁ ଘରେ ନୃସିଂହ ମଣ୍ଡପରେ ବିଜେ କରାଇ ସେ ରହିବା ଦିନରୁ ତାକୁ ପୂଜା କରନ୍ତି। ଏ ଘଟ ପରିବର୍ତ୍ତନ ସେବା ଓ ବିସର୍ଜନ ସେବା କରନ୍ତି। ଏ ସେବାର ବିବରଣୀ ନିୟମାନୁଯାୟୀ ଅପ୍ରକାଶିତ। ମହାଜନ ହିସାବରେ ବିଛା ମାସରେ ଦକ୍ଷିଣଘର ସେବା ଓ ମହାଜନ ସେବା କରନ୍ତି। ଏ ବିଦ୍ୟାପତି ବଂଶଧର ସେବକ ବୋଲି ପ୍ରବାଦ ଅଛି। ଅଣସରଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଦଇତାଙ୍କ ସହିତ ଅଂଶ ନିଅନ୍ତି। ପିଣ୍ଡିକାରେ ମୁଣ୍ଡପିଛା ରଜାଘର ଆମଦାନୀରୁ ଅଧେ ଓ ରାସ୍ତାରୁ ଅର୍ଦ୍ଧେକ ପାଆନ୍ତି।

**ଯୋଗ୍ୟତା-** ବ୍ରତ ନହୋଇ ଦଇତା ପୁଅଙ୍କ ସଙ୍ଗେ ଦଇତା କାମ କରିପାରିବେ। ମାତ୍ର ବନ୍ଦାପନା ସର୍ବାଙ୍ଗ ଇତ୍ୟାଦିରେ ବ୍ରତପରେ ମନ୍ତ୍ର ନିପୁଣ ହେଲେ କରିପାରିବେ। ବ୍ରାହ୍ମଣ ସେବକ ପୁରାତନ ପତି ମହାପାତ୍ର ନିର୍ବଂଶ ହେବାରୁ ଶାସାନୁଯାୟୀ ପୂଜାପଣ୍ଡା ବଂଶରୁ ଏହି ସେବକ ପତି ମହାପାତ୍ର ନିଯୁକ୍ତ ହେଲେ ପ୍ରଥମ ସେବାପାଇଁ ଶାଢ଼ୀ ବନ୍ଧା ଆବଶ୍ୟକ ନାହିଁ। ଖଡ଼ି ପ୍ରସାଦ ଓ ରାଜପ୍ରସାଦ ବିଜେ କରନ୍ତି। ନହରଠାରୁ ଶାଢ଼ୀ ପାଆନ୍ତି, କର୍ମାଙ୍ଗୀ ଅନୁସାରେ ଠାକୁରଙ୍କ ସମସ୍ତ ସେବା ସେମାନେ କରିପାରିବେ। ପୂଜା ବି କରିପାରିବେ। ସେବା ବଂଶାନୁକ୍ରମିକ ଅଟେ। ଏ କାର୍ଯ୍ୟରେ ତ୍ରୁଟି କଲେ ଖେଇ ବନ୍ଦ ରହିବ। ପୂର୍ବ ପ୍ରଥାମତେ ପୂଜା ପଣ୍ଡା ବଂଶରୁ ଅନ୍ୟ ସେବକ ନିଯୁକ୍ତ ହୋଇପାରିବେ। ସମସ୍ତ ଦଇତା କାମ ନକଲେ ପତି ମହାପାତ୍ର କରିପାରିବେ। ବର୍ତ୍ତମାନ ପତି ମହାପାତ୍ର ପୂଜାପଣ୍ଡା ବଂଶରୁ କରାଯାଉଥିବାରୁ ପୂଜାପଣ୍ଡା ମଧ୍ୟ ସେପରି ଆବଶ୍ୟକ ପଡ଼ିଲେ ଏହାଙ୍କ କାମରେ ନିଯୁକ୍ତ ହୋଇପାରିବେ।

ପୁରୁଷୋତ୍ତମ କର୍ମାଙ୍ଗୀରେ ପତି ମହାପାତ୍ରଙ୍କ ସେବା ବିଷୟରେ ନିମ୍ନମତେ ଲେଖାଯାଇଛି। ଏ ମହାସାମନ୍ତ ବିଦ୍ୟାପତି ପୁରୋହିତ ବଂଶ। ଏ କ୍ଷେତ୍ର ମଣ୍ଡପେ ବାସକଲା। ଏ ନିଯୋଗ ସାଆନ୍ତ ଅଟେ। ଖେଇ ଭାଗ ଦୁଇଭାଗ ଅଧିକା ହେବ। ଏ ସକଳ କାରିଯକୁ ଭାଜନ। ଏ ବିଜେ କାଳ ମଙ୍ଗଳାରୋପଣ କାଳେ ଅଭିନ୍ନିକ। ଏ ଇନ୍ଦ୍ରଦ୍ୟୁମ୍ନର ପୁରୋହିତ ମୁଦିରଥ ତୁଲେ ପ୍ରଭୁଙ୍କୁ ବନ୍ଦାଣ କରିବ। ଏମାନେ ରାଜପ୍ରସାଦ ବିଜେ କାଳେ ମହାଶ୍ରମକୁ ସିଂହଦ୍ୱାରେ ତଳୁଛପତି ଦଇତାପଣେ

ଲଗା ଶାଢ଼ୀ ପାଇବେ । ଦାରୁ କାଟିବାକୁ ମଙ୍ଗଳ ବିଜେ କାଳେ ଶିରୋପା ଘେନିବେ । ଏ ଅଣସର କାଳେ ଲାଗି ଚକଟା ଭୋଗ ଆଦି କରିବେ । କରାଳ ଲାଗି ବଢ଼ାଇବେ । ଖଳି ଲାଗି କାଳେ ରହି ରାଜପ୍ରସାଦ ଆଣି ମହାଶ୍ରମ ତୁଲେ ସଂପାଦିବେ । ପରମ ଗହନ କାର୍ଯ୍ୟ କରିବେ । ବ୍ରହ୍ମ ଆଣିବାକୁ ଯଥା ସୁନିଆଁ ନେବେ । ବ୍ରହ୍ମ ତୁଳସୀ ଦେବେ । ରଥପର ଯାତ୍ରା କାଳେ ସକଳ ବିଜେ କାଳେ ଭେଟିବେ । ଘସା ନୈବେଦ୍ୟ କରିବେ । ଏ ନିତ୍ୟ ପହୁଡ଼ କାଳେ ପରମେଶ୍ୱରଙ୍କର ବାଡ଼େ ଆଳତୀ କରିବେ ।

ପ୍ରଫେସର ବଂଶୀଧର ମହାନ୍ତି ପତି ମହାପାତ୍ରଙ୍କ ସେବା ବିଷୟରେ ନିମ୍ନମତେ ଲେଖୁଛନ୍ତି । ପତି ମହାପାତ୍ର ନୃସିଂହଙ୍କୁ ସେବା କରନ୍ତି ଓ ବଡ଼ସିଂହାର ପୌଢ଼ ଆଳତୀରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଆଳତୀ କରନ୍ତି । ବର୍ଷ ସାରା ପର୍ବପର୍ବାଣି ବନ୍ଦାପନା, ଚନ୍ଦନ ସର୍ବାଙ୍ଗ ମଙ୍ଗଳାର୍ପଣରେ ମଝିବାଡ଼ରେ କାମ କରନ୍ତି ଓ ବଡ଼ସିଂହାର ପୌଢ଼ ଆଳତୀରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଆଳତୀ କରନ୍ତି । ନବକଳେବର ବେଳେ ତିନିବାଡ଼ରେ ଆଜ୍ଞାମାଳ ନେଇ ଦାରୁ ଅନ୍ୱେଷଣରେ ଯାଆନ୍ତି । ବନଯାଗରେ ବିଦ୍ୟାପତି ରୂପେ ବରଣ ହୁଅନ୍ତି । ନବକଳେବର ବେଳେ ପ୍ରଥମେ କୁରାଢ଼ି ନେଇ ଦାରୁରେ ଲଗାନ୍ତି । ପରେ ଅନ୍ୟମାନେ କାଟନ୍ତି । ସୁଦର୍ଶନଙ୍କର ସମସ୍ତ କାମ କରନ୍ତି ।

ଶ୍ରୀ ଚକ୍ରଧର ମହାପାତ୍ରଙ୍କ ଲିଖିତ ଓଡ଼ିଶା ଇତିହାସର ଏକ ଅଜ୍ଞାତ ଅଧ୍ୟାୟରେ ଛତିଶା ନିଯୋଗ ବିଷୟରେ ଯେଉଁ ବିବରଣୀ ଦେଇଛନ୍ତି, ସେଥିରେ ପତି ମହାପାତ୍ର ସେବା ବିଷୟରେ ନିମ୍ନଲିଖିତମତେ ବର୍ଣ୍ଣନା କରାଯାଉଛି ।

ପତି ମହାପାତ୍ର ବିଦ୍ୟାପତିଙ୍କ ବ୍ରାହ୍ମଣିଆଡ଼ ବଂଶଧର, ରାଜାଜ୍ଞାରେ ନିଯୁକ୍ତି ହୋଇ କାମ କରନ୍ତି । ରଥ ଚଳନ ଆଦି ଯାବତୀୟ ବାହାର ପୂଜାର ମୁଖ୍ୟ ସେବକ । ନିରଗ୍ନିକ ହୋଇଯାଇଛନ୍ତି କାରଣ ବିଦ୍ୟାପତି ଶବର ଜେମାଙ୍କ ପରିଚ୍ୟ ପରେ 'ଜନ୍ମିଥିବା ହେତୁ' ନବକଳେବର ସମୟରେ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ବ୍ରହ୍ମଙ୍କୁ ହସ୍ତରେ ଧରି ନୂତନ ମୂର୍ତ୍ତିରେ ସ୍ଥାପନ କରାଇଥା'ନ୍ତି । ଦେବାଧିଦେବଙ୍କୁ ସ୍ପର୍ଶ କରି ଏମାନେ ଅତି ଧନ୍ୟ । ବିଭିନ୍ନ ଲେଖକ ଓ ଶ୍ରୀଜଗନ୍ନାଥ ତତ୍ତ୍ୱବିତ୍‌ମାନେ ପତି ମହାପାତ୍ର ପୌରାଣିକ ବିଦ୍ୟାପତିଙ୍କ ବଂଶଧର ରୂପେ ମାନ୍ୟତା ଦେଇଛନ୍ତି । ବ୍ରହ୍ମ ପରିବର୍ତ୍ତନରେ ଏମାନେ ଦେବାଧିଦେବଙ୍କୁ ସ୍ପର୍ଶ କରି ଖୁବ୍ ପବିତ୍ର କାର୍ଯ୍ୟ ସମ୍ପାଦନା କରିଥା'ନ୍ତି । ଏମାନେ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ସମୟରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାଳରୁ ବିଶ୍ୱାବସୁ ପୂଜିତ ନୀଳମାଧବଙ୍କ ସମୟରୁ ଏହି କାର୍ଯ୍ୟ କରୁଛନ୍ତି ।

ଏହି ଶ୍ରେଣୀର ବିଦ୍ୟାପତିଙ୍କ ବଂଶଧର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ସେବକ ରୂପେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ରହି ଆସିଛନ୍ତି। ତେଣୁ ସମସ୍ତ ପୁରାତନ ଗ୍ରନ୍ଥମାନଙ୍କରେ ଯେଉଁଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଜଗନ୍ନାଥତତ୍ତ୍ୱର ବର୍ଣ୍ଣନା କରାଯାଇଛି, ସେଠାରେ ବିଦ୍ୟାପତି ଓ ତାଙ୍କର ବଂଶଧର ଏହି ପତି ମହାପାତ୍ର ମାନଙ୍କର ବର୍ଣ୍ଣନା ରହିଛି।

ନୀଳାଦ୍ରି ମହୋଦୟ ଏକ ପ୍ରାଚୀନ ପୌରାଣିକ ଗ୍ରନ୍ଥ। ଏହା ସଂସ୍କୃତ ଭାଷାରେ ଲିଖିତ। ବର୍ତ୍ତମାନ ସୁଦ୍ଧା ଏହି ଗ୍ରନ୍ଥର ଉଲ୍ଲେଖ ଅନୁସାରେ ଶ୍ରୀମନ୍ଦିରର ବହୁତ ନୀତି ପରିଚାଳିତ। ବାମଦେବ ସଂହିତା, ନୀଳାଦ୍ରି ମହୋଦୟ, ନୀଳମତ ପୁରାଣକୁ ଶ୍ରୀମନ୍ଦିରର ବ୍ରାହ୍ମଣ ମହାଜନ ପୂଜାପଣ୍ଡା ଆଦି ବ୍ରାହ୍ମଣ ସେବକ ଓ ଦଇତାମାନେ ବହୁଳ ଭାବରେ ମାନ୍ୟତା ଦେଇଥା'ନ୍ତି। ନୀଳାଦ୍ରି ମହୋଦୟଙ୍କ ରଚୟିତାଙ୍କ ସମ୍ବନ୍ଧରେ ଯାହା ଅନୁମାନ କରାଯାଏ, ତାହା ହେଉଛି କୌଣସି ବ୍ରାହ୍ମଣ ସେବାୟତ ଅର୍ଥାତ୍ ପୂଜାପଣ୍ଡା ପତି ମହାପାତ୍ର ମୁଦିରଥ ବା ଅନୁରୂପ କୌଣସି ପୁରାତନ ବ୍ରାହ୍ମଣ ସେବକଙ୍କ ଦ୍ୱାରା ଏହା ଲିଖିତ। ଏହି ପୁସ୍ତକରେ ବିଦ୍ୟାପତି ଓ ତାଙ୍କର ବଂଶଧର ସେବକଙ୍କର ବହୁଳ ଉଲ୍ଲେଖ ରହିଛି।

ଥରେ ଜଣେ ଜଟାଜୁଟଧାରୀ ମୁନିବେଶଧାରୀ ସନ୍ନ୍ୟାସୀ ଆସି ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଗୋଟିଏ ମାଳା ପ୍ରଦାନ ପୂର୍ବକ ଓଡ୍ରଦେଶର ନୀଳାଚଳ ନାମକ ରମ୍ୟ କ୍ଷେତ୍ରରେ ଏକକ୍ରୋଶ ବ୍ୟାପୀ ରହିଥିବା ବଟବୃକ୍ଷ ମୂଳରେ ନୀଳସୁନ୍ଦର ବିଗ୍ରହ ନୀଳମାଧବଙ୍କର ଅବତାରଣା କରିଥିଲେ। ସେ କହିଥିଲେ ସେହି ବୃକ୍ଷର ପଶ୍ଚିମ ଭାଗରେ ଶବର ମାନଙ୍କର ବାସସ୍ଥଳୀ ବିଦ୍ୟମାନ। ସେହି ନୀଳାଚଳର ଚଲାବାଟରେ ଯାଇ ଯେ ମାଧବଙ୍କୁ ଦର୍ଶନ କରେ ସେ ମୁକ୍ତିଲାଭ କରିଥାଏ। ସେହି କ୍ଷେତ୍ରରେ ମହାପାପୀ କାକ ମଧ୍ୟ ମୁକ୍ତିଲାଭ କରିଛି। ସେହି ମୁନି ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ସେଠାରେ ବାସ କରିବା ପାଇଁ ପ୍ରବର୍ତ୍ତାଇଥିଲେ ଓ କ୍ଷେତ୍ରକୁ ବିଖ୍ୟାତ କରିବା ପାଇଁ ଅନୁରୋଧ କରି ଫେରି ଯାଇଥିଲେ। ରାଜାଙ୍କଠାରୁ ଧନରତ୍ନ ମାଗିବାର କୌଣସି ଅଭିଳାଷ ତାଙ୍କର ନଥିଲା। ମୁନି ଅନ୍ତର୍ଦ୍ଧାନ ହେବାପରେ ରାଜା ତାଙ୍କର ପୁରୋହିତଙ୍କୁ ଉକ୍ତ କ୍ଷେତ୍ରରେ ସନ୍ଧାନ ଲାଗି ଅନୁରୋଧ କରିଥିଲେ। ପୁରୋହିତ ମହୋଦୟ ତାଙ୍କର ଭ୍ରମଣ ନିପୁଣ ଭ୍ରାତା ବିଦ୍ୟାପତିଙ୍କୁ ଉକ୍ତ କାର୍ଯ୍ୟ ସାଧନ କରିବା ପାଇଁ ଯୋଗ୍ୟ ବୋଲି ବାଛିଥିଲେ।

ରାଜା ଇନ୍ଦ୍ରଦ୍ୟୁମ୍ନ ବିଦ୍ୟାପତିଙ୍କୁ କ୍ଷେତ୍ର ଅନ୍ୱେଷଣରେ ପଠାଇଲେ। ବିଦ୍ୟାପତି ମନେ ମନେ ମାଧବଙ୍କୁ ସ୍ମରଣ କରି ରଥ ଆରୋହଣ କରି ଗମନ ପୂର୍ବକ ମହାନଦୀ ପାର ହୋଇ ଶବର ଦ୍ୱୀପରେ ଥିବା କାନନରେ ପ୍ରବେଶ କଲେ। ଶବର ରାଜା ବିଶ୍ୱାବସୁ ବିଦ୍ୟାପତିଙ୍କୁ ସ୍ୱାଗତ କରି କହିଥିଲେ ଯେ ହେ ବିପ୍ରବର ଅତି ଗହନ ଏ ପର୍ବତ ଗହ୍ୱରକୁ ଆପଣଙ୍କୁ କିଏ ପଠାଇଲା ? ଆପଣ ମଧ୍ୟ ଏଠାକୁ ଆସିଲେ କିପରି ? ହେ ଦ୍ୱିଜବର ଆପଣ ସତ କହନ୍ତୁ ଆପଣଙ୍କ ନାମ କ'ଣ ?

ବିଶ୍ୱାବସୁଙ୍କୁ ଉତ୍ତର ଦେଇ ବିପ୍ର କହିଥିଲେ ମୁଁ ମାଳବ ଦେଶ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୁରୋହିତଙ୍କ ସାନ ଭାଇ। ମୋର ନାମ ବିଦ୍ୟାପତି। ମାଧବଙ୍କ ଦର୍ଶନ ଲାଗି ରାଜା ଇନ୍ଦ୍ରଦ୍ୟୁମ୍ନ ମୋତେ ମାର୍ଗ ନିରୀକ୍ଷଣ କରିବା ପାଇଁ ପଠାଇଛନ୍ତି। ରାଜା ଏଠାରେ ନିବାସ କରି ମାଧବଙ୍କ ପୂଜାରେ ନିଯୁକ୍ତ ହେବେ। ଏହି ବିଷୟ ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ଷଷ୍ଠ ଅଧ୍ୟାୟରେ ବର୍ଣ୍ଣିତ ଅଛି।

ଏହାପରେ ଘଟିଥିବା ଅନ୍ୟାନ୍ୟ ବିଷୟ ପୌରାଣିକ କିମ୍ବଦନ୍ତୀ ଆକାରରେ ଓଡ଼ିଶା ସାରା ମଧ୍ୟ ବିଦିତ। ବିଦ୍ୟାପତିଙ୍କ ନୀଳମାଧବ ଦର୍ଶନ। ବିଶ୍ୱାବସୁ ଶବର ରାଜକନ୍ୟା ଲଳିତାଙ୍କ ସହ ବିଦ୍ୟାପତିଙ୍କ ଶୁଭ ପରିଣୟ, ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ, ମନ୍ଦିର ପ୍ରତିଷ୍ଠା ପାଇଁ ସ୍ୱର୍ଗ ଗମନ ଓ ବ୍ରହ୍ମାଙ୍କୁ ନିମନ୍ତ୍ରଣ, ବ୍ରହ୍ମାଙ୍କୁ ଧରି ଆସିବା ପରେ ପୃଥିବୀରେ ଅଖଣ୍ଡକାଳ ପ୍ରବହମାନ, ତତ୍କାଳିକ ଉତ୍କଳରାଜା ଗାଲମାଧବଙ୍କ ସହ ମନ୍ଦିରର ସ୍ଥାପନ କର୍ତ୍ତା ବିଷୟରେ ବିବାଦ, ଅବଶେଷରେ ବିଭିନ୍ନ ସାକ୍ଷ୍ୟ ପ୍ରମାଣରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ବିଜୟୀ, ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ସୁଭଦ୍ରା ଦେବୀଙ୍କ ପ୍ରତିଷ୍ଠା, ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ମନ୍ଦିରରେ ପୂଜା ପାଇଁ ବିରାଟ ଆୟୋଜନ, ପୂଜା ପଦ୍ଧତି ପ୍ରଚଳନ, ବିଦ୍ୟାପତି ବିଶ୍ୱାବସୁଙ୍କ ବଂଶଧରଙ୍କ ସମେତ ଆଚାର୍ଯ୍ୟ, ଅଗ୍ନିଶର୍ମା, ମହାସୁପକାର ପରୀକ୍ଷାଙ୍କ ସହ ବିଭିନ୍ନ ସେବକବର୍ଗଙ୍କ ପ୍ରତିଷ୍ଠା ଇତ୍ୟାଦି ବିଷୟ ଓଡ଼ିଶା ବାହାରେ ସାରା ପୃଥିବୀରେ ପ୍ରତିଷ୍ଠିତ କିମ୍ବଦନ୍ତୀ ଆକାରରେ ପ୍ରସିଦ୍ଧି ଲାଭ କରିଛି। ଶ୍ରୀଜଗନ୍ନାଥ ମହାପ୍ରଭୁ ଉକ୍ତ ମନ୍ଦିରରେ ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲେ।

ଏ ବିଷୟ ଶ୍ରୀଜଗନ୍ନାଥ ସେବାୟତ ଅତୀତ, ବର୍ତ୍ତମାନ, ଭବିଷ୍ୟତ ପୁସ୍ତକରେ ଉଲ୍ଲେଖ ରହିଛି। ଉକ୍ତ ଦିନଠାରୁ ବିଦ୍ୟାପତି ଓ ତାଙ୍କର ବଂଶଧର ପତି ମହାପାତ୍ର ପୁରୁଷୋତ୍ତମ କ୍ଷେତ୍ରରେ ବସବାସ କରି ଆସୁଛନ୍ତି। ଯେତେ ପ୍ରଳୟ ହେଲେ ମଧ୍ୟ ଶ୍ରୀକ୍ଷେତ୍ର ଧ୍ୱଂସ ପାଇ ନାହିଁ। ତେଣୁ ପ୍ରଳୟ ପରେ ପ୍ରଳୟ ପାର କରି

ପତି ମହାପାତ୍ର ସେବକମାନେ ପୁରୀରେ ଅଛନ୍ତି । ରକ୍ତବାହୁର ଶ୍ରୀଜଗନ୍ନାଥ ମନ୍ଦିର ଆକ୍ରମଣ ବିଷୟ ମାଦଳା ପାଞ୍ଜିରେ ବର୍ଣ୍ଣିତ ଅଛି ।

ଏହି ରକ୍ତବାହୁ ଆକ୍ରମଣ ସମୟରେ ଜଗନ୍ନାଥ ମହାପ୍ରଭୁ ଓଡ଼ିଶାର ସୋନପୁର ଜିଲ୍ଲାର ସୋନପୁରର ଗୋପାଳି ଗ୍ରାମରେ ୧୪୪ ବର୍ଷ ପାତାଳି ଥିଲେ । ସମ୍ରାଟ ଯଯାତି କେଶରୀ ନବମ ଶତାବ୍ଦୀରେ ପୁଣି ଶ୍ରୀଜଗନ୍ନାଥଙ୍କୁ ପୁରୀରେ ସ୍ଥାପନା କରି ୩୮ ହାତ ବିଶିଷ୍ଟ ଦେଉଳ ତୋଳାଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆତ୍ମୀୟ ଓ ବଂଶଧର ଏହି ସେବକ ପୁରୀରେ ନରହି ଜଗନ୍ନାଥଙ୍କ ପାଖରେ ରହିଥିଲେ ।

ଐତିହାସିକ ତଥ୍ୟ ଅନୁସାରେ ଦଇତାମାନେ ସମ୍ବଲପୁର ଜିଲ୍ଲାର ଗ୍ରାମରେ ଥିଲେ, ପତି ମହାପାତ୍ରମାନେ ମଧ୍ୟପ୍ରଦେଶର (ଛତିଶଗଡ଼) ରତ୍ନପୁରରେ ରହି ଜଗନ୍ନାଥଙ୍କ ବିଗ୍ରହ ଉପରେ ଉଠିଥିବା ପବିତ୍ର ବୃକ୍ଷର ପୂଜା କରୁଥିଲେ । ଏଥିରୁ ଜଗନ୍ନାଥ ମହାପ୍ରଭୁଙ୍କ ସହିତ ପତି ମହାପାତ୍ର ସେବକଙ୍କ ଆତ୍ମୀୟତାର ପ୍ରମାଣ ମିଳେ । ଜଗନ୍ନାଥ ମହାପ୍ରଭୁଙ୍କ ବଂଶଧର ରୂପେ ସାରା ରାଜ୍ୟରେ ପତି ମହାପାତ୍ରମାନେ ସମ୍ମାନିତ ହୋଇଥା'ନ୍ତି । ପତି ମହାପାତ୍ର ନବକଳେବର ସମୟରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥା'ନ୍ତି, ବ୍ରହ୍ମ ପରିବର୍ତ୍ତନ କାର୍ଯ୍ୟରେ ପତି ମହାପାତ୍ର ଯୋଗ ଦେଇଥା'ନ୍ତି । ଏହି ବ୍ରହ୍ମ ପରିବର୍ତ୍ତନ ପରେ ନବକଳେବର ବେଳେ ପତି ମହାପାତ୍ର ମୃତ୍ୟୁବରଣ କରିଥିବା ପ୍ରମାଣ ଅଛି ।

ବ୍ରହ୍ମାଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କାଳରେ ଯୋଗ ଦେଇ ବିଦ୍ୟାପତି ଯେଉଁ ପୁଣ୍ୟ କାର୍ଯ୍ୟ କରିଥିଲେ, ସେଥିପାଇଁ ବ୍ରହ୍ମ ପରିବର୍ତ୍ତନ ବେଳେ ଦେବାଧିଦେବଙ୍କୁ ସ୍ପର୍ଶ କରିବାର ଅଧିକାର ଯୁଗ ଯୁଗ ଧରି ପାଇଛନ୍ତି । ମନ୍ଦିର ନୀତିରେ ବ୍ରହ୍ମା ରୂପେ ମଧ୍ୟ ବରଣ ହୁଅନ୍ତି । ରଥଯାତ୍ରା ବେଳେ ଏହି ସେବକଙ୍କର ବିଶେଷ କାର୍ଯ୍ୟ ମଧ୍ୟ ରହିଛି । ମନ୍ଦିର ଆଳତୀ ବେଳେ ମଧ୍ୟ ଏମାନଙ୍କର କାର୍ଯ୍ୟ ବିଶେଷ ମର୍ଯ୍ୟାଦା ସମ୍ପନ୍ନ ଅଟେ । ତେଣୁ ଏକ ସ୍ୱତନ୍ତ୍ର ଭାବେ ସମ୍ମାନିତ ସେବକ ରୂପେ ଶ୍ରୀମନ୍ଦିରରେ ଏହି ପତି ମହାପାତ୍ର ସେବକ ସେବାୟତମାନଙ୍କ ମଧ୍ୟରେ ଓ ଭକ୍ତମାନଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିଥା'ନ୍ତି ।

## ମାଉସୀମା ଅର୍ଦ୍ଧାଶନୀ ଦେବୀଙ୍କ ପୋଡ଼ ପିଠା

ମହାପ୍ରଭୁ ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ ହୋଇ ମଧ୍ୟ ସ୍ୱୟଂ ସମ୍ପୂର୍ଣ୍ଣ । ସେ ହେଉଛନ୍ତି ସମଗ୍ର ମୂର୍ତ୍ତିତତ୍ତ୍ୱର ପ୍ରତୀକ ସର୍ବଧର୍ମର ମୂଳାଧାର ! ସର୍ବକର୍ମ ସ୍ୱରୂପ ! ସର୍ବଜୀବ ସ୍ୱରୂପ । ସେ ସିଦ୍ଧିଦାତା ଓ ମୁକ୍ତିଦାତା । ସମଗ୍ର ବିଶ୍ୱରେ ସେ ଏକ ପ୍ରତିରୂପ । ତାଙ୍କର ରୂପ, ରଙ୍ଗ, ଆକାର, ବେଶ, ପୋଷାକ, ପୂଜା, ପାର୍ବଣ, ଯାତ୍ରା, ଉତ୍ସବ ଅନୁଷ୍ଠାନ, ମନ୍ଦିର ତଥା କ୍ଷେତ୍ର ବିଷୟକ ସମଗ୍ର ତତ୍ତ୍ୱ ଓ ତଥ୍ୟ ରହସ୍ୟମୟ । ଏହି ରହସ୍ୟ ମଧ୍ୟରେ ଅପୌରୁଷେୟ ରହସ୍ୟର କେନ୍ଦ୍ରବିନ୍ଦୁ ତଥା ସମଗ୍ର ତତ୍ତ୍ୱର ପ୍ରତୀକ ହେଉଛନ୍ତି ସ୍ୱୟଂ ଜଗନ୍ନାଥ ଯାହାଙ୍କର କେହି ପିତା ବା ମାତା ନାହାନ୍ତି 'ନୀଳମଣି'ରେ ଲେଖାଅଛି–

'ନ ମାତା ଜନକ ଜନ୍ମ ନିରୂପା ବୟବ ସ୍ତଥା।
ସର୍ବ ତତ୍ତ୍ୱ ମୟ ସାକ୍ଷାତ୍ ବ୍ରହ୍ମାଣ୍ଡଂ ପୁରୁଷୋତ୍ତମ ।।'

ମାଉସୀ ମା' କିଏ ଓ ଏହାଙ୍କର ଏପରି ନାମକରଣର ତାତ୍ପର୍ଯ୍ୟ କ'ଣ ବୋଲି ମନରେ ସ୍ୱତଃ ପ୍ରଶ୍ନ ଉଠେ ! ଲୋକ କଥାରେ ରାଜ୍ୟ ତଥା ଅନ୍ୟପ୍ରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ଜଗନ୍ନାଥ ପ୍ରେମୀ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଘରକୁ ଜଗନ୍ନାଥଙ୍କ ମାଉସୀ ଘର ବୋଲି ଧାରଣା ରଖିଥା'ନ୍ତି। ଏବେ ବି ଏହାକୁ ନେଇ ବାହାରୁ ଆସୁଥିବା ଭକ୍ତଙ୍କ ଭିତରେ ଦ୍ୱନ୍ଦ୍ୱ ରହିଥାଏ। ବିଶେଷ କରି ବଙ୍ଗୀୟ ପର୍ଯ୍ୟଟକମାନେ ଗୁଣ୍ଡିଚା ଘରକୁ 'ମାସୀର ବାଡି' ବୋଲି କହିଥା'ନ୍ତି। ତେବେ ବଡ଼ଦାଣ୍ଡ ମଧ୍ୟ ଭାଗରେ ମାଉସୀ ମା' ମନ୍ଦିର ରହିଛି। ସମୁଦ୍ରର ପ୍ରଳୟ କାଳରେ ଶୋଷଣ କରି ଶ୍ରୀକ୍ଷେତ୍ରକୁ ରକ୍ଷା କରିଥିବା ଅର୍ଦ୍ଧାସନୀ ବା ଅର୍ଦ୍ଧଶୋଷଣୀ ମାଉସୀ ମା' ମନ୍ଦିରରେ ପୂଜା ପାଇଥା'ନ୍ତି। ପୁରୀ ବଡ଼ଦାଣ୍ଡର ବଳଗଣ୍ଡି ଛକ ନିକଟରେ ଥିବା ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ରଥ ରହିଥାଏ। ଏଠାରେ ପୋଡ଼ ପିଠା ଭୋଗ ଲାଗି ହୋଇଥାଏ।

ଏକ ପ୍ରସଙ୍ଗରୁ ଜଣାଯାଏ ଯେ ମହାପ୍ରଳୟ କାଳରେ ପୁରୁଷୋତ୍ତମ କ୍ଷେତ୍ରସ୍ଥ ରୋହିଣୀକୁଣ୍ଡରୁ କାରଣୋଦକ ନିଃସୃତ ହୋଇ ମହାପ୍ରଳୟ ଘଟାଇବା ପରେ ପୁଣି

ସେହି କୁଣ୍ଡରେ ଲୀନ ହୋଇଯାଇଥାଏ। ଏହି ଜଳପ୍ରଳୟ ଯୁଗାବର୍ତ୍ତନ କାଳରେ ଘଟିଥାଏ । ଥରେ ପ୍ରଳୟ ପରେ ସେ ଜଳ କୁଣ୍ଡ ମଧ୍ୟରେ ଲୀନ ହେଲା ନାହିଁ ତହୁଁ ମା' ଲକ୍ଷ୍ମୀ ବିଷ୍ଣୁପ୍ରିୟା, ସକଳଲୋକ ଜନନୀ ଯୋଗମାୟା ସୁଭଦ୍ରିକାଙ୍କ ନିକଟରେ ଏ ଘଟଣା ବ୍ୟକ୍ତ କରନ୍ତେ ଯୋଗମାୟା ସ୍ୱ-ଗାତ୍ରରୁ ଏକ ଶକ୍ତି ଜାତକରି ପ୍ରଳୟଜଳକୁ ଶୋଷଣ ପ୍ରକ୍ରିୟା ମାଧ୍ୟମରେ ନିଃଶେଷ କରିବା ପାଇଁ ଆଦେଶ ଦେଲେ। ସୃଷ୍ଟିଦେବୀ ଚଳୁ କଳାପରି ପ୍ରଳୟ ଜଳକୁ ଶୋଷଣ କରିଦେବାରୁ କ୍ଷେତ୍ର ରକ୍ଷା ହେଲା। କ୍ଷେତ୍ର ରକ୍ଷା ହେବା ସଙ୍ଗେସଙ୍ଗେ କ୍ଷେତ୍ରବାସୀମାନେ ଆଶ୍ୱସ୍ତ ଅନୁଭବ କଲେ। ଏହି ଦେବୀ, କ୍ଷେତ୍ରର ଆରାଧ୍ୟକା ଶକ୍ତି ମଧ୍ୟରେ ଅନ୍ୟତମା। 'ଇନ୍ଦ୍ର ନୀଳମଣି ପୁରାଣ'ରେ ରୋହିଣୀକୁଣ୍ଡ ପ୍ରଶସ୍ତିରେ କୁହାଯାଇଛି.....

'ଯୋଗମାୟାଙ୍ଗ ସମ୍ଭୂତାଂ ପ୍ରଳୟୋଦକ
ଶୋଷିଣୀ ଅର୍ଦ୍ଧାଶନୀ ମହାଦେବୀ କ୍ଷେତ୍ର ରକ୍ଷା ବିଧାୟିନୀ।'

ମହାପ୍ରଳୟ ସମୟରେ ବର୍ଦ୍ଧିତ ଜଳର ଅର୍ଦ୍ଧଭାଗ ସୃଷ୍ଟିର ଆଦ୍ୟକାଳରେ ସେ ଅଶନ ବା ଭକ୍ଷଣ କରନ୍ତି ବୋଲି ସ୍କନ୍ଦ ପୁରାଣରେ ମଧ୍ୟ ଉଲ୍ଲେଖ ଅଛି। ପ୍ରଳୟ ଜଳକୁ ଶୋଷଣ କରିଥିବାରୁ ଏହାଙ୍କୁ ଅର୍ଦ୍ଧାଶନୀ ଆଖ୍ୟା ଦିଆଯାଇଛି। ବଡ଼ଦାଣ୍ଡ ଦେଇ ପ୍ରବାହିତ ଲୁପ୍ତନଦୀର ପାର୍ଶ୍ୱରେ ରହି କ୍ଷେତ୍ର ମଧ୍ୟକୁ ବନ୍ୟାଜଳ ପ୍ରବେଶ କରାଇ ନଦେବା ଓ କ୍ଷେତ୍ରକୁ ଜଗି ରହିବାର ଏକ ସଂକେତ ମଧ୍ୟ ଅର୍ଦ୍ଧାଶନୀ ନାମ ମଧ୍ୟରେ ଅନୁମାନ କରାଯାଇପାରେ। ଜଗନ୍ନାଥ ଉପାସନାର ମାନବୀକରଣ ପ୍ରକ୍ରିୟା ଅର୍ଦ୍ଧାଶନୀଙ୍କୁ ମାଉସୀମା' ରେ ପରିଣତ କରିଛି। ପୁଣି ଦେବୀ ଯୋଗମାୟାଙ୍କ ସ୍ୱ-ଗାତ୍ରରୁ ରୂପ ନେଇଥିବା ହେତୁ ତାଙ୍କ ଭଗ୍ନୀଭାବେ ମାଉସୀ ମା' ହେବା ବିଧେୟ।

ଦେବୀ ଅର୍ଦ୍ଧାଶନୀ ପ୍ରଳୟୋଦକକୁ ଶୋଷଣ କରି କ୍ଷେତ୍ରକୁ ରକ୍ଷା କରିବା ସଙ୍ଗେସଙ୍ଗେ ଶବରମାନଙ୍କ ନିବାସସ୍ଥଳକୁ ସୁରକ୍ଷା କରିଥିବାରୁ ଦଇତା ବା ଶବରମାନେ ଏହାଙ୍କୁ ଇଷ୍ଟଦେବୀଙ୍କର ମାନ୍ୟତା ପ୍ରଦାନ କରି ପୂଜନ କରନ୍ତି ବୋଲି 'ପୁରୁଷୋତ୍ତମ ମାହାତ୍ମ୍ୟ'ରେ ବର୍ଣ୍ଣିତ ଅଛି ଶବର ସାମନ୍ତମାନେ ଇନ୍ଦ୍ରନୀଳମଣି ମୂର୍ତ୍ତିକୁ ଲୁଚାଇ ରଖିଲା ପରି ଅର୍ଦ୍ଧାଶନୀଙ୍କ ଅର୍ଦ୍ଧଅଙ୍ଗକୁ ସୁଭଦ୍ରାଙ୍କ ମୁଖମଣ୍ଡଳ ରୂପରେ ଲୁଚାଇ ରଖିଛନ୍ତି ଓ ଏହାକୁ ଗୁହ୍ୟଦେବୀ ଭାବରେ ପୂଜା କରନ୍ତି।

ଶବରମାନେ ଉତ୍ତରପୂର୍ବ ପାର୍ଶ୍ୱରେ ବସତି ସ୍ଥାପନ କଲାବେଳେ ଏହି ମୂର୍ତ୍ତି ସ୍ଥାପନା କରି ଦେବୀ ସୁଭଦ୍ରାଙ୍କ ଅଙ୍ଗସମ୍ଭୂତା ବୋଲି ପ୍ରମାଣ କରିବାକୁ ବା ରହସ୍ୟକୁ ଗୁପ୍ତ ରଖିବାକୁ ଉକ୍ତ ମୂର୍ତ୍ତିର ଊର୍ଦ୍ଧ୍ୱଭାଗକୁ ଲେପ ସଂସ୍କାର କର୍ମ ଅନୁସାରେ ଦେବୀ ସୁଭଦ୍ରାଙ୍କ ମୁଖାରବିନ୍ଦ ପରି କରିଛନ୍ତି ଏହି ଲେପ ମୂର୍ତ୍ତିର ଦୁଇଗୋଟିଏ କାରଣରୁ ସ୍ୱଷ୍ଟ ଜଣାପଡ଼େ। ପ୍ରଥମତଃ- ଏ ହେଲେ ଯୋଗମାୟାଙ୍କ ଭଗିନୀ, ତେଣୁ ସୁଭଦ୍ରାଙ୍କ ପରି ହେବା ବିଧେୟ। ଦ୍ୱିତୀୟତଃ- ଶୈଳ ନିର୍ମିତ ମୂର୍ତ୍ତିକୁ ଶାବର ସଭ୍ୟତା ମଧ୍ୟରେ ସୀମିତ ରଖିବା ପାଇଁ ଲେପ ଦ୍ୱାରା ଢାଙ୍କି ଦିଆଯାଇଛି। ସମ୍ଭବତଃ ଯୋଗମାୟା ସୁଭଦ୍ରାଙ୍କ ଭଗିନୀ ରୂପରେ ଅର୍ଦ୍ଧାଶନୀଙ୍କୁ ମାତୃଭଗ୍ନୀ ମାଉସୀ ମା' ବୋଲି କୁହାଯାଏ ଓ ସେହି ନାମ ହିଁ ପ୍ରସିଦ୍ଧ ହୋଇଛି।

**ପୋଡ଼ ପିଠା ଖୁଆଇବାର ରହସ୍ୟ:-**

ଦାରୁ ରୂପୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଲୀଳା ବିଚିତ୍ର। ଦାରୁଦେବତାଙ୍କର ଅନେକ ଆଚରଣ ମଣିଷ ପରି। ଯେମିତି ନାନା ଦିନେ ନାନା ଖାଦ୍ୟ ସାମଗ୍ରୀ ଖାଇବାରେ ମଣିଷର ଆଗ୍ରହ, ସେହିପରି ପ୍ରଭୁ ଜଗନ୍ନାଥଙ୍କର ପୋଡ଼ପିଠା ଖାଇବାରେ ଆଗ୍ରହ। ସେଥିପାଇଁ ମାଉସୀ ମା'ଙ୍କର ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ପୋଡ଼ପିଠା ଭୋଗ ଲାଗେ। ଦାରୁ ମୂର୍ତ୍ତି ଚତୁଷ୍ଟୟ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ରଥରେ ଆସି ଶ୍ରୀମନ୍ଦିରରୁ ଆଡ଼ପ ମଣ୍ଡପକୁ ଯାତ୍ରା କରିଥା'ନ୍ତି। ବାହୁଡ଼ାଯାତ୍ରା ଦିନ ତିନୋଟି ବାହୁଡ଼ା ରଥ ଏହି ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ମନ୍ଦିର ତରଫରୁ ପୋଡ଼-ପିଠା ଭୋଗ ହୋଇଥାଏ।

ପୁରାଣରୁ ଜଣାଯାଏ- ପ୍ରଭୁ ଶ୍ରୀରାମଚନ୍ଦ୍ର ବନବାସ ଯିବା ସମୟରେ କାକୀ ମା' କୈକେୟୀଙ୍କୁ କହିଥିଲେ- 'ତୁମର ମୋର ସମ୍ପର୍କ ଜନ୍ମଜନ୍ମାନ୍ତର ରହିବ। ତ୍ରେତୟା ଯୁଗ ଅବସାନ ପରେ ଆସିବ ଦ୍ୱାପର ଯୁଗ। ସେଥିରେ ମଧ୍ୟ ତୁମେ ଏକ ବଳିଷ୍ଠ ଭୂମିକାରେ ଅବତୀର୍ଣ୍ଣ ହେବ। ତୁମେ ହେବ ଯଶୋମତୀ, ଆଉ ମୁଁ ହେବି ନଟନାଗର ଲବଣୀଚୋର କାହ୍ନା।'

ତା'ପରେ ଆସିବ କଳିଯୁଗ- ସେଥିରେ ମୁଁ ହେବି ଓଁକାର ଦାରୁବ୍ରହ୍ମ ଜଗନ୍ନାଥ,ଆଉ ତୁମେ ହେବ ମୋ' ମାଉସୀ ମାଆ। ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ

ତୁମେ ଅବସ୍ଥାପିତ ହେବ। ଘୋଷଯାତ୍ରା ଦିନ ବଡ଼ଦାଣ୍ଡରେ ମୋ’ ନନ୍ଦିଘୋଷ ରଥ ଗଡ଼ିଯିବାବେଳେ ତୁମ ହାତ ପ୍ରସ୍ତୁତ ପୋଡ଼ପିଠା ଖାଇବା ପାଇଁ ମୁଁ ଅଟକିଯିବି।

ଆଉ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ, ବହୁବର୍ଷ ପୂର୍ବରୁ ପୁରୀ ବଡ଼ଦାଣ୍ଡଟି ମାଳିନୀ ନଦୀ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହୋଇଥିଲା। ସେତେବେଳେ ରଥଯାତ୍ରା ସମୟରେ ୬ଟି ରଥ ହେଉଥିଲା। ଶ୍ରୀମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ୩ଟି ରଥରେ ଆସି ନଦୀ ନିକଟରେ ଓହ୍ଲାଉଥିଲେ। ତାଙ୍କୁ ନଦୀ ପାର କରାଯାଇ ପୁନଶ୍ଚ ଆରପଟେ ଥିବା ୩ରଥରେ ବିଜେ କରା ଯାଉଥିଲା।

ଏହି ନବଦିନାତ୍ମକ ଯାତ୍ରା ମଧ୍ୟରୁ ରଥ ଅଦଳ ବଦଳରେ ୬/୭ଦିନ ଚାଲି ଯାଉଥିଲା। ଏହି ଅସୁବିଧା ଦେଖି ମହାପ୍ରଭୁଙ୍କ ମାଉସୀ ମାଳିନୀ ନଦୀକୁ ଶୋଷି ଦେଇଥିଲେ। ଯେଉଁଥିପାଇଁ ତାଙ୍କୁ କୁହାଯାଏ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶିନୀ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅସୁବିଧା ଦୂର ପାଇଁ ମାଉସୀ ନଦୀ ଜଳ ଶୋଷି ନେଇଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ କଥା ରକ୍ଷା କରି ବାହୁଡ଼ିବା ବେଳେ ମାଉସୀ ମା’ ମନ୍ଦିରରେ ପୋଡ଼ପିଠା ଖାଇ ଯାଇଥା’ନ୍ତି ବୋଲି କିମ୍ବଦନ୍ତୀ ରହିଛି।

ବିଶ୍ୱାସରେ ଏବେ ବି ଅର୍ଦ୍ଧାସନୀ ମାଉସୀ ମା’ମନ୍ଦିରରେ ପୂଜା ପାଉଛନ୍ତି। ଦଇତାପଡ଼ା ସାହି ପାର୍ଶ୍ୱରେ ଏହି ମନ୍ଦିର ରହିଛି। ଏହି ମନ୍ଦିର କେଶରୀ ବଂଶର ରାଜାଙ୍କ ସମୟରେ ନିର୍ମାଣ କରାଯାଇଥିଲା। ମନ୍ଦିରରେ ମାଉସୀ ମା’ଙ୍କର କୃଷ୍ଣପ୍ରସ୍ତର ନିର୍ମିତ ଦ୍ୱିଭୁଜା ରମଣୀୟ ବିଗ୍ରହ ରହିଛି। ବିଗ୍ରହଙ୍କ ଦୁଇ ପାର୍ଶ୍ୱରେ ପାର୍ଶ୍ୱଦେବୀ ରହିଛନ୍ତି। ମୂର୍ତ୍ତିର କଟିଦେଶରୁ ଆଚ୍ଛାଦିତ କରି ଏଠାରେ ଦେବୀ ସୁଭଦ୍ରାଙ୍କ ମୁଖାଟିଏ ଛାପି ଦିଆଯାଇଛି। ମନ୍ଦିରର ଜଗମୋହନରେ ମହାଲକ୍ଷ୍ମୀ, ହନୁମାନ, ନୃସିଂହ, ରାଧାକୃଷ୍ଣ, ରାମାଭିଷେକ, ପଞ୍ଚମୁଖୀ ହନୁମାନ, କାଳୀ, ଦୁର୍ଗା, ଦଶଅବତାର, ଗଣେଶ, ଦଶମହାବିଦ୍ୟା, ଶିବପାର୍ବତୀ ଓ ନବଗ୍ରହ ଆଦି ଦେବାଦେବୀଙ୍କ ଚିତ୍ରପ୍ରତିମା ପୂଜା ପାଉଛନ୍ତି।

ପ୍ରତିଦିନ ଭୋରରୁ ମା’ଙ୍କ ଦ୍ୱାରଫିଟା ଯାଇ ସ୍ନାନ, ବେଶ କରାଯିବା ସହିତ ସକାଳ ଓ ସନ୍ଧ୍ୟାରେ ବାଲଭୋଗ କରାଯାଏ। ଏହି ଦେବୀ ବନଦୁର୍ଗା ମନ୍ତ୍ରରେ ପୂଜା ପାଇଥା’ନ୍ତି। ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଦିନ ମା’ଙ୍କ ଜଳାଶାୟୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ପ୍ରଚଣ୍ଡ ରୌଦ୍ରତାପରୁ ମା’ଙ୍କୁ ଶୀତଳ ରଖିବା ପାଇଁ ପ୍ରତିବର୍ଷ ଏହି ତିଥିରେ ମା’ଙ୍କ ଜଳାଭିଷେକ ହୋଇଥାଏ।

## ପୋଡ଼ପିଠା ପ୍ରସ୍ତୁତି :-

ମହାପ୍ରଭୁଙ୍କ ପୋଡ଼ପିଠା ପ୍ରସ୍ତୁତି ଶୈଳୀ ସ୍ୱତନ୍ତ୍ର। ଏଥିପାଇଁ ମାଉସୀ ମା'ଙ୍କ ସେବକମାନେ ହବିଷାନ୍ନ ପାଳିଥା'ନ୍ତି। ମହାପ୍ରଭୁଙ୍କ ପୋଡ଼ପିଠା ପାଇଁ ହେରାପଞ୍ଚମୀ ଦିନ ଚୁଲି ଅନୁକୂଳ ହୋଇଥାଏ। ପୋଡ଼ପିଠା ପାଇଁ ଛେନା, ଗହମ ଅଟା, ଭଲ ଘିଅ, ଚିନି, ବାଦାମ, ଖିସିମିସି, ଅଳେଇଚଡ, ଲବଙ୍ଗ ପ୍ରଭୃତି ବିଭିନ୍ନ ଦ୍ରବ୍ୟରେ ପ୍ରସ୍ତୁତ ହୁଏ। ଇଟାରେ ତିଆରି ଚୁଲିରେ ଏକ ପାଣିହାଣ୍ଡି ବସାଯାଇ ଗରମ କରାଯାଏ। ଏ ସମସ୍ତ ଦ୍ରବ୍ୟକୁ ଏକତ୍ର କରି ଏକ ମାଟିତାଡ଼ରେ ରଖି ତାହା ଉପରେ ଢାଙ୍କୁଣି ଘୋଡ଼ାଯାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଯେହେତୁ ପୋଡ଼ା ଦ୍ରବ୍ୟ ଖାଆନ୍ତି ନାହିଁ ସେଥିଲାଗି ତାଡ଼ରେ ପୂର୍ବରୁ ଥିବା ପାଣିର ବାଷ୍ପରେ ଏହା ସମ୍ପୂର୍ଣ୍ଣ ଶିଝିଥାଏ। ବାଷ୍ପୀକରଣ ପ୍ରକ୍ରିୟାରେ ଏହାକୁ ସିଝିବାକୁ ଦିଆଯାଏ। ମିଶ୍ରଣ ପ୍ରାୟ ୮ ଘଣ୍ଟା ଚୁଲିରେ ବସି ସିଝି ସାରିବା ପରେ ଏହାକୁ ଥଣ୍ଡା କରାଯାଇ ଖଣ୍ଡ ଖଣ୍ଡ କରି କଟାଯାଇ ଶୁଦ୍ଧ ଘିଅରେ ଛଣାଯାଏ। ପରେ ଏହାକୁ ମାଟି ହାଣ୍ଡିରେ ରଖାଯାଇ ତିନି ରଥ ନିକଟକୁ ଭୋଗ ହେବାକୁ ଯାଏ। ବାହୁଡ଼ା ଦିନ ତିନି ରଥ ମାଉସୀ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ପୂଜାପଣ୍ଡା ସାମନ୍ତ ଆସି ମା'ଙ୍କ ପାଖରେ ଭୋଗ କରିବା ପରେ ରଥାରୂଢ଼ ଠାକୁରଙ୍କୁ ସମର୍ପଣ କରିଥା'ନ୍ତି। ଏହାକୁ 'ସର୍ପମଣୋହୀ ଭୋଗ' କୁହାଯାଇଥାଏ। ଏହା ଦୀର୍ଘ ୧୫ ଦିନ ପର୍ଯ୍ୟନ୍ତ ସଜ ରହିଥାଏ।

## ବ୍ରହ୍ମଗିରି ବିଜେ ଦେବ ଶ୍ରୀଅଲାରନାଥ

ଅଲାରନାଥଂ ଜଗଦେକନାଥଂ ଚୈତନ୍ୟଦେବାର୍ଚ୍ଚିତପାଦପଦ୍ମମ୍ ।
ଲୀଳାମୟଂ ପାୟସତୃପ୍ତଚିତ୍ତଂ ନିରନ୍ତରଂ ବ୍ରହ୍ମଗିରିସ୍ଥମୀଡେ ॥

ସମଗ୍ର ବିଶ୍ୱ ଓ ସମୁଦାୟ ସୃଷ୍ଟିର ପାଳନ କରୁଥିବା ସ୍ୱୟଂ ସିଦ୍ଧ ଶ୍ରୀବିଷ୍ଣୁ, ଯାହାଙ୍କ ତତ୍ତ୍ୱାବଧାନରେ ସଚରାଚର ସଂସାର ନିତ୍ୟ ପରିଚାଳିତ। ଜଗତର ସାକ୍ଷୀ ରୂପେ ସିଏ ସର୍ବଦା ସାଧୁସ୍ୱଭାବ ସମାଜର ଅଖଣ୍ଡ ସୌହାର୍ଦ୍ଦ୍ୟରେ ଆବଦ୍ଧ ରହି ସେମାନଙ୍କ ମଙ୍ଗଳ କରିବା ପାଇଁ ନାନା ଅବତାର ଗ୍ରହଣ କରନ୍ତି । ସେଥିପାଇଁ ତ ସେ ବିବେକୀ ପୁରୁଷଙ୍କ ହୃଦୟରୂପକ ଆଶ୍ରମରେ ନିବାସ କରି ସେମାନଙ୍କୁ

ଅବିଳମ୍ବେ ମୋକ୍ଷ ପ୍ରଦାନ ତଥା ଦୁଷ୍ଟ ଜୀବଙ୍କ ଠାରୁ ପରିତ୍ରାଣ ଦେଉଥିବା ଅନନ୍ତ ଶକ୍ତିସମ୍ପନ୍ନ ସ୍ରଷ୍ଟା ଅଟନ୍ତି। ସେ ଅବ୍ୟକ୍ତ ଓ  ଅବିନାଶୀ। କେବଳ ଭକ୍ତିର ଯୋଗ ବଳରେ ସେ ନିଜ ଭକ୍ତ ନିମିତ୍ତ ଲୀଳା ରଚନା କରନ୍ତି। ବ୍ରହ୍ମା ପ୍ରଭୃତି ଦେବଗଣ, ସମସ୍ତ ବେଦ ଓ ଜୀବଲୋକ ତାଙ୍କ ଲୀଳାର ଅଂଶୀଦାର।

ସେଥିପାଇଁ କରୁଣା କଳ୍ପତରୁ ଶ୍ରୀବିଷ୍ଣୁଙ୍କ ନିତ୍ୟ ଲୀଳାସ୍ଥଳ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରାଣରେ ଯେତିକି ପ୍ରସିଦ୍ଧ, ସେତିକି ଆଜି ଆମ ଜନସମାଜର ନିତାନ୍ତ ପ୍ରିୟ ଓ ନିବିଡ଼ ତୀର୍ଥମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ପାଲଟିଛି। ଯୁଗ ଯୁଗ ଧରି ସେହି ପବିତ୍ର କ୍ଷେତ୍ରରେ ସ୍ୱୟଂ ନରମାନଙ୍କ ମଙ୍ଗଳ ଅବତାର ନାରାୟଣ ଶ୍ରୀଜଗନ୍ନାଥ ଭାବରେ ପୂଜା ପାଇ ଆସୁଛନ୍ତି। ଆବହମାନ ଯୁଗରୁ ସେପରି ତାଙ୍କ ପ୍ରତି ଥିବା ସେହି କ୍ଷେତ୍ର ତଥା ସମୁଦାୟ ଦେଶର ଆଦୃତି ମଧ୍ୟ କିଛି ଅଳ୍ପ ନୁହେଁ। ସେ ହେଉଛନ୍ତି ସ୍ଥୁଳରେ ପରିବ୍ୟାପ୍ତ ଓ ସୂକ୍ଷ୍ମରେ ଅବସ୍ଥିତ ହେତୁ ସେ ପରାତ୍ପର, ତେଣୁ ସମସ୍ତ ପ୍ରାଣୀ ଜଗତ ତାଙ୍କ ସୌନ୍ଦର୍ଯ୍ୟ ଓ ଚେତନା ଦ୍ୱାରା ରସାଣିତ।

ସେ ପ୍ରକୃତି ଓ ପୁରୁଷର ସମନ୍ୱିତ କାନ୍ତି, ଉପାସନା ଧର୍ମର ସର୍ବୋଚ୍ଚ ଦର୍ଶନ ଏବଂ ଅନୁରାଗୀ ଭକ୍ତର ସେ ପରିକଳ୍ପିତ ବାସ୍ତବ ଭକ୍ତିର ମୂର୍ତ୍ତି। ସେଥିପାଇଁ ସେ ପାର୍ଥିବ ମନୁଷ୍ୟ ଜଗତର ହିତ ରକ୍ଷା କରିବା ନିମନ୍ତେ ସର୍ବଦା ଅବତାର ଗ୍ରହଣ କରୁଥା'ନ୍ତି। ତେଣୁ, ପୁରାଣର କିମ୍ବଦନ୍ତୀ ବହୁଳ ବର୍ଣ୍ଣନା ବା ଲକ୍ଷାଧିକ ବର୍ଷ ଅତିକ୍ରାନ୍ତ ହୋଇ ସାରି ଲିପିବଦ୍ଧ ହୋଇସାରିଥିବା ଇତିହାସ ତାଙ୍କର ଯେତେ ମୂଳ ସନ୍ଧାନ କରିଥିଲେ ସୁଦ୍ଧା ସେ ପର୍ଯ୍ୟନ୍ତ ପହଞ୍ଚି ନାହିଁ। କାରଣ ସେ ସମସ୍ତ ଅତୀତ, ବର୍ତ୍ତମାନ ଓ ଆସନ୍ତା ଭବିଷ୍ୟତର କର୍ଣ୍ଣଧାର। ସୁତରାଂ, ଯତ୍କିଞ୍ଚିତ ଜାଣିବା ପ୍ରୟାସରେ ଆମେ କେବଳ ତାଙ୍କ ବର୍ତ୍ତମାନ ଅବସ୍ଥିତିର ଇତିହାସ ଓ ତାହା ସମ୍ବନ୍ଧିତ କିମ୍ବଦନ୍ତୀ ମାନଙ୍କର ମାତ୍ର ଏକ ନିରପେକ୍ଷ ସମୀକ୍ଷା କରିପାରିଛୁ।

ଶଙ୍ଖକ୍ଷେତ୍ର ଶ୍ରୀପୁରୁଷୋତ୍ତମ ପୁରୀର ପଶ୍ଚିମ ଦିଗରେ ରହିଛି ବ୍ରହ୍ମଗିରି। ନରେନ୍ଦ୍ର ସରୋବର ପାର୍ଶ୍ୱ ରାସ୍ତା ବା ଅଲାମଚଣ୍ଡୀଙ୍କ ଠାରୁ ସଂଯୋଗ କରିଥିବା ସଳଖ ପୁରୀରୁ ସାତପଡ଼ା ଅଭିମୁଖେ ରାସ୍ତା ଦେଇ ପ୍ରାୟ ୨୨ କି.ମି. ପରେ ଏହା ଅବସ୍ଥିତ। ଏହାର ପୂର୍ବ ଦିଗରେ ରହିଛି ନୈସର୍ଗିକ ଶୋଭା ସମ୍ପଦ ପରିପୂର୍ଣ୍ଣ ଚିର ରୂପସୀ ମରାଳମାଳିନୀ ଚିଲିକାର ଲାବଣ୍ୟମୟ ନୀଳାମ୍ବୁରାଶି। ଚତୁଃପାର୍ଶ୍ୱରେ

ଛାୟାସ୍ନିଗ୍ଧ ସୁଶୀତଳ ବକୁଳବନର ଶାନ୍ତ ଓ କମନୀୟ ପରିବେଶ। ପୂର୍ବରୁ ମଧ ଚିଲିକା ଉପକୂଳ ଓ ତତ୍ ସଂଲଗ୍ନ ସ୍ନିଗ୍ଧ, ବିଜନ ପରିବେଶ ସନ୍ଥମାନଙ୍କ ଉପାସନା ପାଇଁ ଉତ୍କୃଷ୍ଟ ସ୍ଥଳୀ ଥିଲା। ସମାନ କାରଣରୁ ଏହା ଏପର୍ଯ୍ୟନ୍ତ ସୁଦ୍ଧା ବାସ୍ତବିକ, ଆଗନ୍ତୁକ ପର୍ଯ୍ୟଟକଙ୍କୁ ନିଜ ପ୍ରକୃତି କୋଳରେ ଅପୂର୍ବ ସୁଷମା ଦ୍ୱାରା ପ୍ରାଣକୁ ଅଭିଭୂତ କରିଥାଏ।

ବ୍ରହ୍ମଗିରି ପ୍ରବେଶ ପଥରେ ରହିଛି ନହରପଦା ବୋଲି ଗୋଟିଏ ଗାଁ। ସେଠି ପାଞ୍ଚ ଏକର ପରିମିତ କେତକୀ, ବଉଳ ଓ ନାରିକେଳ ଜଙ୍ଗଲ ପରିବ୍ୟାପ୍ତ ଅଞ୍ଚଳ ମଧ୍ୟରେ ବିଦ୍ୟମାନ ଶ୍ରୀ ଅଲାରନାଥଙ୍କ ମନ୍ଦିର। ବର୍ତ୍ତମାନ ନିକଟ ଜନବସତିର କଳେବର ବୃଦ୍ଧି ଘଟିଥିଲେ ସୁଦ୍ଧା ପୂର୍ବରୁ ଶଗଡ଼ ଗାଡ଼ି ବା ପାଦ ଚଲା ଦୁର୍ଗମ ପଥ ଦେଇ ଏଠି ପହଞ୍ଚିବା ଏକମାତ୍ର ବାଟ ଥିଲା। ଦକ୍ଷିଣରେ ମହୋଦଧି, ପଶ୍ଚିମରେ ଚିଲିକା, ଉତ୍ତରରେ ପୁଣ୍ୟତୋୟା ଭାର୍ଗବୀ ନଦୀ ଓ ପୂର୍ବରେ ଶ୍ରୀକ୍ଷେତ୍ର ପୁରୀ।

କଥିତ ଅଛି, ବ୍ରହ୍ମା ଶ୍ରୀପୁରୁଷୋତ୍ତମଙ୍କ ପ୍ରତିଷ୍ଠା ନିମିତ୍ତ ଯେଉଁଠି ସ୍ୱର୍ଗଲୋକରୁ ଅବତରଣ କରି ମର୍ତ୍ତ୍ୟ ଧାମରେ ଅବତୀର୍ଣ୍ଣ ହୋଇଥିଲେ, ସେହି ସ୍ଥାନ ବର୍ତ୍ତମାନ 'ବ୍ରହ୍ମଗିରି' ବୋଲି ପ୍ରସିଦ୍ଧ। କୁହାଯାଏ ଏହି ଠାରୁ ହିଁ ସ୍ୱୟଂ ପ୍ରଜାପତି ଗସ୍ତ କରି ଶ୍ରୀପୁରୁଷୋତ୍ତମ ଯାଏଁ ଇନ୍ଦ୍ରନୀଳମଣି କାନ୍ତିଯୁକ୍ତ କମନୀୟ ନୀଳମାଧବଙ୍କ ଦର୍ଶନ ପାଇଁ ଯାଉଥିଲେ।

ପରବର୍ତ୍ତୀ ସମୟରେ ଶ୍ରୀକ୍ଷେତ୍ର ମାଳବ ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ତା' ସହିତ ପରବର୍ତ୍ତୀ କାଳରେ ପ୍ରତିଷ୍ଠିତ ଅଲାରନାଥଙ୍କ ମନ୍ଦିରର ଐତିହାସିକ ପୃଷ୍ଠଭୂମି ମଧ ଅତ୍ୟନ୍ତ ଚମକପ୍ରଦ ଓ ଚିତ୍ତାକର୍ଷକ। ସେହି କିମ୍ବଦନ୍ତୀ 'ପୁରୁଷୋତ୍ତମ ଚନ୍ଦ୍ରିକା' ନାମକ ଏକ ଗ୍ରନ୍ଥରେ ରହିଛି, ଯେଉଁଠି ଆଲବନ୍ଦାଚାର୍ଯ୍ୟ ନାମକ ଜଣେ ସନ୍ଥ ଥିଲେ। ସେ ଜଣେ ଅଲୌକିକ ସାଧକ। ଏହି 'ଆଲବନ୍ଦ' ଶବ୍ଦ, ଦକ୍ଷିଣ ଭାରତର ପ୍ରଖ୍ୟାତ ବୈଷ୍ଣବ 'ଆଲବର'ଙ୍କ ସହ ସମ୍ପୃକ୍ତ। ବିଷ୍ଣୁଙ୍କ ପୂଜା, ନୀତି, ଭଜନ ଓ ସାଧନକୁ ପାଥେୟ କରି ଗୋଟିଏ ପନ୍ଥାର ଅନୁସରଣରେ ସେମାନେ ସଙ୍ଗୀତ ରଚ଼ନା କରନ୍ତି। ତାମିଲ ଭାଷାର ଶବ୍ଦ 'ଆଲବାର' ର ଅର୍ଥ 'ଯିଏ ନିମଜ୍ଜିତ'। ଟୀକା ପାଠରୁ ଜଣାଯାଏ, ବିଷ୍ଣୁ ଭକ୍ତିରେ

ଏକାନ୍ତ ସମର୍ପିତ ତତ୍କାଳୀନ ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ଏହା ଅଭିହିତ କରାଯାଇଛି ।

ତେବେ ଯାହା ବି ହେଉ, ଏହି ଆଲବନ୍ଦାଚାର୍ଯ୍ୟ ଜଗନ୍ନାଥଙ୍କୁ ଦର୍ଶନ କରିବା ଲାଗି ଏକଦା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଆସିଥିଲେ । ସେ ସ୍ୱର୍ଗଦ୍ୱାର ଠାରେ ଥିବା ସୋଲାଖିଆ ବଟବୃକ୍ଷ କୋଣରେ ଏକ ମହୁମାଛି ରୂପ ଧରି ଶ୍ରୀମନ୍ଦିରକୁ ଯିବା ବେଳେ ବାଧା ଉପୁଜିଲା । ତେଣୁ, ହତୋତ୍ସାହିତ ଆଲବାନ୍ଦାଚାର୍ଯ୍ୟ ସମୁଦ୍ରରେ ଝାସ ଦେବା ପୂର୍ବରୁ ହଠାତ୍, ମାଙ୍କଡ଼ଟିଏ ତାଙ୍କୁ ବଞ୍ଚେଇ ଦେଲା । ତାହା ପ୍ରହାରରେ ସେ ଆସି ଅଲାରନାଥଙ୍କ ପୀଠରେ ପତିତ ହୋଇ ଶ୍ରୀବିଷ୍ଣୁଙ୍କୁ ଦର୍ଶନ କରିଥିଲେ । ତେବେ ଏହା ଏକ ସ୍ୱାଭାବିକ କିମ୍ବଦନ୍ତୀ ରୂପେ ଜଣାପଡୁଛି । କିନ୍ତୁ ପୀଠର ଇତିହାସ ଦେଖିଲେ ଏହା ସହଜରେ ଅନୁମେୟ ଯେ ପରବର୍ତ୍ତୀ ଦ୍ୱାଦଶ ଶତାବ୍ଦୀର 'ଶ୍ରୀବୈଷ୍ଣବ'ମାନଙ୍କ ପ୍ରଭାବ ହେତୁ ତାଙ୍କର ଏପରି ନାମକରଣ ହୋଇ ଥାଇପାରେ ।

ବୈଷ୍ଣବ ଧର୍ମ ଯଦ୍ୟପି ଖୁବ୍ ପ୍ରାଚୀନ ଓ ପ୍ରସିଦ୍ଧ, ଏହା ଭାଗବତ ଧର୍ମରୁ 'ବୈଷ୍ଣବ' ପନ୍ଥାର ପରିଚୟ ଲାଭ କରେ ପ୍ରାୟ ଖ୍ରୀ. ୫ମ-୬ଷ୍ଠ ଶତାବ୍ଦୀ ମଧ୍ୟରେ । ସେତେବେଳେ ଗୁପ୍ତ ଯୁଗର ସମୟ ଓ ଦକ୍ଷିଣ ଭାରତରେ ପୂର୍ବରୁ କହିଥିବା ଆଲବାର ସମ୍ପ୍ରଦାୟଙ୍କ ଉତ୍ପତ୍ତି । 'ଆଲବାର' ହେଉଛନ୍ତି ଦିବ୍ୟ ଯୋଗୀ ବା ଦେବତୁଲ୍ୟ ସନ୍ନ୍ୟାସୀ । ଆଲବାରମାନଙ୍କ ପରମ୍ପରାକୁ ଉଲ୍ଲେଖ କରିଥିବା ସର୍ବପ୍ରଥମ ଗ୍ରନ୍ଥ ପ୍ରପନ୍ନାମୃତରୁ ଜଣାଯାଏ ଯେ ଶେଷ ଆଲବାର ଶ୍ରୀ ରାମାନୁଜାଚାର୍ଯ୍ୟ ଖ୍ରୀ : ୧୦୧୭ ରେ ପ୍ରକଟିତ ହୁଅନ୍ତି । ଏହାଙ୍କ ମତବାଦରେ ଆଜିର ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ଯେତେବେଳେ ଅନେକ ଭାବରେ ପ୍ରଭାବିତ, ତେବେ ସ୍ୱାଭାବିକ ତତ୍ ସଂଲଗ୍ନ ବ୍ରହ୍ମଗିରି ଅଞ୍ଚଳରେ ମଧ୍ୟ ତାଙ୍କ ଓଡ଼ିଆ ଶିଷ୍ୟ ବା ତାଙ୍କ ମତ ଅନୁସରଣ କରିଥିବା ସନ୍ଥଙ୍କ ପ୍ରଭାବ ନିଶ୍ଚୟ ପଡ଼ିଛି ।

ଏହି ଧାରଣାକୁ ଆହୁରି ଦୃଢ଼ କରେ 'ମାଦଳାପାଞ୍ଜି' ର ପ୍ରମାଣ : 'ମଦନ ମହାଦେବ ଭୋଗ କଲେ ବ ୧୫ ର୍ଷ । ଏ ରାଜା ସିରାଇ ଦଣ୍ଡପାଟର ସହଜପାରି ଗ୍ରାମରେ କଟକ କରିଥିଲେ । ଏ ରାଜା ଅଲାର ନାଥ ଦେଉଳ କଲେ ।' ଏହି ରାଜା ମଦନ ମହାଦେବ ଥିଲେ ଗଙ୍ଗବଂଶର ଚତୁର୍ଥ ରାଜା । ଏହାଙ୍କ ମୂଳ ନାମ ଥିଲା ରାଜରାଜ ଦେବ (ମଦନ ମହାଦେବଙ୍କ ନାମ ରାଜରାଜେଶ୍ୱର । ଏ ରାଜା

ଭୋଗ କଲେ ଅ ୩୨ ଙ୍କ)। ଗଙ୍ଗବଂଶୀୟ ରାଜା ନରସିଂହ ଦେବ (୪ର୍ଥ) ଙ୍କ କେନ୍ଦୁଲି ଶାସନରୁ ଜଣାଯାଏ ଯେ ତାଙ୍କର ପୁତ୍ର ତଥା ଶ୍ରୀମନ୍ଦିର ପ୍ରଥମ ପ୍ରତିଷ୍ଠାତା ଚୋଡ଼ଗଙ୍ଗ ଦେବଙ୍କ ଚାରି ସନ୍ତାନ ଥିଲେ, କାମାର୍ଣ୍ଣବ ଦେବ, ରାଘବ ଦେବ, ରାଜରାଜ ଦେବ ବା ମଦନ ମହାଦେବ ଏବଂ ଅନଙ୍ଗ ଭୀମଦେବ (୨ୟ)। ତାଙ୍କର ଶାସନ ଥିଲା ଆଜିର ବିସ୍ତୃତ ସିରାଇ ଦଣ୍ଡପାଟ ଅଞ୍ଚଳରେ।

ଆଧୁନିକ ଖୋର୍ଦ୍ଧା ଜିଲ୍ଲାର 'ସିରାଇ', 'କଣାସ', 'କହନା', 'ଘୋରଡ଼ିଆ', 'ଦୋକନ୍ଦା' ପର୍ଯ୍ୟନ୍ତ ଥିଲା ଏହି ଅଞ୍ଚଳ ଏବଂ ଭିତରେ ଥିଲା ମଦନ ମହାଦେବଙ୍କ ରାଜଧାନୀ ସହଜପାରି କଟକ। ଏହା ଏକ ବୃହତ୍ ଗଡ଼ ଥିଲା, ଯାହାର ଭଗ୍ନାବଶେଷ ଏପର୍ଯ୍ୟନ୍ତ ସୁଦ୍ଧା ଡେଲାଙ୍ଗ, କଣାସ ଓ ଘୋରଡ଼ିଆ ଗ୍ରାମରେ ଦୃଶ୍ୟମାନ ହୁଅନ୍ତି। ଏହି ଗଡ଼ର ଉତ୍ତର ଦିଗରେ ରହିଛି ମୋଟରୀ ଗଡ଼, ଦକ୍ଷିଣରେ ଡେଲାଙ୍ଗ, ପୂର୍ବରେ କାଳୁପଡ଼ାଗଡ଼ ଓ ପଶ୍ଚିମରେ ବେଗୁନିଆପଡ଼ା ଓ ଝାରପଡ଼ା । ଏଠାରେ ତାହାଙ୍କ ପ୍ରଥମ ଅଭିଯାନ କ୍ରମେ ସେ ବଣି ବକ୍ରେଶ୍ୱର ନାମିତ ଶମ୍ଭୁଙ୍କ ପ୍ରତିଷ୍ଠା କରିଥିଲେ।

ସେ ଯାହା ବି ହେଉ, ସମ୍ପ୍ରତି ବ୍ରହ୍ମଗିରିରେ ଅବସ୍ଥିତ ଅଲାରନାଥଙ୍କ ମନ୍ଦିର ତାଙ୍କ ଦ୍ୱାରା ମଧ୍ୟ ପ୍ରତିଷ୍ଠିତ ବୋଲି ଜଣାଯାଏ। ଚବିଶକୁଦ ଗାଁ ଠାରୁ ଖୋର୍ଦ୍ଧାର ଲେମ୍ବେଇ ପର୍ଯ୍ୟନ୍ତ ଏକାଧିକ ବିଷ୍ଣୁ ମନ୍ଦିର ତାଙ୍କ ରାଜତ୍ୱରେ ନିର୍ମାଣ କରାଯାଇଛି। କାରଣ, ଇଂରେଜ ଶାସନ ସମୟକୁ ମଧ୍ୟ ଲେମ୍ବେଇ ପ୍ରଗଣା ଭିତରେ ବେଗୁନିଆ ପଡ଼ା ଓ ଚବିଶକୁଦ ପ୍ରଗଣା ଅନ୍ତର୍ଗତ ବ୍ରହ୍ମଗିରି ଥିଲା ବୋଲି ଜଣାଯାଏ।

ଏହାଙ୍କ ସମୟ ଥିଲା ଖ୍ରୀ. ୧୧୭୦ ଏବଂ ସେ ସମୟର ଶ୍ରୀବୈଷ୍ଣବ ସମ୍ପ୍ରଦାୟର ପ୍ରଭାବ ଶ୍ରୀକ୍ଷେତ୍ରରେ ଥିଲା। ଶେଷ ଆଲବାର ରୂପରେ ରାମାନୁଜଙ୍କ ନାମ ଅନୁଯାୟୀ ଏହାଙ୍କ ନାମ 'ଆଲବାର ନାଥ' ରୁ 'ଆଲାର ନାଥ' ବା 'ଅଲାରନାଥ' ହେବା ଖୁବ୍ ସମ୍ଭବପର। କାରଣ, ଶ୍ରୀବୈଷ୍ଣବ ସମ୍ପ୍ରଦାୟର ମଠ ଓ କେତେକ ପୁରାତନ ବାସସ୍ଥାନ ଏପର୍ଯ୍ୟନ୍ତ ବ୍ରହ୍ମଗିରି ଭିତରେ ରହିଛି । ସେମାନଙ୍କ ମଧ୍ୟରେ ଅନ୍ୟତମ ହେଉଛି ଶ୍ରୀ ରାୟ ରାମାନନ୍ଦ, ଯିଏ ଗଜପତି ପ୍ରତାପରୁଦ୍ର ଦେବଙ୍କ ବିଶିଷ୍ଟ ମନ୍ତ୍ରୀ ତଥା 'ଜଗନ୍ନାଥ ବଲ୍ଲଭ' ନାମକ ସଂସ୍କୃତ ନାଟକର ରଚୟିତା। ତାଙ୍କର ଆବିର୍ଭାବ ଓ ବାସ ସ୍ଥଳୀ ହେଉଛି ବ୍ରହ୍ମଗିରି ସ୍ଥିତ ବେଣ୍ଟପୁର ଗାଁ । ସେ ରାଜମହେନ୍ଦ୍ରୀର ପରିଚାଳକ ରୂପେ ନିଯୁକ୍ତ ଥିଲେ ।

ଏହି ସନ୍ଧିକ୍ଷଣରେ ହିଁ ଗୌଡ଼ୀୟ ବୈଷ୍ଣବର ପ୍ରସିଦ୍ଧ ପ୍ରଚାରକ ଚୈତନ୍ୟଙ୍କ ଦାକ୍ଷିଣାତ୍ୟ ଗସ୍ତ ଥିଲା। ସମାନ କାଳରେ ତାଙ୍କୁ ଗୋଦାବରୀ ନଦୀର ପବିତ୍ର ଘାଟରେ ସାକ୍ଷାତ କରି ରାୟ ରାମାନନ୍ଦ ବିଭିନ୍ନ ଶାସ୍ତ୍ର ଆଲୋଚ଼ନା କରିଥିଲେ । ତାଙ୍କ ପାଣ୍ଡିତ୍ୟରେ ବିମୁଗ୍ଧ ହେବା ସଙ୍ଗେସଙ୍ଗେ ଉତ୍କଳୀୟ ବୈଷ୍ଣବ ଧର୍ମ ସମ୍ପର୍କରେ ମଧ ଜାଣିଲେ ଚୈ଼ତନ୍ୟ। ପ୍ରାୟ ଦଶ ଦିନ ଅବଧି ବୋଲି ଏହି କଥୋପକଥନର ପ୍ରମାଣ ମିଳେ 'ଶ୍ରୀଚୈ଼ତନ୍ୟ ଚରିତାମୃତ' ଗ୍ରନ୍ଥରୁ। ଶ୍ରୀଚୈ଼ତନ୍ୟଙ୍କ ଓଡ଼ିଶା ଆଗମନ ୧୫୧୦ ଖ୍ରୀ.ରେ। ଚୈତନ୍ୟଙ୍କ ଆଗମନ ପରେ ଓଡ଼ିଶାରେ ତାଙ୍କ ଦ୍ୱାରା ପ୍ରଚ଼ାରିତ ରାଧାକୃଷ୍ଣ ଲୀଳାର ପ୍ରେମ ତତ୍ତ୍ୱ ପ୍ରସିଦ୍ଧ ହୋଇଥିଲା। କ୍ରମଶଃ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ଆଗତ। ଦିବ୍ୟ ମଞ୍ଜସ୍ନାନ ପାଇଁ ବିଜେ ମହାପ୍ରଭୁ ପରେ ୧୫ ଦିନବ୍ୟାପୀ ଅନବସର ଲୀଳାରେ ରହିଥିଲେ।

ଶ୍ରୀଚୈ଼ତନ୍ୟ ତାଙ୍କ ଜୀବନର ଶେଷ ୧୮ ବର୍ଷ ଶ୍ରୀକ୍ଷେତ୍ରରେ କଟାଇଥିଲେ। ରାୟ ରାମାନନ୍ଦଙ୍କ ନିମନ୍ତ୍ରଣ ରକ୍ଷା କରି କାଶୀ ମିଶ୍ର ନାମକ ଜଣେ ବ୍ରାହ୍ମଣଙ୍କ ଗମ୍ଭୀରା ଘରେ ସେ ଅବସ୍ଥାନ ପୂର୍ବକ ପ୍ରତ୍ୟହ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଶ୍ରୀମନ୍ଦିରକୁ ଯାଉଥିଲେ। ଅଣସର ସମୟରେ ପ୍ରଭୁଙ୍କର ଦର୍ଶନ ନ ପାଇ ବିରହ ବ୍ୟଥାରେ ମ୍ରିୟମାଣ ହୋଇ ପଡ଼ିଥିଲେ। ଏକଦା, ପ୍ରଭୁଙ୍କ ନିର୍ଦ୍ଦେଶରେ ସେ ବ୍ରହ୍ମଗିରି ଠାରେ ଅଲାରନାଥଙ୍କ ପୀଠରେ ପହଞ୍ଚି ସାକ୍ଷାତ ନାରାୟଣ ମୂର୍ତ୍ତିଙ୍କୁ ଦର୍ଶନ କରନ୍ତି। ତାଙ୍କ ଠାରେ ଶ୍ରୀଜଗନ୍ନାଥଙ୍କ ସମାନ ଭାବ ଉପଲବ୍ଧି କରି ପରମ ଭାବରେ ବିହ୍ୱଳିତ ହୋଇ ଚୈ଼ତନ୍ୟ ଦଣ୍ଡବତ ପଡ଼ି ଯାଇଥିଲେ।

କିମ୍ବଦନ୍ତୀ ପ୍ରକାରରେ କୁହାଯାଏ ଯେ ଅଲାରନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ଏକ ପ୍ରସ୍ତର ଖଣ୍ଡ ଉପରେ ଯେଉଁଠି ଚୈତନ୍ୟ ଦଣ୍ଡବତ ପ୍ରଣିପାତ କରିଥିଲେ, ଉକ୍ତ ପ୍ରସ୍ତର ଖଣ୍ଡକ ତାଙ୍କ ଶରୀରର ଆକାର ଅନୁଯାୟୀ ତରଳି ଯାଇଥିଲା। ଏବେ ବି ସେହି ପ୍ରସ୍ତର ଖଣ୍ଡିକ ସର୍ବାଙ୍ଗ ଶିଳା ଭାବେ ମନ୍ଦିର ପରିସରରେ ପୂଜିତ ହେଉଛି। ଆଜି ବି ଶ୍ରୀଚୈତନ୍ୟ ପନ୍ଥୀ ଗୌଡ଼ୀୟ ବୈଷ୍ଣବମାନେ ଏହି ପୀଠକୁ ଆଗମନ କରି ପ୍ରଭୁ ଅଲରନାଥଙ୍କୁ ଦର୍ଶନ କରିବା ସହିତ ସେହି ସର୍ବାଙ୍ଗ ଶିଳାକୁ ପ୍ରଣିପାତ କରିଥା'ନ୍ତି। ସେଥିପାଇଁ 'ଶ୍ରୀଚୈ଼ତନ୍ୟ ଚରିତାମୃତ' ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି–

'ସ୍ନାନ ଯାତ୍ରା ଦେଖି ପ୍ରଭୁ ପାଇଲ ବଡ଼ ସୁଖ,
ଈଶ୍ୱରେର ଅନବସରେ ପାଇଲ ମହାଦୁଃଖ।
ଅନବସରେ ଜଗନ୍ନାଥ ପର ନ ପାୟା ଦରଶନ
ବିରହେ ଅଲାରନାଥ କରିଲା ଗମନ।'

**('ମଧ୍ୟଲୀଳା', ୧ମ ପରିଚ୍ଛଦ)**

ସେଥିପାଇଁ ଆଜି ମଧ୍ୟ ଜ୍ୟେଷ୍ଠ ପୂର୍ଣ୍ଣିମା ପରଦିନ ଠାରୁ ୧୫ ଦିନ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ଯାଏଁ ଆସିଥିବା ଦର୍ଶନାର୍ଥୀ ଓ ଦୂର ରାଜ୍ୟର ବହୁସଂଖ୍ୟକ ଶ୍ରଦ୍ଧାଳୁ ଅଲାରନାଥଙ୍କ ଦର୍ଶନ ପାଇଁ ବ୍ରହ୍ମଗିରି ଯାଇଥା'ନ୍ତି । ମହାସ୍ନାନ ପରେ ଲୌକିକ ଜ୍ୱର ପୀଡ଼ିତ ହେତୁ ଏହି ସମୟରେ ପ୍ରଭୁଙ୍କର ସାଧାରଣ ଦର୍ଶନ ବନ୍ଦ ରହେ ଏବଂ ୧୫ ଦିନ କାଳ ଚତୁର୍ଦ୍ଧାମୂରତି ଅଣସର ଘରେ ବିଜେ ହୁଅନ୍ତି। ଅଣସର ଘର ତାଳତାଟି ଭିତରେ ମହାପ୍ରଭୁଙ୍କ ବଂଶଧର ଭାବେ ପରିଚିତ ଦଇତାପତି ସେବକମାନେ ସେମାନଙ୍କର ସେବାଶୁଶ୍ରୂଷା କରନ୍ତି। ପ୍ରଭୁଙ୍କ ଅଣସର ସମୟରେ ଭକ୍ତମାନେ ଶ୍ରୀଅଲାରନାଥଙ୍କ ଦର୍ଶନ ଲାଭ କରି କୃତକୃତ୍ୟ ହୁଅନ୍ତି। ବିଶ୍ୱାସ କରାଯାଏ ଯେ, ଏହି ସମୟରେ ଶ୍ରୀଅଲାରନାଥଙ୍କ ଦର୍ଶନ, ଜଗନ୍ନାଥଙ୍କ ଦର୍ଶନ ସହିତ ସମାନ।

ସେଥିପାଇଁ ଓଡ଼ିଶାର କୋଣ ଅନୁକୋଣରୁ ଛୁଟିଥିବା ଭକ୍ତଗଣଙ୍କ ପାଇଁ ବଡ଼ ସମାରୋହରେ ଏଠି ଉତ୍ସବ ପନ୍ଦର ଦିନ ପର୍ଯ୍ୟନ୍ତ ପାଳନ କରାଯାଉଛି। ଯାତ୍ରାର ଶେଷ ପାଞ୍ଚ ଦିନ ଅଲାରନାଥ ମନ୍ଦିର ନିଯୋଗ ପକ୍ଷରୁ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ମଧ୍ୟ ହୁଏ। ଅହରହ ଶ୍ରଦ୍ଧାଳୁମାନଙ୍କ ଆଗମନ ଓ ପୂଜାର୍ଚ୍ଚନା ଦ୍ୱାରା ପୀଠଟି ଚଳଚଞ୍ଚଳ ହୋଇଉଠେ। ଅଲାରନାଥଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଚୈତନ୍ୟ ମନ୍ଦିର, ଶିବ ମନ୍ଦିର ଓ ବିଭିନ୍ନ ଠାକୁରାଣୀଙ୍କ ମନ୍ଦିର, ଭଗ୍ନ ଓ ବିସ୍ଥାପିତ ଏକ ବିଶାଳ ନବଗ୍ରହ ପ୍ରସ୍ତର, ଲଳାଟବିମ୍ବ, ପ୍ରାର୍ଥନା ଗୃହ ତଥା ଏକ ସ୍ଥାୟୀ ଯଜ୍ଞ ମଣ୍ଡପ ଅବସ୍ଥିତ। ବର୍ତ୍ତମାନ ଆସନ୍ତୁ, ଜାଣିବା ଅଲାରନାଥଙ୍କ ଦେଉଳ ପରିସର ଓ ଅଧିଷ୍ଠିତ ଶ୍ରୀଅଲାରନାଥ ପ୍ରଭୁଙ୍କ ସମ୍ପର୍କରେ।

ଉତ୍କଳୀୟ ଶିଳ୍ପ ଅନୁଯାୟୀ ଏହି ମନ୍ଦିର ରେଖ ଶୈଳୀର ବିମାନ ଓ ପୀଢ଼ ଶୈଳୀର ଜଗମୋହନକୁ ନେଇ ଗଠିତ। ଏହାର ଏକ ଆୟତାକାର ଛାତ ବିଶିଷ୍ଟ

ଭୋଗମଣ୍ଡପ ରହିଛି। ମୁଖ୍ୟ ବିମାନ ବା ଦେଉଳର ଭୂପତ୍ତନରୁ ଉଚ୍ଚତା ପଚାଶ ଫୁଟ୍। ଏହାର ଗର୍ଭଗୃହରେ ଶ୍ରୀବିଷ୍ଣୁ ଅଲାରନାଥ ଭାବରେ ବିରାଜମାନ। ପରମ ପ୍ରଶାନ୍ତି ବିଜଡ଼ିତ ଦିବ୍ୟ ମୁଖଶ୍ରୀ ସଙ୍ଗେ କଳା ମୁଗୁନି ପ୍ରସ୍ତର ଦ୍ୱାରା ଶ୍ରୀବିଷ୍ଣୁଙ୍କ କମନୀୟ କଳେବରରେ ସୂକ୍ଷ୍ମ ବନମାଳ ବକ୍ଷ ସ୍ଥଳରେ ଲମ୍ବି ଆସିଛି। ବିଗ୍ରହଙ୍କ କିରୀଟ ଠାରୁ ପାଦ ପର୍ଯ୍ୟନ୍ତ ଉଚ୍ଚତା ପ୍ରାୟ ସାଢ଼େ ଛ' ଫୁଟ୍ ବିଶିଷ୍ଟ। ଉଭୟ ପାର୍ଶ୍ୱରେ ଶ୍ରୀଦେବୀ ଏବଂ ଭୂଦେବୀ ରହିଛନ୍ତି। ବିଗ୍ରହ ସଂଲଗ୍ନ ପଶ୍ଚାତ୍ ଭାଗରେ କାରୁକାର୍ଯ୍ୟପୂର୍ଣ୍ଣ ତୋରଣ ବା ପ୍ରଭା ଦେଖିବାକୁ ମିଳେ। ମୂର୍ତ୍ତିର ମଧ୍ୟଭାଗର ଉଭୟ ପାର୍ଶ୍ୱରେ ଦୁଇଜଣ ଚାମର ସେବିକା ଓ ନିମ୍ନ ଭାଗ ଉଭୟ ପାର୍ଶ୍ୱରେ ଭୂଦେବୀ ଓ ଶ୍ରୀଦେବୀ ଦଣ୍ଡାୟମାନ।

ଶ୍ରୀବିଗ୍ରହଙ୍କ ଚରଣତଳେ ଭକ୍ତ ଗରୁଡ଼ପକ୍ଷୀ ହସ୍ତଯୋଡ଼ି ପ୍ରାର୍ଥନାରତ ରହିଛନ୍ତି। କର୍ଣ୍ଣରେ ମକରକୁଣ୍ଡଳ, କଣ୍ଠରେ ରତ୍ନହାର, ସ୍କନ୍ଧରେ ଯଜ୍ଞୋପବୀତ, ପାଦରେ ନୂପୁର, ହସ୍ତରେ ବାହୁଟି ଓ ଅଙ୍ଗୁଳିରେ ମୁଦ୍ରିକାଦି ପ୍ରସ୍ତରରେ ଖୋଦିତ ହୋଇ ଶୋଭା ପାଉଛନ୍ତି । ଶ୍ରୀବିଗ୍ରହଙ୍କ ଉର୍ଦ୍ଧ୍ୱଦେଶ ବାମ ହସ୍ତରେ ଶଙ୍ଖ, ଡାହାଣ ହସ୍ତରେ ଚକ୍ର, ନିମ୍ନ ଦେଶର ବାମ ହସ୍ତରେ ଗଦା ଏବଂ ଆଶୀର୍ବାଦ ସୂଚକ ଅଭୟମୁଦ୍ରାରେ ଥିବା ଡାହାଣ ହସ୍ତ ପାପୁଲିରେ ପଦ୍ମ ବିରାଜିତ। 'ସିଦ୍ଧାର୍ଥ ସଂହିତା' ନାମକ ମୂର୍ତ୍ତି ତତ୍ତ୍ୱ ତଥ୍ୟ ସନ୍ନିବେଶିତ ଗ୍ରନ୍ଥର ପ୍ରମାଣ ଅନୁଯାୟୀ ଶ୍ରୀବିଗ୍ରହ ହେଉଛନ୍ତି ଜନାର୍ଦ୍ଦନ ନାରାୟଣ, ଯଥା- 'ପଦ୍ମଂ ସୁଦର୍ଶନଂ ଶଙ୍ଖଂ ଗଦା ଧତ୍ତେ ଜନାର୍ଦ୍ଦନଃ।' ଏହାଙ୍କ ମନ୍ଦିର ପାର୍ଶ୍ୱରେ ମହାଲକ୍ଷ୍ମୀଙ୍କ ମନ୍ଦିର ମଧ୍ୟ ରହିଛି।

ଅଲାରନାଥଙ୍କ ଖିରି ଭୋଗ ସମଗ୍ର ଓଡ଼ିଶାରେ ପ୍ରସିଦ୍ଧ। ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସଦୃଶ ଏହା ଅଲାରନାଥଙ୍କ ଦୈନନ୍ଦିନ ଭୋଗରେ ନିୟମିତ ସମର୍ପଣ କରାଯାଇଥାଏ। ଏହା ସମ୍ପର୍କରେ ମଧ୍ୟ ଏକ ପ୍ରସିଦ୍ଧ ଲୋକକଥା ରହିଛି। ସ୍ୱର୍ଗତ ହଟକିଶୋର ପ୍ରତିହାରୀଙ୍କ ଦ୍ୱାରା ସଙ୍କଳିତ 'ଅଲାରନାଥ ମହିମା' ଗ୍ରନ୍ଥରେ ବର୍ଣ୍ଣିତ ଯେ ଏଠାରେ କମା ବ୍ରାହ୍ମଣ ଅଲାରନାଥଙ୍କ ପୂଜାରେ ନିଯୁକ୍ତ ଥିଲେ।

ଏମାନଙ୍କ ମଧ୍ୟରୁ ଶ୍ରୀକେତନ ନାମରେ ଜଣେ ବ୍ରାହ୍ମଣ ଥିଲେ। ଭିକ୍ଷାଟନ ହିଁ ସେବା ନିର୍ବାହର ଏକମାତ୍ର ଅବଲମ୍ବନ ଥିଲା। ତେଣୁ ତାଙ୍କର ଆଠ ବର୍ଷର ନାବାଳକ ପୁତ୍ର ମଧୁସୂଦନ ଉପରେ ଠାକୁରଙ୍କ ପୂଜା ଭାର ନ୍ୟସ୍ତ କରି ଥରେ

ସେ ଭିକ୍ଷା ଉଦ୍ଦେଶ୍ୟରେ ବାହାରକୁ ଯାଇଛନ୍ତି। ବାଳକର ମା' ଖିରି ଭୋଗ (ପାୟସାନ୍ନ) ରନ୍ଧନ କରି ଶ୍ରୀଜୀଉଙ୍କୁ ଭୋଗଦେବା ଉଦ୍ଦେଶ୍ୟରେ ବାଳକ ପୁତ୍ର ମଧୁସୂଦନ ହସ୍ତରେ ମନ୍ଦିର ମଧ୍ୟକୁ ପଠାଇ ଦେଲେ।

ବାଳକ ମଧୁସୂଦନ ଠାକୁରଙ୍କ ସମ୍ମୁଖରେ ଭୋଗକୁ ରଖି ଦରଜା ବନ୍ଦ କରି ସାଙ୍ଗ ପିଲାଙ୍କ ଖେଳ ଗମାତରେ ଚାଲିଗଲା। କିଛି ସମୟ ପରେ ତାଙ୍କ ମା' ବାହାରେ ପୁତ୍ରକୁ ଖେଳୁଥିବାର ଦେଖି ବିରକ୍ତ ହୁଅନ୍ତି। ପୁତ୍ରକୁ ପୁନର୍ବାର ମନ୍ଦିର ମଧ୍ୟକୁ ପଠାଇ ଦେଲେ ପ୍ରସାଦ କାଢ଼ି ଆଣିବାକୁ। ନିଷ୍ପାପ ଓ ଅକପଟ ବାଳକ ମନ୍ଦିର ଦରଜା ଖୋଲି ଦେଖେ ଠାକୁର ଭୋଗ ଖାଇ ନାହାନ୍ତି। ସାଥୀ ପିଲାମାନଙ୍କ ସହିତ ଖେଳିବାରେ ଆଗ୍ରହ ଥିଲେ ସୁଦ୍ଧା ଠାକୁର ଭୋଗ ଗ୍ରହଣ ନ କରିବାରୁ ସେ କାନ୍ଦିବାକୁ ଲାଗିଲା। ବାଳକ ମଧୁସୂଦନର ଏହି କ୍ରନ୍ଦନର ତାଳେ ତାଳେ ରହିଯାଏ ବାଳକର ଶ୍ରୀବିଗ୍ରହଙ୍କ ପ୍ରତି ନିବେଦନ ମନ୍ତ୍ର, ଯଥା-

'ଆସ ଅଲାର ଖାଅ ଖିରି,
ବାପା ଯାଇଛନ୍ତି ବିଦେଶ କରି,
ବାପା ଯାଇଛନ୍ତି ବାହାର ଗାଁ,
ମୁଁ ନ ଜାଣେ ଦିଅଁଙ୍କ ନାଆଁ।'

ଅଲାରନାଥଙ୍କ 'ମହିମା ପ୍ରକାଶ' ରେ ଉଲ୍ଲିଖିତ ଅଛି-

"ଛାମୁରେ ଭୋଗକୁ ଥୋଇଣ ଡାକେ ଅଲାରନାଥ,
ଭୁଞ୍ଜନ୍ତୁ ବେଗେ ବାପା ନାହାନ୍ତି ଯାଇଛନ୍ତି ଦୂରସ୍ଥ।"

ବାଳକର କୋହ ଦେଖି ଧୈର୍ଯ୍ୟ ଧରିପାରିଲେ ନାହିଁ ଠାକୁର। ନିଷ୍ପାପ ବାଳକର ବ୍ୟାକୁଳ କ୍ରନ୍ଦନରେ ତାଙ୍କର ହୃଦୟ ବିଗଳିତ ହୋଇଗଲା। ସେ ବାଳକର ପ୍ରଦତ୍ତ ଖିରିକୁ ଭୋଜନ କଲେ। ଖୁସି ମନରେ ଶୂନ୍ୟପାତ୍ରକୁ ଧରି ଗୃହକୁ ପ୍ରତ୍ୟାବର୍ତ୍ତନ କଲା ସେହି ସରଳ ବାଳକ। ଶୂନ୍ୟପାତ୍ରକୁ ଦେଖି ବିସ୍ମିତ ହେଲେ ମାଆ। 'ଠାକୁରଙ୍କ ପ୍ରସାଦ କାହିଁ' ବୋଲି ପଚାରିବାରୁ ବାଳକ ଉତ୍ତର ଦେଲା ଯେ ଠାକୁର ସବୁ ଖାଇ ଦେଲେ। ତାଙ୍କ ମନରେ ଘୋର ସନ୍ଦେହ ଜାତ ହେଲା ଯେ ପୁତ୍ର ଠାକୁରଙ୍କୁ ଖିରି ଭୋଗ ନ ଦେଇ ଅନ୍ୟ କେଉଁଠାରେ ଦେଇ ଚାଲିଆସିଛି। କାରଣ ଯାହାର ବାପା ଷୋଡ଼ଷ ଉପଚାର ମନ୍ତ୍ରରେ ପୂଜା କରି ସୁଦ୍ଧା ଠାକୁର

ଦିନେ ମାତ୍ର ଭୋଗ ଗ୍ରହଣ କରି ନାହାନ୍ତି, ସାମାନ୍ୟ ବାଳକର ବିନା ମନ୍ତ୍ରରେ ଠାକୁର ଭୋଗ ଗ୍ରହଣ କଲେ କିପରି ?

ନିଜର ଅବିଶ୍ୱାସକୁ ଦୂର କରିବା ପାଇଁ ପର ଦିନ ମନ୍ଦିର ଭିତରକୁ ଖୁବ୍ ସନ୍ତର୍ପଣରେ ପ୍ରବେଶ କଲେ ବ୍ରାହ୍ମଣୀ। ସେ ଗର୍ଭମନ୍ଦିରସ୍ଥ ଦରଜାର ଛିଦ୍ରରେ ସ୍ୱଚକ୍ଷୁରେ ଦେଖିବାକୁ ପାଇଲେ ଯେ ବାଳକର ପ୍ରଦତ୍ତ ଖିରି ଭୋଗକୁ ଠାକୁର ଆନନ୍ଦରେ ଭୋଜନ କରୁଛନ୍ତି। ଏପରି କ୍ରମଶଃ କେତେ ଦିନ ବାଳକର ଭକ୍ତିରେ ଠାକୁରଙ୍କ ଖିରି ଖିଆ ଚାଲିଲା। କିଛିଦିନ ପରେ ବ୍ରାହ୍ମଣ ଶ୍ରୀକେତନ ବିଦେଶରୁ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ। ପ୍ରତ୍ୟକ୍ଷ ଭାବେ ଦେଖିଥିବା ଠାକୁରଙ୍କ ଖିରି ଖାଇବାର ବୃତ୍ତାନ୍ତ ବ୍ରାହ୍ମଣୀ ସ୍ୱାମୀଙ୍କ ନିକଟରେ ପ୍ରକାଶ କଲେ। ତଥାପି ବ୍ରାହ୍ମଣଙ୍କ ମନରେ ବିଶ୍ୱାସ ଆସିଲା ନାହିଁ।

ପରଦିନ ସେ ଠାକୁର କିପରି ଖିରି ଖାଉଛନ୍ତି ତାହା ଦେଖିବା ପାଇଁ ଉତ୍କଣ୍ଠାର ସହିତ ମନ୍ଦିର ମଧ୍ୟରେ ଲୁଚି ରହିଲେ। ପୂର୍ବବତ୍ ବାଳକ ଠାକୁରଙ୍କ ସମ୍ମୁଖରେ ଗରମ ଖିରିକୁ ରଖି ଖାଇବା ପାଇଁ ବ୍ୟାକୁଳ ନିବେଦନ କରି ଦରଜା ବନ୍ଦ କରି ବାହାରକୁ ଚାଲି ଆସିଲା। ଏଠାରେ ଠାକୁର ବିଚାର କରନ୍ତି, ବାଳକର ପ୍ରଦତ୍ତ ଏହି ଖିରିକୁ ଯଦି ମୁଁ ଗ୍ରହଣ ନ କରେ ତେବେ ବ୍ରାହ୍ମଣ ନିକଟରେ ତାର ପୁତ୍ର ଓ ସ୍ତ୍ରୀ ସମସ୍ତେ ମିଥ୍ୟାବାଦୀ ହୋଇଯିବେ।

ଏଣୁ ଶ୍ରୀଜୀଉ ଗରମ ଖିରିକୁ ଭୋଜନ କଲେ। ଏହି ସମୟରେ ଲୁଚି ରହିଥିବା ବ୍ରାହ୍ମଣ ଗର୍ଭଗୃହ ଦରଜାର ଛିଦ୍ରରେ ତାହା ଦର୍ଶନ କରି ଭାବବିହ୍ୱଳ ହୋଇ ପଡ଼ିଲେ। ତାପରେ ଆନନ୍ଦରେ ବିହ୍ୱଳ ହୋଇ ଦଣ୍ଡବତ୍ ପ୍ରଣାମପୂର୍ବକ ବହୁ ସ୍ତୁତି କଲେ। ବାଳକର ଭକ୍ତି ଓ ଭଗବାନଙ୍କ ଭକ୍ତବତ୍ସଳତାର ଏପରି ଅଭୂତପୂର୍ବ ନିଦର୍ଶନ ଦେଖିଥିଲେ। ପରବର୍ତ୍ତୀ ସମୟରେ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଅଭିଯାନରୁ ଏହି ପଥରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ପ୍ରଭୁଙ୍କ ଦର୍ଶନ କରିଥିଲେ। ଦିଅଁଙ୍କ ସେବାପାଇଁ ସେ ଶ୍ରୀକ୍ଷେତ୍ରରୁ ବଶିଷ୍ଠ ଗୋତ୍ରୀୟ ଦୁଇ ବ୍ରାହ୍ମଣ ପରିବାର ଏବଂ ଭରଦ୍ୱାଜ ଗୋତ୍ରୀୟ ଏକ ବ୍ରାହ୍ମଣ ପରିବାରକୁ ବାସ ଖଞ୍ଜା ଦେଲେ। ପ୍ରଭୁ ଅଲାରନାଥଙ୍କ ବିଧିପୂର୍ବକ ପୂଜାପାଇଁ ନିଯୁକ୍ତି ଦେବା ସଙ୍ଗେ ସେମାନଙ୍କ ଭରଣ ପୋଷଣ ନିମନ୍ତେ ସବୁ ସମ୍ପତ୍ତିର ବ୍ୟବସ୍ଥା କରିଥିଲେ।

ବର୍ତ୍ତମାନ ପୂଜାପଣ୍ଡାଙ୍କ ସମେତ ସୁଆର, ସିଂହାରୀ, ପୁଷ୍ପାଳକ, ମେକାପ, ପତ୍ରୀ ଗରାବଡୁ ଓ ପ୍ରତିହାରୀ ନାମରେ ୬ ଗୋଟି ନିଯୋଗର ସେବା ରହିଛି। ଦୈନିକ ନୀତିକାନ୍ତିର ବ୍ୟୟ ଅଟକଳ ନିର୍ବାହ ସକାଶେ ସେଠି ମଧ୍ୟ ଜଣେ ପାଳିଆ ବିଶୋଇ ସେବକ ରହନ୍ତି। ଏତଦ୍ ବ୍ୟତୀତ ମନ୍ଦିରର ମୁଖ୍ୟ ପର୍ବପର୍ବାଣି ପାଇଁ ମନ୍ଦିର ପୁରୋହିତ, ପାଞ୍ଜିଆ, ବିମାନ ବାହୀ ବିମାନବଡୁ ଓ ପାଲିଙ୍କିଆ, କାହାଳିଆ ମହାପାତ୍ର, ଆନୁଷଙ୍ଗିକ କୁମ୍ଭକାର, ଧୋବା, ବଢ଼େଇ ଓ ଚାପ ଦଳେଇ ନାମରେ ସେବକ ରହିଛନ୍ତି।

ଶ୍ରୀମନ୍ଦିର ଭୋଗନୀତି ପରି ଏଠାରେ ମଧ୍ୟ ଭୋଗ ଅନୁଷ୍ଠିତ ହୁଏ। ସୂର୍ଯ୍ୟୋଦୟ ପୂର୍ବରୁ ପ୍ରତିହାରୀ ଦୈନିକ ସେବା କାର୍ଯ୍ୟ ପାଇଁ ସକାଳେ ଦେଉଳ ଦ୍ୱାର ଫିଟାଇ ଜଗମୋହନ ସଫା କରନ୍ତି। ପତ୍ରୀ ଗରାବଡୁ ମଝି ମନ୍ଦିରଟି ପରିଷ୍କାର କରନ୍ତି ତଥା ସିଂହାରୀ ଶ୍ରୀଜୀଉଙ୍କ ନିଦ୍ରା ଭଙ୍ଗକୁ ସାବଧାନ ହୋଇ ପହୁଡ଼ ଫିଟାଇଥା'ନ୍ତି। ମେକାପ ପୂଜା ଉପଚାର ପାଇଁ ସମସ୍ତ ପାତ୍ର ସଜ ପରିଷ୍କାର କରି ସିଂହାରୀଙ୍କ ସହ ଯୋଗେ ଦେଲେ ମଙ୍ଗଳ ଆଳତି, ଅବକାଶ ଓ ବେଶ କାର୍ଯ୍ୟ ବଢ଼ିଥାଏ। ପୂଜାପଣ୍ଡାଙ୍କ ଦ୍ୱାରା ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜା ସରିଗଲା ପରେ ପ୍ରାୟ ସକାଳ ୮ଟାରେ ବଲ୍ଲଭ ଧୂପ ବା ବାଲ ଭୋଗ ବସେ। କ୍ରମାଗତ ନୀତି, ରୋଷ ହୋମ ପରେ ସକାଳ ଧୂପରୁ ଆରମ୍ଭ ହୁଏ ଯେଉଁଥିରେ ଅନ୍ନ, ଖେଚେଡ଼ି, ଡାଲି ଓ ତରକାରୀ ଭୋଗ କରାଯାଏ।

ମଧ୍ୟାହ୍ନ ଧୂପରେ ସୂପକାର ବା ସୁଆର ସେବକ ମୁହଁରେ ତୁଣ୍ଡି ବାନ୍ଧି ଧୂପ ନିମିତ୍ତ ଛେକ ପଡ଼ିବା ପରେ ପ୍ରତିହାରୀଙ୍କ ଡାକ ଶୁଣି ଖେଚେଡ଼ି, ଡାଲି, ବେସର, ଶାଗ ପ୍ରଭୃତି ଭୋଗ ଆଣି ରଖନ୍ତି। ଏହି ଧୂପରେ ଦିଅଁଙ୍କ ପ୍ରସିଦ୍ଧ କ୍ଷୀରି ଭୋଗ ସମର୍ପଣ ହୁଏ। ଏହି ଧୂପ ଶେଷ କରି ମନ୍ଦିର ଶୋଧ ପରେ ସିଂହାରୀ ପହୁଡ଼ ପକାଇଥା'ନ୍ତି। ପ୍ରାୟ ଅପରାହ୍ନ ୪ଟା ଭିତରେ ପହୁଡ଼ ଫିଟିଯାଏ। ସନ୍ଧ୍ୟା ବେଳେ ଟେରା ଆଳତି ବଢ଼ିଲେ ଶ୍ରୀଜୀଉଙ୍କ ସନ୍ଧ୍ୟା ଧୂପ ବେଶ ହୁଏ। ରାତ୍ରିର ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ସାହାଣ ମେଳା ଦର୍ଶନ ଅବ୍ୟାହତ ରହିଥାଏ। ରାତି ପ୍ରାୟ ୮:୩୦ ଘଟିକାରେ ପ୍ରତିହାରୀ ପାଣି ଢାଳି ଭିତର ଶୋଧ ପରେ ପୂଜା ଉପଚ଼ାର ସଜାଇ ରଖନ୍ତି। ପ୍ରତିହାରୀ ଟେରା ବନ୍ଧାଇ ଭୋଗ ଡାକି ଯାଆନ୍ତି। ଏଥର ସୁଆରମାନେ ଦହି ପଖାଳ, ଲଡୁ ଓ ଭଜା ଭୋଗ ଆଣନ୍ତି। ଏହି ଧୂପ

ପରେ ପତ୍ରୀ ଗରାବଡୁ ମନ୍ଦିର ପରିଷ୍କାର କରିଥା'ନ୍ତି, କାରଣ ଏହା ପରେ ବଡ଼ସିଂହାର ଧୂପ ବସିବ।

ସମାନ ନୀତିରେ ସିଂହାରୀ ପାତ୍ର ସଜ ସାଇତି ପୂଜା ଠା' ବସାଇଲେ ସୁଆର ଛେକ କରି ଭୋଗରେ ଲଡୁ, ମାଣ୍ଡୁଅ, ଦୁଧ ମଲାଇ, ଖୁଆ ଆଦି ଭୋଗ ଆଣନ୍ତି। ବଡ଼ସିଂହାର ଧୂପ ପରେ ରାତ୍ର ପହୁଡ଼ ଆଳତି ପୂଜାପଣ୍ଡା ସମ୍ପନ୍ନ କରି ମେଲାଣି ନିଅନ୍ତି। ପ୍ରତିହାରୀ ସମସ୍ତ ଦ୍ୱାରରେ ଲାଖରେ ମୋହର ମାରି ତାଲା ପକାଇଦେବା ପରେ ଦୈନିକ ନୀତିର ଅବସାନ ହୁଏ। ସେହିପରି ଭାବେ ପ୍ରତ୍ୟେକ ବର୍ଷ ୧୫ ଦିନ ଅଣସର ସମୟରେ ଶ୍ରୀଜୀଉଙ୍କ ଦୈନିକ ନୀତିକାନ୍ତିରେ ମଇଲମ, ଅଣସର ବେଶ, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଧୂପ, ବଡ଼ ସିଂହାର ବେଶ ଓ ତତ୍ପରେ ପହୁଡ଼ ନୀତି ହୋଇ ମନ୍ଦିର ଦ୍ୱାର ବନ୍ଦ ହୋଇଥାଏ। ଅନବସର ସମୟରେ ଅନବସର ବେଶ, ଚନ୍ଦନ ଯାତ୍ରା ସମୟରେ ଚନ୍ଦନ ବେଶ, କାର୍ତ୍ତିକ ମାସରେ ରାଧା ଦାମୋଦର ବେଶ, କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ଯାଏଁ ଲକ୍ଷ୍ମୀ ନାରାୟଣ ବେଶ, ଦଶହରା ଦିନ ରାଜବେଶ, ବସନ୍ତ ପଞ୍ଚମୀ ଦିନ ଘୋଡ଼ଲାଗି ବେଶ ଓ ବର୍ଷ ଯାକ ଏପରି ଅନ୍ୟାନ୍ୟ ବେଶ କରାଯାଏ।

ସେହିଭଳି ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଚନ୍ଦନ ଯାତ୍ରା, ଚିତାଲାଗି ଅମାବାସ୍ୟା, ଗହ୍ମାପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ବିଜୟା ଦଶମୀ, ଦେବ ଦୀପାବଳୀ, ଧନୁ ସଂକ୍ରାନ୍ତି, ପହିଲି ଭୋଗ, ମକର ସଂକ୍ରାନ୍ତି, ବକୁଳ ଅମାବାସ୍ୟା, ବସନ୍ତ ପଞ୍ଚମୀ, ଦୋଳ ପୂର୍ଣ୍ଣିମା ପୁଷ୍ୟାଭିଷେକ, ପଣାସଂକ୍ରାନ୍ତି, ଚନ୍ଦନ ଯାତ୍ରା ଆଦି ଅନୁଷ୍ଠିତ ହୁଏ। ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟା ଠାରୁ ୨୧ ଦିନ ଯାଏଁ ଶ୍ରୀଜୀଉ ଦେଉଳ ପାଖରେ ଥିବା ଚନ୍ଦନ ଯାତ୍ରାରେ ଯୋଗ ଦିଅନ୍ତି। ତାହାଙ୍କ ଚଳନ୍ତି ପ୍ରତିମା ଅଟନ୍ତି ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଏବଂ ରାମକୃଷ୍ଣ, ଯିଏ ଯଥାକ୍ରମେ ବିମାନ ଓ ପାଲିଙ୍କିରେ ବିଜେ କରି ଚନ୍ଦନ ସରୋବରକୁ ଆସି ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚାପରେ ନୌବିହାର କରିଥାଆନ୍ତି। ପ୍ରତ୍ୟହ ଦିନ ଚାପ ଓ ରାତ୍ରି ଚାପ ପରେ ଦିଅଁ ଦେଉଳକୁ ଫେରି ଆସିଲେ ବେଢ଼ା ଭିତରେ ମାଘସ୍ନାନ ହୁଏ ଏବଂ ତା ପରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପାଦନ କରାଯାଇଥାଏ।

ସେହିପରି ଜନ୍ମାଷ୍ଟମୀରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ ହୁଏ ଓ ନନ୍ଦୋତ୍ସବ ଦିନ ପ୍ରଭୁଙ୍କୁ ନବଜାତ ଶିଶୁ ରୂପେ ବେଶ କରି ଚଳନ୍ତି ବିଗ୍ରହଙ୍କୁ ସୁସଜ୍ଜିତ ଦୋଳିରେ ଝୁଲାଯାଏ । ଏହି ସବୁ ଉତ୍ସବ ମାନଙ୍କରେ ବିପୁଳ ସଂଖ୍ୟାରେ ଭୋଗ ପ୍ରସ୍ତୁତ ହୁଏ । ଉଲ୍ଲେଖଯୋଗ୍ୟ ପ୍ରାୟ ୫୦ ହାଣ୍ଡି ଖିରି ଭୋଗ, ଶୁଦ୍ଧ ଘିଅ, ରାଶି ଓ ଗୁଡ଼ ତଥା ଚିନି ଦ୍ୱାରା କୋରା ଲଡୁ ୭୫୦ ଗୋଟି ଜନ୍ମାଷ୍ଟମୀ ଦିନ ଦିଅଁଙ୍କ ପାଇଁ ଭୋଗ ହୋଇଥାଏ ।

ସେହିପରି ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ଶ୍ରୀଜୀଉଙ୍କ ଖଇ, ଚିନି ଓ ଘିଅରେ ପ୍ରସ୍ତୁତ ସୁପକ୍ୱ ମିଷ୍ଟାନ୍ନ ବା 'ଧନୁମୁଆଁ' ଏକ ବିଶେଷ ଧୂପରେ ପ୍ରତ୍ୟହ ସମର୍ପଣ କରାଯାଇଥାଏ । ପୁଷ୍ୟାଭିଷେକ ଦିନ ଭାର୍ଗବୀ ନଦୀର ତ୍ରିବେଣୀ ସଙ୍ଗମ, ମହୋଦଧି ତଥା ଅଦୂରସ୍ଥ ଅର୍ଜୁନ ସରୋବର ମଧ୍ୟରୁ ଶୋଭାଯାତ୍ରାରେ ଜଳ ଆଣି ୧୦୮ ମାଟିହାଣ୍ଡିରେ ରଖି ଅଧିବାସ ପୂର୍ବକ ଅଭିଷେକ କରାଯାଏ ।

ସେହିପରି ଫାଲଗୁନ ଶୁକ୍ଳ ଦଶମୀ ତିଥିରୁ ପ୍ରଭୁଙ୍କର ଦୋଳ ଯାତ୍ରା ପୂର୍ଣ୍ଣିମା ପର୍ଯ୍ୟନ୍ତ ଆୟୋଜିତ ହୁଏ । ଦଶମୀ ଓ ଏକାଦଶୀରେ ମନ୍ଦିର ପରିକ୍ରମା ପରେ ଦ୍ୱାଦଶୀ ତିଥିରୁ ଚଳନ୍ତି ପ୍ରତିମାମାନେ ବିମାନ ବିଜେ ହୋଇ ଅଲାରପୁର ଗ୍ରାମକୁ ଯାଆନ୍ତି । ସେଠି ପନ୍ତି ଭୋଗ ଗ୍ରହଣ କରନ୍ତି । ତ୍ରୟୋଦଶୀ ତିଥିରେ ଶ୍ରୀଜୀଉ ମାନେ ପରମ୍ପରା ଅନୁଯାୟୀ ରାୟ ରାମାନନ୍ଦଙ୍କ ଜନ୍ମସ୍ଥଳୀ ବେଣ୍ଟପୁର ଗ୍ରାମକୁ ଶୋଭାଯାତ୍ରାରେ ବିଜୟ କରନ୍ତି । ବେଣ୍ଟପୁର ଗ୍ରାମର ବ୍ରାହ୍ମଣ ସାହିରେ ଅବସ୍ଥିତ ଗୋପୀନାଥ ଦେବଙ୍କ ତରଫରୁ ନିମନ୍ତ୍ରଣ ପାଇଥିବେ ଶ୍ରୀ ଅଲାରନାଥ । ସୁତରାଂ, ନିମନ୍ତ୍ରଣ ରକ୍ଷା କରି ଅଲାରନାଥଙ୍କ ବିଜୟ ପ୍ରତିମା ପଟୁଆର କରି ଯାଆନ୍ତି ବେଣ୍ଟପୁର ।

ଏଥିରେ ତାଙ୍କ ସଙ୍ଗେ ଦୋଳପୂର୍ଣ୍ଣିମା ଦିନ ଯୋଗ ଦାନ କରିବେ ବ୍ରହ୍ମଗିରିରେ ଅବସ୍ଥିତ ପଞ୍ଚ ପାଣ୍ଡବଙ୍କ ଦ୍ୱାରା ପ୍ରତିଷ୍ଠିତ ପଞ୍ଚ ମହାଦେବ । ଯୁଧିଷ୍ଠିରେଶ୍ୱର, ଭୀମେଶ୍ୱର, ଅର୍ଜୁନେଶ୍ୱର, ନକୁଳେଶ୍ୱର ଏବଂ ସହଦେବେଶ୍ୱର । ମଧ୍ୟାହ୍ନ ଧୂପ ପରେ ମନ୍ଦିର ପରିକ୍ରମା କରି ସାରିଥିବା ଅଲାରନାଥଙ୍କ ବିଜୟ ପ୍ରତିମା ପରେ ମିଳିତ ଭାବରେ ପଞ୍ଚୁ ପାଣ୍ଡବଙ୍କ ସହିତ ବାର ଥର ମନ୍ଦିର ପରିକ୍ରମା କରନ୍ତି ।

ସେଦିନ ହଳଦୀ ପାଣି ସହିତ ଉତ୍ସବ ସମାପନ ହୁଏ। ସବୁ ପର୍ବ ବ୍ୟତୀତ ବିଶେଷ ନୀତି ପାଇଁ କେବଳ କାର୍ତ୍ତିକ ମାସର ଦୁଇଟି ଏକାଦଶୀକୁ ଏକାଦଶୀ ବେଢ଼ା ହୋଇଥାଏ। ପ୍ରଥମ ଏକାଦଶୀ ତିଥିରୁ ଅପର ଏକାଦଶୀ ଯାଏଁ ନିରନ୍ତର ମନ୍ଦିର ପ୍ରାଙ୍ଗଣରେ ସଙ୍କୀର୍ତ୍ତନ ଓ ଭକ୍ତମାନଙ୍କ ଗହଳି ଲାଗେ। ଏହିପରି ଭାବେ ବ୍ରହ୍ମଗିରି ଅଲାରନାଥଙ୍କ ପୀଠରେ ମହିମା ସମଗ୍ର ଓଡ଼ିଶାରେ ପ୍ରତିଷ୍ଠିତ ହୋଇ ରହିଛି।

## ପଖାଳ

ଆମ ଓଡ଼ିଆ ଜାତିରେ  ପଖାଳ ଖାଇବା ପରମ୍ପରାକୁ ଆମ ମହାପ୍ରଭୁ ଅତି ଭଲ ଭାବରେ ପରିଚାଳିତ କରନ୍ତି। ସବୁଦିନ ସେ ପଖାଳ ଖାଇକି ନିଦ୍ରା ଯାଆନ୍ତି। ପଖଳର ସୃଷ୍ଟି ଯେ ଶ୍ରୀ ମନ୍ଦିରରୁ ହେଇଛି ତା'ର ପ୍ରମାଣ ଦିଅନ୍ତି  ଆମ ମହାପ୍ରଭୁ। ୫୬ ଭୋଗ ଠୁ ଭି ଦୁର୍ଲଭ ଭୋଗ ମହାପ୍ରଭୁଙ୍କ ପଖାଳ ଭୋଗ। କୋଟି ଓଡ଼ିଆର ମଉଡ଼ମଣିଙ୍କ ଅତି ପ୍ରିୟ ଖାଦ୍ୟ।

**ମହାପ୍ରଭୁଙ୍କ ପାଖେ ଲାଗିହୁଏ ପଖାଳ ଭୋଗ:-**

ଶ୍ରୀଜଗନ୍ନାଥଙ୍କୁ ବଢା ହେଉଥିବା ପଖାଳରେ କେତେବଳେ ଦହି ଭାସେ କେତେବେଳେ ଘିଅ ଭାସେ। ତେବେ ଏହି ପଖାଳର ନାଁ ସବୁ ହେଲା:-

**ସୁବାସ ପଖାଳ କ୍ଷକ୍ଷ:-** ପ୍ରଥମେ କୁଡୁଆରେ ଅନ୍ନ ରନ୍ଧା ହୋଇସାରିବା ପରେ ସେଥିରେ  ପାଣି  ମିଶିଥାଏ। ଏଥିରେ ସ୍ୱାଦ ଅନୁଯାୟୀ ଲୁଣ ମିଶାଇ କଟା ଅଦା, ଭଜା ଜିରା ପକାଇ ପ୍ରସାଦ ଭାବେ ପରଷାଯାଏ। ଏହା ଏକ ସୁଗନ୍ଧିତ ଅନ୍ନ ହୋଇଥିବାରୁ ପାରମ୍ପରିକ ଭାବେ ଏହାକୁ ସୁବାସ ପଖାଳ ବୋଲି କୁହାଯାଏ।

**ଚୁପୁଡ଼ା ପଖାଳ କ୍ଷକ୍ଷ :-** ରନ୍ଧା ହୋଇଥିବା ଅନ୍ନକୁ ଭଲଭାବେ ଚିପୁଡ଼ି ଦିଆଯାଏ। ଏଥିରେ ଭଜା ଜିରା, ଲୁଣ ଓ ଦହି ମିଶାଇ ପ୍ରସାଦ ଭାବେ ମାଟିପାତ୍ରରେ ମହାପ୍ରଭୂଙ୍କୁ ପରଷି ଦିଆଯାଏ।

**ପାଣି ପଖାଳ କ୍ଷକ୍ଷ:-** ରନ୍ଧା ହୋଇଥିବା ଅନ୍ନରେ କେବଳ ପାଣି ଓ ଲୁଣ ମିଶାଇ ଏହି ପଖାଳ ପ୍ରସ୍ତୁତ ହୁଏ। ଏଥିରେ ଅନ୍ୟ କୌଣସି ଦ୍ରବ୍ୟ ମିଶ୍ରଣ କରାଯାଏ ନାହିଁ। ସାଧାରଣତଃ ଏହା ପ୍ରତ୍ୟକ ଓଡ଼ିଆ ଘରର ସାଧାରଣ ଖାଦ୍ୟ।

**ଦହି ପଖାଳ :-** ସୁଖିଲା ଅନ୍ନରେ କେବଳ ଦହି ପକାଇ ଗୋଳାଇ ଦିଆଯାଏ। ଏଥିରେ ଦହିର ମାତ୍ରା ଅଧିକ ଥାଏ। ଏହି ମିଶ୍ରିତ ଅନ୍ନରେ ଭଜା ଜିରା ଓ ଅଦା ପକାଇ ପ୍ରସ୍ତୁତ କରାଯାଏ।

**ମିଠା ପଖାଳ :-** ସାଧା ଅନ୍ନରେ ଧଳା ଗୁଡ଼ ପକାଇ ରନ୍ଧାଯାଏ। ଏଥିରେ ଭଜା ଜିରା, ଲୁଣ ଓ ଅଦାଖଣ୍ଡ ପକାଇ ପରଷା ଯାଇଥାଏ।

**ମଲ୍ଲିଫୁଲ ପଖାଳ:-** ଏହି ପଖାଳ ଦହି ପଖାଳ ଭଳି ପ୍ରସ୍ତୁତ ହୋଇଥାଏ। ମାତ୍ର ଏହାକୁ ସୁବାସିତ କରିବାକୁ **ମଲ୍ଲିଫୁଲ** ଦେଇ ପରସାଯାଏ।

**ଟଭା ପଖାଳ:-** ସାଧାଅନ୍ନରେ ଟଭା ମିଶ୍ରିତ ଜଳ ଦେଇ ମହାପ୍ରଭୁଙ୍କ ପାଖରେ ଭୋଗ ଲାଗି ହୁଏ। ଉପରୋକ୍ତ ପ୍ରଣାଳୀରେ ଏହି ପଖାଳ ପ୍ରସ୍ତୁତ ହୁଏ। ଏହା ମଧ୍ୟ **ସୁବାସ ପଖାଳ** ପର୍ଯ୍ୟାୟଭୁକ୍ତ।

**ଘିଅ ପଖାଳ:-** ସାଧାଅନ୍ନ, ଲୁଣ, ଅଦାଖଣ୍ଡ, ଦହି, ଭଜା ଜିରା ଇତ୍ୟାଦି ଓଳିରେ ରଖାଯାଇ ଏଥିରେ ଘିଅ ମିଶାଯାଏ। ଯାହାକୁ ଶ୍ରୀମନ୍ଦିର ପାରମ୍ପରିକ ପରିଭାଷାରେ **ଘିଅ ପଖାଳ** କୁହାଯାଏ।

ବିଶେଷ କରି ସନ୍ଧ୍ୟାଧୂପ ଓ ବଡ଼ ସିଂହାର ବା ରାତ୍ର ପହୁଡ଼ ପୂର୍ବରୁ ମହାପ୍ରଭୁଙ୍କ ପାଖରେ ପଖାଳ ଓ କଦଳୀ ଭଜା ଭୋଗ ଲାଗିଥାଏ।

## ଶ୍ରୀମନ୍ଦିର ପରମ୍ପରାରେ ଶ୍ରୀପଞ୍ଚମୀ ବେଶ ନୀତି

ହୋଇଲା ଲୋ ହୋଇଲା ସେ ଚଚ୍ଚେରୀବେଶ ।
ଅବିର ସଙ୍ଗେ କର୍ପୁର ଲାଗି ହୋଇଲା ଶେଷ ॥

ଏହା ବସନ୍ତଗୁଣ୍ଡିଚା ଭାବରେ ପରିଚିତ। ଏହିଦିନ ମଧ୍ୟାହ୍ନ ଧୂପ ବଢିବା ପରେ ପୁଷ୍ପାଳକମାନେ ଶ୍ରୀଜିଉଙ୍କୁ ଲାଲବର୍ଣ୍ଣର ବସ୍ତ୍ରରେ ବିମଣ୍ଡିତ କରନ୍ତି। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ନୀତି ହେବା ପରେ ଚାଚ୍ଚେରୀ ବେଶ ହୁଏ। ଚାଚ୍ଚେରୀ ବେଶରେ ନାଲି ରଙ୍ଗର ପ୍ରାଧାନ୍ୟ ଦେଖିବାକୁ ମିଳିଥାଏ। ଚାଚ୍ଚେରୀ ବେଶରେ ଦିଅଁମାନେ ପିନ୍ଧିଥିବା ଶାଢ଼ୀ, ମସ୍ତକର ଶ୍ରୀକପଡ଼ା, ସବୁ ନାଲିରଙ୍ଗର ହୋଇଥାଏ। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ବିଗ୍ରହରେ ନଳୀଭୁଜ

ଲାଗି କରାଯାଏ। ଏହି ବେଶରେ ମକରକୁଣ୍ଡଳ, ଚନ୍ଦ୍ରିକା, ଅଣ୍ଟାରେ ଅଣ୍ଟାପଟି ଓ ଓଡ଼ିଆଣି ଏବଂ ଗଳାରେ ଗିନି ମାଳ, ଚାବୁକ ମାଳ, ପଦ୍ମମାଳି ଓ ହରଡ଼ ମାଳି। ଏହିବେଶରେ ସୁଭଦ୍ରା ଚନ୍ଦ୍ର, ସୂର୍ଯ୍ୟ ଓ ତଡ଼ଗିଦ୍ୱାରା ସୁଶୋଭିତା ହୁଅନ୍ତି।

ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀଙ୍କୁ ମଧ୍ୟ ଚାଚେ଼ରୀ ବେଶ କରାଯାଏ। ଚାଚେ଼ରୀ ବେଶରେ ହିଁ ମହାପ୍ରଭୁଙ୍କ ନିକଟରେ ପଞ୍ଚୋପଚା଼ରରେ ନୈବେଦ୍ୟ ଅର୍ପିତ ହୁଏ। ଏହାପରେ ବଡ଼ ବାଡ଼, ମଝି ବାଡ଼ ଏବଂ ମହାପ୍ରଭୁ ବାଡ଼ରେ ତିନିଟି ପାତ୍ରରେ ଯଥାକ୍ରମେ ଧଳା, ହଳଦିଆ ଓ ରକ୍ତ ବର୍ଣ୍ଣର ଫଗୁ ରଖାଯାଇ ମୁଦିରସ୍ତ, ପତିମହାପାତ୍ର ଓ ପୂଜାପଣ୍ଡାଙ୍କ ଦ୍ୱାରା ସଂସ୍କାର କରାଯାଏ। ଏହାପରେ ଉକ୍ତ ଫଗୁକୁ ଶ୍ରୀଅଙ୍ଗରେ ଲାଗି କରାଯାଏ। ତିନି ବାଡ଼ରେ ବନ୍ଦାପନା ବଢେ।

ଏହାପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଦୋଳଗୋବିନ୍ଦ, ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଲାଗି କରାଯାଏ। ଏହାପରେ ଶ୍ରୀ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀଙ୍କୁ ଜୟ ବିଜୟ ଦ୍ୱାର ପାଖରେ ପୁଣି ଥରେ ଫଗୁ ଲାଗି, ଆଉ ବନ୍ଦାପନା ହୁଏ। ଏହାପରେ ତିନି ଚଳନ୍ତି ପ୍ରତିମାଙ୍କୁ ଦୋଳାରେ ବସାଇ ପୁଷ୍କରିଣୀକୁ ନିଆଯାଏ। ସେଠାରେ ଛ'ଟି ପଇଡ଼କୁ ମୃଗ ବୋଲି ବିଚାର କରି ଦୋଳ ଗୋବିନ୍ଦଙ୍କ ଦ୍ୱାରା ଶିକାର ନୀତି ସମ୍ପନ୍ନ ହୁଏ।

ପୁନର୍ବାର ସେଠାରେ ଚଳନ୍ତି ପ୍ରତିମାମାନଙ୍କୁ ଫଗୁ ଲାଗି ହେବାପରେ, ପୂଜାପଣ୍ଡା ପଞ୍ଚୋପଚା଼ରରେ ଶୀତଳ ଭୋଗ ଓ ବନ୍ଦାପନା କରନ୍ତି। ଏହାପରେ ଉତ୍ସବ ପ୍ରତିମା ମାନଙ୍କୁ ଶ୍ରୀମନ୍ଦିରକୁ ଫେରେଇ ଆଣି ସ୍ୱ ସ୍ଥାନରେ ରଖାଯାଏ।

## ଶ୍ରୀମନ୍ଦିରରେ ମେଣ୍ଢା ପୋଡ଼ି ନୀତି

ବାର ମାସରେ ତେର ପର୍ବ, ସେଥିମଧ୍ୟରୁ ଦୋଳ ପୂର୍ଣ୍ଣିମା ଅନ୍ୟତମ। ଦୋଳ ପୂର୍ଣ୍ଣିମାର ଅବ୍ୟବହିତ ପୂର୍ବରୁ ଫାଲଗୁନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଗୋଟିଏ ଉତ୍ସବ ପାଳିତ ହୋଇଥାଏ ତାକୁ ମେଣ୍ଢାପୋଡ଼ି ନୀତି କୁହାଯାଇଥାଏ। ମେଣ୍ଢାପୋଡ଼ି କହିବାର ତାତ୍ପର୍ଯ୍ୟ ମେଣ୍ଢା ଅର୍ଥାତ୍ ମେଷ ବା ମେଷଅସୁର ବା ମେଣ୍ଢାଅସୁର ତାକୁ ମହାପ୍ରଭୁ ଶ୍ୱାସ ରୁଦ୍ଧ କରି ମାରିଦେଇଥିଲେ। କାହିଁକି ନା

ଗୋପ ବାଳକମାନଙ୍କୁ ସେ ସବୁବେଳେ ନେଇକି ବଧ କରିଦେଉଥିଲା। ତେଣୁ ସେଥିରେ ଅତିଷ୍ଟ ହୋଇ ସମସ୍ତେ ଗୁହାରି କରିଥିଲେ ଶ୍ରୀ କୃଷ୍ଣଙ୍କ ନିକଟରେ। ତେଣୁ ଶ୍ରୀ କୃଷ୍ଣ ତା'ର ଶ୍ୱାସ ନଳିରେ ପ୍ରବେଶ କରିକି ତାକୁ ଶ୍ୱାସ ରୁଦ୍ଧ କରିକି ବଧ କରିଥିଲେ। କଥିତ ଅଛି ସେ ବରପ୍ରାପ୍ତ ହୋଇଥିଲା ଯଦି ତାହାର କୌଣସି ରୁଧିର ଭୂମିରେ ନିପତିତ ହୁଏ ତାହଲେ ମଧ ସିଏ ଆଉଥରେ ନିଜର ପୁନର୍ଜନ୍ମ ଲାଭ କରିବ। ତେଣୁ ତା'ର ରୁଧିର ଭୂମିରେ ନପଡ଼ିବା ପାଇଁ ଗୋପୀ ଗୋପାଳୁଣୀ ମାନେ ମହାପ୍ରଭୁଙ୍କ ଶରୀରରେ ଅବିର ବା ଫଗୁ ଲେପନ କରିଥିଲେ। ଯୋଉଟାକି ମେଣ୍ଢାସୁରକୁ ବଧ କରିବା ସମୟରେ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗ ରକ୍ତରଞ୍ଜିତ ହୋଇଯାଇଥିଲା। ତେଣୁ ସେହି ମେଣ୍ଢାକୁ ଅଗ୍ନିରେ ଦାହ କରିଦେଇଥିଲେ ଯାହାର ସ୍ମୃତି ସ୍ୱରୁପ ଶ୍ରୀ ମନ୍ଦିରରେ ମେଣ୍ଢାପୋଡି ନୀତି ପାଳିତ ହୋଇଥାଏ।

ଏହି ନୀତି ପଛରେ ଆଉ ଏକ ପୌରାଣିକ ଉପାଖ୍ୟାନ ରହିଛି। ବିଷ୍ଣୁଙ୍କ ମହାନ ଭକ୍ତ ପ୍ରହଲ୍ଲାଦଙ୍କୁ ତାଙ୍କ ପିତା ହିରଣ୍ୟକଶ୍ୟପ ହତ୍ୟା କରିବା ପାଇଁ ଚେଷ୍ଟା ଚଳାଇଥିଲା। ହେଲେ ପ୍ରହଲ୍ଲାଦ ଭକ୍ତ ହୋଇଥିବାରୁ ଏହି ଉଦ୍ୟମ ଫଳପ୍ରଦ ହେଉନଥିଲା। ହିରଣ୍ୟର ଭଉଣୀ ହୋଲିକା ବରପ୍ରାପ୍ତ ହୋଇଥିଲା କି ଅଗ୍ନି ତାକୁ ଜଳାଇପାରିବ ନାହିଁ। ଏଣୁ ହୋଲିକା ଭାଇ ହିରଣ୍ୟକଶ୍ୟପଙ୍କ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ପ୍ରହଲ୍ଲାଦକୁ କୋଳରେ ଧରି ଅଗ୍ନିରେ ପ୍ରବେଶ କରିଥିଲେ। କିନ୍ତୁ ଫଳ ଓଲଟା ହେଲା। ହୋଲିକା ଅଗ୍ନିରେ ଦଗ୍ଧ ହୋଇଯାଇଥିବା ବେଳେ ପ୍ରହଲ୍ଲାଦ ଅଗ୍ନିଙ୍କ ଜ୍ୱାଳା ଉପରେ ବିଜୟ ଲାଭ କରିଥିଲେ। ମେଷ ବା ମେଣ୍ଢା ହେଲା ଅଗ୍ନିଙ୍କ ବାହନ। ଅଗ୍ନିଙ୍କ ଏହି ଭକ୍ତ ବତ୍ସଳତାକୁ ପ୍ରତିପାଦନ କରିବା ପାଇଁ ଶ୍ରୀମନ୍ଦିରରେ ମେଣ୍ଢାପୋଡ଼ି ନୀତି ହୁଏ ବୋଲି ପ୍ରବାଦ ରହିଛି।

ଫାଲଗୁନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ମଧ୍ୟାହ୍ନ ଧୂପ ପରେ ମଇଲମ ହୋଇ ଶ୍ରୀମନ୍ଦିରରେ ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି ନୀତି ସ୍ୱତନ୍ତ୍ର ଭାବେ ପାଳନ ହୁଏ। ପାଳିଆ ମେକାପ ଭଣ୍ଡାର ଘରୁ ଚନ୍ଦନ ବିଜେ କରିବା ପରେ ପାଳିଆ ପୁଷ୍ପାଳକ ମାନେ ସର୍ବାଙ୍ଗ ଚନ୍ଦନ ଲାଗି କରନ୍ତି। ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଘଣ୍ଟି, ଛତା, କାହାଳୀ ପଟୁଆରରେ ଯାଇ ଘଟୁଆରୀ ଘରୁ ଚନ୍ଦନ, ଫଗୁ ବିଜେ ହୋଇ ସିଂହାସନକୁ ଆସେ। ଶ୍ରୀଅଙ୍ଗରେ ଫଗୁ ଚନ୍ଦନ ଲାଗି ବନ୍ଦାପନା ହୁଏ

ସିଂହାସନ ତଳେ ମୁଦିରସ୍ତ ତିନି ବାଡ଼ରେ ଝିମିରି ଫଗୁ ଅଞ୍ଜଳି କରି ଶ୍ରୀଅଙ୍ଗରେ ଚନ୍ଦନ ଫଗୁ ମୁଣି ଲାଗି କରନ୍ତି। ଶ୍ରୀ ଦେବୀ ଓ ଭୂଦେବୀ ଦକ୍ଷିଣ ଘରକୁ ଚାଚେ଼ରୀ ବେଶ ନିମନ୍ତେ ବିଜେ ହୁଅନ୍ତି। ଭିତରେ ବେଶ ଓ ଶ୍ରୀ ଜୀଉମାନଙ୍କୁ ମାଳ ଫୁଲ କର୍ପୂର ଲାଗି ପରେ ପାଣି ପଡ଼ି ଚାଚେ଼ରୀ ଭୋଗ ଆସିଲା ପରେ ଶ୍ରୀ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ ହୁଅନ୍ତି।

ମୁଦିରସ୍ତ ପ୍ରସାଦ ଲାଗି କରିବାପରେ ତିନି ବାଡ଼ରେ ତିନିଜଣ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ମଣୋହି କରାନ୍ତିକ୍ଷ ଏହାପରେ ପୂଜାପଣ୍ଡା ମହାପ୍ରଭୁଙ୍କ ନିକଟରୁ ଆଜ୍ଞା ମାଳ ଆଣି ଦୋଳ ଗୋବିନ୍ଦଙ୍କୁ ଦିଅନ୍ତି। ବିଜେ ପ୍ରତିମାମାନେ ଚାମର ଆଲଟ ହୋଇ ବିମାନକୁ ବିଜେକରି ମହାଲକ୍ଷ୍ମୀଙ୍କ ମନ୍ଦିରର ଜଗମୋହନରେ ପୂର୍ବରୁ ପଡ଼ିଥିବା ଖଟ ଉପରେ ବିଜେ ହୁଅନ୍ତି। ସେଠାରେ ଲକ୍ଷ୍ମୀନାରାୟଣଙ୍କ ଫଗୁଖେଳ ସରିଲାପରେ ପ୍ରସାଦ ଲାଗି, ଶୀତଳ ଭୋଗ, ବନ୍ଦାପନା ହୋଇ ବିମାନକୁ ବିଜେ କରି ସିଂହଦ୍ୱାର ଓ ଲାଙ୍ଗୁଳିମଠ ଦେଇ ଦୋଳବେଦୀର ଅଗ୍ନି ଉତ୍ସବ ଘରକୁ ବିଜେ କରନ୍ତି। ସେଠାରେ ପୂଜାପଣ୍ଡାଙ୍କ ଦ୍ୱାରା ହୋମ ହୁଏ। ହୋମ ସରିଲାପରେ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ମଣୋହି ହୁଏ। ଚାମର ଆଲଟ ଲାଗି ପରେ ବିଜେ ପ୍ରତିମାମାନେ ଅଗ୍ନି ସଂଯୋଗ ପରେ ମେଣ୍ଢାକୁଡ଼ିଆ ବା ଅଗ୍ନି ଉତ୍ସବ ଘରକୁ ବିମାନରେ ୭ ଘେରା ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରନ୍ତି।

## ଆଡ଼ପମଣ୍ଡପ

ଶ୍ରୀନୀଳାଚ଼ଳ କ୍ଷେତ୍ରର ଅନ୍ୟତମ ପୁଣ୍ୟ ଅଧିଷ୍ଠାନ ହେଉଛି ଶ୍ରୀଗୁଣ୍ଡିଚ଼ା ମନ୍ଦିର। ବିଭିନ୍ନ ପ୍ରାଚ଼ୀନ ଶାସ୍ତ୍ର ଗ୍ରନ୍ଥ ଓ ଲୋକ ସାହିତ୍ୟରେ ଗୁଣ୍ଡିଚ଼ାମନ୍ଦିରକୁ ମହାବେଦୀ, ଯଜ୍ଞବେଦୀ, ଗୁଣ୍ଡିଚ଼ା ମଣ୍ଡପ, ଆଡ଼ପ ମଣ୍ଡପ, ଗୁଣ୍ଡିଚା ଘର, ଆଟୋପ ମଣ୍ଡପ, ରାସମଣ୍ଡପ, ଆଡ଼ମ୍ବର ମଣ୍ଡପ ଆଦି ଭାବରେ ବର୍ଣ୍ଣନା କରାଯାଇଛି। 'ସ୍କନ୍ଦ ପୁରାଣ'ର ଉଲ୍ଲେଖ ପ୍ରକାରେ, ଯଜ୍ଞବେଦୀ ଓ ତା'ର ସନ୍ନିକଟ ସ୍ଥାନ ନୃସିଂହ କ୍ଷେତ୍ର ରୂପେ ବିଦିତ। ଆଡ଼ପ ମଣ୍ଡପ ନୃସିଂହ କ୍ଷେତ୍ରର ପରିସରଭୁକ୍ତ। ଆଡ଼ପ ମଣ୍ଡପ ବା ଗୁଣ୍ଡିଚ଼ା ମଣ୍ଡପ ଚତୁର୍ଦ୍ଧା ବିଗ୍ରହଙ୍କର ପ୍ରଥମ ଅଧିଷ୍ଠାନ ସ୍ଥଳ। ଗୁଣ୍ଡିଚ଼ା ମନ୍ଦିର କାହିଁକି 'ଆଡ଼ପ ମଣ୍ଡପ', ତାହାର ରହିଛି ଭିନ୍ନ ଭିନ୍ନ ମତ।

ଗୋଟିଏ ମତ ହେଉଛି, 'ଗୁଣ୍ଠ୍' ଧାତୁର ଅର୍ଥ ଲୁଚ଼ାଇବା। ସେଇଥିରୁ ଆସିଛି 'ଗୁଣ୍ଡିଚ଼ା' ନାମ। ସେଠାର ଯଜ୍ଞ ବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆବିର୍ଭାବ ବା ଜନ୍ମକାଳରେ, ସେମାନଙ୍କୁ ପଟ୍ଟବସ୍ତ୍ରରେ ଆଚ୍ଛାଦିତ ବା ଲୁକ୍‌କାୟିତ କରି ରଖାଯାଇଥିଲା। ତେଣୁ ଆବରଣ ବା ଅନ୍ତରାଳ ଯୁକ୍ତ ମଣ୍ଡପରୁ ଆଡ଼ପ ମଣ୍ଡପ ନାମ ଆସିଛି। ଅନ୍ୟ ଏକ ମତ ହେଉଛି- ଆଡ଼ପର ଅର୍ଥ ଅନ୍ତୁଡ଼ିଶାଳ। ଏହା ଚତୁର୍ଦ୍ଧାବିଗ୍ରହଙ୍କର ଅନ୍ତୁଡ଼ିଶାଳ ହୋଇଥିବାରୁ ଏହା ଆଡ଼ପ ମଣ୍ଡପ।

ଆଉ ଗୋଟିଏ ମତରେ, 'ଆଟୁ'ର ଅର୍ଥ ପଟା ଭାଡ଼ି। 'ମାଦଳା ପାଞ୍ଜି'ରେ ଏ ସମ୍ପର୍କରେ ଥିବା ସୂଚ଼ନା ଅନୁସାରେ, ଦ୍ୱାଦଶ ଶତାବ୍ଦୀରେ ଗୁଣ୍ଡିଚ଼ା ଘରଟି କାଠ ମଣ୍ଡପ ଗୃହରେ ସୀମିତ ଥିଲା। ସେଥିରେ ଉଲ୍ଲେଖ ଅଛି- "ରାଜା ବାଙ୍କୀ ମୁହାଣ ପୋତାଇଲେ। ଛଅରଥ ହେଉଥିଲା, ନଈ ପୋତାଇ ତିନି ରଥ କରାଇଲେ। ଗୁଣ୍ଡିଚ଼ାଘର ଦେଉଳ କାଠ ମଣ୍ଡପ ହୋଇଥିଲା। ତାହା ପଥର ମଣ୍ଡପ କଲେ।" ଏଣୁ ଆଟୁ ବା କାଠ ମଣ୍ଡପରୁ ଆଡ଼ପ ମଣ୍ଡପ ହୋଇଥିବା ସମ୍ଭବ।

ଏହି ମଣ୍ଡପର ମାହାତ୍ମ୍ୟ ଓ ପବିତ୍ରତା ସମ୍ପର୍କରେ 'ସ୍କନ୍ଦପୁରାଣ-ଉତ୍କଳ ଖଣ୍ଡ' ଅନ୍ତର୍ଗତ 'ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ର ୨୯ ଅଧ୍ୟାୟରେ ବର୍ଣ୍ଣନା ରହିଛି। ଏପରିକି ଗୁଣ୍ଡିଚ଼ା ମଣ୍ଡପ ବା ଆଡ଼ପ ମଣ୍ଡପ ପ୍ରଭୁଙ୍କ ପାଇଁ ପୃଥିବୀର ସବୁଠାରୁ ପ୍ରୀତିପ୍ରଦ ସ୍ଥାନ ବୋଲି ସେଥିରେ ଉଲ୍ଲେଖ ଅଛି। ୩୪-୩୫ ଶ୍ଳୋକରେ ମହାପ୍ରଭୁ ନିଜେ କହିଛନ୍ତି-

"ଗୁଣ୍ଡିଚ଼ା ମଣ୍ଡପଂ ନାମ ଯତ୍ରାହମଜନଂ ପୁରା.... 'ତସ୍ୟାଃ ପୁଣ୍ୟତମଂ ସ୍ଥାନଂ ପୃଥିବ୍ୟାଂ ନେହ ବିଦ୍ୟତେ।' ଅର୍ଥାତ୍, ଗୁଣ୍ଡିଚ଼ା ମଣ୍ଡପ ହେଉଛି ସେହି ସ୍ଥାନ, ଯେଉଁଠାରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି। ପୃଥିବୀରେ ସେହି ସ୍ଥାନ ଅପେକ୍ଷା ପବିତ୍ରତମ ସ୍ଥାନ ଆଉ ନାହିଁ।"

ଗବେଷକମାନଙ୍କ ମତାନୁଯାୟୀ କାଳକ୍ରମେ କାଷ୍ଠ ମଣ୍ଡପର ରକ୍ଷଣାବେକ୍ଷଣ ଓ ସୁରକ୍ଷା ନିମନ୍ତେ ସେଠାରେ ଏକ କାଷ୍ଠ ନିର୍ମିତ କୁଟୀର ନିର୍ମିତ ହୋଇଥିଲା। ତାହାକୁ ଗୁଣ୍ଡିଚ଼ା ଘର କୁହାଗଲା। ପରବର୍ତ୍ତୀ କାଳରେ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟରେ ଯେଉଁପରି ଦୃଶ୍ୟମାନ ପୀଢ଼ ଶୈଳୀର ମନ୍ଦିର ନିର୍ମିତ ହୋଇଛି ତାହା ଗୁଣ୍ଡିଚ଼ା ମନ୍ଦିର ବା ଗୁଣ୍ଡିଚ଼ା ମଣ୍ଡପ ନାମରେ ଅଭିହିତ ହୋଇଛି। ତେଣୁ

ଗୁଣ୍ଡିଚ଼ା ମଣ୍ଡପ ବା ଆଡ଼ପ ମଣ୍ଡପ, ଗୁଣ୍ଡିଚ଼ା ଘର ବା ଗୁଣ୍ଡିଚ଼ା ମନ୍ଦିର ଏକ ସ୍ଥାନ ଓ ଏକ ଅର୍ଥବୋଧକ।

ପବିତ୍ର ଘୋଷଯାତ୍ରା ଅବସରରେ, ଶ୍ରୀଗୁଣ୍ଡିଚ଼ା ମନ୍ଦିରରେ ଶ୍ରୀବିଗ୍ରହମାନେ ଯେଉଁ ସ୍ଥାନରେ ଏକ ସପ୍ତାହବ୍ୟାପୀ ଅବସ୍ଥାନ କରିଥା'ନ୍ତି, ତାହା 'ଆଡ଼ପ ମଣ୍ଡପ' ନାମରେ ଅଭିହିତ। କିନ୍ତୁ 'ନୀଳାଦ୍ରି ମହୋଦୟ'ରେ ଏହି ସ୍ଥାନକୁ 'ଯଜ୍ଞବେଦୀ' ଏବଂ ସ୍କନ୍ଦପୁରାଣରେ 'ମହାବେଦୀ' ବୋଲି ଉଲ୍ଲେଖ କରାଯାଇଛି। ପରବର୍ତ୍ତୀ କାଳରେ ଏହି ମଣ୍ଡପରେ ଶ୍ରୀବିଗ୍ରହମାନଙ୍କର ସାଟୋପ ଅର୍ଥାତ୍ ଆଡ଼ମ୍ବରପୂର୍ଣ୍ଣ ସ୍ଥିତି ଦେଖି, ଏହି ମଣ୍ଡପକୁ 'ଆଡ଼ପ ମଣ୍ଡପ' କୁହାଯାଇଛି। କବି ଦୀନକୃଷ୍ଣ ଦାସ ମଧ୍ୟ ତାଙ୍କ 'ଜଗମୋହନ ଛାନ୍ଦ'ରେ ଗୁଣ୍ଡିଚ଼ା ମନ୍ଦିରକୁ 'ଆଡ଼ମ୍ବର ମଣ୍ଡପ' ଭାବେ ବର୍ଣ୍ଣନା କରିଛନ୍ତି।

ଅପର ପକ୍ଷରେ ଆଡ଼ପ ମଣ୍ଡପ ମାହାତ୍ମ୍ୟ ସମ୍ପର୍କରେ କୃଷ୍ଣ ଦାସଙ୍କ 'ଦେଉଳ ତୋଳା' ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ "ସ୍ୱପ୍ନାନ୍ତେ ରାଜା ସୁନାର ଶଗଡ଼ ଧରି ସମୁଦ୍ରକୂଳସ୍ଥ ଚକ୍ରତୀର୍ଥଠାରେ ଆବିର୍ଭୂତ ଦାରୁ ନିକଟକୁ ଗଲେ। ବସୁ ଶବରକୁ ମଧ୍ୟ ନିମନ୍ତ୍ରଣ କରି ଆଣିଥିଲେ। ସ୍ୱପ୍ନରେ ପ୍ରଭୁଙ୍କର ଆଜ୍ଞାମତେ ରାଜା ନିଜେ ମୁଣ୍ଡରେ ପାଟ ମୁଚୁଳା ବାନ୍ଧି ଠିଆହେଲେ। ଶକଟ ବା ଶଗଡ଼ ଉପରେ ବିଜେ କଲେ ଦାରୁ। ଏ ଦାରୁଙ୍କୁ ଧରି ରାଜା ଆଡ଼ପ ମଣ୍ଡପଠାରେ ନିଜେ ଉପସ୍ଥିତ ରହି ଯାଗ କରାଇଲେ। ଯାଗ ବେଦୀକୁ ମାଡ଼ି ନୃସିଂହ ରହିଲେ। ଏହି ଆଡ଼ପ ମଣ୍ଡପଠାରେ ଜଗନ୍ନାଥ ମୂର୍ତ୍ତିକୁ ଗଢ଼ିବାପାଇଁ ଇନ୍ଦ୍ରଦ୍ୟୁମ୍ନ ରାଣୀ ଗୁଣ୍ଡିଚ଼ା ଦେବୀଙ୍କୁ ଜଣାଇଲେ- ତୁମ ନାମରେ ଗୁଣ୍ଡିଚ଼ା ଯାତ୍ରା ହେବ। ଜଗନ୍ନାଥ ଏହି ଆଡ଼ପ ମଣ୍ଡପରେ କିଛି ଦିନ ଅବସ୍ଥାନ କରିବେ।"

'ନୀଳାଦ୍ରିମହୋଦୟ'ର ବର୍ଣ୍ଣନା ପ୍ରକାରେ, ନୀଳାଚ଼ଳରେ ଦଶବର୍ଷ ପର୍ଯ୍ୟନ୍ତ ତ୍ରିକାଳ ପୂଜା କାଳରେ ଭକ୍ତ ଶ୍ରୀବିଗ୍ରହମାନଙ୍କର ଦର୍ଶନରେ ଯେଉଁ ଫଳ ପାଏ, ସେହି ଫଳ ଯଜ୍ଞ ବେଦୀ ବା ଆଡ଼ପ ମଣ୍ଡପରେ ଗୋଟିଏ ଦିନର ଦର୍ଶନରେ ମିଳେ। ବିଶେଷତଃ ଏକ ଦିନର ରାତ୍ରିକାଳୀନ ଦର୍ଶନରେ ଉକ୍ତ ଫଳ ଦଶଗୁଣ ପରିବର୍ଦ୍ଧିତ ହୋଇଥାଏ। ସେହିପରି ଜନସାଧାରଣରେ ବହୁଳ ପ୍ରଚ଼ାରିତ 'ନୀଳାଦ୍ରୌ ଦଶ ବର୍ଷାଣି ଆଡ଼ପ ମଣ୍ଡପେ ଦିନେ' ଉକ୍ତିକୁ ସ୍ମରଣ କରି ନବମୀ ସନ୍ଧ୍ୟାଦର୍ଶନ ଦିନ ଭକ୍ତମାନେ ଗୁଣ୍ଡିଚ଼ା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିବା ସହିତ ଦୀପଦାନ ଆଦି କରିଥା'ନ୍ତି।

'ସ୍କନ୍ଦପୁରାଣ ଉତ୍କଳଖଣ୍ଡ'ର 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଆଦେଶ ଦେଇଛନ୍ତି ଯେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରେ ଆମ୍ଭଙ୍କୁ ରଥାରୂଢ଼ ପୂର୍ବକ ମହୋତ୍ସବ କରାଇ, ଯେଉଁ ସ୍ଥାନରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି ଏବଂ ଯେଉଁଠାରେ ତୁମର ସହସ୍ର ଅଶ୍ୱମେଧ ଯଜ୍ଞର ଯଜ୍ଞବେଦୀ, ସେହି ଗୁଣ୍ଡିଚା ମଣ୍ଡପକୁ ଆମ୍ଭମାନଙ୍କୁ ନେଇଯିବ । ଉକ୍ତ ସ୍ଥାନଟି ମୋର ଜନ୍ମସ୍ଥାନ ହେତୁ ଅଖଣ୍ଡ ପ୍ରୀତିଜନକ । ମୁଁ ସେଠାକୁ (ଆଡ଼ପ ମଣ୍ଡପକୁ) ନବଦିନ ଗମନ କରିବି ଏବଂ ସେଠାରୁ ପୁନରାୟ ଏହି ସ୍ଥାନକୁ (ଶ୍ରୀମନ୍ଦିରକୁ) ଆଗମନ କରିବି । ସେଠାରେ ଅବସ୍ଥିତି କାଳରେ ଯେଉଁ ସମସ୍ତ ମାନବ ମୋତେ ଦର୍ଶନ କରିବେ, ସେମାନେ ମୋର ଆଳୟ ବୈକୁଣ୍ଠ ଧାମକୁ ଗମନ କରିବେ ।

ଏହି ନବଦିନ ଯାତ୍ରାରେ ଶ୍ରୀବିଗ୍ରହମାନେ ସେଠାରେ ସାତଦିନ ଅବସ୍ଥାନ କରିଥାନ୍ତି । ତାହା 'ମହାବେଦୀ ମହୋତ୍ସବ' ଭାବରେ ଖ୍ୟାତ । ପୁରାଣର ବର୍ଣ୍ଣନା ଅନୁଯାୟୀ, ଏହି 'ମହାବେଦୀ ମହୋତ୍ସବ'କୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତା'ର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ । 'ସ୍କନ୍ଦପୁରାଣ'ର ୨୯ ଅଧ୍ୟାୟରେ କୁହାଯାଇଛି, "ରାଜାଙ୍କ ପ୍ରତିଷ୍ଠିତ ଶ୍ରୀମନ୍ଦିର ତାଙ୍କର ଯେପରି ପ୍ରୀତିପ୍ରଦ, ଅଶ୍ୱମେଧ ଯଜ୍ଞର ମହାବେଦୀ ନୃସିଂହ କ୍ଷେତ୍ର ମଧ୍ୟ ତଦନୁରୂପ ପ୍ରୀତିପ୍ରଦ । ସେହିଠାରେ ସେ ସାତ ଦିନ ରହିବା ଲାଗି ରଥଯାତ୍ରାର ବିଧାନ କରାଇଛନ୍ତି । ସେଠାରେ ନବମୀ ଦିନ ଭକ୍ତମାନଙ୍କୁ 'ସନ୍ଧ୍ୟାଦର୍ଶନ ଦେଇ, ଦଶମୀ ଦିନ ଶ୍ରୀବିଗ୍ରହମାନେ ବାହୁଡ଼ାଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥା'ନ୍ତି ।

## ଅଣସର ନୀତି

ଦେବସ୍ନାନ ପୂର୍ଣ୍ଣିମା ପରଦିନ ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଜରରେ ପୀଡ଼ିତ ହୋଇ ଉପଚାର ଘେନୁଥିବାରୁ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି ନାହିଁ । ଏହି କାଳକୁ ଅଣସର ବା ଅନବସର କୁହାଯାଏ । ସ୍ନାନ ଯାତ୍ରା ପରେ ପରମ୍ପରା ଅନୁସାରେ ଅନବସର ନୀତି ହୋଇଥାଏ । ଏହି ପ୍ରସିଦ୍ଧ ପାର୍ବଣର ଯେତେ ବିଧି ବିଧାନ ଅଛି ତାକୁ ୬ ଭାଗରେ ବିଭକ୍ତ

କରାଯାଇଛି। ପ୍ରଥମ ହେଲା ସ୍ନାନ ଯାତ୍ରା, ଦ୍ୱିତୀୟ ଅନବସର, ତୃତୀୟ ଶ୍ରୀ ଗୁଣ୍ଡିଚ଼ା, ଚତୁର୍ଥ ଆଡ଼ପ, ପଞ୍ଚମ ବାହୁଡ଼ା, ଷଷ୍ଠ ନୀଳାଦ୍ରି ବିଜେ। ଏହାକୁ ଷଡ଼ାଙ୍ଗ ସଂସ୍କାର କୁହାଯାଏ।

ଆମ ଶରୀର ଭିତରେ ୬ ଟି ଭଲ ଜିନିଷ ଅଛି ଯଥା- ସୌନ୍ଦର୍ଯ୍ୟ, ବୀର୍ଯ୍ୟ, ଓଦାର୍ଯ୍ୟ, ଗାମ୍ଭୀର୍ଯ୍ୟ, ମାଧୁର୍ଯ୍ୟ, ଐଶ୍ୱର୍ଯ୍ୟ ଆଉ ୬ ଟି ଖରାପ ଜିନିଷ ମଧ୍ୟ ଅଛି। କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ। ଏ ସବୁ ୬ ର ସମାହାର ମଣିଷର ଯେତେବେଳେ ଜୀବନ ସରିଯିବ ଜୀବନ ବ୍ୟାପି ସାଧନା ସରିଯାଏ ୬ ଖଣ୍ଡି କାଠରେ ତାକୁ ନିଆଯିବ ୫ ହେବନି କି ୭ ହେବନି ୬ ଖଣ୍ଡି କାଠରେ ତାକୁ ନିଆଯାଏ।

ଷଡ଼ାଙ୍ଗ ବିଧି ଭିତରେ ପାଳିତ ହୁଏ ଅଣସର ନୀତି। ସ୍ନାନ ପୂର୍ଣ୍ଣିମା ରାତିରେ ଶ୍ରୀଜୀଉ ମାନେ ସ୍ନାନ ବେଦୀରୁ ଗଲା ପରେ ଅଣସର ପିଣ୍ଡିରେ ଦଇତା ମାନେ ତାଙ୍କ ଶ୍ରୀମୁଖରେ ଲାଗି ହୋଇଥିବା ରାହୁରେଖା ଓ ଚିତା ବାହାର କରି ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରିଥା'ନ୍ତି। ତତ୍ପରେ କୋଠ ସୁଆଁସିଆ ମାନେ ଅଣସର ପିଣ୍ଡି ଚାରିପଟେ ବାଉଁଶ ତାଟି ବେଢ଼ି ଦିଅନ୍ତି ଏବଂ ଧୁକୁଡି ଦ୍ୱାର ବାଟେ ଏକ ଚୋରା କବାଟ ରଖିଥା'ନ୍ତି। ଜଗମୋହନ ଏହି ବାଉଁଶ ତାଟିରେ ୨ ଭାଗରେ ବିଭକ୍ତ ହୋଇ ଯାଇଥାଏ। ଭିତର ପଟ ଭାଗରେ ଦାରୁ ବିଗ୍ରହ ରୁହନ୍ତି ଓ ବାହାର ଭାଗରେ ଏକ ଖଟ ରଖା ଯାଇଥାଏ। ଏହାପୂର୍ବରୁ ଚିତ୍ରକାର ଗର୍ଭଗୃହରେ ଦାରୁ ମୂର୍ତ୍ତିମାନଙ୍କ ବଦଳରେ ପଟିଦିଅଁଙ୍କୁ ରଖିଥା'ନ୍ତି।

**ପଟିଦିଅଁ :-**

ବଳଭଦ୍ରଙ୍କ ପଟିଦିଅଁ ବାସୁଦେବ। ଦେବୀ ସୁଭଦ୍ରାଙ୍କର ପଟିଦିଅଁ ଭାବେ ଯାଜ୍ଞସେନୀ ବା ଭୁବନେଶ୍ୱରୀ। ଜଗନ୍ନାଥଙ୍କ ପଟିଦିଅଁ ଭାବେ ନାରାୟଣ ପୂଜା ପାଇବେ। ତେବେ ଦାରୁ ଦେବତାମାନେ ରତ୍ନ ସିଂହାସନରେ ଯେଉଁ ରୂପରେ ପୂଜା ପାଆନ୍ତି ପଟ୍ଟଚିତ୍ର ଗୁଡ଼ିକ ସେହି ଆକୃତିର ନୁହେଁ। କାଷ୍ଠ ନିର୍ମିତ ସୁଦୃଶ୍ୟ ଆସନରେ ବସିଥିବା ପରି ଅଙ୍କିତ ହୋଇଥିବା ଚିତ୍ରରେ ସମସ୍ତ ଦିଅଁ ଚତୁଃହସ୍ତ ଓ ଦୁଇପଦ ବିଶିଷ୍ଟ ହେଇ ପଦ୍ମାସନରେ ବସିଥାଆନ୍ତି। ବଳଭଦ୍ରଙ୍କ କଳେବର ଶ୍ୱେତବର୍ଣ୍ଣରେ ଚିତ୍ରିତ ହେଇଥାଏ। ଚତୁଃହସ୍ତରେ ସେ ଧରିଥାଆନ୍ତି ଶଙ୍ଖ, ଚକ୍ର, ଗଦା ଓ ହଳ। ହରିଦ୍ର ବର୍ଣ୍ଣା ସୁଭଦ୍ରା ଦୁଇ ଉର୍ଦ୍ଧ୍ୱ ହସ୍ତରେ ପଦ୍ମ ଧରିଥାଆନ୍ତି ଓ ନିମ୍ନ

ହସ୍ତ ଦୁଇଟି ଥାଏ ବରଦା ମୁଦ୍ରାରେ, କଳା ରଙ୍ଗରେ ଚିତ୍ରିତ ଜଗନ୍ନାଥ ଚାରିହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରିଥାଆନ୍ତି। ସମସ୍ତ ଦେବତାଙ୍କ ପୃଷ୍ଠପଟ୍ଟ ଗାଢ଼ନାଲି ରଙ୍ଗ ହେଇଥାଏ।

ଚିତ୍ର ପାଇଁ ଧଳାରଙ୍ଗ ଶଙ୍ଖରୁ ପ୍ରସ୍ତୁତ ହେଉଥିବା ବେଳେ, କଳାରଙ୍ଗ ନିମନ୍ତେ ପୋଲାଙ୍ଗ ଦୀପର କଳା, ହିଙ୍ଗୁଳରୁ ନାଲି, ହରିତାଳରୁ ହଳଦିଆ ଓ ଖଣ୍ଡନୀଳରୁ ନୀଳ ରଙ୍ଗ ପ୍ରସ୍ତୁତ କରାଯାଇଥାଏ।

ସ୍ନାନ ପୂର୍ଣ୍ଣିମା ଦିନ ଗଭୀର ରାତିରେ, ବାଇଦ ବାଜଣା ସହ ଚିତ୍ରକାରମାନେ ଅଣସର ପଟ୍ଟିଗୁଡ଼ିକୁ ମନ୍ଦିରକୁ ଆଣନ୍ତି। ଆଷାଢ଼ ପ୍ରତିପଦାରୁ ଅମାବାସ୍ୟା ଯାଏଁ ଏକ ପକ୍ଷ ବ୍ୟାପି ଏହି ପଟି ଦେବତାଙ୍କ ଆଗରେ ଭୋଗ ବଢ଼ାଯାଏ। ଅଣସର ଘରେ ଠାକୁର ମାନଙ୍କୁ ପଣା ଓ ଚକଟା ଭୋଗ ଆଦି କରାଯାଉଥିବା ବେଳେ ପଟିଦିଅଁଙ୍କୁ ଅନ୍ନଭୋଗ କରାଯାଇଥାଏ। ଗର୍ଭଗୃହ ସଂଲଗ୍ନ ଦକ୍ଷିଣ ଘରୁ ସେବାୟତମାନେ ସାତଗୋଟି ଚଳନ୍ତି ପ୍ରତିମା ଆଣି ଅଣସର ଘର ବାହାରପଟେ ପକାଯାଇଥିବା ଗୋଟିଏ ଖଟ ଉପରେ ରଖନ୍ତି। ବଳଭଦ୍ରଙ୍କ ଆସ୍ଥାନ ସମୀପରେ ରାମ, ନୃସିଂହ ଓ ଦୋଳଗୋବିନ୍ଦଙ୍କ ବିଗ୍ରହ ରହେ, ସୁଭଦ୍ରାଙ୍କ ସମୀପରେ ରହେ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ପିତୁଳା ଦ୍ୱୟ ଏବଂ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ରହେ ମଦନମୋହନ ଓ କୃଷ୍ଣଙ୍କ ପ୍ରତିମୂର୍ତ୍ତି।

ଏହାପରେ ଦିଅଁମାନଙ୍କ ପୂଜାପଣ୍ଡା ସାମନ୍ତ ପଞ୍ଚାମୃତ ସ୍ନାନ ବଢ଼ାଇଥା'ନ୍ତି। ଏହି ଠାକୁରଙ୍କୁ ବଲ୍ଲଭ ସର୍ପା ମଣୋହି କରାଯାଇଥାଏ। ସମସ୍ତ ଦୈନିକ ନୀତି ଓ ଭୋଗ ହୋଇଥାଏ। ଏହି ସମୟରେ ଅନ୍ୟଦିନ ପରି ଧୂପରେ ମଇଲମ ହୋଇନଥାଏ। ପଟି ଦିଅଁ ଏବଂ ସେଠାରେ ଥିବା ଚଳନ୍ତି ବିଗ୍ରହଙ୍କ ରାତ୍ର ବଡ଼ସିଂହାର ଭୋଗ ପରେ ଓ ପହୁଡ଼ ପୂର୍ବରୁ ଅଣସରରେ ଥିବା ଦାରୁଦିଅଁଙ୍କ ପାଖେ ଚକଟା ଭୋଗ ହୋଇଥାଏ।

ଜ୍ୱର ହେବାପରେ ଶ୍ରୀଜୀଉମାନଙ୍କୁ ଉପଚାର କରିବା ନିମନ୍ତେ ଦଇତାପତି ସେବକ ଓ ଅନ୍ୟ ସେବକମାନେ ଠାକୁରମାନଙ୍କୁ ଅଣସର ଘରକୁ (ଜଗନ୍ନାଥ ମନ୍ଦିରର ଜଗମୋହନରେ ଚନ୍ଦନ ଅର୍ଗଳି ନିକଟରେ ଥିବା ଏକ ସ୍ଥାନ) ନିଅନ୍ତି। ଏହି ସମୟରେ ମହାପ୍ରଭୁଙ୍କ ଦେହରେ ଚୁଆ, କର୍ପୁର, କସ୍ତୁରୀ ଓ ଚନ୍ଦନ ଲେପନ କରାଯିବା ସହ ପାରମ୍ପରିକ ଉପଚାର କରାଯାଏ। ଅଣସର ଘରେ କେବଳ

ଦଇତା ସେବକମାନେ ଅର୍ଥାତ ବିଶ୍ୱାବସୁଙ୍କ ବଂଶଧରମାନେ ସେବାକାର୍ଯ୍ୟ କରନ୍ତି। ବର୍ଷକ ବାର ମାସ ମଧ୍ୟରୁ ପତି ମହାପାତ୍ର ବା ବ୍ରାହ୍ମଣମାନଙ୍କ ସେବା ୧୧ମାସ ଏବଂ ଦଇତାମାନଙ୍କ ସେବା ଏକ ମାସ। ଏହା ଆଷାଢ଼ କୃଷ୍ଣ ପ୍ରତିପଦାରୁ ନୀଳାଦ୍ରୀ ବିଜେ ଯାଏଁ ଚଉଦଦିନ ଧରି କରାଯାଇଥାଏ। କେବଳ ଦଇତା ଓ ପତି ମହାପାତ୍ର ସେବକ ଅଣସର ଗୃହକୁ ଗୁପ୍ତ ନୀତି ନିମନ୍ତେ ପ୍ରବେଶ କରିଥା'ନ୍ତି।

**ଅଣସର ନୀତି ଶ୍ରୀଅଙ୍ଗ ଫିଟା:-**

ସ୍ନାନମଣ୍ଡପରେ ସ୍ନାନଦ୍ୱାରା ଓଦା ପାଟ ବସ୍ତ୍ରକୁ ଅଣସର ଗୃହରେ ଓଲାଗି କରାଯାଏ। ଏହାକୁ ଶ୍ରୀଅଙ୍ଗ ଫିଟା କୁହାଯାଏ। ଏହି ସମୟରେ ଦାରୁ ରୂପକୁ କରାଳ ରୂପ କରାଯାଏ। ଶ୍ରୀଅଙ୍ଗ ଫିଟା ଓ କରାଳ ହେଉଛି ଶ୍ରୀଅଙ୍ଗ ନିରାପତ୍ତା ପାଇଁ ଏକ ପ୍ରତିଷେଧକ ବ୍ୟବସ୍ଥା। ଆଷାଢ଼ କୃଷ୍ଣ ପ୍ରତିପଦରୁ ଚତୁର୍ଥୀ ବିଗ୍ରହ ଗୁଡିକର ମରାମତି ସହ ଠାକୁରମାନଙ୍କର ଅଙ୍ଗର ବସ୍ତ୍ରକୁ ଉତାରି କରାଳକାମ କରାଯାଏ। ଶ୍ରୀଅଙ୍ଗରେ ଲାଗିଥିବା କସ୍ତୁରୀ, ଝୁଣା, ଚୁଆ, ଓ ଚନ୍ଦନ ଲେପକୁ ଅଲଗା କରାଯାଏ। ଅଲଗା ହୋଇଥିବା ପଦାର୍ଥମାନଙ୍କୁ 'କରାଳ' କୁହାଯାଏ।

ଏହି ସମୟରେ ଜଗନ୍ନାଥଙ୍କ ସ୍ଥାନରେ ଭକ୍ତମାନେ ବ୍ରହ୍ମଗିରିର ଅଲାରନାଥଙ୍କୁ ବିଷ୍ଣୁରୂପରେ ଦର୍ଶନ କରିଥା'ନ୍ତି।

**ଅଣସର ସମୟରେ ଅଲାରନାଥଙ୍କୁ ଦର୍ଶନ କରିବାର କିମ୍ବଦନ୍ତୀ:-**

ପରମ ତାନ୍ତ୍ରିକ ବାବା ଅଲବନ୍ଧାଚାର୍ଯ୍ୟ ନାମକ ଜଣେ ତନ୍ତ୍ର ସାଧକ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିବା ସମୟରେ ଅଣସର ହେତୁ ଦର୍ଶନ ପାଇ ପାରି ନ ଥିଲେ। ନିଜର ତନ୍ତ୍ର ସାଧନା ପ୍ରୟୋଗ କରି ସେ ଏକ ଭ୍ରମର ରୂପରେ ଅଣସର ଗୃହକୁ ପ୍ରବେଶ କରିଥିଲେ। ଅଣସର ଗୃହରେ ଏକ ଅଷ୍ଟଦଳ ପଦ୍ମ ଦେଖି ଅଲ୍‌ବନ୍ଧା ପଦ୍ମ ଉପରେ ବସିବାକୁ ଉଦ୍ୟମ କରିବା ବେଳେ ପଦ୍ମର ପାଖୁଡ଼ା ଗୁଡିକ ଜଣେ ଜଣେ ସୁନ୍ଦରୀ ନାରୀରେ ପରିଣତ ହୋଇ ଭ୍ରମରକୁ ଉପହାସ କରିଥିଲେ। ଫଳରେ ଅଲ୍‌ବନ୍ଧାଚାର୍ଯ୍ୟ ଅପମାନ ପୂର୍ବକ ଜଗନାଥଙ୍କ ଦର୍ଶନରୁ ବଞ୍ଚିତ ହୋଇ ସମୁଦ୍ରରେ ପ୍ରାଣ ବିସର୍ଜନ ନିମନ୍ତେ ଉଦ୍ୟମ ହୁଅନ୍ତେ ହଠାତ୍ ଏକ ବିରାଟକାୟ ମର୍କଟ ତାଙ୍କ ସମ୍ମୁଖରେ ଲମ୍ଫ ପ୍ରଦାନକରି ଦକ୍ଷିଣ ଦିଗକୁ ଗତି କରିଥିଲା। ଏହା ଭଗବାନଙ୍କ ନିର୍ଦ୍ଦେଶ ଭାବି ସେ ଦକ୍ଷିଣାଭିମୁଖୀ

ଦିଗରେ ଯାତ୍ରା କରି ବ୍ରହ୍ମଗିରିସ୍ଥ ଅଲାରନାଥ ପୀଠରେ ପହଞ୍ଚି ସେଠାରେ ଶିଳାରୂପୀ ବିଷ୍ଣୁ ବିଗ୍ରହଙ୍କୁ ଦର୍ଶନ କରି ଭାବ ବିହ୍ୱଳିତ ହୋଇଯାଇଥିଲେ। ସେବେଠାରୁ ଅଲ୍ ବିନ୍ଦାଙ୍କ ପ୍ରଭୁ ବା ନାଥ ଅଲ୍ ବିନ୍ଦାନାଥ ଓ ପରେ ଅପଭ୍ରଂଶ ହୋଇ ଅଲାରନାଥ ନାମରେ ନାମିତ ହୋଇଛନ୍ତି।

ଦୀର୍ଘ ୧୫ଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରୁହେ। ତେଣୁ ଏହି ସମୟରେ ଭକ୍ତମାନେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିନପାରି ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କୁ ଦର୍ଶନକରି ପୁଣ୍ୟ ଅର୍ଜନ କରିଥା'ନ୍ତି। ଶ୍ରୀମନ୍ଦିର ରତ୍ନ ସିଂହାସନରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାରେ ଯେତିକି ପୁଣ୍ୟ ମିଳେ, ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେତିକି ପୁଣ୍ୟ ମିଳେ ବୋଲି ପ୍ରବାଦ ରହିଛି। କାରଣ ଭଗବାନ ଅଲାରନାଥ ହେଉଛନ୍ତି ପ୍ରଭୁ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା।

# ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ଭକ୍ତି ସାହିତ୍ୟ ଆକାଶରେ ମାଧବୀ ଦାସୀ ହେଉଛନ୍ତି ଏକ ଉଜ୍ଜ୍ୱଳ ନକ୍ଷତ୍ର ।

ତାଙ୍କ କାହାଣୀ କେବଳ ଭକ୍ତିର ନୁହେଁ, ବରଂ ଜଣେ ନାରୀର ସଂଘର୍ଷ, ତ୍ୟାଗ ଏବଂ ଭଗବାନଙ୍କ ସହ ଆଧ୍ୟାତ୍ମିକ ପ୍ରେମର ଏକ ହୃଦୟସ୍ପର୍ଶୀ ଗାଥା ।

ମାଧବୀ ଦାସୀଙ୍କ ଜୀବନ ଓ ଭକ୍ତିର କାହାଣୀ ଏଠାରେ ବର୍ଣ୍ଣନା କରାଗଲା:

**୧. ପରିଚୟ ଓ ପୃଷ୍ଠଭୂମି :**

ମାଧବୀ ଦାସୀ ଷୋଡ଼ଶ ଶତାବ୍ଦୀର ଜଣେ ମହାନ କବୟିତ୍ରୀ ଓ ସାଧିକା ଥିଲେ । ସେ ଖୋର୍ଦ୍ଧା ଅଞ୍ଚଳର ବେଙ୍ଗଳାବାସୀ (ଆଧୁନିକ ବେଣ୍ଟପୁର) ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ପରମ ବୈଷ୍ଣବ ଶିଖି ମହାନ୍ତିଙ୍କ ଭଉଣୀ । ମାଧବୀ ପିଲାଦିନୁ ହିଁ ମହାପ୍ରଭୁଙ୍କ ଭକ୍ତିରେ ମଜ୍ଜି ରହିଥିଲେ ।

**୨. ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆଗମନ :**

ଯେତେବେଳେ ଶ୍ରୀଚୈତନ୍ୟ ମହାପ୍ରଭୁ ପୁରୀ ଆସିଲେ, ମାଧବୀଙ୍କ ଭାଇ ଶିଖି ମହାନ୍ତି ଓ ମୁରାରୀ ମହାନ୍ତି ତାଙ୍କର ପ୍ରମୁଖ ଶିଷ୍ୟ ହେଲେ । ମାଧବୀ ମଧ୍ୟ ଶ୍ରୀଚୈତନ୍ୟଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇ ସନ୍ନ୍ୟାସିନୀ ଜୀବନ ଅତିବାହିତ କରିବାକୁ ସ୍ଥିର କଲେ । ସେ ଜଣେ ବିଦୂଷୀ ନାରୀ ଥିଲେ ଏବଂ ଓଡ଼ିଆ, ବଙ୍ଗଳା ଓ ବ୍ରଜବୋଲି ଭାଷାରେ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ନେଇ ଅନେକ ଭଜନ ରଚନା କରିଛନ୍ତି ।

**୩. ଅର୍ଦ୍ଧ-ପାତ୍ର'ର ସମ୍ମାନ (ହୃଦୟସ୍ପର୍ଶୀ ପ୍ରସଙ୍ଗ)**

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପାର୍ଷଦମାନଙ୍କ ମଧ୍ୟରେ ମାଧବୀ ଦାସୀଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଥିଲା । ଗୌଡ଼ୀୟ ବୈଷ୍ଣବ ଧର୍ମରେ ତିନିଜଣ ମୁଖ୍ୟ ଭକ୍ତଙ୍କୁ 'ତିନି ପାତ୍ର' କୁହାଯାଏ, କିନ୍ତୁ ମାଧବୀ ଦାସୀଙ୍କୁ ଅର୍ଦ୍ଧ-ପାତ୍ର ବୋଲି ସମ୍ମାନିତ

କରାଯାଇଥିଲା। ତାଙ୍କର ଭକ୍ତି ଏତେ ଶୁଦ୍ଧ ଓ ଗଭୀର ଥିଲା ଯେ ମହାପ୍ରଭୁଙ୍କ ପାର୍ଷଦମାନେ ମଧ୍ୟ ତାଙ୍କ ପାଣ୍ଡିତ୍ୟକୁ ସମ୍ମାନ ଦେଉଥିଲେ।

**୪. କାହିଁକି ଏହି କାହାଣୀ ହୃଦୟସ୍ପର୍ଶୀ ?**

ମାଧବୀ ଦାସୀଙ୍କ ଜୀବନର ସବୁଠାରୁ ବଡ଼ ଦୁଃଖ ଓ ଭକ୍ତିର ପରୀକ୍ଷା ଥିଲା 'ବିଚ୍ଛେଦ'। ଶ୍ରୀଚୈତନ୍ୟଙ୍କ ନିୟମ ଅନୁଯାୟୀ, ସନ୍ନ୍ୟାସୀମାନେ ନାରୀଙ୍କ ମୁଖ ଦର୍ଶନ କରିବା ନିଷେଧ ଥିଲା। ମାଧବୀ ଦାସୀ ଜଣେ ମହିଳା ହୋଇଥିବାରୁ ସେ ଅନେକ ସମୟରେ ଶ୍ରୀଚୈତନ୍ୟଙ୍କ ସାମ୍ନାକୁ ଯାଇ ପାରୁନଥିଲେ।

କିନ୍ତୁ ତାଙ୍କ ଭକ୍ତି ଏତେ ଶକ୍ତିଶାଳୀ ଥିଲା ଯେ, ସେ ଦୂରରେ ରହି ମଧ୍ୟ ନିଜ ଭାବ ଓ ସଙ୍ଗୀତ ମାଧ୍ୟମରେ ମହାପ୍ରଭୁଙ୍କ ସହ ଯୋଡ଼ି ହୋଇ ରହୁଥିଲେ। ସେ ଲେଖିଥିଲେ :

'ଛାଡ଼ିଲେ ଛାଡ଼ୁ ମୋତେ ଜଗନ୍ନାଥ ସ୍ୱାମୀ,
ଚରଣ କମଳ ଛାଡ଼ି କାହିଁ ଯିବି ଆମି ?'

(ଅର୍ଥାତ୍: ଜଗନ୍ନାଥ ଯଦି ମୋତେ ଛାଡ଼ିଦିଅନ୍ତି, ତଥାପି ମୁଁ ତାଙ୍କ ପାଦପଦ୍ମ ଛାଡ଼ି କୁଆଡ଼େ ଯିବି ନାହିଁ।)

**୫. ଶ୍ରୀମନ୍ଦିର ଓ ମାଧବୀ ଦାସୀ :**

ଆଜି ବି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାତ୍ରି ପହୁଡ଼ ସମୟରେ ଗାନ କରାଯାଉଥିବା 'ଜୟଦେବଙ୍କ ଗୀତଗୋବିନ୍ଦ' ଭଳି ମାଧବୀ ଦାସୀଙ୍କ ରଚିତ ଭଜନଗୁଡ଼ିକ ଭକ୍ତଙ୍କ ମନରେ ଏକ ଭିନ୍ନ ଆବେଗ ସୃଷ୍ଟି କରେ। ତାଙ୍କ ଲେଖନୀରେ ବାତ୍ସଲ୍ୟ ଭାବ ଓ ମଧୁର ଭକ୍ତିର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ।

**ସଂକ୍ଷେପରେ :**

ମାଧବୀ ଦାସୀଙ୍କ କାହାଣୀ ଶିକ୍ଷା ଦିଏ ଯେ, ଭଗବାନଙ୍କୁ ପାଇବା ପାଇଁ ଶରୀରର ଉପସ୍ଥିତି ବଡ଼ କଥା ନୁହେଁ, ବରଂ 'ଭାବ' ହିଁ ଯଥେଷ୍ଟ। ସେ ନିଜର ସମସ୍ତ ଜୀବନକୁ ମହାପ୍ରଭୁଙ୍କ ଚରଣରେ ସମର୍ପି ଦେଇଥିଲେ ଏବଂ ଜଣେ ସାଧିକା ଭାବେ ଅମର ହୋଇ ରହିଲେ।

ହେ ମାନବଗଣ ! ଶେଷ ଶଯ୍ୟାରେ ଶୟନ କରିଥିବା ଅବିନାଶୀ ଶ୍ରୀ କମଳାପତି ଜଗନ୍ନାଥଙ୍କୁ ଭଜନ କର, ଯିଏ ନୀଳ ମେଘ ପରି ସୁନ୍ଦର ଶ୍ୟାମଘନ ଏବଂ ସୁନ୍ଦର, ଯାହାଙ୍କର ବାହନ ଗରୁଡ଼ ଏବଂ ଯାହାଙ୍କର ଆଖି କମଳ ପୁଷ୍ପ ପରି, ଯାହାଙ୍କ ପାଖରେ ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ ଅଛି ।

ଯାହାଙ୍କର ଭ୍ରମର ପରି କଳା କଳା ଡୋଳା ଅଛି, ଅତ୍ୟନ୍ତ ପବିତ୍ର ଏବଂ ସୁନ୍ଦର ପୀତ ରଙ୍ଗର ବସ୍ତ୍ର ପିନ୍ଧିଛନ୍ତି ଏବଂ ଯାହାଙ୍କ ବାମ ପାର୍ଶ୍ୱରେ ଦେବୀ ଲକ୍ଷ୍ମୀ ଶୋଭା ପାଉଛନ୍ତି, ହେ ମାନବଗଣ ! ସେହି ଶ୍ରୀ କମଳାପତି ଜଗନ୍ନାଥଙ୍କୁ ଭଜନ କର । ଜପ, ତପସ୍ୟା, ଯଜ୍ଞ କିମ୍ବା ସର୍ବୋତ୍ତମ ପବିତ୍ର ସ୍ଥାନ ଭ୍ରମଣ କରିବାରେ କ'ଣ ଅଛି ? କିମ୍ବା ଶାସ୍ତ୍ରର ଅତ୍ୟଧିକ ଅଧ୍ୟୟନର କଷ୍ଟରେ ପଡ଼ିବାର କ'ଣ ଲାଭ ? ହେ ମାନବଗଣ ! କେବଳ ଶ୍ରୀ କମଳାପତି ଜଗନ୍ନାଥଙ୍କୁ ଭଜନ କର ।

ଏହି ମାନବ ଶରୀର ଏହି ଜଗତରେ ଅତ୍ୟନ୍ତ ଦୁର୍ଲଭ ଏବଂ ଦେବତାମାନେ ମଧ୍ୟ ଏହା ପାଇଁ ଲଳାୟିତ- ଏହା ଜାଣି, ହେ ମାନବଗଣ, ଇନ୍ଦ୍ରିୟ ବାସନା ତ୍ୟାଗ କର ! ପ୍ରଭୁ କମଳାପତିଙ୍କୁ ଭଜନ କର ।

ସ୍ତ୍ରୀ, ପୁତ୍ର, ଭାଇ, ପିତା, ମାତା ଏବଂ ଅନ୍ୟ କୌଣସି ସମ୍ପର୍କୀୟ ଏହି ଜୀବ ସହିତ ଯାଆନ୍ତି ନାହିଁ, ତେଣୁ ହେ ମାନବଗଣ ! ପରମ ହିତକର ହରିଙ୍କ ଭଜନ କର । ପବିତ୍ର ବସରରେ ବ୍ରହ୍ମଶକ୍ତି ବା ବିଷ୍ଣୁ ମାୟା ରୂପେ ମହାପ୍ରସାଦ ଘେନା କରନ୍ତି । ଏହା ହିଁ ଶ୍ରୀ ଶାରଳା ଠାକୁରାଣୀଙ୍କର ଶ୍ରୀଜଗନ୍ନାଥ ବେଶ ରହସ୍ୟ । ଏକାଦଶୀରେ ଶାରଳାଙ୍କ ଦିବ୍ୟ ଜଗନ୍ନାଥ ବେଶ ଦର୍ଶନ ।

## ଓଡ଼ିଆଣି ମହାଲକ୍ଷ୍ମୀ

ସାରା ଦେଶ ଲକ୍ଷ୍ମୀଙ୍କ ବାର କହିଲେ ଶୁକ୍ରବାରକୁ ବୁଝେ, କିନ୍ତୁ ଓ଼ିଶାରେ ଲକ୍ଷ୍ମୀଙ୍କ ବାର ଗୁରୁବାର କାହିଁକି ? ଏମିତି ଏକ ଅସାଧାରଣ ପ୍ରଶ୍ନକୁ ଖୁବ ସାଧାରଣ ଢଙ୍ଗରେ ମୁଁ ପଚ଼ାରିଥିଲି ଜଣେ ସନ୍ଥଙ୍କୁ।

ଗୁଣ୍ଡିଚ଼ା ମନ୍ଦିର ବାହାରେ ଏକ ବରଗଛ ମୂଳରେ ଥକା ମାରିଥିବା ସାଧୁ ଜଣକ ଉଠିଲେ, ଝାଡ଼ିଝୁଡି ହେଇ କହିଲେ, ପୁଅ ! ଓଡ଼ିଶା ସହିତ କହାକୁ ତୁଳନା କରିବା ବୋକାମୀ। ସାରାଦେଶ ପାଇଁ ଲକ୍ଷ୍ମୀ ଧନର ଅଧିଷ୍ଠାତ୍ରୀ ଦେବୀ। ଚତୁର୍ଭୁଜା, ପଦ୍ମାସନା, ଗୋଟେ ହାତରେ ଶଙ୍ଖ, ଗୋଟେ ହାତରେ ପଦ୍ମ, ଗୋଟେ ହାତରେ ମାଣପେଡ଼ି, ଚତୁର୍ଥ ହାତଟି ଅଭୟ ମୁଦ୍ରାରେ, ସେଥିରୁ ଝରିପଡୁଥିବା ସୁନାରୂପା ହୀରା ମୋତି କେତେ କ'ଣ।

ଓଡିଶାର ଲକ୍ଷ୍ମୀ ଠାକୁରାଣୀ କିନ୍ତୁ ଖାଣ୍ଟି ଓଡ଼ିଆଣୀ ବୋହୂଟେ। ସିଏ ରାଗେ, ରୁଷେ, ସ୍ୱାମୀର ଘରବାହୁଡ଼ା ବେଳ ହେଲେ ସ୍ୱାମୀ ଆସିଲେ କି ନାହିଁ ଜାଣିବାକୁ ବାରମ୍ବାର ଏରୁଣ୍ଡି ଯାଏ ଦଉଡ଼େ। ରଥଯାତ୍ରାର ପୁରା ପ୍ରକ୍ରିୟାକୁ ଭଲରେ ଲକ୍ଷ୍ୟକର। ତାପରେ ଆପେ ଆପେ ବୁଝିଯିବ ସବୁକିଛି। ପ୍ରଥମରୁ ତ ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ସାଙ୍ଗରେ ନନେଇ ଗୁଣ୍ଡିଚ଼ା ବାଡ଼ିକୁ ଚାଲିଗଲେ, ତାପରେ ଲକ୍ଷ୍ମୀଙ୍କ ମନ ଆଉ ଦେଉଳରେ ନାହିଁ। କୁଆଡ଼େ ଗଲେ ଗେରସ୍ତ ? କି କାମ ଏମିତି ପଡ଼ିଲା ଯେ ମତେ ଜଣେଇବାକୁ ବି ଭୁଲିଗଲେ। ରାଗରେ ମହାଲକ୍ଷ୍ମୀ ଗୁଣ୍ଡିଚ଼ାବାଡ଼ି ଗଲେ, ସ୍ୱାମୀ ଦେଢ଼ଶୁରଙ୍କୁ ସିନା ଲୋକଲଜ୍ଜା ଭୟରେ କହିହବନି, କିନ୍ତୁ ଏ ନିଆଁଲଗା ରଥଠେଇଁ ସବୁ ନାଟ। ଆଗ ରଥ ଚକକୁ ଭାଙ୍ଗନ୍ତି, ମହାଲକ୍ଷ୍ମୀଙ୍କ ରାଗ ତମତମ ମୁହଁକୁ ସାମ୍ନା କରିବାକୁ ଡରନ୍ତି ମହାପ୍ରଭୁ। ଦେଉଳକୁ ଲେଉଟି ଲକ୍ଷ୍ମୀ ରାଗରେ ବିଓଲି ଚାଉଳ ଭାତ ଆଉ କଳମ ଶାଗ ଖାଅନ୍ତି। ସୁଭଦ୍ରାଙ୍କୁ ମହାପ୍ରଭୁ ସାଙ୍ଗରେ ନେଇଛନ୍ତି ବୋଲି ସୁଭଦ୍ରାଙ୍କ ଉପରେ ଗରଗର ହୁଅନ୍ତି। ଠିକ ଓଡ଼ିଆଣୀ ନୂଆ ବୋହୁଟେ ସ୍ୱାମୀ ଆଗରେ ଉପରମୁହିଁ ନଣନ୍ଦ ବିଷୟରେ ଖୁଣ୍ଟା ମାରିଲା ପରି। ହାତଗୋଡ଼ ନାହିଁ ହଳଦୀ ମୁହିଁଟା ଗଉଡ଼ ଘରର ଝିଅ ... ଗେରସ୍ତ ନିକମ୍ମା ରଥରେ ବସିଚ଼ି କୋଉ କୂଳକୁ ସେ ନୁହଁ। କେବଳ ନଣନ୍ଦ ସୁଭଦ୍ରା ନୁହଁ, ନଣନ୍ଦେଇ ଅର୍ଜୁନ ବି ବାଦ ପଡ଼ନ୍ତିନି ଲକ୍ଷ୍ମୀଙ୍କ କ୍ରୋଧରୁ।

ମହାପ୍ରଭୁ ବାହୁଡ଼ା ଦିନ ଫେରିଲା ବେଳେ ଲକ୍ଷ୍ମୀଙ୍କ ରାଗ ପଞ୍ଚମରେ। ମହାପ୍ରଭୁ ଦେଉଳ ନଧରୁଣୁ ତାଙ୍କ ଉପରେ ଟିକେ ଭଲରେ ବେହୁଷଣ କରିବାକୁ ଲକ୍ଷ୍ମୀ ଯାଇ ଗଜପତିଙ୍କ ନଅର ଆଗରେ ହାଜର। ଠିକ ସ୍ୱାମୀଟିଏ ଗାଡ଼ି ଗ୍ୟାରେଜ ଭିତରେ ରଖୁ ରଖୁ ସ୍ତ୍ରୀ ରୋଷେଇ ଘରୁ ବର୍ଷିବା ଭଳି। ମହାପ୍ରଭୁଙ୍କ ଭାଗ୍ୟ ଭଲ, ଗଜପତି ସେଠି ମଧ୍ୟସ୍ଥତା କରନ୍ତି। ପୁଅଟା ଆଗରେ ବାପର ମର୍ଯ୍ୟାଦା ହାନି ନକରି ମହାଲକ୍ଷ୍ମୀ ଦେଉଳକୁ ବାହୁଡ଼ନ୍ତି। ରାଗ ଶୁଝେଇବାକୁ ଅପେକ୍ଷା କରନ୍ତି 'ନୀଳାଦ୍ରି ବିଜେ' ଯାଏ।

ନୀଳାଦ୍ରି ବିଜେ ଦିନ ନାହିଁ ନଥିବା କଳି, କିନ୍ତୁ କପଟିଆ ମହାପ୍ରଭୁଙ୍କୁ ପାରିବ କିଏ ? ମହାଲକ୍ଷ୍ମୀଙ୍କୁ ଶାନ୍ତ କରିବାର ସୂତ୍ର ତାଙ୍କୁ ଜଣା। ମଣିଷ ମୁଣ୍ଡ ଭଳିଆ ରସଗୋଲା ସାଙ୍ଗକୁ ମଖମଲୀ ସୁନା ଜରି ପାଟ ଲାଞ୍ଚ ବଢ଼େଇ ଦିଅନ୍ତି ମହାଲକ୍ଷ୍ମୀଙ୍କୁ। ଟିକିଏ ଆଗରୁ ବଙ୍ଗୋପସାଗର ଭଳିଆ ଗର୍ଜନ କରୁଥିବା ମହାଲକ୍ଷ୍ମୀ ଲାଞ୍ଚ ନେଇ ବଙ୍ଗୀୟ ସନ୍ୟାସିନୀଟେ ଭଳି ଚୁପ ହେଇ ବସନ୍ତି। ମହାପ୍ରଭୁ ପୁଣି ଲକ୍ଷ୍ମୀଙ୍କ ମନ ବୁଝିବାକୁ ଗୁପ୍ତ ଗୁଣ୍ଡିଚ଼ାରେ ଶ୍ରୀଦେବୀ ରୂପରେ ତାଙ୍କୁ ନେଇଯାଆନ୍ତି ବରୁଣ ମନ୍ଦିର। ସ୍ୱାମୀ ସହିତ ବାପଘରକୁ ଯିବା ଖୁସୀରେ ଲକ୍ଷ୍ମୀ ଭୁଲିଯାଆନ୍ତି ଅତୀତକୁ। ସବୁ ସ୍ତ୍ରୀଙ୍କ ପରି ଲକ୍ଷ୍ମୀ ବି ସ୍ୱାମୀ ଜାଗନ୍ନାଥଙ୍କ ଠାରୁ ଖୁଣ୍ଟା ଖାଆନ୍ତି ବେଳେବେଳେ 'ତୁହି ଟେରୀ ତୋ ଦୁର୍ଗୁଣ କହିଲେ ନସରେ ବାପା ତୋ ଲୁଣିଆ ନିତି ଗରଜିକି ମରେ।' ଠିକ୍ ମଧ୍ୟବିତ୍ତ ପରିବାରର ସ୍ୱାମୀ ରାଗରେ ସ୍ତ୍ରୀ ର ଚଉଦପୁରୁଷ ଉଦ୍ଧାରିଲା ପରି।

ଏବେ କହ ପୁଅ, ଏ ଲକ୍ଷ୍ମୀ ଠାକୁରାଣୀ ନା ଓଡିଆଣୀ ଷ ଓଡ଼ିଶା ର ସକଳ ନାରୀ ଯେମିତି, ଆମ ଲକ୍ଷ୍ମୀ ଠାକୁରାଣୀ ବି ସେମିତି। କାଳେ ନିଜର ସନ୍ତାନ ହେଲେ, ଜଗତର ନାଥ ଜଗନ୍ନାଥଙ୍କ ସନ୍ତାନମାନଙ୍କ ପ୍ରତି ଅନ୍ୟାୟ ହେବ ସେଥିପାଇଁ ସିଏ ନିଜେ ମାଆ ହେଲେନି। ମଗୁଶୁର ମାସ ଯାକ ଦେଉଳରେ ନୁହଁ, ବୁଲୁଥା'ନ୍ତି ଓଡ଼ିଆ ପୁଅର ଧାନଖଳା ଆଉ ଅମାର, ସରିକିସରି ଝୋଟି ଚିତାରେ ପାଦ ଥାପି ବୁଲୁଥା'ନ୍ତି ଓଡିଶାର ଗାଁ ଗଣ୍ଡା। ଆମ ଲକ୍ଷ୍ମୀ ମାଆ ସ୍ୱାମୀର ସ୍ତ୍ରୀ, ନଣନ୍ଦର ଭାଉଜ, ଦେଢ଼ଶୁରର ଭାଇ ବୋହୂ, ଆଉ ଆମଭଳି କୋଟିଏ ପୁଅଙ୍କ ମା।

## ପ୍ରଭୁ ଇଚ୍ଛାମୟ

ଦ୍ୱାଦଶ ଶତାବ୍ଦୀର କଥା। ବିଶିଷ୍ଟା ଅଦ୍ୱୈତବାଦର ପ୍ରବକ୍ତା ରାମାନୁଜାଚାର୍ଯ୍ୟ ଦକ୍ଷିଣ ଭାରତର ମଠ ଶ୍ରୀରଙ୍ଗମ୍ ଠାରେ ରହୁଥା'ନ୍ତି। ଏକଦା ସେ ଭାରତ ଭ୍ରମଣରେ ବାହାରି ତିନିଧାମ ବଦ୍ରୀନାଥ, ଦ୍ୱାରକା ଓ ରାମେଶ୍ୱରମ୍ ବୁଲି ଆସି ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ଧାମରେ ପହଞ୍ଚିଲେ। ରାମାନୁଜ ବେଶ କିଛି ଦିନ ଅବସ୍ଥାନ କଲେ, ସେ ବଡ଼ ଦେଉଳର ସାମ୍ନାରେ ଏମାର ମଠ ସ୍ଥାପନ କରି ସେଠାରେ ରହୁଥା'ନ୍ତି। ତାଙ୍କର ସମ୍ପ୍ରଦାୟ ଶ୍ରୀ ସମ୍ପ୍ରଦାୟ, ଶ୍ରୀକ୍ଷେତ୍ରରେ ତାଙ୍କର ମତବାଦ କାୟା ବିସ୍ତାର କରି ଚାଲିଥାଏ। ମାଆ ଲକ୍ଷ୍ମୀ ହେଉଛନ୍ତି ଶ୍ରୀ। ସେତେବେଳେ ଶ୍ରୀ ମନ୍ଦିର ପରିସରରେ ମା' ଲକ୍ଷ୍ମୀଙ୍କ ମନ୍ଦିର ନିର୍ମାଣ ହେଲା ଓ ବଡ଼ଦେଉଳ ଶ୍ରୀମନ୍ଦିର ଭାବେ ନାମିତ ହେଲା। ଅର୍ଥାତ୍ ଶ୍ରୀଲକ୍ଷ୍ମୀ ବଡ଼ଦେଉଳର ମାଲିକାଣି ଭାବେ ପରିଚିତ ହେଲେ।

ଶ୍ରୀଜଗନ୍ନାଥଙ୍କ ପୂଜା ପଦ୍ଧତିରେ ଶ୍ରୀ ସମ୍ପ୍ରଦାୟର ପ୍ରଭାବ ଏମିତି ବଢ଼ିଚାଲିଥାଏ। ରାମାନୁଜ ଦିନେ ଚିନ୍ତା କଲେ, ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ଶ୍ରୀ ବିଷ୍ଣୁ, ନାରାୟଣ। ସେ ଅବତାରୀ, ତାଙ୍କରି ଠାରୁ ସମସ୍ତ ଅବତାରମାନେ ସୃଷ୍ଟି, ମାତ୍ର ତାଙ୍କ ପୂଜା ଏଠାରେ ଲୋକାଚାର ତଥା ବୈଦିକ ପରମ୍ପରା ଅନୁସାରେ ହେଉଛି। ଏଥିରେ ବୈଷ୍ଣବୀୟ ଭକ୍ତ ମାନେ ସନ୍ତୋଷ ଲାଭ କରିପାରୁ ନାହାଁନ୍ତି।

ସେ ଗଜପତି ମହାରାଜାଙ୍କୁ ପ୍ରବର୍ତ୍ତାଇ ମହାପ୍ରଭୁଙ୍କ ପୂଜାରେ କିଛି ସଂସ୍କାର ଆଣିବା ପାଇଁ ଚାହିଁଲେ। ସେ ଶ୍ରୀମନ୍ଦିରରେ କେବଳ ବୈଦିକ ରୀତି ନୀତି ପ୍ରଚଳନ ପାଇଁ ପ୍ରସ୍ତାବ ଦେଲେ। ତିଥି ନିର୍ଦ୍ଧାରିତ ହୋଇଗଲା ଓ ରାମାନୁଜ ଏହି ପ୍ରଚଳନକୁ ସ୍ୱୟଂ ଉଦଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହେଲା। ଏଥିରେ କିନ୍ତୁ ସେବକମାନଙ୍କର ସମ୍ମତି ନଥିଲା। ପୂଜାପଦ୍ଧତିରେ ପରିବର୍ତ୍ତନ କଥା ଶୁଣି ସେମାନେ ବ୍ୟସ୍ତ ହୋଇ ମହାପ୍ରଭୁଙ୍କ ନିକଟରେ ଗୁହାରି ଜଣା କଲେ। ଏହି ସମୟରେ ଅପ୍ରତ୍ୟାଶିତ ଭାବରେ ଏକ ବିଚିତ୍ର ଘଟଣା ଘଟିଲା। ନିର୍ଦ୍ଧାରିତ ତିଥିର ପୂର୍ବ ରାତ୍ରିରେ ରାମାନୁଜ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି। ତାଙ୍କ ଅନୁପସ୍ଥିତି ହେତୁ ନୂଆ ନୀତି ଆଉ ପ୍ରଚଳିତ ହୋଇ ପାରିଲା ନାହିଁ।

ପରେ ଶ୍ରୀରଙ୍ଗମ୍ ମଠ ଠାରୁ ଶିଷ୍ୟଙ୍କ ହାତରେ ରାମାନୁଜାଚାର୍ଯ୍ୟ ଗଜପତିଙ୍କୁ ଖବର ପଠାଇଲେ ମହାପ୍ରଭୁ ବୋଧହୁଏ କେବଳ ବୈଦିକ ପଦ୍ଧତିରେ ପୂଜା ହେବାକୁ ଚାହାଁନ୍ତି ନାହିଁ। ତେଣୁ ଇଛାମୟଙ୍କ ନିର୍ଦ୍ଦେଶରେ ନିଦ୍ରିତ ଅବସ୍ଥାରେ ଗରୁଡ଼ଜୀ ମୋତେ ଆଣି ଶ୍ରୀରଙ୍ଗମ୍ ମଠରେ ଛାଡ଼ିଦେଇ ଯାଇଛନ୍ତି।

ଏ କାହାଣୀରୁ ପ୍ରତୀତ ହୋଇଥାଏ ମହାପ୍ରଭୁ ଇଚ୍ଛା ବିହାରୀ। ତାଙ୍କ ଇଚ୍ଛା ବିନା ପତ୍ରଟିଏ ସୁଦ୍ଧା ହଲେ ନାହିଁ। ତାଙ୍କର ରୀତିନୀତି ସେ ନିଜେ ହିଁ ସ୍ଥିର କରିଛନ୍ତି। ତାକୁ ବଦଳେଇବା ପାଇଁ ଚାହିଁଲେ କେହି ବଦଳାଇ ପାରିବ ନାହିଁ। ଏଣୁ କୁହାଯାଏ:-

‘ଇଛାମୟ ଶ୍ରୀହରି
ଇଚ୍ଛାମୂଳେ ଅଛି ଅନୁସରି’ ॥

## ଶ୍ରୀଜଗନ୍ନାଥଙ୍କ ଭକ୍ତ ବାଉଳି ଦାସ

ଆମେ ସମସ୍ତେ ପ୍ରାୟ ଶୁଣିଥିବା ଅତି ଲୋକପ୍ରିୟ ଶରୀର ତତ୍ତ୍ୱ ଭଜନଟିଏ, ‘ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବ’। ଯେତେଥର ଶୁଣିଲେ ଓ ପଢ଼ିଲେ ମଧ୍ୟ ଏହାର ପ୍ରତି ପଦ ନୂଆ ଲାଗୁଥାଇ। ଏହାର ପଦଗୁଡ଼ିକ ମନକୁ ଚେତାଇ ଦେଇଥାଏ, ଅଢ଼େଇ ଦିନିଆ ଏ ସଂସାରରେ କି ଲାଭ ମିଳିବ। କାଲିକୁ କଢିଟି ଫୁଲ ହୋଇ ଫୁଟିଯିବ। ତାପରେ ମଉଳି ଝଡ଼ିପଡ଼ିବ। ଏ ନୂଆଘର ଶରୀର ତୋର କାଲିକି ପୁରୁଣା ହୋଇଯିବ। ସୁନ୍ଦର୍ ଚକ ଚକିଆ ଶରୀର କାଲିକି ଚମ ଧୁଡୁ ଧୁଡୁ ହୋଇ, କଦାକାର ଦେଖାଯିବ।

ଶଙ୍କରାଚାର୍ଯ୍ୟଙ୍କ ଭାଷାରେ:-

ଅଙ୍ଗ ଗଳିତଂ ପଳିତଂ ମୁଣ୍ଡଂ
ଦନ୍ତ ବିହୀନଂ ଜାତଂ ତୁଣ୍ଡମ୍
କରଧୃତ କମ୍ପିତ ଶୋଭିତ ଦଣ୍ଡଂ
ତଦପି ନ ମୁଞ୍ଚତ୍ୟାଶା ଭାଣ୍ଡମ

ଲୋଲିତଚର୍ମ ଆଉ ଗଳିତଦନ୍ତରେ ଜୀବନଟା ହା ହାକାରମୟ ହୋଇଯିବ। ଦେହରେ ଚମ ଛାଉଣି ପୁରୁଣା ହୋଇଗଲେ ହାଡ଼ ଦୁଇଖଣ୍ଡର ଆଉ କିବା ଯୁ ଥିବ? ଉଇ ଚରିଗଲା ପରେ କାଠ ଓରାର ଆଉ କି ଶକ୍ତି ଥିବ? ସେତକ ଚାଲିଗଲା ପରେ ଘରର କାନ୍ଥ ପଡ଼ିବ। ତୋର ଏହି ମାଟି ଘରଟା ମାଟିରେ ଲୋଟି ପଡ଼ିବ।

ଏହି ସୁନ୍ଦର ଅର୍ଥ ପୂର୍ଣ୍ଣ ଗୀତର ରଚ୍‌ୟିତା ହେଲେ କବି ବାଉଳି ଦାସ। ନିଜ ରଚ୍‌ନାରେ ସେ ନିଜକୁ ବାଉଳି ଦାସ ବୋଲି ପରିଚ୍‌ୟ ଦେଇଛନ୍ତି। ତାଙ୍କ ଗୀତ ଆମେ ସମସ୍ତେ ଶୁଣୁ। ଆସନ୍ତୁ ଏପରି ଗୀତ ଯିଏ ଲେଖିଲେ ତାଙ୍କ ବିଷୟରେ ଜାଣିବା।

କବି ବାଉଳି ଦାସ ଥିଲେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ପରମଭକ୍ତ। କବିଙ୍କ ଜନ୍ମ କଟକ ଜିଲ୍ଲା ଭାତପଡ଼ା ନିକଟ ଖନ୍ଦଳ ଗ୍ରାମର ଏକ ଦରିଦ୍ର ପରିବାରରେ ହୋଇଥିଲା। ନିଜର ସମସ୍ତ କର୍ମକୁ ସେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ସମର୍ପି ଦେଇଥିଲେ। ଶ୍ରୀଜଗନ୍ନାଥ ହିଁ ଥିଲେ ତାଙ୍କ ଧ୍ୟାନ ଧାରଣା ଧୃତୀ ଓ ମତି। ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ରହି ସେ କେବେ ବି ଭଗବତ୍ ଚିନ୍ତନରୁ ବିଚ୍ୟୁତ ହେଉ ନ ଥିଲେ। କୁଟୁମ୍ବ ପୋଷଣ ପାଇଁ ବାଉଳି ସ୍ଥାନୀୟ ଜମିଦାରଙ୍କ ଘରେ ମୂଲିଆକାମ କରୁଥଲେ। ମୂଲ ଅର୍ଜିତ ଅର୍ଥରେ ତାଙ୍କ ଦୁଃଖୀ ସଂସାର ଯାଇ ତାଇ କରି ଚଳି ଯାଉଥିଲା।

ଦିନକର କଥା, ବାଉଳି ଜମିଦାରଙ୍କ ଜମିରେ ହଳ ବୁଲାଉଥା'ନ୍ତି। ପ୍ରଚ୍‌ଣ୍ଡ ଖରାରେ ତାଙ୍କ ଦେହ କ'ଣ ହୋଇଗଲା। ସେ ଅବଶ ହୋଇ ପଡ଼ିଯାଇ ହିଡ଼ ମୁଣ୍ଡରେ ଘୁମେଇ ପଡ଼ିଲେ। ଆଶ୍ଚର୍ଯ୍ୟ କଥା କେଉଁଆଡୁ କଳା ବାଦଲ ଖଣ୍ଡେ ଆସି ସ୍ଥିର ହୋଇ ତାଙ୍କ ଉପରେ ଛାୟା ପ୍ରଦାନ କଲା। ବାଉଳି ଦାସ ହଳ ନକରି ବିଲରେ ଶୋଇଛି, ଏ କଥା ଜମିଦାରଙ୍କ କାନକୁ ଗଲା।

ଜମିଦାର ଉତ୍ୟକ୍ତ ହୋଇଯାଇ ବିଲରେ ପହଞ୍ଚି ଦେଖନ୍ତି ତ ସତକୁ ସତ ବାଉଳି ଶୋଇଛି। ମାତ୍ର ସେ ଗୋଟିଏ କଥା ଦେଖି ତାଟକା ହୋଇଗଲେ। ସେ ଦେଖିଲେ ବାଉଳି ଶୋଇ ରହିଛି କିନ୍ତୁ ବଳଦ ମାନେ ନିର୍ବିଘ୍ନରେ ଯୁଆଳି କାନ୍ଧରେ ଧରି ଯନ୍ତ୍ରବତ ହଳ କରି ଚାଲିଛନ୍ତି। ଅଦୃଶ୍ୟ ହାତରେ ଯେପରି କେହି ଲଙ୍ଗଳ କଣ୍ଟି ଧରି ତାଙ୍କୁ ଅଡ଼ାଇ ନେଉଛି। ପୁଣି ବାଉଳି ଉପରେ କଳା ବାଦଲର ଛାଇ।

ଜମିଦାର ଓ ତାଙ୍କ ସହ ଯାଇଥିବା ଲୋକମାନେ ଏହାକୁ ଦେଖି ହତବାକ୍ ହୋଇଗଲେ। ଜମିଦାର ବାଉଳିକୁ ଉଠାଇ କ୍ଷମା ପ୍ରାର୍ଥନା କଲେ। ବାଉଳି ଯେ ମହାପ୍ରଭୁଙ୍କର ପରମଭକ୍ତ ଏକଥା ଜାଣିବାକୁ ତାଙ୍କର ଆଉ ବାକି ରହିଲା ନାହିଁ।

ସେହିଦିନ ଠାରୁ ବାଉଳିଙ୍କୁ ଆଉ ହଳିଆ ଭାବେ କାମ କରିବାକୁ ପଡ଼ିଲା ନାହିଁ। ଜମିଦାର ଜଣକ ତାଙ୍କ ପାଇଁ ଘର ଦ୍ୱାର କରିଦେଲେ। ତାଙ୍କ ଭରଣ ପୋଷଣ ପାଇଁ ଜମି ଖଞ୍ଜା କରିଦେଲେ। ବାଉଳିଙ୍କ ମହିମା ଚତୁର୍ଦ୍ଦିଗରେ ପ୍ରଚାରିତ ହୋଇଗଲା। ସେ ପରିଚିତ ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ବୋଲି। ବାଉଳି ଦାସ କେଉଁ କାଳରୁ ବାଉଳି ଗଲେଣି, ଇତିହାସ ତାଙ୍କର ଜନ୍ମ ମୃତ୍ୟୁର ହିସାବ ରଖିନାହିଁ, ମାତ୍ର ଲୋକମୁଖରେ ଗୁଞ୍ଜରିତ ତାଙ୍କର ସେହି କାଳଜୟୀ ରଚନା ତାଙ୍କୁ ଚିର ଅମର କରି ରଖିଛି। ତାଙ୍କ ସମ୍ପୂର୍ଣ୍ଣ ଗୀତଟି ନିମ୍ନରେ-

ନୂଆ ଘରଖଣ୍ଡି ଦିନେ ପୁରୁଣା ହେବ।
ମାରିବ ଶୂନ୍ୟ ଲହଡ଼ି ଥୟ ନୋହିବ ॥ (ଘୋଷା)
ଉଇ ଚରିଗଲେ ଗଣ୍ଠି, ବତାମାନ ଯିବ ଫିଟି,
ଛାଉଣି ଉଡ଼ିଣ ଗଲେ କାନ୍ଥ ପଡ଼ିବ ॥
ରୁଅଯାକ ଅଛି ଧରା ଟଳିଲେଣି ବେନି ଓରା,
ଚମକ ପାଇଣ ପାରା ଉଡ଼ିଣ ଯିବ ॥
ସେ ଘର ପାଞ୍ଚସେଣିଆ ଦଶଦ୍ୱାର ତ୍ରିକୋଣିଆ,
ରୁଅଯାକ ଘୁଣଖିଆ ଗଳି ପଡ଼ିବ ॥
ବହିଲାଣି ଅଣଚାଶ କେଭେଁ ନ ରଖିବ ବାସ,
କୁଟୁମ୍ବଜନ ପଚିଶ ମରିବେ ସର୍ବେ ॥
ଏକାକ୍ଷର ଖମ୍ବ ପୋତି ଘରକୁ ରଖ ସାଇତି,
ବାଉଳି ଦାସର ମତି ନିଶ୍ଚଳେ ଥିବ ॥

# ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ

ଅନନ୍ୟ ଆମ ଜଗନ୍ନାଥ ଚେତନା ଓ ସଂସ୍କୃତି । ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି ଶ୍ରୀକ୍ଷେତ୍ରରେ ବିଭିନ୍ନ ମାନବିକ ଲୀଳା କରିଥା'ନ୍ତି। ମାନବ ସମାଜ ପ୍ରତି ଘଟୁଥିବା ପ୍ରତିଟି ବିପତ୍ତି ସହ ଜଡ଼ିତ ମହାପ୍ରଭୁଙ୍କ କିଛି ନୀତି ଓ ପରମ୍ପରା। ସେଥିପାଇଁ ଶାସ୍ତ୍ରରେ ବର୍ଣ୍ଣିତ ଅଛି -

" ହିରଣ୍ୟକଶିପୁଂ ହତ୍ୱା ଦେବଦେବଂ ଜଗଦ୍ ଗୁରୁଂ ।
ସୁଖାସୀନଂ ତଦୁତ୍ ସଙ୍ଗେ ଶାନ୍ତକୋପଂ ରମାପତିମ୍।।"

ମହାମାରୀକୁ  ପ୍ରତିହତ କରିବା ପାଇଁ ଶ୍ରୀମନ୍ଦିରରେ ରହିଛି ଏକ ଅନନ୍ୟ ପରମ୍ପରା 'ବାଡ଼ି ନୃସିଂହ ବିଜେ'। ପ୍ରତିବର୍ଷ ଚୈତ୍ର ମାସ ଚତୁର୍ଥୀ ତିଥିରେ ଶ୍ରୀମନ୍ଦିରରୁ ବାଡ଼ି ନୃସିଂହ ନଗର ପରିକ୍ରମା ଚାରି ଆଶ୍ରମକୁ ବିଜେ କରି ଜଗତ କଲ୍ୟାଣ କରିଥା'ନ୍ତି। ଏହାଛଡା ପ୍ରତିବର୍ଷ ପଣ୍ଡୁ ପୂର୍ଣ୍ଣିମା ପୂର୍ବ ଦିନରେ ମଧ୍ୟ ବାଡ଼ି ନୃସିଂହ ବିଜେ କରିଥା'ନ୍ତି।

ପବିତ୍ର ଚୈତ୍ର ମାସ ଶୁକ୍ଳ ଚତୁର୍ଥୀ ତିଥି, ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢିବା ପରେ ଦକ୍ଷିଣି ଘରୁ ନୃସିଂହ ବିଜେ କରି ଆଜ୍ଞାମାଳ ପ୍ରାପ୍ତ ହୋଇ ଝୁଲଣ ମଣ୍ଡପ (ମୁକ୍ତି ମଣ୍ଡପ) ତଳେ ଥିବା ବିମାନରେ ଅଧିଷ୍ଠିତ ହୋଇଥା'ନ୍ତି। ନୀତି ନିମନ୍ତେ ପର୍ବଯାତ୍ରା ଯୋଗାଣିଆ ଆବଶ୍ୟକୀୟ ଜିନିଷ ଆଦି ଯୋଗାଇଥା'ନ୍ତି ଓ ମହାଜନ (ପୁଷ୍ପାଳକ ସେବକ) ନୃସିଂହଙ୍କୁ ବିମାନକୁ ବିଜେ କରିଥା'ନ୍ତି। ଏହାପରେ ବିମାନ ବଡୁ ସେବକ ମାନେ ବିମାନକୁ ସ୍କନ୍ଧରେ  ସିଂହଦ୍ୱାର ଦ୍ୱାର ଦେଇ ମାର୍କଣ୍ଡ, ଅଙ୍ଗିରା, କଣ୍ଡୁ ଓ ଭୃଗୁ ଆଦି ୪ ଆଶ୍ରମକୁ ବିଜେ କରାଇଥା'ନ୍ତି।

ଆଶ୍ରମରେ ଶୀତଳ ଭୋଗ ପୂଜାପଣ୍ଡା ସେବକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ। ଏହି ଦିନ ବିଜେ ସମୟରେ ସହରର ବିଭିନ୍ନ ମଠ, ଜାଗା, ଆଖେଡ଼ା ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ପ୍ରାୟ ୪୨ ସ୍ଥାନରେ ପନ୍ତି ଭୋଗ ହୋଇଥାଏ। ତତ୍ପରେ ନୃସିଂହଙ୍କୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥା'ନ୍ତି।

‘ତ୍ରାହି ବିଷ୍ଣୁ ଜଗନ୍ନାଥ ପାଣ୍ଡୁରୁପ ନମୋସ୍ତୁତେ।
ନରସିଂହ ମହାବୀର୍ଯ୍ୟ ତ୍ରାହିମାଂ ଦୀପ୍ତ ଲୋଚ଼ନ ॥’

ବାଡ଼ି ନୃସିଂହ ବିଜେ ନୀତିରେ ଏକ ମହତ ଉଦ୍ଦେଶ୍ୟ ରହିଛି। ଯେତେବେଳେ ଏହି ମାନବ ସମାଜ କୁ ମହାମରୀ ଗ୍ରାସ କରିଛି ସେତେବେଳେ ସ୍ୱୟଂ ମହାପ୍ରଭୁ ଏହାର ନିରାକରଣ କରିଥା’ନ୍ତି। ତେବେ ଇତିହାସ ପୃଷ୍ଠାରେ ଜଣାପଡ଼େ କି ୧୯୦୩-୧୯୦୫ ମସିହାରେ ଦେଶରେ ମହାମାରୀ ପଡ଼ିଥିଲା, ପୋକ ମାଛି ପରି ଲୋକ ପ୍ରାଣତ୍ୟାଗ କରୁଥିଲେ। ଏହାକୁ ଆୟତ୍ତ ନିମନ୍ତେ ସେବର ଦେଉଳ କମାଣ୍ଡର କିଛି ପଣ୍ଡିତଙ୍କୁ ଡକାଇ ଏହି ମହାମାରୀର ନିରାକରଣ ନିମନ୍ତେ ମହାପ୍ରଭୁଙ୍କ ଶରଣ ପଶିଥିଲେ। ଏହି ସମୟରେ ବାଡ଼ି ନୃସିଂହ ବିଜେ ପରମ୍ପରା ଆରମ୍ଭ ହୋଇଥିଲା। ମହାପ୍ରଭୁ ବାଡ଼ି ନୃସିଂହ ରୂପେ ନଗର ବିଜେ କରିବାପରେ ଏହି ମହାମାରୀ ଆୟତ୍ତ ହୋଇଥିଲା। ସେବେଠୁ ଏହି ନୀତି ଆଜି ମଧ୍ୟ ପାଳନ କରାଯାଉଛି। ଯେପରି କୁହାଯାଇଥାଏ ଇତିହାସ ସବୁବେଳେ ପୁନରାବୃତ୍ତି ହୋଇଥାଏ। ସେଇଭଳି ଆଜି ବିଶ୍ୱ ଏକ ମହାମାରୀରେ ଆକ୍ରାନ୍ତ। ଏହି ମହାମାରୀରେ ବହୁ ଜୀବନ ହାନି ହେଲାଣି। ଜଗତର କଲ୍ୟାଣ ନିମନ୍ତେ, ଏହି ମହମାରୀର ନିବାରଣ ନିମନ୍ତେ ଆମେ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ଶ୍ରୀଚ଼ରଣେ ପ୍ରାର୍ଥନା କରୁଛୁ ।

‘ସର୍ବେ ହୋଇବେ ଏକାକାର
ନଥିବ ବେଦର ବିଚାର
ସର୍ବେ ହୋଇଣ ଏକ ମୁଖ
ଡାକିବେ ହେ ନାରାୟଣ ରଖ ॥’

# ନବଯୌବନ ବେଶ

ଶ୍ରୀଜୀଉମାନେ ଆଷାଢ଼ ଅମାବାସ୍ୟା ତଥା ଉଭା ଅମାବାସ୍ୟା ତିଥିରେ ଧାରଣ କରୁଥିବା ବିଶେଷ ବେଶ ଅଟେ। ସ୍ନାନ ପୂର୍ଣ୍ଣିମାର ସ୍ନାନ ପରେ ଠାକୁରମାନେ ଅଣସର ଘରେ ଯାଇ ରହନ୍ତି। ପନ୍ଦର ଦିନ ଭକ୍ତମାନେ ତାଙ୍କର ଦର୍ଶନ ଲାଭରୁ ବଞ୍ଚିତ ହୁଅନ୍ତି। ଅଣସର ଶେଷରେ ପୁଣି ସେ ଯେଉଁଦିନ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି ତାହାକୁ ନବଯୌବନ ଦର୍ଶନ କହନ୍ତି । ଖଡ଼ି ଲାଗି ଓ ବନକଲାଗି ପରେ ମହାପ୍ରଭୁଙ୍କ ପ୍ରତିମା ନୂଆ ପରି ଉଜ୍ଜ୍ୱଳ ଦିଶୁଥିବାରୁ ଏହାକୁ ନବଯୌବନ କୁହାଯାଇଥାଏ। ଏହି ସମୟରେ ମହାପ୍ରଭୁ ରତ୍ନ ସିଂହାସନକୁ ଆଉ ବିଜେ କରନ୍ତି ନାହିଁ ।

ନବଯୌବନ ଓ ନେତ୍ରୋତ୍ସବ ପରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ରଥଯାତ୍ରାରେ ଶ୍ରୀଗୁଣ୍ଡିଚ଼ା ମନ୍ଦିର ବିଜେ କରନ୍ତି। ନବଯୌବନ ଦର୍ଶନ ଲାଭ ସୁଯୋଗକୁ ଶ୍ରଦ୍ଧାଳୁ ଭକ୍ତମାନେ ବର୍ଷ ବ୍ୟାପି ପ୍ରତୀକ୍ଷା କରିଥାଆନ୍ତି। କେତେକ ସମୟରେ ନେତ୍ରୋତ୍ସବ ଓ ନବଯୌବନ ତିଥିରେ ସାମାନ୍ୟ ଏପଟ ସେପଟ ମଧ୍ୟ ହୋଇଥାଏ । ନେତ୍ରୋତ୍ସବର ଅର୍ଥ ହେଲା ମହାପ୍ରଭୁମାନଙ୍କ ଚକ୍ଷୁରେ ନବଯୌବନ ବେଶର ଅନ୍ତିମ ସ୍ପର୍ଶ।

ସ୍ନାନଯାତ୍ରା ହେତୁ ରଥଯାତ୍ରାର ଚାରିଦିନ ପୂର୍ବରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୁନଶ୍ଚ ରଙ୍ଗିବାର ଆବଶ୍ୟକତା ପଡ଼ିଥାଏ, ଏହାକୁ ଅଙ୍ଗରାଗ କୁହାଯାଏ। ଏହାପରେ ନବଯୌବନର ଦିନର ପ୍ରାତଃକାଳରେ ନେତ୍ରୋତ୍ସବ ପାଳନ କରାଯାଏ। ଠାକୁରମାନଙ୍କୁ ଅର୍ଦ୍ଧ-ସମାନ୍ତର ସ୍ଥିତିରେ ରଖାଯାଇ ସେମାନଙ୍କୁ ଉପଯୁକ୍ତ ଭାବେ ଚିତ୍ରିତ କରାଯାଏ। ଏହି ସେବା ସରିବାପରେ ନେତ୍ରୋନ୍ମୀଲନ ନୀତି ପାଳିତ ହୁଏ। ଏଥିରେ ପ୍ରତ୍ୟେକ ଠାକୁରଙ୍କ ଉଭୟ ଚକ୍ଷୁରେ ତୁଳସୀ ପତ୍ର ସାହାଯ୍ୟରେ ଔଷଧୀ ପ୍ରୟୋଗ କରାଯାଇଥାଏ। ଏତଦ୍‌ପରେ କଜ୍ଜ୍ୱଳ ଲାଗି କରାଯାଏ। ନେତ୍ରୋନ୍ମୀଲନ ପରେ ଶ୍ରୀଜୀଉମାନଙ୍କର କ୍ଷୁଧା ଫେରିଥାଏ ଏବଂ ସ୍ନାନଯାତ୍ରା ପରେ ସେମାନେ ପ୍ରଥମଥର ପାଇଁ ରାଜଭୋଗ ଗ୍ରହଣ କରିଥା'ନ୍ତି। ଏହାପରେ ଜନସାଧାରଣ ନବଯୌବନ ବେଶ ସହ ନିଜ ଆରାଧ୍ୟଙ୍କ ପ୍ରଥମ ଦର୍ଶନ ଲାଭ କରିଥା'ନ୍ତି। ଏପରି ମନୋରମ ବେଶ ଦର୍ଶନ ଅଭିପ୍ରାୟେ ନେତ୍ର ମାନଙ୍କର ସମାଗମ ତଥା ଉତ୍ସବ କାରଣରୁ ଏହି ନୀତିକୁ ନେତ୍ରୋତ୍ସବ କୁହାଯାଇଥାଏ।

## ଆଷାଢ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି

ଅଣବସର ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଘଣାଲାଗି ନୀତି ଅନୁଷ୍ଠିତ ହୁଏ। ଏଥିଲାଗି ଦିବ୍ୟ ପ୍ରଲେପ ଖଳି ପ୍ରସ୍ତୁତ କରାଯାଇଥାଏ। ସୂଚ଼ନା ଅନୁଯାୟୀ, ଶ୍ରୀଜିଉଙ୍କୁ ଘଣା ଲାଗି ପରେ ସେହି ଖଳିକୁ ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରୀମନ୍ଦିରକୁ ବିଜେ କରାଯିବ। ପରେ ଖଳି ଲାଗି ହୋଇ ମହାପ୍ରଭୁଙ୍କ ଶ୍ରୀମୁଖ ଓତା ପଡ଼ିବ। ଏଥିସହ ସହ ଦଇତାପତିମାନେ ଶ୍ରୀଜିଉଙ୍କ ଶ୍ରୀପୟର ମୁଦା ନୀତି ସମ୍ପାଦନ କରିବେ। ଅନ୍ୟପକ୍ଷରେ ଆଜି ମଧ୍ୟ ଦତ୍ତମହାପାତ୍ରଙ୍କ ଘରୁ ଭୋଗମଣ୍ଡପ ନୀତି ପରେ ଖଡ଼ି ଆସି ଖଡ଼ି ଲାଗି ନୀତି ଅନୁଷ୍ଠିତ ହେବ। ଅଣସର ପିଣ୍ଡିରେ ଦଇତାପତି ଓ ପତିମହାପାତ୍ର ଏହି ଗୁପ୍ତ ସେବା ସମ୍ପାଦନ କରିବେ।

ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀବିଗ୍ରହ ମାନଙ୍କୁ ଘଣା ଲାଗି ପରେ ଖଳି ଲାଗି ଓ ତପୂରେ ଖଡ଼ି ଲାଗି କରାଯିବ। ଶ୍ରୀବିଗ୍ରହ ମାନଙ୍କ ଘଣା ଲାଗି ସମ୍ପନ୍ନ ହେବା ପରେ ଘଣ୍ଟ, ଛତା, କାହାଳି ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯିବ। ଏହି ଖଳିକୁ ଶୁଦ୍ଧ ସୁଆରମାନେ ନିଜନିଜ ବାସଭବନରେ ଶୁଦ୍ଧପୁତ ଭାବେ ପ୍ରସ୍ତୁତ କରିଥା'ନ୍ତି। ଖଳିକୁ ଶୁଦ୍ଧ ସୁଆରଙ୍କ ବାସ ଭବନରେ ଖଳି ହାଣ୍ଡିକୁ ଘରର ମହିଳାମାନେ ବନ୍ଦାପନା କରିଥା'ନ୍ତି। ବିଜେ କାହାଳି ବାଜିବା ପରେ ସୁରକ୍ଷା ବଳୟ ଭିତରେ ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଳି ଶ୍ରୀମନ୍ଦିରକୁ ବିଜେ କରାଯିବ। ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁ ଦିବ୍ୟସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଗତକାଲି ଏକାଦଶୀ ତିଥିରେ ଖଳିଲାଗି ଓ ଦଶମୂଳ ମୋଦକ ସେବନ କରି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ମହାପ୍ରଭୁ। ତେବେ ଅନବସରର ଦଶମୀ ତିଥି ଯାଏ ମହାପ୍ରଭୁଙ୍କୁ ସେବା ପୂଜା ବେଳେ ଲାଗି ହେଉଥିବା ଭୋଗ, ଫୁଲ ଆଦି ଅଣସର ଘରୁ ବାହାରକୁ ଆସିନଥାଏ।

ମହାପ୍ରଭୁ ଏକାଦଶୀରେ ଦଶମୂଳ ମୋଦକ ସେବନ କରି ସୁସ୍ଥ ହୋଇଥା'ନ୍ତି। ଏହି ଖବର ଗଜପତିଙ୍କୁ ଦିଆଯାଏ। ସେଥିପାଇଁ ଅନବସର ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ବାହାରି ଥିବା ଚନ୍ଦନ, କରାଳକୁ ନେଇ ସେବାୟତ ମାନେ ଗଜପତିଙ୍କୁ ପ୍ରଦାନ କରିବା ସହ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଖବର ଦିଆଯାଏ। ଏହାକୁ ରାଜ ପ୍ରସାଦ ବିଜେ ନିତି କୁହାଯାଏ। ତେବେ ଆଜି ଅନବସର ତ୍ରୟୋଦଶୀ

ତିଥିରେ ମହାପ୍ରଭୁଙ୍କ ଘଣା ଲାଗି ନିତି ଅନୁଷ୍ଠିତ ହେବ। ଆସନ୍ତାକାଲି ଚତୁର୍ଦ୍ଦଶୀରେ ଦଇତାପତି ସେବକମାନେ ଦାରୁଦେବତାଙ୍କ ବନକଲାଗି ଲାଗି ନୀତି କରିବେ। ଏହି ଉପଚାର ପରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଦିଅନ୍ତି ।

## ରଥଯାତ୍ରା ଓ ଡାହୁକ ସେବା

ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବହୁ ପ୍ରାଚୀନ। ଦ୍ୱାଦଶ ଯାତ୍ରା ମଧ୍ୟରେ ରଥଯାତ୍ରା ଅନନ୍ୟ ଓ ଶ୍ରେଷ୍ଠ ଉତ୍ସବ ଭାବରେ ପାଳିତ ହୁଏ। ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିବାର ଅନୁମାନ କରାଯାଉଛି। ପୂର୍ବରୁ ଶ୍ରୀକ୍ଷେତ୍ରର ରଥଦାଣ୍ଡ ବାଲୁକାବୃତ୍ତ ଓ ମାଳିନୀ ନଈ ବଳଗଣ୍ଡି ନିକଟରେ ପ୍ରବାହିତ ହେଉଥିବାରୁ ରଥଯାତ୍ରା ସମୟରେ ଛଅଟି ରଥ ନିର୍ମାଣ କରାଯାଉଥିଲା। ତିନୋଟି ରଥରେ ଚତୁର୍ଦ୍ଧାମୂର୍ତ୍ତି ମାଳିନୀ ନଈ ପର୍ଯ୍ୟନ୍ତ ଆସୁଥିଲେ। ପରେ ମହାପ୍ରଭୁମାନେ ନୌକା ବା ଦୋଳ ରୂପରେ ନଈ ପାରି ହେବା ପରେ ଆଉ ତିନୋଟି ଚାରିଚକିଆ ଶଗଡ଼ି ରଥରେ ଶ୍ରୀଗୁଣ୍ଡିଚା ମଣ୍ଡପକୁ ବିଜେ ହେଉଥିଲେ।

ନବଦିନର ଏହି ଯାତ୍ରାରେ ଠାକୁରମାନେ ସାତଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରି ବାହୁଡ଼ା ବିଜେରେ ଶ୍ରୀମନ୍ଦିର ଫେରି ଆସୁଥିଲେ। ଗବେଷକଙ୍କ ମତରେ ପ୍ରଥମ ଭାନୁଦେବ ଖ୍ରୀ.ଅ. ୧୨୬୪-୧୨୭୮ ଠାରୁ ମାଳିନୀ ନଈ ପୋତାଇ ଛଅରଥ ପରିବର୍ତ୍ତେ ତିନିରଥରେ ରଥଯାତ୍ରା ଆରମ୍ଭ କରାଇଥିଲେ। ଏହି ସମୟରେ ରଥଯାତ୍ରା ଦେଖିବାକୁ କମ୍‌ସଂଖ୍ୟକ ଦର୍ଶନାର୍ଥୀ ଆସୁଥିଲେ। ରାସ୍ତାଘାଟ ଗାଡ଼ି ମଟରର ଏତେଟା ସୁବିଧା ନ ଥିଲା। ରଥ ଟାଣିବା କାର୍ଯ୍ୟ କଳାବେଠିଆ ଓ ଗଜପତିଙ୍କ ହସ୍ତୀ ଦ୍ୱାରା ସମାହିତ ହେଉଥିଲା। କାଳକ୍ରମେ ରଥଯାତ୍ରାକୁ ସରସ ସୁନ୍ଦର କରିବା ନିମନ୍ତେ ଅନଙ୍ଗ ଭୀମଦେବ (୩ୟ) 'ରଥ ଛତିଶା ନିଯୋଗ' ଗଠନ କରିଥିଲେ। ସେଥିରେ ରଥ ଡାହୁକ ସେବାକୁ ୩୫ତମ ସ୍ଥାନରେ ରଖିଥିଲେ।

ଗବେଷକଙ୍କ ମତରେ ତ୍ରୟୋଦଶ ଶତାବ୍ଦୀରେ ଏହି ସେବା ଆରମ୍ଭ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ସେବକ ଖଟଣି ନିଯୋଗ (କର୍ମାଙ୍ଗୀ) ମାଦଳା ପାଞ୍ଜିରେ ଭୋଇ ବଂଶ ରାଜା ରାମଚନ୍ଦ୍ର ଦେବ ଏକ ନୂଆ ସ୍ୱତ୍ୱଲିପି ପ୍ରକାଶ କରିଥିଲେ। ସେଥିରେ ରଥ ଡାହୁକ ସେବା ଅନ୍ୟତମ ସେବା ବୋଲି ଉଲ୍ଲେଖ କରାଯାଇଥିଲା। – "ଏ ଭୂଇଁ ଭୋଗୀ, ଏମାନେ ରଥ ବେଳେ ରଥ ଚଳାଇବେ।

ମୋଡ ବେଳେ ରଥ ଚଳାଇବେ। ଅକଥା କହି ପରମେଶ୍ୱର ରଥ ରୋକାଇ, ଆଗ ଜନମାନବ ରୋକି, ରଥଗତି ଉଣ୍ଡି, ବେତ ଚଳାଇ ମୋଡ କଥା କହିବେ।"

୧୯୫୨ ମସିହାରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଶ୍ରୀମନ୍ଦିର ସ୍ପେଶାଲ ଅଫିସର ଲକ୍ଷ୍ମଣ ପଣ୍ଡାଙ୍କ ଦ୍ୱାରା ପ୍ରକାଶ କରାଯାଇ, ସେଥିରେ ୧୧୯ ପ୍ରକାର ସେବା ମଧ୍ୟରେ ୧୦୪ ତମ ସେବାରେ ରଥ ଡାହୁକ ସେବାର ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଥିଲା।

## ରଥ ଡାହୁକ

ଗୁଣ୍ଡିଚା ଯାତ୍ରାର ପୂର୍ବ ଦିନରୁ ରଥ ଖଳାରୁ ସିଂହଦ୍ୱାରକୁ ରଥ ଆଣିବା ଓ ଗୁଣ୍ଡିଚା ଦିନ ଓ ବାହୁଡ଼ା ଦିନ ରଥ ଟଣା ସମୟରେ ରଥ ଉପରେ ରହି ଦୁଇ ବେତ ହଲାଇ ରଥ ଚଳାଇବା କାର୍ଯ୍ୟ ନିର୍ବାହ କରିବା, ଦକ୍ଷିଣୀ ମୋଡ଼ ସମୟରେ ରଥ ଉପରେ ରହିବା ଓ ପ୍ରତ୍ୟେକ ରଥରେ ପାଳି ଅନୁସାରେ ଜଣେ ରଥଡାହୁକ ରହିବା ସହିତ ସେମାନେ ଲୋକଙ୍କ ମନକୁ ଆନନ୍ଦ ଦେଲା ଭଳି ରସପୂର୍ଣ୍ଣ ପଦ୍ୟାବଳୀ ଢଗଢମାଳି ବୋଲି ଶ୍ରୋତାମଣ୍ଡଳୀ ଓ ଭକ୍ତମାନଙ୍କୁ ଉତ୍ସାହିତ କରି ଶରୀରରେ ଅଫୁରନ୍ତ ଶକ୍ତି ସାମର୍ଥ୍ୟ ସୃଷ୍ଟି କରି ରଥଟଣାକୁ ସହଜ କରିବାକୁ ଚେଷ୍ଟା କରନ୍ତି। ଏମାନେ ଅଶ୍ଳୀଳ ଗୀତ ଗାଇବା କଥା ଅଦ୍ୟାବଧି ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲିଖିତ ରହିଛି। କିନ୍ତୁ ରଥ ଡାହୁକମାନେ କର୍ମାଙ୍ଗୀରେ ଅକଥା ବୋଲି ଗୀତ ଭାଙ୍ଗି ରଥ ଚଳାଇବାକୁ ଥିବାରୁ ସେମାନେ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ପରିବର୍ତ୍ତନ ହେଲେ ବି ଅକଥା ବୋଲୁଥିଲେ। ଏହାକୁ ଜନସାଧାରଣ ଗ୍ରହଣ ମଧ୍ୟ କରୁଥିଲେ। ଏହି ସେବା ବଂଶାନୁକ୍ରମିକ ସେବା ଥିବାରୁ ରଥ ଡାହୁକମାନେ ସେମାନଙ୍କ ବଂଶଧର ପୁଅ, ପୁତୁରାଙ୍କୁ ଏହିପରି ବୋଲିବାକୁ ନିର୍ଦ୍ଦେଶ ଦେଉଥିଲେ। ଏମାନେ ଶାଢ଼ି ବନ୍ଧା ସେବକ ନୁହନ୍ତି। ଏମାନେ ସେବା କରିବାକୁ ଜମି ପାଇଥାନ୍ତି। ଏମାନେ ସାଧାରଣତଃ ପ୍ରଧାନ ଜାତିର ସେବକ। ଏମାନେ ଶ୍ରୀମନ୍ଦିର ତରଫରୁ ସ୍ୱଳ୍ପ ବେତନ ଓ ତିନି ଖଣ୍ଡ ବୋଇରାଣୀ ଶାଢ଼ି ପାଇଥାନ୍ତି। ସେବାରେ ତ୍ରୁଟି କଲେ, ସେବାରୁ ଅନ୍ତର କରାଯାଇପାରିବ ଓ ଅନ୍ୟ ସେବକ ନିଯୁକ୍ତି କରାଯିବାର ବ୍ୟବସ୍ଥା ରହିଛି।

ପୂର୍ବରୁ ରଥଯାତ୍ରା ଦେଖିବାକୁ ଅଳ୍ପସଂଖ୍ୟକ ଯାତ୍ରୀ ପୁରୀକୁ ଆସୁଥିଲେ। ରାସ୍ତା ଘାଟର ସୁବନ୍ଦୋବସ୍ତ ନ ଥିଲା। ପୁରୀର ବଡ଼ଦାଣ୍ଡ ମାଟିବାଲି ପୂର୍ଣ୍ଣ ଥିଲା। ବର୍ଷା (ଆଷାଢ଼ ମାସ) ସମୟରେ ବଡ଼ଦାଣ୍ଡରେ କାଦୁଅ ହେଉଥିବାରୁ ରଥଟାଣିବା କଷ୍ଟକର

ହେଉଥିଲା। ତେଣୁ ଲୋକମାନଙ୍କୁ (ଶ୍ରୋତା ମଣ୍ଡଳୀଙ୍କୁ) ଅକଥା ବା ଅଶ୍ଳୀଳ ଢଗଢମାଳି ଗୀତ ବୋଲି ରଥ ଡାହୁକମାନେ ଶିହରଣ ସୃଷ୍ଟି କରି ଉନ୍ମାଦିତ କରୁଥିଲେ ଫଳରେ ରଥ ଟାଣିବା ସହଜ ହେଉଥିଲା।

## ଶବର ସଭ୍ୟତା

ରଥଟଣା ସମୟରେ ଡାହୁକ ବୋଲିକୁ କେତେକ ଗବେଷକ ମତରେ ଶବର ସଭ୍ୟତାରୁ ଶ୍ରୀଜଗନ୍ନାଥଙ୍କ ସେବାପୂଜା ଆରମ୍ଭ ହୋଇଥିବାରୁ ଡାହୁକ ଏକ ପକ୍ଷୀ, ଡାହୁକ ଯେତେବେଳେ ରାବ ଦିଅନ୍ତି ସେତେବେଳେ ବର୍ଷା ହୁଏ ଓ ପୃଥିବୀ ଶସ୍ୟଶ୍ୟାମଳ ଓ ଫଳପ୍ରସୂ ହୋଇଥାଏ। ରଥ ଉପରେ ଡାହୁକ ଗୀତ ବୋଲିଲେ ମହାପ୍ରଭୁଙ୍କ ରଥଯାତ୍ରା ବେଶ ମନୋରମ ଓ ଆନନ୍ଦଦାୟକ ହୋଇଥାଏ। କେତେକ ଗବେଷକ କହନ୍ତି ଡାହୁକ ଚର୍ଯ୍ୟାପଦ୍ୟାବଳୀର ସିଦ୍ଧ ସାଧକଙ୍କ ବଂଶଧର ଓ ବୌଦ୍ଧ ଦୋହାରୁ ଡାହୁକର ପଦ୍ୟାବଳୀ ସୃଷ୍ଟି ହୋଇଥାଇପାରେ। କିନ୍ତୁ ଏପରି କିଛି ପ୍ରମାଣ ମିଳେ ନାହିଁ।

ଡାହୁକ ଗୀତ ଦ୍ୱିଅର୍ଥବୋଧକ ଗୀତ। ପୂର୍ବରୁ ରଥ ଡାହୁକମାନେ ବୌଦ୍ଧ ଦୋହା ବା ଚର୍ଯ୍ୟା ପଦ୍ୟାବଳୀକୁ ରଥଯାତ୍ରା ସମୟରେ ରଥ ଉପରେ ବୋଲୁଥିଲେ। ଏଥିରେ ଯଥେଷ୍ଟ ସାହିତ୍ୟିକ ମୂଲ୍ୟବୋଧ ଥିଲା। ରଥଡାହୁକ ଗୀତରେ ସାଧାରଣତଃ ପୂର୍ବରୁ ବ୍ରହ୍ମଚର୍ଯ୍ୟ ସାଧନା, ଷଡ଼ଚକ୍ର ଭେଦ, କୁଣ୍ଡଳିନୀ ଶକ୍ତି ଜାଗ୍ରତ, ଯୋଗ ସାଧନ, ଇଳା, ପିଙ୍ଗଳା, ସୁଷୁମ୍ନା ନାଡୀ, ଆଧ୍ୟାତ୍ମିକ ଚେତନା, ଭକ୍ତି ଭାବ କଥା ମାନ ବହୁଳ ଭାବରେ ରହୁଥିଲା। ତାହା ଦ୍ୱିଅର୍ଥବୋଧ ହେଲେ ବି ରସାଳ, ମଧୁର ଶ୍ରୁତି ମଧୁର ହେବା ସହିତ ଅନେକ ଉପମା, ରୂପକ ଶ୍ଳୋକାତ୍ମକ ଶବ୍ଦ ପ୍ରୟୋଗ ଦ୍ୱାରା ଆକର୍ଷଣୀୟ ଓ ମାଧୁର୍ଯ୍ୟପୂର୍ଣ୍ଣ ମନେ ହେଉଥିଲା। ରଥ ଡାହୁକମାନେ ୧୯୯୭ ପର୍ଯ୍ୟନ୍ତ ଦ୍ୱିଅର୍ଥବୋଧକ ଅଶ୍ଳୀଳ ବୋଲି ବୋଲୁଥିବାର ପ୍ରମାଣ ରହିଛି। ଏହା କୃଷ୍ଣଚନ୍ଦ୍ର ରଥଙ୍କ ଲେଖନୀରୁ ସଂଗୃହୀତ।

## ଶ୍ରୀମନ୍ଦିରରେ ଦଣ୍ଡଛତ୍ର ନୀତି

ପବିତ୍ର ମାଘ ମାସ ଶୁକ୍ଳ ପକ୍ଷ ଏକାଦଶୀ (ଭୌମୀଏକାଦଶୀ) ରେ ଗୁରୁବାର ସଂଯୁକ୍ତ ହୋଇଥିବାରୁ ଶ୍ରୀମନ୍ଦିରରେ ବିଶେଷ ନୀତି ଦଣ୍ଡଛତ୍ର ନୀତି ଅନୁଷ୍ଠିତ ହେଉଅଛି।

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ପୂଜା ବଢିବା ପରେ ଶ୍ରୀଜୀଉ ମାନଙ୍କର ମଇଲମ ନୀତି ସହ କେବଳ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପଞ୍ଚାମୃତରେ ମହାସ୍ନାନ ନୀତି ଅନୁଷ୍ଠିତ ହୁଏ।

ତତ୍ପରେ ଶ୍ରୀବିଗ୍ରହ ମାନଙ୍କ ଠାରେ ରାତ୍ର ଚନ୍ଦନ ଲାଗି ହୋଇ ୬ ମୂର୍ତ୍ତି ସ୍ୱର୍ଣ୍ଣ ଅଳଙ୍କାର ଲାଗି ହୋଇ ବଡସିଂହାର ବେଶ ଅନୁଷ୍ଠିତ ହୁଏ। ବଡ଼ସିଂହାର ବେଶ ବଢ଼ିବାପରେ ପାଳିଆ ବଡ଼ଦ୍ୱାର ପ୍ରତିହାରୀ ରୋଷକୁ ବଡସିଂହାର ଭୋଗ ଡାକିଯାଇଥା'ନ୍ତି। ଏହି ସମୟରେ ଶ୍ରୀଦେବୀ ଯାଇ ମହାପ୍ରଭୁଙ୍କ କୋଳରେ ବସନ୍ତି। ତତ୍ପରେ ବଡ଼ସିଂହାର ଭୋଗ ଛେକ ଆସି ପଞ୍ଚୋପଚାରରେ ଭୋଗ ପୂଜା ଅନୁଷ୍ଠିତ ହୁଏ। ବଡ଼ସିଂହାର ଭୋଗ ପୂଜା ବଢିବା ପରେ ଭିତରଛ ମହାପାତ୍ର, ମୁଦ୍ରହସ୍ତ (ମୁଦିରସ୍ତ), ପାଳିଆ ମେକାପ, ଅମୁଣିଆ ଛତାର, ପାଳିଆ ଖୁଣ୍ଟିଆ, ଅଖଣ୍ଡ ମେକାପ, ସୁଧସୁଆର ଭିତରକୁ ଯାଇ ଦଣ୍ଡଛତ୍ର ନୀତି ନିମନ୍ତେ ଶ୍ରୀବିଗ୍ରହଙ୍କ ନିକଟରେ ଉପସ୍ଥିତ ହୁଅନ୍ତି। ସର୍ବପ୍ରଥମେ ମୁଦିରଥ (ମୁଦିରସ୍ତ) ରୂପା ଶ୍ୱେତ ଛତ୍ରକୁ ସଂସ୍କାର କରିବା ପରେ ଭିତରଛ ମହାପାତ୍ର ରତ୍ନ ସିଂହାସନ ଚଢି ମହାପ୍ରଭୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଶ୍ୱେତ ଛତ୍ର ଧରି ଦଣ୍ଡାୟମାନ ହୁଅନ୍ତି। ପାଳିଆ ମେକାପ ସିଂହାସନ ଉପରକୁ ଉଠି ଉକ୍ତ ଦଣ୍ଡ ଛତ୍ରର ବେଣ୍ଟକୁ ହନୁମାନ ଶ୍ରୀରାମଚନ୍ଦ୍ର ପଟ୍ଟାଭିସେକରେ ଦଣ୍ଡ ଧରିବା ପରି ଆଣ୍ଠୁ ମାଡ଼ି ଛତ୍ରର ବେଣ୍ଟର ମୂଳକୁ ଧରନ୍ତି। ଏହାପରେ ମୁଦିରସ୍ତ ପ୍ରସାଦ ଲାଗି କରି ଗଦିଫେଟା ଲାଗି କରନ୍ତି । ତତ୍ପରେ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତ କର୍ପୂର, ଚାଉଳ, ଦୁଇଥର ବଳିତାରେ ବନ୍ଦାପନା କରନ୍ତି। ଏହାପରେ ରାଜନୀତି ବନ୍ଦାପନା ଅନୁଷ୍ଠିତ ହୁଏ। ସ୍ୱର୍ଣ୍ଣ ନିର୍ମିତ କର୍ପୂର ଦାନୀରେ ମୁଦିରସ୍ତ ଆଳତି କରନ୍ତି। ସୁନା ଆଲଟ, ସୁନା ଚାମର ଧରି ସେବା କରନ୍ତି। ସେ ଏହା କରିବା ବେଳେ ପାଳିଆ ଖୁଣ୍ଟିଆ ଶୁକ୍ଳ ପୁଷ୍ପ ଶ୍ରୀଅଙ୍ଗକୁ ପକାଇଥା'ନ୍ତି ଓ ବେତଧରି ମଣିମା ଡାକ ଦେଉଥା'ନ୍ତି।

ଅଖଣ୍ଡ ମେକାପ ବଇଠା ଧରି ରତ୍ନସିଂହାସନ ତଳେ ଠିଆ ହୋଇଥା'ନ୍ତି। ରାଜନୀତି ବନ୍ଦାପନା ବଢ଼ିବା ପରେ ମୁଦିରସ୍ତ ସିଂହାସନ ତଳକୁ ଓହ୍ଲାଇ ଆସି ମହାପ୍ରଭୁଙ୍କ ବାଡ଼ରେ ଘଷା ଜଳ ଓ ବିଡ଼ିଆ ଲାଗି କରି ଦହିପଟି (ଦହି ଓ ସାକର) ମଣୋହି କରାନ୍ତି।

ଏହାପରେ ପୁନର୍ବାର ସିଂହାସନ ଉପରକୁ ଉଠି ମହାପ୍ରଭୁଙ୍କ ବାଡ଼ରୁ ଚନ୍ଦନ ପ୍ରସାଦ ମଇଲମ କରନ୍ତି ଓ ଦଣ୍ଡଛତ୍ର ଭିତରଛ ମହାପାତ୍ରଙ୍କ ଠାରୁ ମଇଲମ କରି ତଳକୁ ଓହ୍ଲାଇ ଆସନ୍ତି। ଏହାପରେ ଶ୍ରୀଦେବୀ ମହାପ୍ରଭୁଙ୍କ କୋଳରୁ ଓହ୍ଲାଇ ପୁନର୍ବାର ସ୍ୱସ୍ଥାନ ବା ମହାପ୍ରଭୁଙ୍କ ବାମ ଶ୍ରୀଭୁଜ ନିମ୍ନରେ ଉପବେଶନ କରନ୍ତି।

## ଦଣ୍ଡଛତ୍ର ନୀତି ଓ ବଡ଼ ସିଂହାର ବେଶ

ଗୁରୁବାରେ ଏକାଦଶୀ ପଡ଼ିଲେ ଏକାନ୍ତ ହୁଏ ନାହିଁ। ସଂଧ୍ୟା ଧୂପ ପରେ ମହାପ୍ରଭୁଙ୍କ ବାଡ଼ରେ ପଞ୍ଚାମୃତରେ ମହାସ୍ନାନ ବଢ଼େ। ପରେ ଦୈନିକ ଚନ୍ଦନ ଲାଗି ହୋଇ ବଡ଼ ସିଂହାର ବେଶ ବଢ଼େ। ଏହି ବେଶରେ ଛ ମୂର୍ତ୍ତି ଅଳଙ୍କାର ଲାଗି ହୁଅନ୍ତି। ଶ୍ରୀଦେବୀ ମହାପ୍ରଭୁଙ୍କ କୋଳରେ ରହନ୍ତି। ପରେ ବଡ଼ ସିଂହାର ଭୋଗ ହୁଏ। ଭୋଗ ପରେ ଭିତରଛ ମହାପାତ୍ର, ମୁଦିରସ୍ତ, ପାଳିଆ ମେକାପ, ଅମୁଣିଆ ଛତାର, ପାଳିଆ ଖୁଣ୍ଟିଆ, ଅଖଣ୍ଡ ମେକାପ, ସୁଦୁ ସୁଆର ଭିତରକୁ ଯାଇ ଦଣ୍ଡ ଛତ୍ର ନୀତି କରନ୍ତି। ପ୍ରଥମେ ମୁଦିରସ୍ତ ରୂପା ଛତ୍ରକୁ ସଂସ୍କାର କରିବା ପରେ ଭିତରଛ ମହାପାତ୍ର ମହାପ୍ରଭୁଙ୍କ ବାଡ଼ରେ ଛତ୍ର ଧରି ଦଣ୍ଡାୟମାନ ହୁଅନ୍ତି। ପାଳିଆ ମେକାପ ସିଂହାସନ ଉପରକୁ ଉଠି ଉକ୍ତ ଦଣ୍ଡଛତ୍ରର ବେଣ୍ଟକୁ ହନୁମାନ ଶ୍ରୀରାମଚନ୍ଦ୍ର ପଟ୍ଟାଭିଷେକ କରେ ଦଣ୍ଡ ଧରିବା ପରି ଆଣ୍ଠୁ ମାଡ଼ି ଛତ୍ରର ବେଣ୍ଟମୂଳକୁ ଧରନ୍ତି। ଏହାପରେ ମୁଦିରସ୍ତ ପ୍ରସାଦ ଲାଗି କରି ଗଦିଫେଟା ଲାଗି କରନ୍ତି। କେବଳ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତ କର୍ପୁର, ଚାଉଳ, ଦୁଇ ଥର ବଳିତାରେ ବନ୍ଦାପନା କରନ୍ତି।

ଏହାପରେ ରାଜନୀତି ବନ୍ଦାପନା ହୁଏ। ସ୍ୱର୍ଣ୍ଣ ନିର୍ମିତ କର୍ପୂର ଦାନୀରେ ମୁଦିରସ୍ତ ଆଳତି କରନ୍ତି। ସୁନା ଆଲଟ, ସୁନା ଚାମର କରନ୍ତି। ସେ ଏହା କରିବା ବେଳେ ପାଳିଆ ଖୁଣ୍ଟିଆ ଶୁକ୍ଲ ଫୁଲ ଶ୍ରୀଅଙ୍ଗକୁ ପକାଇଥା'ନ୍ତି ଓ ବେତ ଧରି ମଣିମା ଡାକ ଦେଉଥା'ନ୍ତି। ଅଖଣ୍ଡ ମେକାପ ବାଇଠା ଧରି ଠିଆ ହୋଇଥା'ନ୍ତି। ରାଜନୀତି ବଢ଼ିବା ପରେ ମୁଦିରସ୍ତ ସିଂହାସନ ତଳକୁ ଓହ୍ଲାଇ ଆସି ଘଷା ବିଡ଼ିଆ ଲାଗି କରି ଦହିପଟି (ଦହି ଓ ସାକର) ମଣୋହି କରାନ୍ତି। ତା ପରେ ସିଂହାସନ ଉପରକୁ ଉଠି ମହାପ୍ରଭୁଙ୍କ ବାଡ଼ରୁ ପ୍ରସାଦ ମଇଲମ କରନ୍ତି ଓ ଦଣ୍ଡଛତ୍ର ଭିତରଛଙ୍କ ଠାରୁ ମଇଲମ କରି ତଳକୁ ଓହ୍ଲାଇ ଆସନ୍ତି। ଏହାପରେ ଅନ୍ୟାନ୍ୟ ନୀତି ବଢ଼େ।

# କିଏ ସେ ଭକ୍ତ ଯାହାକୁ ଜଗନ୍ନାଥ ଦେଖିବାକୁ ଖୋଜନ୍ତି

ମଙ୍ଗଳଗିରି ଜଗନ୍ନାଥସ୍ୱାମୀ ହେଉଛନ୍ତି ହାଇଦ୍ରାବାଦର ଜଣେ ଆଡ଼ଭୋକେଟ। ତାଙ୍କ ପିତା ଥିଲେ ମଙ୍ଗଳଗିରି ସୀତାରାମାୟା ଏବଂ ସେ ବୃତ୍ତିରେ ଥିଲେ ବଣିଆ। ମଙ୍ଗଳଗିରି ସୀତାରାମାୟା କେବେ ମିଛ କହନ୍ତି ନାହିଁ। ତାଙ୍କ ସୁନାରେ କେତେ ଖାଦ ମିଶିଛି ବି ସେ କହିଦିଅନ୍ତି। ତାଙ୍କର ଜଗନ୍ନାଥଙ୍କ ପ୍ରତି ଅଗାଧ ଭକ୍ତିଥିଲା। ପ୍ରତ୍ୟେକ ଥର ସେ ଜଗନ୍ନାଥଙ୍କ ପାଖକୁ ଦର୍ଶନ କରିବାକୁ ଆସନ୍ତି।

୧୯୨୪ ମସିହାର କଥା, ମଙ୍ଗଳଗିରି ସୀତାରାମାୟା ଆସିଥିଲେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ। ଯେତେବେଳେ ସେ ପୁରୀରେ ଅବସ୍ଥାନ କରିଥିଲେ ସେତେବେଳେ ଜଗନ୍ନାଥ ତାଙ୍କୁ ସ୍ୱପ୍ନାଦେଶ କରିଥିଲେ। ସୀତାରାମାୟା କିଛି ମାଗୁନୁ ? ସେ ଉତ୍ତର ଦେଲେ ମୋର କିଛି ଦରକାର ନାହିଁ ମୋର ତ ସବୁ ଅଛି ପ୍ରଭୁ, ମୋର କିଛି ଦରକାର ନାହିଁ ଆଉ ବା କ'ଣ ମାଗିବି।

ନା ତୋର ପୁଅ ଟିଏ ନାହିଁ ପରା, ସୀତାରାମାୟା ଆଶ୍ଚର୍ଯ୍ୟ ହେଇଗଲେ ଜଗନ୍ନାଥଙ୍କ କଥା ଶୁଣିକି। ତାପରେ ନିରବ ହେଇଗଲେ। ସେ କିଛି ମାଗୁନାହାନ୍ତି ସେଠୁ ଜଗନ୍ନାଥ ତାଙ୍କ ଆଡୁ କହିଲେ ତତେ ଗୋଟେ ପୁଅ ଦେବି। କିନ୍ତୁ ତାର ନା ଜଗନ୍ନାଥ ରଖିବୁ। ମଙ୍ଗଳଗିରି ସୀତାରାମାୟା ସେ ସ୍ୱପ୍ନ ଦେଖିଲେ ସିନା ହେଲେ ପ୍ରଭୁଙ୍କ କଥା ଭୁଲିଗଲେ। ଯେତେବେଳେ ତାପର ବର୍ଷ ଆସିଛନ୍ତି ଜଗନ୍ନାଥଙ୍କ ପାଖକୁ। ସେଦିନ ରାତିରେ ପୁଣି ସ୍ୱପ୍ନ ହେଲା ଆଉ ଜଗନ୍ନାଥ କହୁଛନ୍ତି ଆଜି ତୋ ସ୍ତ୍ରୀ ବହୁତ କଷ୍ଟ ପାଉଛି ପ୍ରସବ ବେଦନାରେ ଆଉ ତୁ ଆଜି ଏଠିକି ଚାଲି ଆସିଛୁ। ହଉ ବେସ୍ତ ହନି ପୁଅଟିଏ ହେବ। ତା'ର ନା ଜଗନ୍ନାଥ ରଖିବୁ ଏବଂ ପ୍ରଭୁଙ୍କ କଥା ସତ ହେଲା ପୁଅଟିଏ ଜନ୍ମ ହେଲା। ସୀତାରାମାୟା ସେ ପୁଅ ନା ଦେଲେ ମଙ୍ଗଳଗିରି ଜଗନ୍ନାଥ ସ୍ୱାମୀ।

ତେଲଗୁ ଲୋକମାନେ ତାଙ୍କ ନାମର ପ୍ରଥମ ଶବ୍ଦଟି ତାଙ୍କ ଗାଁ ନା ରଖନ୍ତି କ୍ଷ ମଙ୍ଗଳଗିରି ତାଙ୍କ ଗାଁ ନା କ୍ଷ ମଙ୍ଗଳଗିରି ଜଗନ୍ନାଥ ସ୍ୱାମୀ ବୈଚି଼ତ୍ର ଏହିକି ଯେ

ତାଙ୍କ ମୁଖ ପୁରା ଜଗନ୍ନାଥଙ୍କ ପରି ଏକବାର କଳା ମୁଖ। ସୀତାରାମାୟାଙ୍କ ଯେଉଁ ଆଧ୍ୟାତ୍ମିକ ଶକ୍ତି ଥିଲା ସେ ଶକ୍ତିର ସେ ଥିଲେ ପ୍ରକୃତ ଦାୟଦ। ତା'ପରେ ଆଉ ଥରେ ମଧ୍ୟ ସୀତା ରାମୟାଙ୍କୁ ସ୍ୱପ୍ନ ପୁଣି ହେଲା ଯେ ତତେ ଆଉ ଗୋଟେ ପୁଅ ଦେବି ତା ନାମ ବଳରାମ ରଖିବୁ।

୨ୟ ପୁଅ ହେଲା ଏବଂ ସେ ତାର ନା' ଦେଲେ ମଙ୍ଗଳଗିରି ବଳରାମ ସ୍ୱାମୀ। ପୁଣି ୨, ୩ ବର୍ଷ ପରେ ପୁଣି ସ୍ୱପ୍ନ ହେଲା ଏବଂ ପୁଣି ଜଗନ୍ନାଥ କହିଲେ ସୀତାରାମାୟା ମୁଁ ତତେ ଗୋଟେ ଝିଅ ଦେବି, ତାର ନାମ ସୁଭଦ୍ରା ରଖିବୁ। ଏମିତି କିଛି ବର୍ଷ ପରେ ଜଗନ୍ନାଥ କହିଲେ ତତେ ଆଉ ଗୋଟେ ପୁଅ ଦେବି, ତାର ନା ସୁଦର୍ଶନ ଦେବୁ। ସେ ମଧ୍ୟ ତାଙ୍କ ପୁଅ ନା ମଙ୍ଗଳଗିରି ସୁଦର୍ଶନ ଦେଲେ।

ରାଜାମା ଯେ ହେଉଛନ୍ତି ସୀତାରାମାୟାଙ୍କ ସ୍ତ୍ରୀ। ସିଏ ସେଉଠୁ କହିଲେ ଆହାଃ ଏ ଯୋଉ ୪ଟି ସନ୍ତାନ ହେଲେ ଏ ସବୁ ତ ପ୍ରଭୁ ଜଗନ୍ନାଥଙ୍କର ଆମର ଗୋଟେ ତ ହେଲାନି ! ସେଦିନ ରାତିରେ ପୁଣି ସ୍ୱପ୍ନ ହୁଏ ସୀତାରାମାୟା ତୋ ସ୍ତ୍ରୀ କହୁଛି ତମର କିଛି ସନ୍ତାନ ନାହିଁ ୪ଜଣ ମୋର ଦୟା। ହଉ ତମର ଗୋଟେ ହେଉ ଏବଂ ଗୋଟେ ଝିଅଟେ ଜନ୍ମ ହେଲା ତାର ନା ରାଜାମା ଝିଅ ରଖିଲେ। ଏହିପରି ଭାବରେ ମଙ୍ଗଳଗିରି ଜଗନ୍ନାଥ ସ୍ୱାମୀଙ୍କର ୨ ଭାଇ ୨ ଭଉଣୀ ହେଲେ। ଜଗନ୍ନାଥ ସ୍ୱାମୀଙ୍କର ଅଟଳ ଭକ୍ତି ଥିଲା ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ। ସେ ବୃତ୍ତିରେ ଆଇନଜୀବୀ ଥିଲେ।

ମଙ୍ଗଳଗିରି ଜଗନ୍ନାଥ ସ୍ୱାମୀ ଏକମାତ୍ର ଭକ୍ତ ଥିଲେ ଯାହାଙ୍କୁ ଜଗନ୍ନାଥ ନଦେଖିଲେ ବ୍ୟସ୍ତ ହେଇ ପଡୁଥିଲେ। ସବୁବେଳେ ମଣିମା କୁହନ୍ତି, ଜଗନ୍ନଥ ସ୍ୱାମୀ ଟିକେ ଆସନ୍ତୁନି ମୋ' ପାଖକୁ ଏମିତି ବିକଳ ହେଇକି କହିବେ। ଯେମିତି ସ୍ୱପ୍ନରେ ସେ ଶୁଣିବେ ସେ ଖାଇବା ପିଇବା ଛାଡ଼ି ହାଇଦ୍ରାବାଦରୁ ସିଧା ଆସି ପୁରୀରେ ପହଞ୍ଚି ଜଗନ୍ନାଥଙ୍କ ଦର୍ଶନ କରନ୍ତି। ତାପରେ ଅନ୍ନ ଜଳ ସ୍ପର୍ଶ କରନ୍ତି। ଏମିତି ଅନେକ ଥର ତାଙ୍କୁ ସ୍ୱପ୍ନାଦେଶ ହୁଏ ଆଉ ସେ ଆସିଯା'ନ୍ତି ମହାପ୍ରଭୁଙ୍କ ଦର୍ଶନ କରିବାକୁ।

ସବୁଥର ସ୍ୱପ୍ନାଦେଶ ହୁଏ କିନ୍ତୁ ସେ ଥର ସ୍ୱପ୍ନାଦେଶ ହେଇନଥିଲା। ମଙ୍ଗଳଗିରି ଜଗନ୍ନାଥ ସ୍ୱାମୀଙ୍କ ଇଚ୍ଛା ହେଲା ଯେ ସେ ଜଗନ୍ନାଥଙ୍କୁ ଟିକେ ଦେଖିବେ। ସେଥିପାଇଁ ଆସିକି ଭାଇଜାକ୍‌ରେ ସାନ ଭାଇ ସୁଦର୍ଶନଙ୍କ ଘରେ ପହଞ୍ଚିଲେ। ସେଠୁ ସେ ପୁରୀ ଯିବାପାଇଁ ଟ୍ରେନ୍‌ରେ ଟିକେଟ କାଟିଲେ ଏବଂ ରାତିରେ ସୁଦର୍ଶନ ଆଣିକି ତାଙ୍କୁ ଷ୍ଟେସନ୍‌ରେ ଛାଡ଼ିଦେଇ ଗଲେ। ତାଙ୍କର ଫାଷ୍ଟକ୍ଲାସ୍‌ରେ ଟିକେଟ୍ ହୋଇଥାଏ ସେ ଯେତେବେଳେ ତାଙ୍କ କୋଚ୍‌କୁ ଯାଉଛନ୍ତି ....

ସେତେବେଳେ ଗୋଟେ ଲୋକ କହିଲା ନାଇଁ ତୁମେ ଯାଇପାରିବନି। ଇଏ କହିଲେ ତୁମେ ମତେ ଅଟକାଇବାକୁ କିଏ ? ମୋର ଟିକେଟ୍ ହୋଇଛି ମାନେ ମୁ ପୁରୀ ଯିବି। ନାଁ ମୁଁ ତ ତତେ ଛାଡ଼ିବିନି। ସେ ସେଠୁ କହିଲେ– 'ମୁଁ ହେଉଛି ଜଣେ ଆଇନଜୀବୀ, ମୋର ଜଗନ୍ନାଥଙ୍କ ପାଖକୁ ଯିବାର ଅଛି। ତାପରେ ମଧ୍ୟ ସେ ଲୋକ ଜମା ଛାଡ଼ିଲାନି ଏବଂ କଥା କଟାକଟି ଭିତରେ ସେ ଲୋକଟି ମଙ୍ଗଳଗିରି ଜଗନ୍ନାଥ ସ୍ୱାମୀଙ୍କୁ ପେଲି ଦେଲା। ଆଉ ସେ ପଡ଼ିକି ଖଣ୍ଡିଆ ହେଇଗଲେ ଏବଂ ତାଙ୍କ ଧଳା କୁର୍ତ୍ତାରେ ରକ୍ତ ଲାଗିଗଲା, ଆଉ ସେ ସମୟରେ ଟ୍ରେନ ମଧ୍ୟ ଛାଡ଼ିଦେଲା। ସେ ଯାଇପାରିଲେନି ମନ ଦୁଃଖରେ ଫେରିଲେ ତାଙ୍କ ଭାଇଙ୍କ ଘରକୁ।

ସୁଦର୍ଶନ ପଚାରିଲେ କ'ଣ ହେଲା ଭାଇ ଫେରିଆସିଲ ? ନା, ମତେ ଗୋଟେ ଲୋକ ଅଟକେଇଲା ମାରିଲା ଜମା ଛାଡିଲାନି କୋଚ୍‌କୁ। ଆଉ ସେ ସମୟରେ ଟ୍ରେନ ମଧ୍ୟ ଛାଡ଼ଦେଲା। ଆଉ କେମିତି ଯିବି ଯେ ! ନା ପାଟି କରିକି କହିଲନି କେତେ ଲୋକ ଥିବେ ସେଠି। ନା, ଖୁବ୍ ଜୋରରେ ପାଟି କରିଛି ହେଲେ କେହି ବି ମୋ' ପାଟି ଶୁଣି ଆସିଲେନି। ତେଣୁ ବାଧ୍ୟ ହୋଇ ପଳେଇ ଆସିଲି। ମୋର ଜଗନ୍ନାଥଙ୍କ ପାଖକୁ ଯିବାର ବହୁତ ଇଚ୍ଛା ଥିଲା ଯାଇପାରିଲିନି। ମଙ୍ଗଳଗିରି ସୁଦର୍ଶନ ଚୁପ ହେଇଗଲେ। ଜଗନ୍ନାଥ ସ୍ୱାମୀ ମଧ୍ୟ ତାଙ୍କ କୁର୍ତ୍ତାକୁ କାଢି ପରିଷ୍କାର ହେଇ ଶୋଇପଡ଼ିଲେ। ରାତି ପାହିଲା ବେଳକୁ ସୁଦର୍ଶନ ତାଙ୍କ ଟ୍ରାଞ୍ଜିଷ୍ଟର ଧରିକି ଆସିଲେ ଭାଇ, ଭାଇ ଶୁଣ ଏ ଖବର।

ଶୁଣିଲା ବେଳକୁ ଯୋଉ ଟ୍ରେନରେ ସେ ପୁରୀ ଆସିବାର ଥିଲା ସେଇ ଟ୍ରେନଟି ଗୋଦାବରୀ ନଈକୁ ଗଳିପଡିଛି। ଆଉ ବହୁତ ଲୋକ ମୃତ୍ୟୁ ବରଣ

କରିଛନ୍ତି। ତେଣୁ ଦେଖ ଭାଇ ତୁମେ ଯଦି ସେ ଟ୍ରେନରେ ଯାଇଥା'ନ୍ତ ତମର କ'ଣ ହେଇଥା'ନ୍ତା ଆଜି !

ସେତେବେଳେ ମଙ୍ଗଳଗିରି ଜଗନ୍ନାଥ ସ୍ୱାମୀ କହିଲେ କେବଳ ଏଇ ଥର ମତେ ସ୍ୱପ୍ନାଦେଶ ହେଇନଥିଲା ପୁରୀ ଯିବାକୁ। ମୋର ଇଚ୍ଛା ହେଲା, ତେଣୁ ମୁ ବାହାରିଲି ପୁରୀ। ନହଲେ ସବୁବେଳେ ମତେ ସ୍ୱପ୍ନାଦେଶ ହୁଏ ଜଗନ୍ନାଥଙ୍କୁ ଦେଖିବାକୁ। ତେଣୁ ଯେତେବେଳେ ଜଗନ୍ନାଥ ଡାକନ୍ତି, ତା'ର ଅଲଗା ଅର୍ଥ। ହେଲେ ଭକ୍ତକୁ ରକ୍ଷା କରିବାକୁ ଯେ ପ୍ରଭୁ କେତେ ପ୍ରକାର କୂଟ ଭିଆଇ ପାରନ୍ତି ଏହା ମତେ ଆଜି ଜଣାଗଲା।

ମଙ୍ଗଳଗିରି ଜଗନ୍ନାଥ ସ୍ୱାମୀ ଏଡ଼େ ବଡ ଭକ୍ତ ଥିଲେ ଯାହାକୁ ଜଗନ୍ନାଥ ନିଜେ କୁହନ୍ତି ତତେ ଦେଖିନି ବହୁ ଦିନରୁ ଟିକେ ଆସନ୍ତୁନି ମୋ' ପାଖକୁ।

# ପରଂବ୍ରହ୍ମ ଶ୍ରୀଜଗନ୍ନାଥ କିଏ ଏବଂ ଦର୍ଶନ କଲେ କି ଫଳ ମିଳେ

**ଶ୍ଲୋକ-** ପୁରୁଷୋତ୍ତମାଖ୍ୟଂ ସୁମହତ୍ କ୍ଷେତ୍ରଂ ପରମପାବନମ୍ ।
ଯତ୍ରାସ୍ତେ ଦାରବତନୁଃ ଶ୍ରୀଶୋ ମାନଷଲୀଳୟା ॥ (ସ୍କନ୍ଧ-୧-୩)

**ଶ୍ଲୋକର ଅର୍ଥ-** ଶ୍ରୀପୁରୁଷୋତ୍ତମ କ୍ଷେତ୍ର (ପୁରୀ) ନାମକ ସୁମହତ୍ ପରମପାବନ କ୍ଷେତ୍ର ଅଛି, ଯେଉଁଠାରେ ଲକ୍ଷ୍ମୀକାନ୍ତ ନାରାୟଣ ମାନବ ଲୀଳାର ପରିପ୍ରକାଶ ପାଇଁ ଦାରୁମୟ କଳେବର ଧାରଣ ପୂର୍ବକ ବିରାଜମାନ କରି ଅଛନ୍ତି।

**ଶ୍ଲୋକ-**ଦର୍ଶନାନ୍ ମୁକ୍ତିଦଃ ସାକ୍ଷାତ୍ ସର୍ବତୀର୍ଥଫଳପ୍ରଦଃ।
ତନ୍ନୋ ବିସ୍ତରତୋ ବୃହି ତତ୍ କ୍ଷେତ୍ରଂ କେନ ନିର୍ମିତମ୍ ॥ (ସ୍କନ୍ଧ-୧-୪)

**ଶ୍ଲୋକର ଅର୍ଥ-** ଦର୍ଶନ ମାତ୍ରେ ହିଁ ସାକ୍ଷାତ୍ ମୁକ୍ତି ଓ ସକଳ ତୀର୍ଥର ଫଳ ପ୍ରଦାନ କରନ୍ତି।

**ବି:ଦ୍ର-** ଆମ ପୃଥିବୀ ପୃଷ୍ଠରେ ଷାଢେ ୩ କୋଟି ତୀର୍ଥ ଅଛି। ଶ୍ରୀଜଗନ୍ନାଥଙ୍କ ଦର୍ଶନ ମାତ୍ରେ ସମସ୍ତ ତୀର୍ଥର ଫଳ ମିଳେ।

**ଶ୍ଲୋକ-** ନ୍ୟଗ୍ରୋଧମୂଳେ କୂଳେଙ୍କସ୍ୟ ସିନ୍ଧୋଃନୀଳାଚଳେ ସ୍ଥିତମ୍ ।
ଦାରୁବ୍ୟାଜାମୃତଂ ବ୍ରହ୍ମ ଦୃଷ୍ଟା ମୁଚ୍ୟେନ୍ନ ସଂଶୟଃ ॥ (ସ୍କନ୍ଧ-୨୮-୫୬)

**ଶ୍ଲୋକର ଅର୍ଥ-** ସିନ୍ଧୁ କୂଳସ୍ଥ ବଟମୂଳରେ ନୀଳାଚଳରେ ଅବସ୍ଥାନ କରୁଥିବା ଦାରୁ ଛଳରେ ଅମୃତ ସ୍ୱରୂପ ବ୍ରହ୍ମଙ୍କୁ ଦର୍ଶନ କରି ସମସ୍ତେ ମୁକ୍ତିଲାଭ କରିବେ। ଏଥିରେ ସନ୍ଦେହ ନାହିଁ।

**ଶ୍ଲୋକ-** ଯତ୍ର ସାକ୍ଷାଜ୍ଜଗନ୍ନାଥଃ ଶଙ୍ଖଚକ୍ରଗଦାଧରଃ ।
ଜନ୍ତୁନାଂ ଦର୍ଶନନ୍ମୁକ୍ତିଂ ଯୋ ଦଦାତି କୃପାନିଧିଃ ॥

**ଶ୍ଲୋକର ଅର୍ଥ-** ସାକ୍ଷାତ୍ ଜଗନ୍ନାଥ ଶଙ୍ଖ-ଚକ୍ର-ଗଦା ଧାରୀ ପୂର୍ବକ ଅବସ୍ଥାନ କରିଅଛନ୍ତି। ସେହି କୃପାନିଧି ଭଗବାନ ଦର୍ଶନ ମାତ୍ରେ ଜୀବମାନଙ୍କୁ ମୁକ୍ତି ବିତରଣ କରିଥା'ନ୍ତି।

ରାଧା ରସାମୃତ ଗୀତରେ ଯଥାର୍ଥରେ ଶିବ ଦାସ କହିଛନ୍ତି, ସ୍ୱୟଂ ନିରାକାର ଦାରୁବ୍ରହ୍ମ ହୋଇ ଦର୍ଶନ ମାତ୍ରକେ ପାପୀଙ୍କୁ ମୋକ୍ଷ ପ୍ରଦାନ କରନ୍ତି। ଶିବ ଦାସ କହିଛନ୍ତି ....

'ସ୍ୱୟଂ ନିରାକାର ପ୍ରଭୁ ଦାରୁବ୍ରହ୍ମ ହୋଇ
ଦର୍ଶନ ମାତ୍ରକେ ପାପୀ ମୋକ୍ଷ ଗତି ପାଇ
ବ୍ରହ୍ମରୂପଗୋପ୍ୟ କରି ଦାରୁରୂପ ଦିଶେ
ମାୟାବୀମାନଙ୍କୁ ସେହି ହୋଇଛି ଅଦୃଶ୍ୟେ
ଦାରୁ ବିଗ୍ରହ ହେବାର କାରଣ କ'ଣ ?'

**ଶ୍ଲୋକ-** ଖଣ୍ଡନାତ୍ ସର୍ବଦୁଃଖାନାମଖଣ୍ଡାନନ୍ଦଦାନତଃ ।
ସ୍ୱଭାବଦ୍ଦାରୁରୂପଂ ହି ପରଂବ୍ରହ୍ମାଭିଧୀୟତେ ॥ (ସ୍କନ୍ଦ-୨୮-୪୦)

**ଶ୍ଲୋକର ଅର୍ଥ-** ଏହି ଦାରୁ ବିଗ୍ରହଙ୍କ ଦୁଇଟି ବିଶେଷତ୍ୱ ଅଛି। ସେ ଦୁଇଟି ଶାସ୍ତ୍ର ସମ୍ମତ ଓ ଅନନ୍ୟ। 'ଦାରୁ' ଶବ୍ଦଟି ଦୁଇଟି ଧାତୁରୁ ନିଷ୍ପନ୍ନ ହୋଇଛି। ଯଥା- 'ଦା' ଏବଂ 'ଦୋ' ଧାତୁ। ଏହି ଦୁଇଟି ଧାତୁରୁ 'ରୁ' ପ୍ରତ୍ୟୟ ଯୋଗ 'ଦାରୁ' ଶବ୍ଦ ହୋଇଛି। ଶୀଳ ବା ସ୍ୱଭାବ ଅର୍ଥରେ 'ରୁ' ପ୍ରତ୍ୟୟ ହୁଏ। ପ୍ରଥମଟି ହେଲା 'ଦା' ଧାତୁରୁ 'ରୁ' ପ୍ରତ୍ୟୟ। 'ଦା' ର ଅର୍ଥ ଦାନ କରିବା, ଏଣୁ ଦାରୁ ଦାନଶୀଳ ଏବଂ 'ଦୋ' ଧାତୁରୁ ଅର୍ଥ ଖଣ୍ଡନ କରିବା।

ଏଣୁ ଦାରୁ ଖଣ୍ଡନଶୀଳ। ସ୍ୱଭାବତଃ ଏହି ମୂର୍ତ୍ତି ଅଖଣ୍ଡ ଆନନ୍ଦ ଦାନ କରନ୍ତି ଏବଂ ସମସ୍ତ ଦୁଃଖ ଖଣ୍ଡନ କରନ୍ତି। ଅଖଣ୍ଡ ଆନନ୍ଦ ଦାନ ଓ ସର୍ବ ଦୁଃଖଖଣ୍ଡନ ଏଇ ଦୁଇଟି ଦାରୁ ବିଗ୍ରହରୂପୀ ପରଂବ୍ରହ୍ମଙ୍କ ବିଶେଷତ୍ୱ। ସର୍ବ ଦୁଃଖ ଖଣ୍ଡନ କରି ଅଖଣ୍ଡ ଆନନ୍ଦ ଦାତା ହୋଇଥିବାରୁ ସାକ୍ଷାତ୍ ପରଂବ୍ରହ୍ମ ହିଁ ସ୍ୱଭାବତଃ ଦାରୁ ରୂପ ଅଟନ୍ତି। ଅର୍ଥାତ୍ ଜୀବମାନଙ୍କର ସମସ୍ତ ଦୁଃଖକୁ ଖଣ୍ଡନ କରି ଅଖଣ୍ଡ ଆନନ୍ଦ ଦେବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏପରି ଦାରୁ ବିଗ୍ରହ ଧାରଣ।

ଅନାଥସ୍ୟ ଜଗନ୍ନାଥ ନାଥସ୍ତ୍ୱଂମେ ନ ସଂଶୟଃ,
ଯସ୍ୟ ନାଥୋ ଜଗନ୍ନାଥ, ସ୍ତସ୍ୟ ଦୁଃଖ କଥଂ ପ୍ରଭୋ ॥
ଅନ୍ୟଥା ଶରଣଂନାସ୍ତି ତ୍ୱମେବ ଶରଣ୍ଂ ମମ ।
ତସ୍ମାତ୍ କାରୁଣ୍ୟଭାବେନ ରକ୍ଷ ରକ୍ଷ ଜନାର୍ଦ୍ଦନ ॥
ଓଁ ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ଅନନ୍ତ ନିରାକାର ପରମାତ୍ମା ପରମେଶ୍ୱର ପରଂବ୍ରହ୍ମ ପରମପିତା ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡର ମହାନାୟକ ଆନନ୍ଦକନ୍ଦ ସଚ୍ଛିଦାନନ୍ଦ ଚିନ୍ମୟଘନ

ପଦ୍ମପଲାସଲୋଚ଼ନ ଅକାରଣର କାରଣ ଅସରଣର ସରଣ ରକ୍ଷଣ ମହାବାହୁ ବଳିଆର ଭୁଜ କୋଟି ଓଡ଼ିଆର ମଉଡ଼ମଣି ଓଡ଼ିଶାର ବଡ଼ ଠାକୁର ରହସ୍ୟମୟ ଜଗତରନାଥ ଜଗନ୍ନାଥ ମହାପ୍ରଭୁ।

## ନୀଳାଦ୍ରି ବିଜେ

ବଡ଼ ଦିଅଁ, ବଡ଼ ଠାକୁର ନାଁରେ ପରିଚ଼ିତ ଆମ କାଳିଆ ସାଆନ୍ତେ। ସତରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଶ୍ୱରେ ସବୁଠୁ ନିଆରା। କାଳିଆ ବିଷୟରେ ଜାଣିବା ପାଇଁ ସମସ୍ତେ ଇଚ୍ଛୁକ। କାଳିଆ ନାଁ ଶୁଣିଲେ ରୋଗୀର ରୋଗ ଭଲ ହୋଇଯାଏ, ଆଉ ଶୁଖିଲା ଡାଳରେ ପତ୍ର କଅଁଳିଲା ଭଳି ମନେହୁଏ। ମାନବୀୟ ସମ୍ବନ୍ଧାନୁଭୂତି ସହିତ ଜଡ଼ିତ ନୀଳାଦ୍ରି ବିହାରୀ ଶ୍ରୀଜଗନ୍ନାଥ। ବୈଦିକ ବାକ୍ୟରେ ଉଲ୍ଲେଖ ଅଛି–

'ଲୋକବତ୍ତୁ ଲୀଳା କୈବଲ୍ୟମ୍ ?'।

ମହାପ୍ରଭୁ ସାଧାରଣ ମାନବ ସମାଜର ମଙ୍ଗଳ ପାଇଁ ଏହି ଧରାଧାମରେ ଅବତରଣ କରି ଲୋକମାନଙ୍କ ପରି ମାନବୀୟ ଲୀଳା କରିଥା'ନ୍ତି। 'ସ୍କନ୍ଦପୁରାଣ–ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟ'ରେ ମଧ୍ୟ ଉଲ୍ଲେଖ ଅଛି, ସ୍ୱୟଂ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଦାରବତନୁ ଧାରଣ କରି ମାନବ ଲୀଳାର ପରିପ୍ରକାଶ ପାଇଁ ପରମପାବନ ଶ୍ରୀପୁରୁଷୋତ୍ତମକ୍ଷେତ୍ରରେ ବିରାଜମାନ କରିଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୁଏ, ଯେ କଳିଯୁଗରେ ଜଗତବାସୀଙ୍କୁ ତ୍ରିତାପରୁ ଉଦ୍ଧାର କରିବାପାଇଁ ମହାପ୍ରଭୁ ସ୍ୱୟଂ ଆବିର୍ଭୂତ ହୋଇ ବାରମାସରେ ତେରଯାତ୍ରା ସହ ଶତାଧିକ ପର୍ବପର୍ବାଣି ମାଧ୍ୟମରେ ନିଜର ଲୀଳା ଖେଳା ପ୍ରକଟ କରୁଛନ୍ତି । ପ୍ରଭୁ ଯେଉଁ ଶ୍ରେଷ୍ଠ ଆଉ ଧର୍ମର ଯାତ୍ରା ବଡ଼ଦାଣ୍ଡରେ ନିର୍ବାହ କରୁଥା'ନ୍ତି, ତାହାର ଅନ୍ତିମ ଦିବସ ହିଁ ନୀଳାଦ୍ରି ବିଜେ ।

ବିଶ୍ୱ ଚେତନା ପୁରୁଷୋତ୍ତମ ଚେତନା । ସେହି ଚେତନାରେ ରହି ପ୍ରଭୁଙ୍କୁ ରତ୍ନବେଦୀକୁ ସେବାୟତମାନେ ବିଜେ କରାଇବେ । ତେଣୁ ଶରଧା ବାଲିରେ ରଚ଼ିତ ଏହି ମର୍ତ୍ତ୍ୟ ବୃନ୍ଦାବନ "ରାସ" ଦେଖିବା ପାଇଁ ମର୍ତ୍ତ୍ୟ, ଅନ୍ତରୀକ୍ଷ, ସ୍ୱର୍ଗର ସମସ୍ତ ଦେବତା, ନର, ପକ୍ଷ, କିନ୍ନର ଆଶାୟୀ । ଲକ୍ଷ୍ମୀ ନାରାୟଣ ବଚ଼ସା ଦେଖି ପବିତ୍ର କରିବେ ଚକ୍ଷୁ । ମା' ଲକ୍ଷ୍ମୀ ଅଭିମାନିନୀ ଜଗତବାସୀଙ୍କ ଆଗରେ ସାଧାରଣ ଗୃହିଣୀଟିଏ । ନୀଳାଦ୍ରୀ ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟା ଧୂପ ନୀତି

ବଢ଼ିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ । ପ୍ରଥମେ ବିଜେ କାହାଳି ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ । ରାଘବ ଦାସ ମଠ ଟାହିଆ ଯୋଗାଇଥା'ନ୍ତି ପହଣ୍ଡି ପୂର୍ବରୁ ରତ୍ନ ସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧା ହୋଇଥାଏ ଓ ଅଖଣ୍ଡ ବଇଠା ବସେ । ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ନନ୍ଦିଘୋଷ ରଥରୁ ମଦନମୋହନଙ୍କୁ, ବଳଭଦ୍ରଙ୍କ ରଥରୁ ରାମକୃଷ୍ଣଙ୍କ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀ ଘରକୁ ବିଜେ କରାଇଥା'ନ୍ତି ।

ତତ୍ପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ । ଠାକୁରମାନେ ପହଣ୍ଡିରେ ଆସିବାବେଳେ ମନ୍ଦିର ପରିସରସ୍ଥ ଶୁଆଶାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡ଼ିଆ ମଣୋହି ଓ ବନ୍ଦାପନା ନୀତି ବଢ଼ିଥାଏ । ଜଗମୋହନଠାରେ ମଧ୍ୟ ଏହି ନୀତି ପାଳିତ ହୋଇଥାଏ ।

ଏହାପରେ ଭଣ୍ଡାର ଘର ଦ୍ୱାର ଠାରେ ଲକ୍ଷ୍ମୀଠାକୁରାଣୀଙ୍କର ବନକ ଲାଗି କରାଇ, ପାଟବସ୍ତ୍ର ତଥା ବିଭିନ୍ନ ପୁଷ୍ପ ଅଳଙ୍କାରରେ ତାଙ୍କୁ ବିମଣ୍ଡିତ କରାଇ, ମହାଜନ ସେବକମାନେ ସାତପାହାଚ ପର୍ଯ୍ୟନ୍ତ ତାଙ୍କୁ ହାତରେ ବିଜେ କରାଇ ଆଣି, ସେଠାରେ ଥିବା ପାଲିଙ୍କିରେ ବିଜେ କରାନ୍ତି । ଠାକୁରାଣୀ ପଟୁଆରରେ ରୂପାବେଣ୍ଟ ଲଗା ନାଲିରଙ୍ଗର ଓଲାର (ଓଲଟ ଛତ୍ର), ବୈଜୟନ୍ତୀ, କାହାଳୀ, ଚକ୍ରଦିହୁଡ଼ି, ମଶାଲ ଦିହୁଡ଼ି ଆଦି ସହ ଯାତ୍ରା କରିଥା'ନ୍ତି । ସାତ ପାହାଚଠାରୁ ବାହାରି, ରୋଷଘର ପରିସର ଦେଇ, ସିଂହଦ୍ୱାରର ଦକ୍ଷିଣ ପଟକୁ ଥିବା ପୂର୍ବାଭିମୁଖୀ ଭେଟ ମଣ୍ଡପଠାରେ ଲକ୍ଷ୍ମୀଦେବୀ ବିଜେ ହୁଅନ୍ତି । ଭେଟ ମଣ୍ଡପଠାରେ ତ୍ରୈଲୋକ୍ୟେଶ୍ୱରୀ ମା' ମହାଲକ୍ଷ୍ମୀ ଡମ୍ବରୁ ଉପରେ ବିଜେ ହେବା ପରେ, ଅଖିଳ ବ୍ରହ୍ମାଣ୍ଡର ନାୟକ ଶ୍ରୀ ଜଗନ୍ନାଥ ଶ୍ରୀ ମନ୍ଦିରର ରତ୍ନସିଂହାସନକୁ ବିଜେ ହେବାପାଇଁ, ନନ୍ଦିଘୋଷ ରଥରୁ ଚାରମାଳ ଉପରକୁ ଟାହିଆ ପିନ୍ଧି ଓହ୍ଲାନ୍ତି ।

ଭେଟମଣ୍ଡପଠାରେ ଥିବା ଦେବୀ ଲକ୍ଷ୍ମୀଙ୍କ ସହିତ, ନନ୍ଦିଘୋଷରେ ଥିବା ଶ୍ରୀଜଗନ୍ନାଥଙ୍କର ଚାରିଚକ୍ଷୁର ମିଳନ ହୁଏ । ସେ ଅପୂର୍ବ ଚାହାଣୀ ମୂହୁର୍ତ୍ତକୁ ଭାବଭକ୍ତିରେ ବାନ୍ଧିଦିଏ । ଯେଉଁଠି ବ୍ରହ୍ମାଣ୍ଡ ଠାକୁର ନିଜକୁ ଦୋଷୀ ବୋଲି ଭାବି ଭାବ ପ୍ରକଟ କରୁଥା'ନ୍ତି ।

'କେବଳ ଦୋଷ.... ତାଙ୍କର ଦୁଇଦିନ ଫେରିବାର କଥା ଦେଇ କଥା ରଖି ପାରି ନାହାଁନ୍ତି ।'

ଭେଟମଣ୍ଡପରେ ଥିବା ମହାଲକ୍ଷ୍ମୀଙ୍କ ସହ ନନ୍ଦିଘୋଷରେ ଥିବା ଶ୍ରୀଜଗନ୍ନାଥଙ୍କର ଏହି ଭେଟ ଅବସରରେ, ପତି ମହାପାତ୍ର ରଥ ଉପରେ ଶ୍ରୀଜଗନ୍ନାଥଙ୍କୁ ଅକ୍ଷତ ବନ୍ଦାପନା କରିବା ସହ, କର୍ପୂର ଆଳତି, ନୈବେଦ୍ୟ ସମର୍ପଣ ଓ ବନ୍ଦାପନା କରିଥା'ନ୍ତି। ଠିକ୍ ସେହି ସମୟରେ ଲକ୍ଷ୍ମୀଠାକୁରାଣୀଙ୍କ ନିକଟରେ ଭିତରଛ ମହାପାତ୍ର ବନ୍ଦାପନା କରିବା ସହିତ ନୈବେଦ୍ୟ ଭାବରେ ରସଗୋଲା ସମର୍ପଣ କରିଥା'ନ୍ତି। ଲକ୍ଷ୍ମୀଠାକୁରାଣୀ ଓ ଶ୍ରୀଜଗନ୍ନାଥଙ୍କର ଏହି ଭେଟ ଓ ବନ୍ଦାପନା କାଳରେ, ହରିବୋଲ ହୁଳହୁଳି, ନାନା ବାଦ୍ୟ, ଘଣ୍ଟ ଘଣ୍ଟା ଓ ସଂକୀର୍ତ୍ତନରେ ବଡ଼ଦାଣ୍ଡ ଓ ସିଂହଦ୍ୱାର ଉଛୁଳି ଉଠେ। ଶାସ୍ତ୍ରୀୟ ମାନ୍ୟତା ଅଛି ଯେ ଏ ଦୃଶ୍ୟକୁ ଭକ୍ତିଭାବରେ ଦର୍ଶନ କରୁଥିବା ବ୍ୟକ୍ତିର ସକଳ ମନୋକାମନା ପୂର୍ଣ୍ଣ ହୋଇଥାଏ।

କିନ୍ତୁ ମାଙ୍କ ରାଗ ସେତିକିରେ ସରେନି ଏଠି ଘରଣୀ ରାଗିବା ସ୍ୱାଭାବିକ! ପୁନଶ୍ଚ ରାଗ ଏତେ ପରିମାଣରେ ବଢ଼ି ଯାଇଥାଏ ଯେ, ଦାସୀ, ପରିଚ଼ାରୀ, ଦେବଦାସୀଙ୍କୁ କହିଛନ୍ତି ବଜ୍ରକବାଟ ବନ୍ଦ କରିଦିଅ। ଠାକୁର ବାହାରେ ଥା'ନ୍ତୁ। ଅବଶ୍ୟ ଦେବଦାସୀ ପ୍ରଥା ୧୯୯୩ରୁ ଉଚ୍ଛେଦ କରାଯାଇଛି । ଅନ୍ୟ ସବୁ ନୀତି ସେବାୟତଙ୍କ ଦ୍ୱାରା ନିର୍ବାହ ହୋଇଥାଏ। ପୁଣି ମାଆ ଇନ୍ଦ୍ର ଦେବତାଙ୍କୁ ଘୋର ବର୍ଷା କରିବାକୁ ଆଦେଶ ଦେଇଥା'ନ୍ତି। ଜଗନ୍ନାଥ ଭିଜି ଯାଆନ୍ତି ନବଘନର ଛୁଆଁରେ। ହାତରେ ପ୍ରାଣପ୍ରିୟା ପତ୍ନୀପାଇଁ ରସଗୋଲା, ଅଳଙ୍କାର, ବସ୍ତ୍ର ଧରି ମନେଇବାର ପ୍ରୟାସ କରିଥା'ନ୍ତି। କିଛି ସମୟର ଲୀଳା ଖେଳା ପରେ ମା' ସିଂହଦ୍ୱାରକୁ ଫିଟାଇ ଦିଅନ୍ତି।

ସ୍ୱତ୍ୱଲିପିର ଅଛି ଯେ ସେଠାରେ ଅର୍ଥାତ୍ ସିଂହଦ୍ୱାରଠାରେ କୌଣସି ବଚ଼ନିକା ହୋଇନଥାଏ। ବଚ଼ନିକା ହୁଏ ଶ୍ରୀମନ୍ଦିର ଭିତରେ, ଜୟବିଜୟ ଦ୍ୱାରଠାରେ ଦ୍ୱାର ସେପଟେ ମା' ଲକ୍ଷ୍ମୀ ଦ୍ୱାର ଏପଟେ ପ୍ରଭୁ ନଟବର ନାଗର। ଭିତରଛ ମହାପାତ୍ର ଲକ୍ଷ୍ମୀଙ୍କ ତରଫରୁ ମଧ୍ୟସ୍ଥତା କରନ୍ତି, ଯାହାକୁ ଲକ୍ଷ୍ମୀ ନାରାୟଣ ବଚ଼ନିକା ବୋଲି କୁହନ୍ତି। ଏସବୁ ବଚ଼ନିକା ସଂସ୍କୃତ ଭାଷାରେ ହୁଏ। ସେହି ସମୟରେ ମୃଦଙ୍ଗ ଘଣ୍ଟା, ଘଣ୍ଟି ଶବ୍ଦର ନାଦ ପ୍ରକମ୍ପିତ ହୋଇଥାଏ। ପ୍ରଭୁଙ୍କ ବଚ଼ନିକା ସାଧାରଣ ଲୋକଟି ଶୁଣିବା କଣ ଠିକ୍? ସେତ ସର୍ବ ଶକ୍ତିମାନ। ଦୁହିଁଙ୍କ ବଚ଼ସା ଅନ୍ତେ, ମହାପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରିବା ସହ ମନାଇଥା'ନ୍ତି ପରସ୍ପରଙ୍କ ମନୋମାଳିନ୍ୟ ବରଫ ପରି ତରଳି ଯାଇଥାଏ, ଦୁହିଁଙ୍କ ଭିତରେ ଥିବା ଭବ୍ୟଲୀଳା ଜନମାନସରେ ହରିବୋଲ, ହୁଳହୁଳି ଶବ୍ଦରେ ଜୟଜୟାକାର

ହୋଇଉଠେ। ଏ ସମୟର ଲୀଳା ଦୃଶ୍ୟ କରି ଦେହରେ ଶିହରଣ ସୃଷ୍ଟି ହୁଏ, ନୟନରୁ ଭକ୍ତିଲୁହ ବହିଚ଼ାଲେ।

ଏହାପରେ ଭିତରଛୁ ମହାପତ୍ରଙ୍କ ଦ୍ୱାରା ରକ୍ମିଣୀ ବିବାହ ସମୟରେ ପଡ଼ିଥିବା ଗଇଁଠାଳ ଫିଟାଯାଇ ବନ୍ଦାପନା କରାଯାଏ। ମହାପାତ୍ରଙ୍କ ଦ୍ୱାରା ରସଗୋଲା ଭୋଗ ଭିତରକୁ ସମାହିତ ହୋଇଥାଏ। ଏହାପରେ ଘସା, ବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥା'ନ୍ତି।

## ରସଗୋଲା ଭୋଗ

ବର୍ତ୍ତମାନ ଶ୍ରୀମନ୍ଦିରରେ ପାଳିତ ନୀଳାଦ୍ରିବିଜେ ନୀତି ସମ୍ପର୍କରେ ପ୍ରାମାଣିକ ତଥ୍ୟ ହେଉଛି- ଶ୍ରୀମନ୍ଦିରର ଅଧିକାର ଅଭିଲେଖ ବା ସ୍ୱତ୍ୱଲିପି। ସେଥିରେ ନିର୍ଦ୍ଦିଷ୍ଟ ଭାବରେ 'ରସଗୋଲା ଭୋଗ' ର ଉଲ୍ଲେଖ ନଥିଲେ ମଧ୍ୟ, ଏହି 'ଭୋଗ' ଯେ 'ରସଗୋଲା' ତାହା ଅତି ସ୍ପଷ୍ଟ ଭାବରେ ସୂଚ଼ିତ ହୋଇଛି। ଅତୀତରେ 'ନୀଳାଦ୍ରିବିଜେ' ନୀତି ଆଷାଢ଼ ଶୁକ୍ଳ ଦ୍ୱାଦଶୀରେ ହେଉଥିଲା। ତେଣୁ, 'ଦ୍ୱାଦଶୀ ନୀଳାଦ୍ରିବିଜେ' ପ୍ରସଙ୍ଗରେ ଏହାର ବିଧି ବର୍ଣ୍ଣିତ ହୋଇଛି। ସେଥିରେ ଉଲ୍ଲେଖ ଅଛି- "ବଡ଼ଠାକୁର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନକୁ ଆସନ୍ତି। ଆସିଲାବେଳେ ପ୍ରତ୍ୟେକ ଠାକୁରଙ୍କୁ ଶୁଆ-ଶାରୀ ଦେଉଳଠାରେ ପଡି ମହାପାତ୍ରେ ପ୍ରସାଦ ଲାଗି ଘସା, ବିଡ଼ିଆ ମଣୋହି ଓ ବନ୍ଦାପନା କରନ୍ତି। ଜଗମୋହନଠାରେ ମଧ୍ୟ ସେହି ନୀତି ହୁଏ।"

ସେହିପରି, ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରିବିଜେ ନୀତି ସମ୍ପର୍କରେ ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି, "ଦ୍ୱାର ଫିଟି, ଠାକୁର ଭଣ୍ଡାରକୁ ମୁହଁ କରି ଭଣ୍ଡାରଦ୍ୱାରଠାରେ ବିଜେ କରିଥିବା ଲକ୍ଷ୍ମୀଙ୍କ ପାଖରେ ବିଜେ ହେଲେ, ରୁକ୍ମିଣୀ ବିବାହର ଗଇଣ୍ଠାଳ ଭିତରଛ ମହାପାତ୍ର ଫିଟାନ୍ତି। ବନ୍ଦାପନା ଓ ଭୋଗ ହୁଏ। ଘସା, ବିଡ଼ିଆ ମଣୋହି ପରେ ଠାକୁର ସିଂହାସନକୁ ବିଜେ କରନ୍ତି। ସ୍ୱତ୍ୱଲିପିରେ ଲିପିବଦ୍ଧ ଏହି ନୀତିର ତାତ୍ପର୍ଯ୍ୟ ହେଉଛି- ରତ୍ନସିଂହାସନକୁ ବିଜେ ହେବାବେଳେ, ବଡ଼ଠାକୁର ଓ ଦେବୀ ସୁଭଦ୍ରାଙ୍କୁ କେବଳ "ପ୍ରସାଦ ଲାଗି ଘସା, ବିଡ଼ିଆ ମଣୋହି ଓ ବନ୍ଦାପନା" ହେବା କଥା ଲିପିବଦ୍ଧ ଥିବାବେଳେ, ରତ୍ନସିଂହାସନକୁ ବିଜେ ହେବାବେଳେ ଶ୍ରୀଜଗନ୍ନାଥଙ୍କୁ "ବନ୍ଦାପନା ଓ ଭୋଗ" ଏବଂ "ପ୍ରସାଦ ଲାଗି ଘସା, ବିଡ଼ିଆ ମଣୋହି" ହେବା କଥା ଉଲ୍ଲେଖ ଅଛି।

ଏଣୁ ଶ୍ରୀଜଗନ୍ନାଥଙ୍କ ପାଇଁ ଅଧିକ ଭାବରେ ଉଲ୍ଲେଖ ଥିବା କଥାଟି ହେଉଛି "ଭୋଗ"। ପାରମ୍ପରିକ ଭାବରେ ଏହି ସମୟରେ "ରସଗୋଲା ଭୋଗ" ହେଉଥିବାରୁ ଏହି "ଭୋଗ" ଯେ "ରସଗୋଲା" ଏଥିରେ କୌଣସି ସନ୍ଦେହ ନାହିଁ। ଭିତରଛ ମହାପାତ୍ର ସେବକ, ନିଜ ଘରେ ସାତ୍ତ୍ୱିକ ଭାବରେ ପ୍ରସ୍ତୁତ କରି ଆଣିଥିବା ଏହି "ରସଗୋଲା ଭୋଗ" ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଦେବୀ ଲକ୍ଷ୍ମୀଙ୍କୁ ଅର୍ପିତ ହୋଇଥାଏ।

ଶ୍ରୀମନ୍ଦିର ସ୍ୱତ୍ୱଲିପିର 'ଭିତରଛ ସେବାର ନିୟମ' ପ୍ରସଙ୍ଗରେ ମଧ୍ୟ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ ଅଛି। 'ନୀଳାଦ୍ରି ବିଜେ' ଦିନର 'ଭିତରଛ ସେବା'ର ବିବରଣୀରେ ଏ ପ୍ରସଙ୍ଗରେ କୁହାଯାଇଛି, ଏହି ସେବକ "ନୀଳାଦ୍ରିବିଜେ ଦିନ ଭେଟମଣ୍ଡପଠାରେ ବନ୍ଦାପନା ଓ ମଣୋହି, ଗରୁଡ଼ଙ୍କ ବନ୍ଦାପନା, ଜଗନ୍ନାଥ ରଥରୁ ସିଂହାସନକୁ ବିଜେ କାଳେ ରୁକ୍ମିଣୀଙ୍କ ଗଇଣ୍ଠାଳ ଫିଟା ନୀତିରେ ଦହିପଟି, ଘସା, ବିଡ଼ିଆ ମଣୋହି ଓ ଭୋଗ" କରିଥାନ୍ତି। ଏଣୁ ଭିତରଛ ମହାପାତ୍ରଙ୍କ ଦ୍ୱାରା କରାଯାଉଥିବା "ରସଗୋଲା ଭୋଗ" ଯେ ସ୍ୱତ୍ୱଲିପିରେ ଉଲ୍ଲିଖିତ "ଭୋଗ", ଏହା ଏଥିରୁ ପ୍ରମାଣିତ ହୁଏ। ତେବେ, ଏହି ବିବାହ ଗଇଣ୍ଠାଳ ଫିଟାବେଳେ, ପୁରୀର ରାଘବଦାସ ମଠ ପକ୍ଷରୁ ମଧ୍ୟ ସେଠାରେ ପାରମ୍ପରିକ ଭାବରେ ରସଗୋଲା ଭୋଗ କରାଯାଇଥାଏ। କିନ୍ତୁ ସମୟକ୍ରମେ, ଏହି ରସଗୋଲା ଭୋଗ ଭିତରଛ ମହାପାତ୍ରଙ୍କ ପକ୍ଷରୁ ଭଣ୍ଡାର ଘର ଠାରେ ହେବା ସହିତ ଭେଟମଣ୍ଡପଠାରେ ମଧ୍ୟ ହେଉଛି।

ନୀଳାଦ୍ରିବିଜେର ଏହି ପବିତ୍ର ଦିବସ ଅବସରରେ ସାରାଦିନ ତିନି ରଥରେ ଥିବା ଠାକୁରମାନଙ୍କୁ ମଧ୍ୟ, ଅଗଣିତ ଭକ୍ତ ରଥ ନିକଟରେ ରସଗୋଲା ଭୋଗ ନିବେଦନ କରିଥାଆନ୍ତି। ପୁରୀର ବିଭିନ୍ନ ମଠ ପକ୍ଷରୁ ମଧ୍ୟ ପରମ୍ପରାକ୍ରମେ ସେହିଦିନ ରଥାରୂଢ଼ ଦେବତାମାନଙ୍କୁ ରସଗୋଲା ନିବେଦିତ ହୋଇଥାଏ।

ଏଣୁ ଏହି ରସଗୋଲା ଭୋଗ କେବଳ 'ନୀଳାଦ୍ରିବିଜେର ପ୍ରୀତି-ନୈବେଦ୍ୟ' ନୁହେଁ; ତଥାକଥିତ ଦାମ୍ପତ୍ୟ କଳହର ସୁମଧୁର ପରିସମାପ୍ତିର ପ୍ରତୀକ ମଧ୍ୟ। ପ୍ରକୃତ ଅର୍ଥରେ କହିବାକୁ ଗଲେ "ନୀଳାଦ୍ରି ବିଜେ" ପ୍ରଭୁଙ୍କର ଔଦାର୍ଯ୍ୟଲୀଳା ମାଧୁର୍ଯ୍ୟ ଲୀଳା, ଐଶ୍ୱର୍ଯ୍ୟ ଲୀଳା ଠାରୁ ବଳି ଉଚ୍ଚତର ଚେତନାର ଲୀଳା।

## ଯୁଗେ ଯୁଗେ ଶ୍ରୀଜଗନ୍ନାଥ

ଭଗବାନ ଜଗନ୍ନାଥଙ୍କ ସ୍ୱରୂପ ନିଆରା। କଳିଯୁଗରେ ଭକ୍ତମାନଙ୍କର କଲ୍ୟାଣ କରିବା ପାଇଁ ଭଗବାନ ମହର୍ଷି ନାରଦଙ୍କ ଇଚ୍ଛାରେ ଏହି ସ୍ୱରୂପ ଧାରଣ କରିଥିଲେ। ଆଜି ବି ଜଗନ୍ନାଥପୁରୀ ମନ୍ଦିରରେ ଗଛର ଗଣ୍ଡିରେ ତିଆରି ହୋଇଥିବା ବିଗ୍ରହଙ୍କର ପୂଜା କରାଯାଏ, ଧାତୁ କିମ୍ବା ପଥରରେ ତିଆରି ହୋଇଥିବା ମୂର୍ତ୍ତିର ନୁହେଁ।

ଏହା ପଛରେ ଏକ ବହୁତ ପ୍ରଚଳିତ କାହାଣୀ ଅନୁଯାୟୀ ମାତା ଯଶୋଦା, ଦେବକୀ ଏବଂ ତାଙ୍କ ଭଉଣୀ ସୁଭଦ୍ରା ବୃନ୍ଦାବନରୁ ଦ୍ୱାରକା ପହଞ୍ଚିଲେ। ତାଙ୍କ ସହିତ ଥିବା ରାଣୀମାନେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଶୁଣିବା ପାଇଁ ଇଚ୍ଛା ପ୍ରକାଶ କଲେ। ମାତା ଯଶୋଦା ଏବଂ ଦେବକୀ ରାଣୀମାନଙ୍କୁ ଲୀଳା ଶୁଣାଇବା ପାଇଁ ରାଜି ହୋଇଗଲେ।

ଭଗବାନଙ୍କ ଏହି ଲୀଳାକୁ ନିଜେ ଶ୍ରୀକୃଷ୍ଣ ଏବଂ ବଳରାମ ନ ଶୁଣନ୍ତୁ, ସେଥିପାଇଁ ଦ୍ୱାରରେ ଭଉଣୀ ସୁଭଦ୍ରାଙ୍କୁ ପହରା ଦେବା ପାଇଁ ଠିଆ କରାଗଲା। ମାତା ଯଶୋଦା କୃଷ୍ଣଙ୍କ ଲୀଳାର ଗାଥା ଆରମ୍ଭ କଲେ, ଯେପରି ସେ କହୁଥିଲେ ସମସ୍ତେ ତାଙ୍କ କଥାରେ ମଗ୍ନ ହେଉଥିଲେ। ନିଜେ ସୁଭଦ୍ରା ମଧ୍ୟ ପହରା ଦେବା କଥା ଭୁଲିଯାଇ ତାଙ୍କ କଥା ଶୁଣିବାକୁ ଲାଗିଲେ। ଏହି ସମୟରେ କୃଷ୍ଣ ଏବଂ ବଳରାମ ଉଭୟ ସେଠାକୁ ଆସିଗଲେ ଏବଂ ଏହି କଥା କାହାରିକୁ ଜଣା ପଡ଼ିଲା ନାହିଁ। ସୁଭଦ୍ରା ମଧ୍ୟ ଏତେ ମଗ୍ନ ଥିଲେ ଯେ ତାଙ୍କୁ ଜଣା ପଡ଼ିଲା ନାହିଁ ଯେ କାହ୍ନା ଏବଂ ବଳରାମ କେବେ ସେଠାକୁ ଆସିଗଲେ।

ଭଗବାନ କୃଷ୍ଣ ଏବଂ ଭାଇ ବଳରାମ ଉଭୟ ମାତା ଯଶୋଦାଙ୍କ ମୁଖରୁ ନିଜର ଲୀଳା ଶୁଣିବାକୁ ଲାଗିଲେ। ନିଜର ଦୁଷ୍ଟାମି ଏବଂ କାର୍ଯ୍ୟକଳାପ ଶୁଣି ଶୁଣି ସେମାନଙ୍କର ଲୋମ ଟାଙ୍କୁରି ଉଠିଲା, ଆଖି ବଡ଼ ହୋଇଗଲା ଏବଂ ପାଟି ଖୋଲା ରହିଗଲା। ସେହି ସମୟରେ, ନିଜେ ସୁଭଦ୍ରା ମଧ୍ୟ ଏତେ ମନ୍ତ୍ରମୁଗ୍ଧ ହୋଇଗଲେ ଯେ ପ୍ରେମ ଭାବରେ ତରଳିବାକୁ ଲାଗିଲେ। ଏହି କାରଣରୁ ହିଁ ଜଗନ୍ନାଥ ମନ୍ଦିରରେ ତାଙ୍କର ଉଚ୍ଚତା ସବୁଠାରୁ ଛୋଟ।

ସମସ୍ତେ କୃଷ୍ଣଙ୍କ ଲୀଳା ଶୁଣୁଥିଲେ, ଏହି ସମୟରେ ନାରଦ ମୁନି ସେଠାକୁ ଆସିଲେ। ନାରଦ ସମସ୍ତଙ୍କର ହାବଭାବ ଦେଖିବାକୁ ଲାଗିଲେ, ସମସ୍ତଙ୍କୁ ଅନୁଭବ ହେଲା ଯେ କେହି ଜଣେ ଆସିଛନ୍ତି। ଏହି କାରଣରୁ କୃଷ୍ଣଲୀଳାର ଗାଥା ସେଠାରେ

ହିଁ ବନ୍ଦ ହୋଇଗଲା। ନାରଦ ଶ୍ରୀକୃଷ୍ଣଙ୍କର ସେହି ମନମୋହକ ଅବତାରକୁ ଦେଖି କହିଲେ ପ୍ରଭୁ! ଆପଣ କେତେ ସୁନ୍ଦର ଦେଖାଯାଉଛନ୍ତି। ଆପଣ ଏହି ରୂପରେ କେବେ ଅବତାର ନେବେ ? ସେହି ସମୟରେ ଶ୍ରୀକୃଷ୍ଣ କହିଲେ ଯେ ସେ କଳିଯୁଗରେ ଏହିପରି ଅବତାର ନେବେ।

ନାରଦଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, କଳିଯୁଗରେ ଶ୍ରୀବିଷ୍ଣୁ ପୁରୀର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ୱପ୍ନରେ ଆସି ତାଙ୍କୁ କହିଥିଲେ ଯେ ସେ ପୁରୀର ମହୋଦଧି କୂଳରେ ଥିବା ଏକ ଗଛର ଗଣ୍ଡିରୁ ତାଙ୍କର ଏକ ପ୍ରତିମା ତିଆରି କରି ପରେ ଏହାକୁ ମନ୍ଦିରରେ ସ୍ଥାପନ କରନ୍ତୁ। ଶ୍ରୀବିଷ୍ଣୁଙ୍କ ଆଦେଶ ଅନୁଯାୟୀ, ରାଜା ଏହି କାମ ପାଇଁ ଜଣେ ଯୋଗ୍ୟ ବଢ଼େଇ ଖୋଜିବା ଆରମ୍ଭ କଲେ। କିଛି ଦିନ ପରେ ସେ ଜଣେ ବୃଦ୍ଧ ବ୍ରାହ୍ମଣଙ୍କୁ ଭେଟିଲେ, ଯିଏ ଏହି ପ୍ରତିମା ତିଆରି କରିବାକୁ ଇଚ୍ଛା ପ୍ରକାଶ କଲେ, କିନ୍ତୁ ଏହି ବ୍ରାହ୍ମଣ ରାଜାଙ୍କୁ ଏକ ସର୍ତ୍ତ ରଖିଲେ ଯେ ସେ ଏହି ପ୍ରତିମାକୁ ଏକ ବନ୍ଦ କୋଠରୀରେ ତିଆରି କରିବେ ଏବଂ ସେ କାମ କରୁଥିବା ସମୟରେ କେହି କବାଟ ଖୋଲିବେ ନାହିଁ, ନଚେତ୍ ସେ କାମ ଅଧାରୁ ଛାଡ଼ି ଚାଲିଯିବେ।

ଆରମ୍ଭରେ କାମର ଶବ୍ଦ ଆସିଲା, କିନ୍ତୁ କିଛି ଦିନ ପରେ ସେହି କୋଠରୀରୁ ଶବ୍ଦ ଆସିବା ବନ୍ଦ ହୋଇଗଲା। ରାଜା ଚିନ୍ତାରେ ପଡ଼ିଗଲେ ଯେ ସେ କବାଟ ଖୋଲି ଥରେ ଦେଖିବେ କି ନାହିଁ। କାଳେ ସେହି ବୃଦ୍ଧ ବ୍ରାହ୍ମଣଙ୍କୁ କିଛି ହୋଇଯାଇ ନ ଥାଏ। ଏହି ଚିନ୍ତାରେ ରାଜା ଦିନେ ସେହି କୋଠରୀର କବାଟ ଖୋଲିଦେଲେ। କବାଟ ଖୋଲିବା ମାତ୍ରେ ତାଙ୍କ ସାମ୍ନାରେ ଏକ ଅଧା ଗଢ଼ା ମୂର୍ତ୍ତି ମିଳିଲା। ସେତେବେଳେ ତାଙ୍କୁ ଅନୁଭବ ହେଲା ଯେ ସେହି ବ୍ରାହ୍ମଣ ଆଉ କେହି ନୁହନ୍ତି ବରଂ ନିଜେ ବିଶ୍ୱକର୍ମା ଥିଲେ। ସର୍ତ୍ତ ବିରୁଦ୍ଧରେ ଯାଇ କବାଟ ଖୋଲିଦେବାରୁ ସେ ଚାଲିଗଲେ।

ସେହି ସମୟରେ ନାରଦ ମୁନି ଆସିଲେ ଏବଂ ସେ ରାଜାଙ୍କୁ କହିଲେ ଯେ, ଯେପରି ଭଗବାନ ସ୍ୱପ୍ନରେ ଆସି ଏହି ବିଗ୍ରହ ତିଆରି କରିବାକୁ କହିଥିଲେ, ଠିକ୍ ସେହିପରି ଏହାକୁ ଅଧା ରଖିବା ପାଇଁ ମଧ୍ୟ ଦ୍ୱାର ଖୋଲାଇ ଦେଲେ। ରାଜା ସେହି ଅଧା ମୂର୍ତ୍ତିଗୁଡ଼ିକୁ ହିଁ ମନ୍ଦିରରେ ସ୍ଥାପନ କରାଇଲେ। ଏହି କାରଣରୁ ଜଗନ୍ନାଥ ପୁରୀ ମନ୍ଦିରରେ କୌଣସି ପଥର କିମ୍ବା ଅନ୍ୟ ଧାତୁର ମୂର୍ତ୍ତି ନାହିଁ, ବରଂ ନିମ୍ବ ଗଛର ଗଣ୍ଡିକୁ ବ୍ୟବହାର କରି ତିଆରି ହୋଇଥିବା ବିଗ୍ରହର ପୂଜା କରାଯାଏ।

ବୃନ୍ଦାବନରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସହସ୍ରଧାରା ସ୍ନାନ ପରେ ଅସୁସ୍ଥ ହୋଇପଡିଥିବା ଭଗବାନ ଜଗନ୍ନାଥଙ୍କୁ ସୁସ୍ଥ କରିବା ପାଇଁ ନିୟମିତ ଔଷଧ

ଦିଆଯାଉଛି। ଭୋଗରେ ମଧ୍ୟ ତାଙ୍କୁ କେବଳ ଫଳ ଇତ୍ୟାଦି ଅର୍ପଣ କରାଯାଉଛି। ଦର୍ଶନ ନ ମିଳିବାରୁ ଭକ୍ତମାନେ ହରିନାମ କୀର୍ତ୍ତନ କରୁଛନ୍ତି।

ବିଶ୍ରାମ କରୁଥିବା ବେଳେ ତାଙ୍କର ସେବାପୂଜା ଜାରି ରହିଛି, କିନ୍ତୁ ଦର୍ଶନ ନ ମିଳିବାରୁ ଭକ୍ତମାନେ ଭଜନ ଓ କୀର୍ତ୍ତନ କରି ତାଙ୍କର ଶୀଘ୍ର ସୁସ୍ଥ ହେବା କାମନା କରୁଛନ୍ତି।

ଅସୁସ୍ଥ ଥିବା ଭଗବାନ ୧୫ ଦିନ ବିଶ୍ରାମ କରିବା ପରେ ଭଗବାନ ରଥରେ ବିରାଜମାନ ହୋଇ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ନଗର ଭ୍ରମଣରେ ବାହାରନ୍ତି।

ଓଡ଼ିଆ ଏବଂ ସଂସ୍କୃତରେ ବେଶର ଅର୍ଥ ପୋଷାକ ବା ଶୃଙ୍ଗାର ହୋଇଥାଏ। ଭଗବାନ ଜଗନ୍ନାଥ ଏବଂ ତାଙ୍କ ଭାଇ-ଭଉଣୀମାନଙ୍କୁ ପୁରା ବର୍ଷ ବିଭିନ୍ନ ଅବସରରେ ଆନୁଷ୍ଠାନିକ ବେଶଭୂଷାରେ ସଜାଯାଇଥାଏ। ଏହି ଆନୁଷ୍ଠାନିକ ବେଶଭୂଷା ୩୬ ପ୍ରକାରର ଅଟେ, ଯେଉଁଥିରୁ ୨୦ଟିକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ମନ୍ଦିର ବାହାରେ ଦୁଇଟି ବେଶ ହୋଇଥାଏ, ଯେତେବେଳେକି ବାକି ୧୮ଟି ବେଶ ମନ୍ଦିର ଭିତରେ ରତ୍ନ ବେଦି ଉପରେ ହୋଇଥାଏ, ଯେଉଁଠାରେ ଦେବତା ନିଜର ଆସନ ଗ୍ରହଣ କରନ୍ତି।

ଦେବତାମାନଙ୍କର ଏହି ସମସ୍ତ ବେଶ୍ ସେମାନଙ୍କର ଅବତାରର ବିଭିନ୍ନ ଘଟଣା ସହିତ ଜଡ଼ିତ, ଯେଉଁଥିରୁ ମୁଖ୍ୟ ବେଶ ଭଗବାନ କୃଷ୍ଣଙ୍କ ରୂପରେ ତାଙ୍କର ଅବତାର ସହିତ ସମ୍ବନ୍ଧିତ । ଏହି ବେଶ ପ୍ରତିବର୍ଷ ଅସଂଖ୍ୟ ଭକ୍ତ ଏବଂ ଆଗନ୍ତୁକଙ୍କୁ ଆକର୍ଷିତ କରିଥାଏ। ଏହି ବେଶରେ ଦେବତା ଏତେ ସୁନ୍ଦର ଦେଖାଯା'ନ୍ତି ଯେ କେହି ବି ଭଗବାନଙ୍କ ଆଖିର ଚୁମ୍ବକୀୟ ଆକର୍ଷଣରୁ ନିଜର ଧ୍ୟାନ ହଟାଇ ପାରନ୍ତି ନାହିଁ। ମନ୍ଦିରରେ ଦେବତାମାନଙ୍କୁ ତିନି ପ୍ରକାରରେ ସଜା ଯାଇଥାଏ। ଯଥା- ଲୁଗାପଟା, ସୁନାର ଗହଣା ଏବଂ ତୁଳସୀ ଫୁଲରେ।

## ଗୀତ ଗୋବିନ୍ଦମ ଖଣ୍ଡୁଆ

ରବିବାର ଠାରୁ ଶନିବାର ପର୍ଯ୍ୟନ୍ତ, ପ୍ରତିଦିନ ଦେବାଦେବୀଙ୍କୁ ବିଭିନ୍ନ ରଙ୍ଗର ରେଶମ ବସ୍ତ୍ରରେ ସଜାଯାଏ, ଯାହା ସପ୍ତାହର ସେହି ଦିନ ପାଇଁ ନିର୍ଦ୍ଦିଷ୍ଟ ରଙ୍ଗକୁ ପ୍ରତିନିଧିତ୍ୱ କରେ। ଗୀତ ଗୋବିନ୍ଦମ ଖଣ୍ଡୁଆ ହେଉଛି ବାର ଫୁଟ ଲମ୍ବର ଏକ ଲାଲ୍ ରେଶମ ବସ୍ତ୍ର। ଏହାକୁ ପ୍ରତ୍ୟେକ ଦେବତାଙ୍କ ମୁଣ୍ଡରେ ଗୁଡ଼ାଇ ଦିଆଯାଏ। ଏହି ବସ୍ତ୍ର ଉପରେ ଜୟଦେବ ଗୋସ୍ୱାମୀଙ୍କ ଗୀତ ଗୋବିନ୍ଦମର ପଂକ୍ତିଗୁଡ଼ିକ

ଲେଖାଯାଇଥାଏ। ଗୀତ ଗୋବିନ୍ଦମ ଜଗନ୍ନାଥଙ୍କୁ ଅତ୍ୟନ୍ତ ପ୍ରିୟ, ତେଣୁ ପ୍ରତି ସନ୍ଧ୍ୟାରେ ତାଙ୍କ ଆନନ୍ଦ ପାଇଁ ଏହାର ପାଠ କରାଯାଏ ଏବଂ ତାଙ୍କୁ ଗୀତ ଗୋବିନ୍ଦମ ଖଣ୍ଡୁଆ ପିନ୍ଧାଯାଏ।

## ଆଠଟି ଫୁଲ ଅଳଙ୍କାର ଅଛି

**ଅଳକାପନ୍ତି ସହିତ ଚନ୍ଦ୍ରିକା-** ସମ୍ପୂର୍ଣ୍ଣ ରୂପେ ଫୁଲରେ ତିଆରି ଏକ ଅଳକା ବା ମଥା ଅଳଙ୍କାର।

**ପୁଷ୍ପତିଳକ-** ଜଗନ୍ନାଥଙ୍କ ମୁଣ୍ଡ ଉପରେ ଫୁଲ ମାଳାରେ ତିଆରି ତିଳକ ଚିହ୍ନ।

**କରପଲ୍ଲବା -** ସୁଗନ୍ଧିତ ଦୟଣା ପତ୍ର ଏବଂ ବିଭିନ୍ନ ପ୍ରକାରର ଫୁଲରେ ତିଆରି, ଏହା ଭଗବାନଙ୍କ ହାତର ପାଞ୍ଚଟି ଆଙ୍ଗୁଠିକୁ ପ୍ରତିନିଧିତ୍ୱ କରେ।

**ମକର କୁଣ୍ଡଳ -** ଶାର୍କ ଆକୃତିର ଫୁଲ କାନଫୁଲ।

**ପଦକ-** ଗୋଲାକାର ବା ହୃଦୟ ଆକୃତିର, ପ୍ରାୟ ୧୮ ଇଞ୍ଚ ବ୍ୟାସ ବିଶିଷ୍ଟ ଏହି ଅଳଙ୍କାର ଭଗବାନ ଜଗନ୍ନାଥଙ୍କ ହୃଦୟକୁ ଆବୃତ କରେ।

**ଗୁଣ ଏବଂ ଝୁମ୍ପା -** ଫୁଲରେ ତିଆରି ନାକ ଅଳଙ୍କାର।

**ପୁଷ୍ପ ମାଳା-** ଭଗବାନ ଜଗନ୍ନାଥଙ୍କୁ ଅନେକ ଫୁଲର ମାଳା ପିନ୍ଧାଯାଏ, ଯେଉଁଥିରୁ ପ୍ରତ୍ୟେକ ପ୍ରାୟ ବାର ଫୁଟ ଲମ୍ବା ହୋଇଥାଏ, ଯାହା ଗୋଟିଏ ହାତରୁ ଅନ୍ୟ ହାତ ପର୍ଯ୍ୟନ୍ତ ବ୍ୟାପିଥାଏ।

**ତୁଳସୀ ମାଳା-** ଭଗବାନ ଜଗନ୍ନାଥ ତୁଳସୀ ମାଳାର ମୁକୁଟ ପିନ୍ଧନ୍ତି, ଯାହା ବାଉଁଶ ଖଣ୍ଡ ଉପରେ ଗୁଡ଼ାଇ ଏକାଠି ବନ୍ଧାଯାଏ।

ଯେପରି ପଞ୍ଚରାତ୍ର ପ୍ରଦୀପରେ ଉଲ୍ଲେଖ କରାଯାଇଛି ଯେ ବୃନ୍ଦାବନର ଅନେକ ମନ୍ଦିର ସପ୍ତାହର ଦିନ ଅନୁଯାୟୀ ରଙ୍ଗର ପୋଷାକ ପିନ୍ଧନ୍ତି। ଜଗନ୍ନାଥ ପୁରୀରେ ବଡ଼ ଶୃଙ୍ଗାର ବେଶ ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ରଙ୍ଗର ପୋଷାକ ପାଇଁ ମଧ୍ୟ ଏହି ମୂଳ ପ୍ରଣାଳୀ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଉଛି...

**ରବିବାର-** ସୂର୍ଯ୍ୟଙ୍କ ଦ୍ୱାରା ଶାସିତ। ଭଗବାନ ଜଗନ୍ନାଥଙ୍କୁ ସାଧାରଣତଃ ଏହି ଦିନ ମାଣିକ୍ୟ ରଙ୍ଗର ଲାଲ୍ ବସ୍ତ୍ର ପିନ୍ଧାଯାଏ।

**ସୋମବାର-** ଚନ୍ଦ୍ରଙ୍କ ଦ୍ୱାରା ଶାସିତ। ଜଗନ୍ନାଥ ଏହି ଦିନ ମୋତି ରଙ୍ଗର ଧଳା ବସ୍ତ୍ର ପିନ୍ଧନ୍ତି।

**ମଙ୍ଗଳବାର-** ମଙ୍ଗଳ ଗ୍ରହ ଦ୍ୱାରା ଶାସିତ। ଜଗନ୍ନାଥ ଏହି ଦିନ ମୁଗା ରଙ୍ଗର ଲାଲ୍ କିମ୍ବା ଗୋଲାପୀ ବସ୍ତ୍ର ପିନ୍ଧନ୍ତି।

**ବୁଧବାର-** ବୁଧଙ୍କ ଦ୍ୱାରା ଶାସିତ। ଭଗବାନ ଜଗନ୍ନାଥ ସବୁଜ ରଙ୍ଗର ବସ୍ତ୍ର ପିନ୍ଧନ୍ତି, ଯାହା ପନ୍ନା ରଙ୍ଗର ହୋଇଥାଏ।

**ଗୁରୁବାର-** ବୃହସ୍ପତି ଗ୍ରହ ଦ୍ୱାରା ଶାସିତ। ଜଗନ୍ନାଥ ହଳଦିଆ କିମ୍ବା ସୁନେଲି ରଙ୍ଗର ପୋଷାକ ପିନ୍ଧନ୍ତି, ଯାହା ନୀଳମ ରଙ୍ଗର ଅଟେ।

**ଶୁକ୍ରବାର-** ଶୁକ୍ର ଗ୍ରହ ଦ୍ୱାରା ଶାସିତ। ଭଗବାନ ଜଗନ୍ନାଥ ଏହି ଦିନ ହୀରା ରଙ୍ଗର ଧଳା ପୋଷାକ ପିନ୍ଧନ୍ତି।

**ଶନିବାର-** ଶନି ଗ୍ରହ ଦ୍ୱାରା ଶାସିତ। ଜଗନ୍ନାଥ ଏହି ଦିନ ନୀଳମ ରଙ୍ଗ ଅନୁଯାୟୀ କଳା ପୋଷାକ ପିନ୍ଧନ୍ତି।

**ମଖମଲ୍ଲି ବେଶ-** ବଡ଼ ଶୃଙ୍ଗାର ବେଶ ପରେ ଭଗବାନ ଜଗନ୍ନାଥଙ୍କୁ ଶୟନଲୀଳା ପାଇଁ ଏକ ସ୍ୱତନ୍ତ୍ର ଧଳା ପୋଷାକ ପିନ୍ଧାଯାଏ, ଯାହା ତାଙ୍କ ବିଶ୍ରାମର ଏକ ଅଂଶ। ଏହାକୁ ମଖମଲା ବେଶ କୁହାଯାଏ। ଅର୍ଥାତ୍, ପାହୁଡ଼ା ସମୟରେ ଶୋଇବା ପାଇଁ ସ୍ୱତନ୍ତ୍ର ଧଳା ରଙ୍ଗର ରେଶମୀ ବସ୍ତ୍ରର ବ୍ୟବହାର କରାଯାଏ।

**ତଡ଼ପା ବେଶ :** ଦେବତା ମାନଙ୍କର ସକାଳ ସ୍ନାନ ସମୟରେ ଏହି କପାସ ନାରଙ୍ଗୀ ଏବଂ ଧଳା ବସ୍ତ୍ର (୧୬ x ୪) ଜଗନ୍ନାଥଙ୍କୁ ପିନ୍ଧାଇବା ପାଇଁ ବ୍ୟବହାର କରାଯାଏ।

**ଉତ୍ତରୀ ବେଶ:** ସକାଳ ଦର୍ଶନ ପରେ ସାଧାରଣ ରେଶମ କମର ବସ୍ତ୍ର ସହିତ ୨୪ ଲମ୍ବା ରେଶମ ବସ୍ତ୍ରର ଏକ ଖଣ୍ଡ ଚାଦର ବା ଶାଲ ଭାବରେ ବ୍ୟବହାର କରାଯାଏ।

**ଫୁଲ ବଡ଼ିଛେଡ଼ା:** ବସନ୍ତ ଋତୁରେ ଚନ୍ଦନ ଯାତ୍ରା ସମୟରେ ମନ୍ଦିର ଭିତରେ ଦେବତାମାନଙ୍କୁ ୧୨ ଗୁଣ ୩ର ବିଶେଷ ଧଳା ରେଶମ ବସ୍ତ୍ର ପିନ୍ଧାଯାଏ।

**ଶ୍ରୀ କପଡ଼ା:** ହାଲୁକା ନୀଳ ରଙ୍ଗର ଏକ କପାସ ବସ୍ତ୍ର ଯାହାର ଆକାର ୧' x ୩' ହୋଇଥାଏ, ଦେବତାମାନଙ୍କୁ ବିଶେଷ ସ୍ନାନ ପାଇଁ ପିନ୍ଧାଯାଏ, ଯାହାକୁ ମହାସ୍ନାନମ୍ କୁହାଯାଏ।

**ଦେଶୀ ଶାଢ଼ୀ:** ଏହା ଏକ ବିଶେଷ ଶାଢ଼ୀ ଯାହା ଦିଓ୍ୱାଲୀରୁ କାର୍ତ୍ତିକ ବା ନଭେମ୍ବର ମାସରେ ଦେବତାମାନଙ୍କ ପାଇଁ କମରବନ୍ଧ ଭାବରେ ବ୍ୟବହାର କରାଯାଏ। ଏହାର ଆକାର ୧୮x ୪' ହୋଇଥାଏ। ଜଗନ୍ନାଥଙ୍କ ପାଇଁ, ରଙ୍ଗ ହଳଦିଆ ବର୍ଡର ସହିତ ଧଳା ଅଟେ। ଉପଶୀର୍ଷ ପାଇଁ, ଏହା ଲାଲ୍ ବର୍ଡ଼ର ସହିତ ଧଳା ଅଟେ। ଆଲ୍ଲାହାବାଦ ପାଇଁ, ଏହା କଳା ବର୍ଡ଼ର ସହିତ ଧଳା ଅଟେ।

**ଚେମେଡ଼ି:** ସକାଳେ ମଙ୍ଗଳ ଆରତି ସମୟରେ ସୂତା ଶାଢ଼ୀର ବ୍ୟବହାର କରାଯାଏ।

**ପାଟ ବା ପଟାଣୀ:** ଏହା ଦେବତାମାନଙ୍କୁ ପିନ୍ଧାଇବା ପାଇଁ ବ୍ୟବହାର କରାଯାଉଥିବା ମୁଖ୍ୟ ବସ୍ତ୍ର। ପାଟ ସୂକ୍ଷ୍ମ ରେଶମରେ ତିଆରି ହୋଇଥାଏ ଏବଂ ୧୨ ମିଟର ଲମ୍ବା ହୋଇଥାଏ। ଏହା କମରପଟି ଭାବେ ବ୍ୟବହାର କରାଯାଏ ଏବଂ ଏହା ଶାଢ଼ୀ ଭଳି ପ୍ଲିଟେଡ୍ ହୋଇଥାଏ, ଧୋତି ଭଳି ନୁହେଁ।

**ବାଉଳା ପାରା:** ଏହା ଭଗବାନ ଜଗନ୍ନାଥଙ୍କ ଦ୍ୱାରା ଜୁଗାଳି କରୁଥିବା ଗାଈ ସହିତ ବିବାହ ସମୟରେ ବ୍ୟବହାର କରାଯାଉଥିବା ଏକ ବିଶେଷ ବିବାହ ପାଟ, ଯାହା ମନ୍ଦିରରେ ପ୍ରତି ବର୍ଷ ଜୁନ୍ ମାସରେ ପାଳନ କରାଯାଏ।

**ତଫଂତା:** ଏହା ଏକ ବିଶେଷ ବସ୍ତ୍ର, ୨୬ **X** ୪ ର ହୋଇଥାଏ, ଯାହାର ବ୍ୟବହାର ଦେବତାମାନଙ୍କ ଦ୍ୱାରା ପାହୁଣ୍ଡି ଶୋଭାଯାତ୍ରାରେ କରାଯାଏ।

ଭଗବାନଙ୍କର କିଛି ଖାସ୍ ପୋଷାକ, କିମ୍ବା ବେଶ, ନିମ୍ନରେ ଦିଆଯାଇଛି, ଯାହା ସେହି ମାସ ଅନୁସାରେ ଅଟେ, ଯେଉଁଥିରେ ସେମାନେ ହୋଇଥା'ନ୍ତି। ତେବେ, ଏପ୍ରିଲ, ମେ ଏବଂ ଅଗଷ୍ଟ ମାସରେ ଦେବତାଙ୍କ ପାଖରେ ବିଶେଷ ବେଶ ନଥାଏ।

**(ଜାନୁଆରୀ)**

**ଦେବ ଅଭିଷେକ ବେଶ:** ଏହା ଜାନୁଆରୀ ମାସରେ ପୂର୍ଣ୍ଣିମା ଦିନ ପଡ଼ିଥାଏ। ଏହାକୁ 'ପୁଷ୍ୟାଭିଷେକ ବେଶ' ନାମରେ ମଧ୍ୟ ଜଣାଯାଏ। ଏହି ଦିନକୁ ଦେବତାଙ୍କର ପ୍ରଥମ ପ୍ରତିଷ୍ଠା ଦିବସ କୁହାଯାଏ, ଏହି ଉତ୍ସବ ପ୍ରତିବର୍ଷ ପାଳନ କରାଯାଏ ଏବଂ ଦେବତାମାନଙ୍କୁ ରାଜକୀୟ ଢଙ୍ଗରେ ସ୍ୱର୍ଣ୍ଣ ଅଳଙ୍କାରରେ ସଜାଯାଇଥାଏ।

**(ଫେବୃଆରୀ)**

**ନବାଙ୍କ ବେଶ:** ଏହି ବେଶର ଆରମ୍ଭ ଶ୍ରୀ ଚୈତନ୍ୟ କରିଥିଲେ, ଯେତେବେଳେ ସେ ପୁରୀରେ ଥିଲେ, ଯାହାଫଳରେ ଭକ୍ତମାନଙ୍କ ମଧ୍ୟରେ ନବଧା ଭକ୍ତି ଜାଗ୍ରତ ହୋଇପାରିବ। ଏହି ବେଶରେ ଜଗନ୍ନାଥଙ୍କୁ ନବ ଅର୍ଥାତ୍ ପ୍ରେମୀ ରୂପରେ ସଜାଯାଇଥାଏ। ଏହି ପୋଷାକଟି ଲାଲ୍ କଡ଼ ଥିବା ଏକ ଲମ୍ବା ଧଳା ସୂତା କପଡ଼ାର। ଏହାକୁ ଦେବତାଙ୍କ ମୁଣ୍ଡ ଉପରେ ଏପରି ଭାବରେ ବନ୍ଧାଯାଏ ଯେ ଲାଲ୍ କଡ଼ ମୁହଁକୁ ଢାଙ୍କି ରଖେ।

**ମକର ବେଶ:** ଏହି ବେଶ ମକର ସଂକ୍ରାନ୍ତି ସମୟରେ କରାଯାଇଥାଏ। ଏହି ବେଶରେ ତୁଳସୀଦାସଙ୍କ ବିଶାଳ ମୁକୁଟ ବ୍ୟବହାର କରାଯାଏ ଏବଂ ଫୁଲରେ ସାଜସଜ୍ଜା ମଧ୍ୟ କରାଯାଇଥାଏ।

**ପଦ୍ମ ବେଶ** ବା **କମଳ ବେଶ** ଦେବତାଙ୍କର ସବୁଠୁ ପ୍ରିୟ ସାଜସଜ୍ଜା ମଧ୍ୟରୁ ଅନ୍ୟତମ।

ଦେବତାମାନଙ୍କ ବାହୁ ଏବଂ ମସ୍ତକ ଉପରେ ତାଜା ଗୋଲାପୀ ଏବଂ ଧଳା ପଦ୍ମ ଫୁଲର ମାଳ ପଡ଼ିଥାଏ। ସୋଲରୁ ତିଆରି ପଦ୍ମ ଫୁଲର ପାଖୁଡ଼ା ମୁହଁକୁ ଆବୃତ କରିଥାଏ, ଏବଂ ସେମାନଙ୍କ ମସ୍ତକରେ ସୋଲର ଏକ ମୁକୁଟ ରହିଥାଏ। ଦେବତାଙ୍କ ପାର୍ଶ୍ୱକୁ ପଦ୍ମ ଡିଜାଇନରେ ସୋଲରୁ ତିଆରି ବିଭିନ୍ନ କଳାକୃତି ଦ୍ୱାରା ସଜା ଯାଇଥାଏ।

**ଗଜ ଉଦ୍ଧାରଣ-** ଏହା ହେଉଛି ଏକ ହାତୀକୁ ବଞ୍ଚାଇବା ପାଇଁ ଏକ ଉତ୍ସବ, ଯିଏ କୁମ୍ଭୀର ଦ୍ୱାରା ଆକ୍ରମଣ ହେବା ପରେ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲା। ସୋଲରେ ତିଆରି ଏହି ମୁଣ୍ଡନ ରେ ଦେବତାମାନଙ୍କୁ ହାତ ଏବଂ ଗୋଡ଼ ଦିଆଯାଇଛି ଏବଂ ସେମାନଙ୍କୁ ଭୟଙ୍କର କୁମ୍ଭୀରଠାରୁ ହାତୀକୁ ବଞ୍ଚାଇବା ପାଇଁ ପ୍ରସ୍ତୁତ କରାଯାଇଛି।

**(ମାର୍ଚ୍ଚ)**

**ରାଜା ବେଶ-** ଏଥିରେ ଜଗନ୍ନାଥ ଅଧିପତି, ଏକାକୀ ରାଜା ଏବଂ ଅନ୍ୟମାନେ ତାଙ୍କର ସେବକ ଅଟନ୍ତି। ଏହି ବେଶ ପାଇଁ ସର୍ବୋତ୍ତମ ପାଟ ଏବଂ ଅନେକ ସୁନା ଅଳଙ୍କାର ବ୍ୟବହାର କରାଯାଏ।

**(ଜୁନ)**

**ରଘୁନାଥ ବେଶ-** ଏହି ବେଶରେ ଶ୍ରୀ ରାମଙ୍କୁ ସ୍ମରଣ କରାଯାଏ। ଜଗନ୍ନାଥ, ସୁଭଦ୍ରା ଏବଂ ବଳଭଦ୍ରଙ୍କୁ ରାମ, ସୀତା ଏବଂ ଲକ୍ଷ୍ମଣ ରୂପରେ ସଜ୍ଜିତ କରାଯାଏ। ରାମଙ୍କ ପାଖରେ ଧନୁ ଏବଂ ବାଣ ଥାଏ। ହନୁମାନ ଏବଂ ବାନରମାନଙ୍କୁ ପ୍ରଦର୍ଶିତ କରାଯାଏ। ସମସ୍ତ ଚିତ୍ରଣ ଏକାଠି କରାଯାଏ। ଖର୍ଚ୍ଚ କାରଣରୁ ଏହି ବେଶକୁ ବନ୍ଦ କରିଦିଆଯାଇଛି।

**ହାତୀ ବେଶ-** ସ୍ନାନ ପୂର୍ଣ୍ଣିମାର ଅପରାହ୍ନ ଓ ସନ୍ଧ୍ୟାରେ, ଦେବତାମାନଙ୍କୁ ସ୍ୱୟଂ ହାତୀର ପୋଷାକ ଦିଆଯାଏ। ଏହି ଦିନ ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ମାନି ନିଆଯାଏ। ଏହା କୁହାଯାଏ ଯେ ଭଗବାନ ବୁଦ୍ଧଙ୍କ ମା' ପିଲାଟିର ଜନ୍ମ ପୂର୍ବରୁ ଏକ ମହାନ ଧଳା ହାତୀର ସ୍ୱପ୍ନ ଦେଖିଥିଲେ। ଏହା ମହାରାଷ୍ଟ୍ର ରାଜ୍ୟର ଗଣେଶଙ୍କର ଜଣେ ବହୁତ ବିଦ୍ୱାନ ଭକ୍ତ ଗଣପତି ଭଟ୍ଟଙ୍କ ଅନୁଭବକୁ ମଧ୍ୟ ସ୍ମରଣ କରେ। ସେ ଭଗବାନ ଜଗନ୍ନାଥଙ୍କ ଉପରେ ବିଶ୍ୱାସ କରୁନଥିଲେ। ଯେତେବେଳେ ତାଙ୍କୁ ସନ୍ଦେହ ହେଲା ଯେ ଭଗବାନ ଏତେ ଦୂରରୁ ଅର୍ପଣ କରାଯାଇଥିବା ମହାପ୍ରସାଦକୁ କିପରି ନେଇପାରିବେ, ସେତେବେଳେ ଭଗବାନ ଜଗନ୍ନାଥ ତୁରନ୍ତ ଏକ ହାତୀର ରୂପ ଧାରଣ କରି ନିଜର ଲମ୍ବା ଶୁଣ୍ଢ ସାହାଯ୍ୟରେ ଚାଉଳର ପ୍ରତ୍ୟେକ ପାତ୍ରରୁ ଭୋଜନ ନେଇଯାଇଥିଲେ।

**(ଜୁଲାଇ)**

**ସୁନା ବେଶ (ସ୍ୱର୍ଣ୍ଣିମ ସଜାବଟ୍):** ଯେତେବେଳେ ଦେବତା ରଥଯାତ୍ରା ପରେ ଶ୍ରୀମନ୍ଦିରର ମୁଖ୍ୟ ଦ୍ୱାରକୁ ଫେରନ୍ତି, ସେମାନେ ୨ କିମ୍ବା ୩ ଦିନ ପର୍ଯ୍ୟନ୍ତ ବାହାରେ ଅପେକ୍ଷା କରନ୍ତି ଏବଂ ଏକାଦଶୀ ସନ୍ଧ୍ୟାରେ ସେମାନଙ୍କୁ ସୁନା ବେଶରେ ସଜାଯାଏ। ସୁନା ବେଶ ସମୟରେ ବ୍ୟବହୃତ ସୁନା ଅଳଙ୍କାର ଗୁଡ଼ିକ ହେଉଛି- ସୁନା ହାତ

(ଶ୍ରୀହସ୍ତ), ସୁନା ପାଦ (ଶ୍ରୀପାଦ), ଏକ ବିଶାଳ ସୁନା ମୁକୁଟ (ଶ୍ରୀମୁକୁଟ), ଏକ ସୁନା ମୟୂର ପୁଚ୍ଛ, ଏକ ସୁନା ଅଳତା, କିମ୍ବା କପାଳର ଅଳଙ୍କାର (ଚୂଳ ପାଟି), ସୁନା କାନର ଝୁମ୍ପା (କୁଣ୍ଡଳ), ଦେବତାଙ୍କ ମୁହଁ ଚାରିପାଖରେ ଏକ ଅର୍ଦ୍ଧ-ବର୍ଗାକାର ସୁନା ପ୍ରଭା (ରାହୁ ରେଖା), ଏବଂ ସୁନା ହାର (ମାଳା)। ଏହି ମାଳାଗୁଡ଼ିକ ବିଭିନ୍ନ ଫୁଲ ଯଥା ପଦ୍ମ, ସେବତୀ, ଅଗସ୍ତି, ପାରିଜାତ, କଲମ୍ବ, କାନ୍ତି, ଚମ୍ପା ଏବଂ ମୟୂର ପୁଚ୍ଛ ଆଧାରରେ ଭିନ୍ନ ଭିନ୍ନ ଡିଜାଇନ୍‌ରେ ତିଆରି।

ଏହା ବ୍ୟତୀତ, ସବୁଠାରୁ ମୂଲ୍ୟବାନ ରତ୍ନ ଜଡ଼ିତ ସୁନା ଅଳଙ୍କାର, ଶ୍ରୀ ଚିତା ଦେବତାମାନଙ୍କ ଦ୍ୱାରା ପିନ୍ଧାଯାଏ।

**(ସେପ୍ଟେମ୍ବର)**

**ବନଭୋଜି ବେଶ-** ବୈଷ୍ଣବ ଧର୍ମ ଦ୍ୱାରା ପ୍ରଭାବିତ ହୋଇ, ଭକ୍ତମାନେ ଶ୍ରୀକୃଷ୍ଣଙ୍କ ଶୈଳୀରେ ଜଗନ୍ନାଥଙ୍କ ବନଭୋଜି ପାଳନ କରିଥା'ନ୍ତି। ରତ୍ନ ସିଂହାସନର ସମଗ୍ର ସ୍ଥାନକୁ ସଜାଯାଇଥାଏ। ଏହା ରାଜା କାମାର୍ଣ୍ଣବ ଦେବଙ୍କ ଦ୍ୱାରା ୧୧୫୨ ରେ କରାଯାଇଥିଲା।

ଏହି ଉତ୍ସବ ଶ୍ରୀକୃଷ୍ଣଙ୍କ ଜନ୍ମଦିନରେ ତାଙ୍କର ଲୀଳାକୁ ପାଳନ କରିଥାଏ। ଅନେକ ଗୋପୀ ଓ ଗୋପ, ଗାଈ, ପକ୍ଷୀ ଏବଂ ତାଳପତ୍ରରେ ତିଆରି ମୟୂର ପ୍ରଦର୍ଶିତ ହୋଇଥା'ନ୍ତି।

**କାଳୀୟ ଦଳନ ବେଶ :** ଏହା ଶ୍ରୀକୃଷ୍ଣଙ୍କ ଦ୍ୱାରା କାଳୀୟ ନାମକ ନାଗକୁ ମାରିବାର ଏକ ପୁନରାବୃତ୍ତି। ଜଗନ୍ନାଥ ନିଜ ମୁଣ୍ଡ ଉପରେ ଏକ ବଡ଼ ତାଳପତ୍ରରେ ତିଆରି ନାଗ ଧରିଥା'ନ୍ତି।

**ପ୍ରଲମ୍ବାସୁର ବେଶ :** ପ୍ରଲମ୍ବ ରାଜା କଂସଙ୍କର ଦୂତ ଥିଲା। ସେ କୃଷ୍ଣଙ୍କୁ ମାରିବା ପାଇଁ ପଠାଯାଇଥିବା ଆଠ ଜଣ ମଲ୍ଲବୀରଙ୍କ ମଧ୍ୟରୁ ଜଣେ ଥିଲା। ଏହି ଦୃଶ୍ୟରେ, ବଳରାମଙ୍କ ଦ୍ୱାରା ତାହାର ବଧ କରାଯାଇଥିଲା। ଶ୍ରୀକୃଷ୍ଣ ରୂପରେ ଜଗନ୍ନାଥ, ଗାଈମାନଙ୍କ ଦ୍ୱାରା ଘେରି ହୋଇ ଚୁପ୍‌ଚାପ୍ ଦେଖୁଥା'ନ୍ତି।

**କୃଷ୍ଣ ବଳରାମ ବେଶ:** ଯେହେତୁ ଏହି ସମସ୍ତ ବେଶ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ଉତ୍ସବକୁ କେନ୍ଦ୍ର କରି ତିଆରି ହୋଇଛି। ତେଣୁ ସେମାନେ ଭଗବାନ ଜଗନସିଂହଙ୍କର କୃଷ୍ଣ ରୂପରେ ପୂର୍ବ ଅବତାରର ଯଶ ମନାନ୍ତି। ଏହା କୁହାଯାଏ ଯେ ଓଡ଼ିଆରେ ଭାଗବତର ଲେଖକ ଏବଂ ଶ୍ରୀ ଚୈତନ୍ୟଙ୍କର ଘନିଷ୍ଠ ବନ୍ଧୁ ତଥା ଅନୁଗାମୀ ଜଗନ୍ନାଥ ଦାସ ୧୫୨୪ ମସିହାରେ ଏହି ବେଶର ଆରମ୍ଭ କରିଥିଲେ। ତାଳପତ୍ରରେ ତିଆରି ଏହି ବେଶରେ ଦୁଇ ଭାଇ ପରସ୍ପରର କାନ୍ଧରେ ନିଜ ହାତ ରଖିଥା'ନ୍ତି।

**(ଅକ୍ଟୋବର)**

**ରାଜ ବେଶ–** ଏହି ବେଶରେ ଧନୁ ଏବଂ ଶର ଯୋଡା ଯାଏ। ଏହା ଭଗବାନ ଜଗନ୍ନାଥଙ୍କ ଶ୍ରୀରାମ ଅବତାରକୁ ଉତ୍ସବ ପାଳନ କରେ ଏବଂ ବିଜୟାଦଶମୀ ଦିନ ପାଳନ କରାଯାଏ, ଯେଉଁ ଦିନ ରାମ ଯୁଦ୍ଧରେ ରାବଣକୁ ପରାସ୍ତ କରିଥିଲେ।

**(ନଭେମ୍ବର)**

**ରାଇ ଦାମୋଦର ବେଶ–** ରାୟର ଅର୍ଥ ରାଧା ଏବଂ ଦାମୋଦର ଶ୍ରୀକୃଷ୍ଣ। ଏହି ବେଶ ମନ୍ଦିରରେ ରାଧା ଏବଂ କୃଷ୍ଣଙ୍କ ଲୀଳାକୁ ଦର୍ଶାଇଥାଏ।

ମନ୍ଦିରରେ ରାଧା ଏବଂ କୃଷ୍ଣଙ୍କ ଲୀଳାର ୫–ଦିନିଆ ଉତ୍ସବର ପ୍ରଥମ ଦିନ। ତାଙ୍କ ସାମ୍ନାରେ ସୋଲରେ ତିଆରି ଅନେକ ନୃତ୍ୟ କରୁଥିବା ଗୋପୀମାନଙ୍କୁ ଉପସ୍ଥାପନ କରାଯାଏ।

**ତ୍ରିବିକ୍ରମ ବେଶ–** ଏହି ବେଶର ଆରମ୍ଭ ପଞ୍ଚସଖା ନାମରେ ଜଣାଶୁଣା ପାଞ୍ଚଜଣ ପ୍ରସିଦ୍ଧ ଭକ୍ତ କରିଥିଲେ। ଜଗନ୍ନାଥ ତିନି ଲୋକ– ସ୍ୱର୍ଗ, ନର୍କ ଏବଂ ପୃଥିବୀର ସ୍ୱାମୀ। ତାଙ୍କୁ ଖଣ୍ଡା, ଶଙ୍ଖ, ଚକ୍ର ଏବଂ ଗଦା ସହିତ ଏକ ବୀର ପୋଷାକରେ ସଜ୍ଜିତ କରାଯାଏ।

**ଲକ୍ଷ୍ମୀ–ନୃସିଂହ ବେଶ**

ଏଠାରେ ଭଗବାନ ଜଗନ୍ନାଥଙ୍କୁ ସତ୍ୟ ଯୁଗରେ ତାଙ୍କର ନୃସିଂହ ଅବତାରକୁ ପାଳନ କରିବା ପାଇଁ ସିଂହ ରୂପରେ ସଜ୍ଜିତ କରାଯାଏ।

**ରାଜ ବେଶ**

ରାସ ପୂର୍ଣ୍ଣିମା ଦିନ ଦେବତାମାନଙ୍କୁ ପୁଣି ଥରେ ରାଜକୀୟ ପୋଷାକ ପିନ୍ଧାଯାଏ, କିନ୍ତୁ ଏଠାରେ ଭଗବାନ ଜଗନ୍ନାଥଙ୍କୁ ହାତରେ ବଂଶୀ ଧରିଥିବା କୃଷ୍ଣ ଭାବରେ ସଜ୍ଜିତ କରାଯାଇଛି।

**(ଡିସେମ୍ବର)**

**ଶ୍ରାଦ୍ଧ ବେଶ:** ନିଜ ପିତା, ନନ୍ଦ ଏବଂ ବାସୁଦେବଙ୍କ ସହିତ ପୂର୍ବପୁରୁଷ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ, ଭଗବାନ ଜଗନ୍ନାଥ ନିଜେ ଶ୍ରାଦ୍ଧ ସମାରୋହ କରିବା ପାଇଁ ଏକ ଛୋଟ ହଳଦିଆ କାନି ଥିବା ସାଦା ଧଳା ପୋଷାକ ପିନ୍ଧନ୍ତି।

**ଘୋଡ଼ାଲାଗି ବେଶ:** ଶୀତଦିନେ ଠାକୁରମାନଙ୍କୁ ସେମାନଙ୍କ ସାଧାରଣ ପୋଷାକ ବ୍ୟତୀତ ଘୁଡ଼ାଇବା ପାଇଁ ଏକ ସୂତା କପଡ଼ା ବ୍ୟବହାର କରାଯାଏ।

## ବେଶରେ ଫୁଲର ଉପଯୋଗ

ଦିନର ପ୍ରତ୍ୟେକ ସାଜସଜ୍ଜାରେ ଫୁଲର ଉପଯୋଗ କରାଯାଏ, କିନ୍ତୁ ବଡ଼ ସିଙ୍ଗାର ବେଶର ସାଜସଜ୍ଜାରେ କେବଳ ଫୁଲର ଉପଯୋଗ କରାଯାଏ। ଭଗବାନ ଜଗନ୍ନାଥଙ୍କ ପାଇଁ ଫୁଲଗୁଡ଼ିକ ଅଧିକାଂଶତଃ ଧଳା, ହଳଦିଆ, ସୁନେଲି, କମଳା ଏବଂ ଗୋଲାପୀ ରଙ୍ଗର ହୋଇଥାଏ। ସେଗୁଡ଼ିକ ମିଠା ବାସ୍ନାଯୁକ୍ତ ହୋଇଥାଏ। ଗେଣ୍ଡୁ ଏବଂ ପଦ୍ମ ସହିତ ସମସ୍ତ ପ୍ରକାରର ଯୁଇ (ଚମେଲି) ଫୁଲର ଉପଯୋଗ କରାଯାଏ। ପଦ୍ମ ଧଳା, ଗୋଲାପୀ କିମ୍ବା କଳା ରଙ୍ଗର ହୋଇପାରେ। କଳା ପଦ୍ମର ନାମ ଭଗବାନ ଜଗନ୍ନାଥଙ୍କ ନାମରେ ରଖାଯାଇଛି, କାଳିଆ କମଳ, କିନ୍ତୁ ଏହା ବହୁତ ଦୁର୍ଲଭ ଅଟେ। ଉପଯୋଗ ପରେ, ପୁଷ୍ପମାଳ (ଛନ୍ଦା ମାଳ) ଭକ୍ତମାନଙ୍କ ଦ୍ୱାରା ସାଇତି ରଖାଯାଏ ଏବଂ ଏହାକୁ ଭଗବାନ ଜଗନ୍ନାଥଙ୍କର ଦୁର୍ଲଭ ଆଶୀର୍ବାଦ ରୂପରେ ସାଇତି ରଖାଯାଏ।

## ଘଣାଲାଗି ନୀତି

ଆଷାଢ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି। ଅଣବସର ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଘଣାଲାଗି ନୀତି ଅନୁଷ୍ଠିତ ହୋଇଥାଏ ଏଥିଲାଗି ଦିବ୍ୟ ପ୍ରଲେପ ଖଳି ପ୍ରସ୍ତୁତ କରାଯାଇଥାଏ। ସୂଚନା ଅନୁଯାୟୀ, ଶ୍ରୀଜୀଉଙ୍କୁ ଘଣା ଲାଗି ପରେ ସେହି ଖଳିକୁ ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରୀମନ୍ଦିରକୁ ବିଜେ କରାଯିବ। ପରେ ଖଳି ଲାଗି ହୋଇ ମହାପ୍ରଭୁଙ୍କ ଶ୍ରୀମୁଖ ଓଡା ପଡ଼ିବ। ଏଥିସହ ସହ ଦଇତାପତିମାନେ ଶ୍ରୀଜିଉଙ୍କ ଶ୍ରୀପୟର ମୁଦା ନୀତି ସମ୍ପାଦନ କରିବେ। ଅନ୍ୟପକ୍ଷରେ ଆଜି ମଧ୍ୟ ଦତ୍ତମହାପାତ୍ରଙ୍କ ଘରୁ ଭୋଗମଣ୍ଡପ ନୀତି ପରେ ଖଡ଼ି ଆସି ଖଡ଼ି ଲାଗି ନୀତି ଅନୁଷ୍ଠିତ ହେବ। ଅଣସର ପିଣ୍ଡିରେ ଦଇତାପତି ଓ ପତିମହାପାତ୍ର ଏହି ଗୁପ୍ତ ସେବା ସମ୍ପାଦନ କରିବେ। ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀବିଗ୍ରହମାନଙ୍କୁ ଘଣା ଲାଗି ପରେ ଖଳି ଲାଗି ଓ ତପୃରେ ଖଡ଼ି ଲାଗି କରାଯିବ। ଶ୍ରୀବିଗ୍ରହ ମାନଙ୍କ ଘଣା ଲାଗି ସମ୍ପନ୍ନ ହେବା ପରେ ଘଣ୍ଟ, ଛତା, କାହାଳି ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯିବ। ଏହି ଖଳିକୁ ଶୁଦ୍ଧ ସୁଆର ମାନେ ନିଜନିଜ ବାସଭବନରେ ଶୁଦ୍ଧପୁତ ଭାବେ ପ୍ରସ୍ତୁତ କରିଥା'ନ୍ତି। ଖଳିକୁ ଶୁଦ୍ଧ ସୁଆରଙ୍କ ବାସ ଭବନରେ ଖଳି ହାଣ୍ଡିକୁ ଘରର ମହିଳାମାନେ ବନ୍ଦାପନା କରିଥା'ନ୍ତି। ବିଜେ କାହାଳି ବାଜିବା ପରେ ସୁରକ୍ଷା ବଳୟ ଭିତରେ ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଳି ଶ୍ରୀମନ୍ଦିରକୁ ବିଜେ କରାଯିବ। ସ୍ନାନପୂର୍ଣ୍ଣିମାରେ ୧୦୮ଗରା ସୁବାସିତ ଜଳରେ ମହାପ୍ରଭୁ ଦିବ୍ୟସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଗତକାଲି ଏକାଦଶୀ ତିଥିରେ ଖଳିଲାଗି ଓ ଦଶମୂଳ ମୋଦକ ସେବନ କରି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି

ମହାପ୍ରଭୁ । ତେବେ ଅନବସରର ଦଶମୀ ତିଥିଯାଏ ମହାପ୍ରଭୁଙ୍କୁ ସେବା ପୂଜା ବେଳେ ଲାଗି ହେଉଥିବା ଭୋଗ, ଫୁଲ ଆଦି ଅଣସର ଘରୁ ବାହାରକୁ ଆସିନଥାଏ । ମହାପ୍ରଭୁ ଏକାଦଶୀରେ ଦଶମୂଳ ମୋଦକ ସେବନ କରି ସୁସ୍ଥ ହୋଇଥା'ନ୍ତି। ଏହି ଖବର ଗଜପତିଙ୍କୁ ଦିଆଯାଏ । ସେଥିପାଇଁ ଅନବସର ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ବାହାରି ଥିବା ଚନ୍ଦନ, କରାଳକୁ ନେଇ ସେବାୟତ ମାନେ ଗଜପତିଙ୍କୁ ପ୍ରଦାନ କରିବା ସହ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଖବର ଦିଆଯାଏ। ଏହାକୁ ରାଜ ପ୍ରସାଦ ବିଜେ ନିତି କୁହାଯାଏ। ତେବେ ଆଜି ଅନବସର ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ଘଣା ଲାଗି ନିତି ଅନୁଷ୍ଠିତ ହେବ। ଆସନ୍ତାକାଲି ଚତୁର୍ଦ୍ଦଶୀରେ ଦତ୍ତମହାପାତ୍ର ସେବକମାନେ ଦାରୁଦେବତାଙ୍କ ବନକଲାଗି ଲାଗି ନୀତି କରିବେ। ଏହି ଉପଚାର ପରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ହେବ।

## ଶ୍ରୀମନ୍ଦିର ଦେବଦାସୀ (ମାହାରୀ) ପ୍ରଥା

ଚୋଡ଼ଗଙ୍ଗ ଦେବ ପୁରୀ ଜଗନ୍ନାଥ ମନ୍ଦିର ସ୍ଥାପନ କଲାପରେ ସେବା କାର୍ଯ୍ୟ ପାଇଁ ୩୬ ପ୍ରକାରର ସେବକ ପାଇଁ ବ୍ୟବସ୍ଥା କରିଥିଲେ। ତାହା ମଧ୍ୟରୁ ଦେବଦାସୀ ବା ମାହାରୀ ଅନ୍ୟତମ। ସେ ସେମାନଙ୍କ ପାଇଁ ଜମି ପ୍ରଦାନ କରିବାର ବ୍ୟବସ୍ଥା କରି 'କୌଡ଼ଙ୍ଗସାହି' ନାମକ ସ୍ଥାନରେ ସେମାନଙ୍କୁ ସ୍ଥାପିତ କରି ତାଙ୍କର ନିୟମିତ ଚଳିବା ପାଇଁ ବ୍ୟବସ୍ଥା କରିଥିଲେ। ସେମାନଙ୍କ ଶୃଙ୍ଖଳିତ ବ୍ୟବହାର ପାଇଁ ସେ ନୀତି ନିୟମ ମଧ୍ୟ ପ୍ରଣୟନ କରିଥିଲେ। ସେହିସବୁ ନୀତି ନିୟମ ବିଷୟରେ 'ମାଦଳା ପାଞ୍ଜି'ରେ ବିଷଦ ଭାବରେ ବର୍ଣ୍ଣନା ରହିଛି। ଦେବଦାସୀମାନେ ନିଜକୁ ଭଗବାନଙ୍କ ପତ୍ନୀ ହିସାବରେ ଆଜୀବନ ସମର୍ପଣ କରିଥା'ନ୍ତି ଓ ଭଗବାନଙ୍କ ସେବା ନିଷ୍ଠାର ସହ ପାଳନ କରିଥା'ନ୍ତି। ପର୍ବପର୍ବାଣି ସମୟରେ ଏହି ଦେବଦାସୀମାନେ ଭଗବାନଙ୍କ ସମ୍ମୁଖରେ ନୃତ୍ୟ କରିଥାଆନ୍ତି। ଯଦିଓ ବାହାର ନାର୍ତ୍ତକୀମାନେ ମଧ୍ୟ ଏହି ମାହାରୀ ନୃତ୍ୟ ମଣ୍ଡପ ମାନଙ୍କରେ ପରିବେଷଣ କରିଥା'ନ୍ତି। ଏହି ନୃତ୍ୟ ପ୍ରଥମରୁ ଦେବଦାସୀ ବା ମାହାରୀ ମାନଙ୍କ ଦ୍ୱାରା ମନ୍ଦିରରେ କରାଯାଉଥିଲା। କେତେକ କ୍ଷେତ୍ରରେ ଦେବଦାସୀମାନେ ସାବିତ୍ରୀ ବ୍ରତ ଦିନ ଭଗବାନ ଜଗନ୍ନାଥଙ୍କ ନାମରେ ସାବିତ୍ରୀ ବ୍ରତ ମଧ୍ୟ ପାଳନ କରୁଥିଲେ। ମାହାରୀମାନଙ୍କୁ ଶ୍ରୀମନ୍ଦିରରେ ଖୁବ ସମ୍ମାନ ଦିଆଯାଇଥାଏ ଓ ଜଗନ୍ନାଥଙ୍କ ପତ୍ନୀ ମହାଲକ୍ଷ୍ମୀଙ୍କ ତଳକୁ ତାଙ୍କର ସ୍ଥାନ ବୋଲି କୁହାଯାଇଥାଏ। ଏକଦା ଶ୍ରୀମନ୍ଦିରରେ ୨୫ ଜଣ ଦେବଦାସୀ ବା ମାହାରୀ ରହିଥିଲେ। ସେ ମଧ୍ୟରୁ ଶଶିମଣୀ ଦେବୀ୧୨ ବର୍ଷ ବୟସରୁ ଦେବଦାସୀ ଭାବରେ ସେବା କରି ୯୨ ବର୍ଷ ବୟସରେ ଶେଷ ଜୀବିତ ଦେବଦାସୀ ଭାବରେ ୨୦୧୫, ମାର୍ଚ୍ଚ ୧୯ ତାରିଖରେ ପୁରୀଠାରେ ସ୍ୱର୍ଗାରୋହଣ କରିଥିଲେ। ତାଙ୍କ ପରେ ବହୁ କାଳରୁ ଚାଲି ଆସିଥିବା ଏହି ପ୍ରଥା ଶ୍ରୀମନ୍ଦିରରେ ବନ୍ଦ ହୋଇଯାଇଛି।